# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୬/୨୦୨୩ (୧୮ ପୃଷ୍ଠା) Bhubaneswar, Thursday, November 16/2023 Page 18 ₹ 7.00

୪୯ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 350 ମୂଲ୍ୟ ₹୭/-




# ହସ୍ପିଟାଲରେ ପଶିଲା ଆଇଡିଏଫ୍



ଗାଜା ସିଟିର ଅଲ୍ ଶିଫା ହସ୍ପିଟାଲରେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)ର ୧୬୨ତମ ଡିଭିଜନ୍ ସୈନ୍ୟମାନେ।

**ଗାଜା ସିଟି/ଜେରୁଜେଲମ୍,୧୫।୧୧**

ଉତ୍ତର ଗାଜାକୁ ଇସ୍ରାଏଲ ନିଜ ସୈନ୍ୟ ଓ ଟ୍ୟାଙ୍କ୍ ପ୍ରେରଣର ଅଢ଼େଇ ସପ୍ତାହ ପରେ ବୁଧବାର ଇସ୍ରାଏଲୀ ବଳ ଅଲ୍ ଶିଫା ହସ୍ପିଟାଲରେ ପ୍ରବେଶ କରିଛି। ଇସ୍ରାଏଲ ସୈନ୍ୟମାନେ ସେଠାରେ ଆଶ୍ରୟ ନେଇଥିବା ବହୁ ଲୋକଙ୍କୁ ବାହାର କରିଛନ୍ତି। ହସ୍ପିଟାଲ ପରିସରରେ ହମାସ୍ ଗଚ୍ଛିତ ରଖିଥିବା ଅସ୍ତ୍ରଶସ୍ତ୍ର ଠାବ ହୋଇଥିବା ଇସ୍ରାଏଲ ସୈନ୍ୟ ସୂଚନା ଦେଇଛନ୍ତି।

**ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ ଇସ୍ରାଏଲ ଆକ୍ରମଣରେ ଅଦ୍ୟାବଧି ୧୧,୨୦୦ ପାଲେଷ୍ଟିନୀୟ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ମହିଳା ଓ ଶିଶୁ। ଏହାବାଦ୍ ୨,୭୦୦ ଜଣ ନିଖୋଜ ଅଛନ୍ତି।**

**ଇସ୍ରାଏଲ କହିଛି, ଅକ୍ଟୋବର ୭ ପରଠୁ ହମାସ୍ ୧,୨୦୦ ଲୋକଙ୍କୁ ହତ୍ୟା କରିଛି। ମୃତକଙ୍କ ମଧ୍ୟରେ ୩୬୮ ଇସ୍ରାଏଲୀ ସୈନ୍ୟ ଅଛନ୍ତି। ୨୩୮ ଜଣଙ୍କୁ ଆତଙ୍କବାଦୀମାନେ ପଣବନ୍ଦୀ ରଖିଛନ୍ତି। ୪ ପଣବନ୍ଦୀଙ୍କୁ ସେମାନେ ଛାଡ଼ିଦେଇଥିବାବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି।**

ଅନ୍ୟପକ୍ଷେ ଗାଜା ଷ୍ଟ୍ରିପ୍‌ର ଏହି ସର୍ବବୃହତ୍ ହସ୍ପିଟାଲରେ ଇସ୍ରାଏଲର ଆକ୍ରମଣକୁ ଅନ୍ତର୍ଜାତୀୟ ସମୁଦାୟ ନିନ୍ଦା କରିବା ସହ 'ଡାକ୍ତରଖାନା ଯୁଦ୍ଧଭୂଇଁ ନୁହେଁ ବୋଲି ଅସନ୍ତୋଷ ବ୍ୟକ୍ତ କରିଛି। ଅକ୍ଟୋବର ୭ରେ ସଂଘର୍ଷ ଆରମ୍ଭ ପରଠୁ ହମାସ୍ ଆତଙ୍କବାଦୀମାନେ ୧୨୦୦ ଇସ୍ରାଏଲୀଙ୍କୁ ହତ୍ୟା କରିଥିବାବେଳେ ୨୪୦ ଜଣଙ୍କୁ ପଣବନ୍ଦୀ ରଖିଥିଲେ। ହମାସ୍‌ର ମୂଳୋତ୍ପାଟନ ପାଇଁ ପଣ କରିଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିର୍ଦ୍ଦେଶକ୍ରମେ ସାମରିକ ବଳ ଗାଜାକୁ ଏକପ୍ରକାର ଦଖଲ କରିସାରିଲେଣି। ଯୁଦ୍ଧର ଘନଘଟା ଭିତରେ ଗାଜା ସିଟିର ଅଲ୍ ଶିଫା ହସ୍ପିଟାଲ ପାଲେଷ୍ଟିନୀୟ ନାଗରିକଙ୍କ ଦୁର୍ଦ୍ଦଶାର କାହାଣୀ ବୟାନ କରୁଛି। ଏହି ହସ୍ପିଟାଲ ତଳେ ଥିବା ଅଣ୍ଡରଗ୍ରାଉଣ୍ଡକୁ ହମାସ୍ ନିଜ କମାଣ୍ଡ୍ ସେଣ୍ଟର ରୂପେ ବ୍ୟବହାର କରୁଥିବା ଦର୍ଶାଇ ଇସ୍ରାଏଲ ଏହାକୁ ଦଖଲ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷେ ଉଭୟ ହମାସ୍ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗାଜାରେ ହସ୍ପିଟାଲ ନିର୍ଦ୍ଦେଶକ ମୋହମେଦ୍ ଜାକୋଉଟ୍ କହିଛନ୍ତି, ଇସ୍ରାଏଲୀ ଟ୍ୟାଙ୍କ୍‌ଗୁଡ଼ିକ ମେଡିକାଲ ପରିସରକୁ ପ୍ରବେଶ କରିଛି। ସୈନ୍ୟମାନେ ହସ୍ପିଟାଲର ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ) ଥିବା ଜରୁରିକାଳୀନ ସେବା ଓ ଅସ୍ତ୍ରୋପଚାର ବିଭାଗ ବିଲ୍ଡିଂରେ ପଶିଛନ୍ତି। ହସ୍ପିଟାଲରୁ ଅନେକ ହଜାର ଲୋକ ପଳାୟନ କରିଥିବାବେଳେ ଶିଶୁଙ୍କ ସମେତ ଶତାଧିକ ଲୋକ ଏବେ ମଧ୍ୟ ଯୁଦ୍ଧ ଯୋଗୁ ଫସିରହିଛନ୍ତି।

ଇତିମଧ୍ୟରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଇସ୍ରାଏଲ-ହମାସ୍ ଯୁଦ୍ଧ ଉପରେ ପଞ୍ଚମ ସଂକଳ୍ପନାମା ଗୃହୀତ କରାଇବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକର ସଙ୍ଗଠନ (ଆସିଆନ୍) ପ୍ରତିରକ୍ଷା ମୁଖ୍ୟମାନେ ଗାଜାରେ ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇଛନ୍ତି। ୱାଶିଂଟନ୍‌ରେ ଇସ୍ରାଏଲ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

### ଗାଜାବାସୀ ଆଇସିସିଙ୍କ ଦ୍ୱାରସ୍ଥ

ଗାଜାର ଯୁଦ୍ଧ ପ୍ରଭାବିତଙ୍କ ଓକିଲମାନେ ନେଦରଲାଣ୍ଡ୍‌ସର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଆପରାଧିକ ଅଦାଲତ (ଆଇସିସି)ରେ ପିଟିଶନ ଦାଖଲ କରିଛନ୍ତି। ପାଲେଷ୍ଟିନୀୟଙ୍କ ବିରୋଧରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନକୁ ସେମାନେ ଗଣହତ୍ୟା ରୂପେ ଅଭିହିତ କରିଛନ୍ତି। ଆଇସିସି ଏହାର ଉପଯୁକ୍ତ ବିଚାର କଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇପାରେ।

# କାନାଡ଼ାରେ ଦୀପାବଳି ବେଳେ ଖଲିସ୍ତାନୀ ସମର୍ଥକଙ୍କ ଟେକାମାଡ଼

**ଓଣ୍ଟାରିଓ,୧୫।୧୧**

କାନାଡାର ବ୍ରାମ୍ପଟନ୍‌ରେ ଭାରତୀୟ ସମୁଦାୟ ପକ୍ଷରୁ ଦୀପାବଳି ଉତ୍ସବ ପାଳନ ବେଳେ ଖଲିସ୍ତାନୀ ପତାକାଧାରୀ କଠୋରପନ୍ଥୀ ଗୋଷ୍ଠୀର ସମର୍ଥକମାନେ ବାଧା ସୃଷ୍ଟି କରିଥିଲେ। ସେମାନେ ଭାରତୀୟ ବଂଶୋଦ୍ଭବଙ୍କୁ ଟେକାମାଡ଼ କରିଥିବା ଖାଲ୍‌ସା ଭୋକ୍ସ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଉପାସନା ସ୍ଥଳର ସୁରକ୍ଷା ସହ କଠୋରପନ୍ଥୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାରତ ପକ୍ଷରୁ କାନାଡାକୁ କଡ଼ା ସନ୍ଦେଶ ଦିଆଯାଇଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି। ହିନ୍ଦୁ ଓ ଶିଖ୍‌ମାନଙ୍କ ଉପରେ ଲଗାତର ଆକ୍ରମଣ ସମ୍ପର୍କିତ ଖବରକୁ କାନାଡା ଗଣମାଧ୍ୟମ ଉଚିତ ଢଙ୍ଗରେ ପ୍ରକାଶ କରୁ ନ ଥିବା ଦର୍ଶାଇ ଖାଲ୍‌ସା ଭୋକ୍ସ ଏହାର ନିନ୍ଦା କରିଛି।

# କିଙ୍ଗ୍ ଚାର୍ଲ୍ସ ୩ୟଙ୍କୁ ୭୫

### ଭାରତୀୟ ନର୍ସଙ୍କ ସହ ପାଳିଲେ ଜନ୍ମଦିନ

**ଲଣ୍ଡନ୍,୧୫।୧୧**

ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ୩ୟ ମଙ୍ଗଳବାର ରାତିରେ ଲଣ୍ଡନର ବକିଂହାମ୍ ପ୍ୟାଲେସ୍‌ରେ ଭାରତୀୟ ନର୍ସ, ଧାଈ ଓ ଅନ୍ତର୍ଜାତୀୟ ସେବିକାମାନଙ୍କ ଗହଣରେ ନିଜ ୭୫ତମ ଜନ୍ମଦିନ ପାଳନ କରିଛନ୍ତି। ବ୍ରିଟେନ୍ ସରକାରଙ୍କ ଅଧୀନ ଜାତୀୟ ସ୍ୱାସ୍ଥ୍ୟ ସେବା (ଏନ୍‌ଏଚ୍‌ଏସ୍)ରେ ନିୟୋଜିତ ପ୍ରାୟ ୧,୫୦,୦୦୦ ନର୍ସଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଭାରତୀୟ। ଏନ୍‌ଏଚ୍‌ଏସ୍ ମଧ୍ୟ ଏହାର ୭୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଭାରତ, ଫିଲିପାଇନ୍ସ, ଶ୍ରୀଲଙ୍କା, ନେପାଳ ଓ କେନିଆର ପ୍ରାୟ ୪୦୦ ନର୍ସ ବ୍ରିଟେନ୍‌ର ସ୍ୱାସ୍ଥ୍ୟ ତଥା ସାମାଜିକ ସେବା କ୍ଷେତ୍ର ପ୍ରତି ସେମାନଙ୍କ ଅବଦାନ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଅଭ୍ୟର୍ଥନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍କଟଲାଣ୍ଡରେ କାର୍ଯ୍ୟରତ ଭାରତୀୟ ଷ୍ଟାଫ୍ ନର୍ସ ଶ୍ରୀଜିଥ୍ ମୁରଲୀଧରନ୍ କହିଛନ୍ତି, ରାଜାଙ୍କୁ ଜୀବନକାଳ ମଧ୍ୟରେ ଥରୁଟିଏ ଭେଟିବାର ସୁଯୋଗ ମିଳିବା ବି ଅତ୍ୟନ୍ତ ଖୁସିର କଥା। ସେ ଜଣେ ହୃଦୟବାନ୍ ବ୍ୟକ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ କ୍ୟାବିନେଟ୍‌ରେ ନୂଆକରି ଦାୟିତ୍ୱ ନେଇଥିବ ସ୍ୱାସ୍ଥ୍ୟ ସଚିବ ଭିକ୍ଟୋରିଆ ଅଟ୍‌କିନ୍ସ ଏନ୍‌ଏଚ୍‌ଏସ୍‌ର ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତ-ବ୍ରିଟେନ୍ ସମ୍ପର୍କ ଆଗକୁ ଆହୁରି ନିବିଡ଼ ହେବ। ପ୍ରଧାନମନ୍ତ୍ରୀଙ୍କ ଅନୁମତି ମିଳିଲେ ସେ ଭାରତ ଗସ୍ତ କରିବେ ବୋଲି ଭିକ୍ଟୋରିଆ ପ୍ରକାଶ କରିଛନ୍ତି।



ବକିଂହାମ୍ ପ୍ୟାଲେସ୍‌ରେ କିଙ୍ଗ୍ ଚାର୍ଲ୍ସଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ନର୍ସ।

# ଉଦ୍ଧାର କାର୍ଯ୍ୟରେ ଲାଗିବେ ଥାଇଲାଣ୍ଡ ଗୁମ୍ଫାରୁ ପିଲାଙ୍କୁ କାଢ଼ିଥିବା ଟିମ୍

### ସୁଡ଼ଙ୍ଗ ତଳେ ୪୦ ଶ୍ରମିକ

**ଡେରାଡୁନ୍/ନୂଆଦିଲ୍ଲୀ,୧୫।୧୧**

ଉତ୍ତରାଖଣ୍ଡର ଚାରଧାମ୍‌ସ୍ଥିତ ଏକ ନିର୍ମାଣାଧୀନ ଟନେଲରେ ରବିବାର ସକାଳଠାରୁ ଫସିରହିଥିବା ୫ ଓଡ଼ିଆଙ୍କ ସମେତ ୪୦ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ରେସ୍କ୍ୟୁ ଅପରେଶନ୍ ଜାରି ରହିଛି। ଭାରତୀୟ ବାୟୁସେନାର ୩ଟି ସ୍ୱତନ୍ତ୍ର ବିମାନ ସମେତ ଅନେକ ଅତ୍ୟାଧୁନିକ ଯନ୍ତ୍ରପାତିକୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି। ତେବେ ଭୂସ୍ଖଳନ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ୨୦୧୮ରେ ଥାଇଲାଣ୍ଡର ଚିଆଙ୍ଗ୍ ରାଇ ପ୍ରଦେଶସ୍ଥିତ ଥାମ୍ ଲୁଆଙ୍ଗ୍ ନାଙ୍ଗ୍ ନନ୍ ଗୁମ୍ଫାରେ ଫସିଥିବା ଜୁନିୟର ଫୁଟ୍‌ବଲ୍ ଖେଳାଳିମାନଙ୍କୁ ଉଦ୍ଧାର କରିଥିବା ସ୍ପେଶାଲ ଟିମ୍‌କୁ ଉଦ୍ଧାରରେ ସହାୟତା ପାଇଁ ଅନୁରୋଧ କରାଯାଇଛି। ଏଥିସହ ନରୱେର ଏକ ଉଦ୍ଧାରକାରୀ ଦଳକୁ ମଧ୍ୟ ଯୋଗାଯୋଗ କରାଯାଇଛି। ଘଟଣାସ୍ଥଳକୁ ଦିଲ୍ଲୀରୁ ସ୍ୱତନ୍ତ୍ର ମେସିନ୍ ଅଣାଯାଉଛି। ଏହି ମେସିନ୍ ଘଣ୍ଟାକ ମଧ୍ୟରେ ଭଗ୍ନାବଶେଷର ୪-୫ ମିଟର ଭିତରକୁ ଯାଇ ଶ୍ରମିକମାନଙ୍କୁ ଉଦ୍ଧାର କରିବାରେ ସହାୟକ ହେବ ବୋଲି କୁହାଯାଉଛି।






# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୬/୨୦୨୩ | Bhubaneswar, Thursday, November 16/2023 | ପୃଷ୍ଠା-୧




**ଇସ୍ତଫା ଦେଲେ ବାବର**

ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ପରେ ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି ବାବର ଆଜମ। ୧୪

୧୦ **ସନ୍ତାନ ପାଇଁ ସୈଫ୍‌ଙ୍କୁ କରୀନା ବିବାହ କରିଛନ୍ତି**

ଅଭିନେତା ସୈଫ୍ ଅଲିଙ୍କ ସହିତ ଲିଭ ଇନ୍‌ରେ ରହିବା ପରେ ଏକ ସନ୍ତାନ ପ୍ରାପ୍ତି ପାଇଁ ତାଙ୍କୁ ବିବାହ କରିଥିବା ଅଭିନେତ୍ରୀ କରୀନା କପୁର ସାକ୍ଷାତ୍‌କାରରେ କହିଛନ୍ତି।



# ଫାଇନାଲରେ ଭାରତ

## ■ ମୁମ୍ବାଇରେ ମାଞ୍ଚେଷ୍ଟରର ପରାଜୟର ପ୍ରତିଶୋଧ
## ■ ମହମ୍ମଦ ଶାମିଙ୍କୁ ୭ ଉଇକେଟ ସଫଳତା

**ମୁମ୍ବାଇ, ୧୫।୧୧**

ଦିନିକିଆ କ୍ରିକେଟ ଶତକ ହାସଲରେ ବିରାଟ କୋହଲିଙ୍କ କୀର୍ତ୍ତିମାନ ସହ ଚଳିତ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ୧୯୮୩, ୨୦୧୧ରେ ଚାମ୍ପିୟନ ଏବଂ ୨୦୦୩ରେ ରନରଅପ୍ ଭାରତ ୪ର୍ଥ ଥରପାଇଁ ଏହି ମେଗା ଟୁର୍ନାମେଣ୍ଟର ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ରୋହିତ ଶର୍ମାଙ୍କ ଦଳ ୭୦ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। କୋହଲି ଓ ଶ୍ରେୟସ ଆୟରଙ୍କ ଶତକ ସହାୟତାରେ ଭାରତ ୫୦ ଓଭରରେ ୪ ଉଇକେଟ ହରାଇ ୩୯୭ ରନ କରିଥିଲା। ୩୯୮ ରନ ବିଜୟ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ ଡାରିଲ ମିଚେଲଙ୍କ ଶତକ ସତ୍ତ୍ୱେ ୪୮.୫ ଓଭରରେ ୩୨୭ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ର ସେମିଫାଇନାଲରେ ଭାରତକୁ ହରାଇଥିଲା ନ୍ୟୁଜିଲାଣ୍ଡ। ମାଞ୍ଚେଷ୍ଟରର ପରାଜୟର ମଧୁର ପ୍ରତିଶୋଧ ମୁମ୍ବାଇରେ ନେଇଛି ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ଗତ ବିଶ୍ୱକପର ଫାଇନାଲରେ ଇଂଲଣ୍ଡଠାରୁ ହାରିଥିବା ନ୍ୟୁଜିଲାଣ୍ଡର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ୱାଙ୍ଖେଡେର ବ୍ୟାଟିଂ ଟ୍ରାକ୍‌ରେ ଭାରତୀୟ ଦଳର ଆରମ୍ଭ ଭଲ ରହିଥିଲା। ରୋହିତ ସ୍ୱାଭାବିକ ଷ୍ଟାଇଲରେ ଆକ୍ରମଣାତ୍ମକ ଖେଳିଥିଲେ। ଓପନିଂ ଯୋଡ଼ିରେ ରୋହିତ ଓ ଶୁବମନ ଗିଲ୍ ୫୦ ବଲ୍‌ରୁ ୭୧ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଅର୍ଦ୍ଧଶତକର ନିକଟତର ହୋଇ ରୋହିତ ୨୯ ବଲ୍‌ରୁ ୪୭ (୪ ଚୌକା, ୪ ଛକା) ରନ କରିଥିବାବେଳେ ଟିମ୍ ସୌଦୀଙ୍କ ବଲ୍‌ରେ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଗିଲ୍‌ଙ୍କ ସହ ଯୋଗଦେଇ ଦଳୀୟ ଇନିଂସକୁ ଆଗେଇ ନେଇଥିଲେ ବିରାଟ କୋହଲି। ଦୁହେଁ ବିପକ୍ଷ ଦଳର ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ୮୬ ବଲ୍‌ରୁ ୯୩ ରନ ସଂଗ୍ରହ ହୋଇଥିବାବେଳେ କ୍ରାମ୍ପ ଯୋଗୁ ରିଟାୟର୍ଡ ହର୍ଟ ହୋଇଥିଲେ ଗିଲ୍। ଯନ୍ତ୍ରଣା ଅନୁଭବ ହେବାରୁ ସେ ବ୍ୟାଟିଂ ଜାରି ନ ରଖି ପଡ଼ିଆ ଛାଡ଼ିଥିଲେ। କୋହଲିଙ୍କ ସହ ଶ୍ରେୟସ ଆୟର କ୍ରିଜରେ ଯୋଗଦେବା ପରେ ନ୍ୟୁଜିଲାଣ୍ଡ ବୋଲରଙ୍କ ଅସଲ ପରୀକ୍ଷା ଆରମ୍ଭ ହୋଇଥିଲା। କୋହଲି କ୍ୟାରିୟରର ୫୦ତମ ଦିନିକିଆ ଶତକ ହାସଲ କରି ନିଜ ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଥିଲେ। ଏହାବ୍ୟତୀତ ଏକାଧିକ ରେକର୍ଡର ଅଧିକାରୀ ହୋଇଥିଲେ କୋହଲି। ଦୁହେଁ ତୃତୀୟ ଉଇକେଟରେ ୧୨୮ ବଲ୍‌ରୁ ୧୬୩ ରନର ଭାଗୀଦାରି ଗଢ଼ି ଦଳର ରନ ସଂଖ୍ୟାକୁ ୩୦୦ ଟପାଇ ଦେଇଥିଲେ। କ୍ରାମ୍ପ ଯୋଗୁ ନିଜ ଇନିଂସ ମଝିରେ ଯନ୍ତ୍ରଣା ଅନୁଭବ କରିଥିବା କୋହଲି ୧୧୩ ବଲ୍‌ରୁ ୧୧୭ (୯ ଚୌକା, ୨ ଛକା) ରନ ☞ପୃଷ୍ଠା-୨



**ଶତକରେ ଅର୍ଦ୍ଧଶତକ**
**ବିରାଟ କୋହଲି**

# କୋହଲିଙ୍କ ବିରାଟ କୀର୍ତ୍ତିମାନ

**ମୁମ୍ବାଇ, ୧୫।୧୧**

ଭାରତର ରନ୍ ମେଶିନ ଭାବେ ପରିଚିତ ବିରାଟ କୋହଲି ବୁଧବାର ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ସେ କ୍ୟାରିୟରର ୫୦ତମ ଦିନିକିଆ ଶତକ ହାସଲ କରି ନିଜ ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି। ସଚିନ ୪୯ ଦିନିକିଆ ରେକର୍ଡ ସହ ରେକର୍ଡର ଅଧିକାରୀ ଥିଲେ। ସଚିନଙ୍କ ଘରୋଇ ପଡ଼ିଆ ହେଉଛି ୱାଙ୍ଖେଡ଼େ ଏବଂ ସେ ଏହି ମ୍ୟାଚର ପ୍ରତ୍ୟକ୍ଷଦର୍ଶୀ ଥିଲେ। ଏପରି ଏକ ପରିବେଶରେ ବିରଳ ରେକର୍ଡର ଅଧିକାରୀ ହୋଇ ନିଜ ଶତକକୁ ଅଧିକ ସ୍ମରଣୀୟ କରିଛନ୍ତି ବିରାଟ।

**ସଚିନଙ୍କ ଏକାଧିକ ରେକର୍ଡ ଭାଙ୍ଗିଲେ**

ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରେ କୋହଲିଙ୍କ ୫୦ ଶତକ ପଛକୁ ରହିଛନ୍ତି ରୋହିତ ଶର୍ମା। ସେ ୩୧ଟି ଶତକ ହାସଲ କରିଛନ୍ତି। କେବଳ ସର୍ବାଧିକ ଶତକ ହାସଲରେ ନୁହେଁ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହରେ ମଧ୍ୟ ସଚିନଙ୍କୁ ପଛରେ ପକାଇ ଦେଇଛନ୍ତି କୋହଲି। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ଶେଷ ସୁଦ୍ଧା କୋହଲି ଚଳିତ ବିଶ୍ୱକପ୍‌ରେ ୭୧୧ ରନ ସଂଗ୍ରହ କରି ଅନ୍ୟ ବ୍ୟାଟରଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ୨୦୦୩ ବିଶ୍ୱକପ୍‌ରେ ସଚିନ ୬୭୩ ରନକରି ଏହି ରେକର୍ଡର ଅଧିକାରୀ ଥିଲେ। ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ କ୍ୟାରିୟରର ୫ମ ଶତକ ହାସଲ କରିଛନ୍ତି କୋହଲି। ଏଥିସହ ସେ ଶ୍ରୀଲଙ୍କାର କୁମାର ସଙ୍ଗକାରା ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଙ୍କ ସମକକ୍ଷ ହୋଇଛନ୍ତି। କେବଳ ରୋହିତ ଶର୍ମା ୭ଟି ଶତକ ହାସଲ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଏଥର ବିଶ୍ୱକପ୍‌ରେ ଭାରତର ୩ ଖେଳାଳି କୋହଲି, ରୋହିତ ଓ ଶ୍ରେୟସ ଆୟର ୫୦୦ରୁ ଉର୍ଦ୍ଧ୍ୱ ରନ ସ୍କୋର କରିଛନ୍ତି। କୌଣସି ବିଶ୍ୱକପ୍‌ରେ ଗୋଟିଏ ଦଳର ଏତେ ଖେଳାଳି ୫୦୦ରୁ ଉର୍ଦ୍ଧ୍ୱ ରନ କରିବା ଏହା ପ୍ରଥମ।

# ରୋଗପୋକ ଉପଦ୍ରବରୁ ଚାଷୀ ଆତ୍ମହତ୍ୟା



**ବଲାଙ୍ଗୀର, ୧୫।୧୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

ଫସଲରେ ରୋଗପୋକ ଉପଦ୍ରବ ଯୋଗୁ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବୁବେଲ ଗାଁର ଚାଷୀ ରମେଶ ଭୋଇ(୫୦) ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରମେଶ ୧୦ଏକର ଜମିରେ ଧାନଚାଷ କରିଥିଲେ। ସେଥିରୁ ପ୍ରାୟ ୭ଏକର ଜମି ଚକଡ଼ା ପ୍ରଭାବିତ ହୋଇଥିଲା। ମାଟିଆଗୁଣ୍ଡି ପୋକ ଲାଗିବା ପରେ ତିନିଥର କୀଟନାଶକ ସିଞ୍ଚନ କଲେ ମଧ୍ୟ ରୋଗପୋକ କମି ନ ଥିଲା। ☞ପୃଷ୍ଠା-୨

# ୩୦୦ ଫୁଟ୍ ଖସିଲା ବସ୍
## ୩୮ ମୃତ, ୨୦ ଆହତ

**ଜମ୍ମୁ, ୧୫।୧୧**

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩୦୦ ଫୁଟ୍ ଘାଇ ତଳକୁ ଖସିପଡ଼ିଛି। ଏଥିରେ ଅନ୍ୟୂନ ୩୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୦ ଯାତ୍ରୀ ଆହତ ହୋଇଛନ୍ତି। କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ରେଜିଷ୍ଟ୍ରେଶନ୍ ନଂ.ଜେକେ୦୨ସିଏନ୍-୬୫୫୫ ବସ୍‌ଟି କିସ୍ତୱରରୁ ୫୬ ଯାତ୍ରୀଙ୍କୁ ନେଇ ଜମ୍ମୁ ଅଭିମୁଖେ ଯାତ୍ରା କରୁଥିଲା। ବସ୍ ବାଟୋଟେ-କିସ୍ତୱର ଜାତୀୟ ରାଜପଥରେ ଯାଉଥିବାବେଳେ ପୂର୍ବାହ୍ନ ୧୧ଟା ୫୦ରେ ତ୍ରୁଙ୍ଗଲ-ଆସାର ନିକଟରେ ଭାରସାମ୍ୟ ହରାଇଥିଲା। ଫଳରେ ଏହା ଦୁର୍ଘଟଣା ☞ପୃଷ୍ଠା-୨

# ଜୟପୁରରୁ ୫ ଛାତ୍ରଙ୍କୁ ଉଠାଇନେଲା ନାର୍କୋଟିକ୍ସ ଟିମ୍

**ଜୟପୁର, ୧୫।୧୧**
**(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସହର ପାରବେଡ଼ାର ଏକ ଭଡ଼ା ଘରୁ ୫ ଜଣ ଛାତ୍ରଙ୍କୁ ବୁଧବାର ବେଙ୍ଗାଲୁରୁର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଟିମ୍ ଉଠାଇ ନେଇଛି। ସେମାନେ ହେଲେ ହିମାଂଶୁ ଶେଖର ନାୟକ, ରାଜା ମଣ୍ଡଳ, ଶିବ ଦତ୍ତ, କେ. ଅମର ନାଥ ଓ ସୋହମ। ସମସ୍ତଙ୍କ ବୟସ ୧୮ରୁ ୨୨ ବର୍ଷ ମଧ୍ୟରେ। ଏହି ୫ଜଣଙ୍କ ମଧ୍ୟରୁ ରାଜା ଏକ ଇଞ୍ଜିନିୟରିଂ କଲେଜର ଛାତ୍ର ହୋଇଥିବା ବେଳେ ଅନ୍ୟମାନେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ର ବୋଲି ଜଣାପଡ଼ିଛି। ଗଞ୍ଜେଇ ଚୋରାଚାଲାଣ ମାମଲାରେ ସମ୍ପୃକ୍ତି ଥିବା ତଥ୍ୟ ପ୍ରମାଣ ହାସଲ ପରେ ଏମାନଙ୍କୁ ନାର୍କୋଟିକ୍ସ ଟିମ୍‌ର ୧୫ ଜଣିଆ ଟିମ୍ ଉଠାଇ ନେଇଛି। ଏହି ଟିମ୍ ନିକଟରେ ବେଙ୍ଗାଲୁରୁରେ ଗଞ୍ଜେଇ କାରବାର କରୁଥିବା ଏକ ଗ୍ୟାଙ୍ଗକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଅନେକ ଭରତ**

# ଦରଭଙ୍ଗା ଏକ୍ସପ୍ରେସ୍‌ରେ ନିଆଁ



## ତଳକୁ ଡେଇଁ ଜୀବନ ବଞ୍ଚାଇଲେ ଯାତ୍ରୀ

**ନୂଆଦିଲ୍ଲୀ, ୧୫।୧୧**

ନୂଆଦିଲ୍ଲୀ-ଦରଭଙ୍ଗା କ୍ଲୋନ୍ ସ୍ପେଶାଲ ଏକ୍ସପ୍ରେସ୍‌ର ୪ ବଗିରେ ବୁଧବାର ସନ୍ଧ୍ୟା ୫ଟା ୩୦ରେ ନିଆଁ ଲାଗିଯିବାରୁ ଆତଙ୍କିତ ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଟ୍ରେନ୍‌ରୁ ତଳକୁ ଡେଉଁଥିବାବେଳର ଦୃଶ୍ୟ ଦେଖିବାକୁ ମିଳିଛି। ଟ୍ରେନ୍ (ନଂ.୦୨୫୭୦) ଉତ୍ତର ପ୍ରଦେଶର ଏଟାୱା ନିକଟସ୍ଥ ସରାଇ ଭୋପାଟ ଷ୍ଟେଶନ ଦେଇ ଗତି କରୁଥିବାବେଳେ ସେଥିରୁ ଧୂଆଁ ବାହାରିଥିଲା। ଯାତ୍ରୀମାନେ ଛାନିଆ ହୋଇ ଦେଖିବାବେଳକୁ ଏସ୍୧ (ସ୍ଲିପର) କୋଚ୍‌ରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଟ୍ରେନ୍‌ରୁ ଡେଇଁ ୮ ଯାତ୍ରୁ ଆହତ ହୋଇଛନ୍ତି। ଟ୍ରେନ୍‌କୁ ତୁରନ୍ତ ଅଟକାଯାଇଥିଲା। ସମଗ୍ର ଷ୍ଟେଶନ ଧୂଆଁମୟ ହୋଇଯାଇଥିଲା। ଗୋଟିଏ ବଗି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଅନ୍ୟ ତିନୋଟି କ୍ଷତିଗ୍ରସ୍ତ ହୋଇଛି। ଛଟ୍ ପୂଜା ପାଇଁ ବିହାର ଅଭିମୁଖେ ଯାତ୍ରା କରୁଥିବା ଟ୍ରେନ୍‌ଗୁଡ଼ିକରେ ଭିଡ଼ ଯୋଗୁ ସ୍ଥାନ ନ ଥିବାବେଳେ ଏହି ଦୁର୍ଘଟଣା ପରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଚାଇନାରେ ଦ୍ରୁତତମ ଇଣ୍ଟରନେଟ୍

**ଗୋଟିଏ ସେକେଣ୍ଡରେ ପଠାଇ ହେବ ୧୫୦ ସିନେମା**

**ବେଜିଂ, ୧୫।୧୧**

ଦ୍ରୁତ ଇଣ୍ଟରନେଟ୍ ସେବା କ୍ଷେତ୍ରରେ ଚାଇନାକୁ ବୃହତ୍ ସଫଳତା ମିଳିଛି। ଚାଇନାର କେତେକ କମ୍ପାନୀର ପ୍ରୟାସରେ ବିଶ୍ୱର ଦ୍ରୁତତମ ଇଣ୍ଟରନେଟ୍ ନେଟୱର୍କକୁ ସୋମବାର ଉଦ୍‌ଘାଟନ କରାଯାଇଛି। ଏହାଦ୍ୱାରା ଗୋଟିଏ ସେକେଣ୍ଡରେ ୧.୨ ଟେରାବାଇଟ୍ (୧୨୦୦ ଜିଗାବାଇଟ୍) ଡେଟା ଟ୍ରାନ୍ସଫର ହୋଇପାରିବ। ଅର୍ଥାତ୍ ୪କେ ରିଜୋଲ୍ୟୁଶନର ୧୫୦ ସିନେମାକୁ ଏକ ସେକେଣ୍ଡରେ ଅନ୍ୟତ୍ର ପଠାଇହେବ। 'ସାଉଥ୍ ଚାଇନା ମର୍ନିଂ ପୋଷ୍ଟ' ଅନୁଯାୟୀ ଏହା ବର୍ତ୍ତମାନର ପ୍ରମୁଖ ଇଣ୍ଟରନେଟ୍ ସେବାଗୁଡ଼ିକଠାରୁ ୧୦ଗୁଣରୁ ଅଧିକ ଦ୍ରୁତତମ। ସିଂହୁଆ ବିଶ୍ୱବିଦ୍ୟାଳୟ, ଚାଇନା ମୋବାଇଲ, ହୁଏଇ ଟେକ୍ନୋଲୋଜିଜ୍ ଏବଂ ସେରନେଟ୍ କର୍ପୋରେଶନର ମିଳିତ ଉଦ୍ୟମରେ ଏହି ପ୍ରୋଜେକ୍ଟ ହୋଇଥିବାବେଳେ ଏହାର ନେଟୱର୍କ ଲିଙ୍କ୍ ୩ ହଜାର କିଲୋମିଟର ବିସ୍ତାର ହୋଇଛି। ଏଥିରେ ବେଜିଂ, ଉହାନ୍ ଏବଂ ଗୁଆନଝୋକୁ ଅପ୍ଟିକାଲ ଫାଇବର ମାଧ୍ୟମରେ ସଂଯୁକ୍ତ କରାଯାଇଛି। ବିଶ୍ୱର ଅଧିକାଂଶ ଇଣ୍ଟରନେଟ୍ ☞ପୃଷ୍ଠା-୨

# ଆର୍ଥିକ ପରିଚାଳନାରେ ଉଦାହରଣ ସୃଷ୍ଟିକଲା ଓଡ଼ିଶା

**୪୩,୪୭୧ କୋଟିର ବଳକା ରାଜସ୍ୱ ରାଜ୍ୟ**

**ଭୁବନେଶ୍ୱର, ୧୫।୧୧ (ଅନିଲ ଦାସ)**

ଆର୍ଥିକ ପରିଚାଳନାରେ ଓଡ଼ିଶା ସାରା ଦେଶ ପାଇଁ ଉଦାହରଣ ପାଲଟିଛି। ସମଗ୍ର ଦେଶରେ ରାଜସ୍ୱ ବଳକା ରାଜ୍ୟ ଭାବେ ୧ନମ୍ବର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅକ୍ଲାନ୍ତ ପରିଶ୍ରମ, ଦୂରଦର୍ଶିତା ଏବଂ ୫-ଟି ସଂସ୍କାରର ଫଳସ୍ୱରୂପ ଏହା ସମ୍ଭବ ହୋଇପାରିଛି। ୨୦୨୧-୨୨ ଆର୍ଥିକ ବର୍ଷକୁ ନେଇ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଓଡ଼ିଶା ୪୩,୪୭୧ କୋଟି ଟଙ୍କାର ରାଜସ୍ୱ ବଳକା ପାଇ ୧ ନମ୍ବର ରାଜ୍ୟର ମାନ୍ୟତା ହାସଲ କରିଛି। ମହାରାଷ୍ଟ୍ର, ତାମିଲନାଡୁ, ରାଜସ୍ଥାନ, କର୍ଣ୍ଣାଟକ, ପଞ୍ଜାବ, ହରିୟାଣା, ଆସାମ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ପଛରେ ପକାଇ ଓଡ଼ିଶା ଏହି ଗୌରବ ହାସଲ କରିଛି। ଉକ୍ତ ରାଜ୍ୟଗୁଡ଼ିକ ରାଜସ୍ୱ ନିଅଣ୍ଟିଆରେ ଚାଲୁଛନ୍ତି। ରାଜସ୍ୱ ବଳକାରେ ଓଡ଼ିଶା ପଛକୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ☞ପୃଷ୍ଠା-୨



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଶ୍ରୀମନ୍ଦିର ନାଟମଣ୍ଡପ: ଆଜିଠୁ ମରାମତି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୫।୧୧ (କାର୍ତ୍ତିକ ସାହୁ)**

ପୁରୀ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ କରିବାକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ନାଟମଣ୍ଡପ ମରାମତି କାର୍ଯ୍ୟ ଦିନକୁ ୬ ଘଣ୍ଟା ଲେଖାଏ କରି ୧୨୦ ଦିନରେ ଶେଷ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଆମିକସ୍ କ୍ୟୁରି ଏହି କାର୍ଯ୍ୟର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇକୁ ଏଥିପାଇଁ ସହଯୋଗ ଯୋଗାଇ ଦେବ। ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଦିଅଁ ଦର୍ଶନ କରିବା ନେଇ ଅସୁବିଧାରେ ନ ପଡନ୍ତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ। ନାଟମଣ୍ଡପ ମରାମତି ଓ ଠାକୁର ଦର୍ଶନ ଉଭୟ କାର୍ଯ୍ୟ ଠିକ୍ ଭାବେ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା କରିବ। ଡିସେମ୍ବର ୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ଏଏସ୍‌ଆଇ ପୁରୀ ସର୍କଲ୍‌ର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରି ଆସନ୍ତା ଜାନୁୟାରୀ ୨୪ ତାରିଖରୁ ନାଟମଣ୍ଡପ ମରାମତି କାର୍ଯ୍ୟ କରିବା ନିମନ୍ତେ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏବେ ପୁରୀରେ ହବିଷିଆଳିଙ୍କ ସମେତ ଭକ୍ତମାନେ ମଧ୍ୟ ବହୁ ଭାବରେ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କେତେକ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସେଥିପାଇଁ ଏବେ ନାଟମଣ୍ଡପ ମରାମତି ସମ୍ଭବ ନୁହେଁ ବୋଲି ଏଏସ୍‌ଆଇ ସତ୍ୟପାଠରେ ଦର୍ଶାଇଥିଲେ। ଏହାକୁ ନେଇ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ନାଟମଣ୍ଡପ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ☞ପୃଷ୍ଠା-୨

# ଜଳବାୟୁ ପରିବର୍ତ୍ତନରୁ ଓଡ଼ଶ ବଂଶବୃଦ୍ଧି

**ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତର କୋରିଆ ସମେତ ସାରା ବିଶ୍ୱରେ ଓଡ଼ଶଙ୍କ ବଂଶବୃଦ୍ଧି ଚିନ୍ତାର କାରଣ ପାଲଟିଛି। ୭୦-୮୦ ଡିଗ୍ରୀ ଫାରେନ୍‌ହିଟ୍ (୨୧-୨୭ ଡିଗ୍ରୀ ସେଲସିଅସ୍) ତାପମାତ୍ରା ଏହି ରକ୍ତ ଶୋଷଣକାରୀ ପୋକକୁ ସୁହାଉଥିବାରୁ ଅସ୍ୱାଭାବିକ ଉଷ୍ଣତା ବୃଦ୍ଧିକୁ ଏଥିପାଇଁ ଦାୟୀ କରାଯାଉଛି। କାରଣ ତାପମାତ୍ରା ବଢ଼ିଲେ ଓଡ଼ଶଙ୍କ ଦ୍ୱରିତ ବଂଶବିସ୍ତାର ହୋଇଥାଏ। ଏଥିସହ ଓଡ଼ଶଙ୍କୁ ନୂଆ ଅଞ୍ଚଳରେ ନିଜ ବାସସ୍ଥାନ ବିସ୍ତାର ପାଇଁ ମଧ୍ୟ ସୁଯୋଗ ମିଳିଥାଏ। ସମ୍ପ୍ରତି ଏସୀୟ ରାଷ୍ଟ୍ରଗୁଡ଼ିକରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅହେତୁକ ଭାବେ ଅନୁଭୂତ ହେଉଥିବାରୁ ଏହି କୀଟଙ୍କୁ ନେଇ ଆତଙ୍କ ବଢ଼ିବାରେ ଲାଗିଛି।**



**ସିଓଲ, ୧୫।୧୧**

କୋଭିଡ୍-୧୯ ମହାମାରୀ ପରେ ଦକ୍ଷିଣ କୋରିଆର ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ଦେଖିବାକୁ ମିଳିଥିବାବେଳେ ଓଡ଼ଶଙ୍କ ବଂଶବୃଦ୍ଧି ଦେଶବାସୀଙ୍କୁ ଆତଙ୍କିତ କରିଛି। ଫଳରେ ଏହି ରକ୍ତଶୋଷଣକାରୀ ପୋକ ଦୌରାତ୍ମ୍ୟରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ସାଧାରଣ ପରିବହନର ବ୍ୟବହାର ଓ ସିନେମା ହଲ୍‌କୁ ଯିବା ବନ୍ଦ କରିଦେଲେଣି। ପରିଚ୍ଛନ୍ନତା ଦାୟିତ୍ୱରେ ଥିବା ଅଧିକାରୀମାନେ ଓଡ଼ଶଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଫ୍ରାନ୍ସ ଓ ବ୍ରିଟେନ୍ ସମେତ ବିଭିନ୍ନ ଦେଶରୁ ଆସୁଥିବା ଅନ୍ତର୍ଜାତୀୟ ଯାତ୍ରୀଙ୍କୁ ନିଜ ନିଜ ଜିନିଷପତ୍ରଗୁଡ଼ିକରେ ସତର୍କତାର ସହ କୀଟାଣୁନାଶକ ପ୍ରୟୋଗ କରିବାକୁ ପରାମର୍ଶ ଦେଉଛନ୍ତି। ଓଡ଼ଶଙ୍କ ଶିକାର ହୋଇଥିବା ବ୍ୟକ୍ତିମାନେ ବିଦେଶ ଯାତ୍ରାବେଳେ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ରାଜସ୍ଥାନ ଭୋଟର କଂଗ୍ରେସର ଦୁର୍ନୀତି ଓ ତୁଷ୍ଟୀକରଣ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ଶାସକ ଦଳକୁ କ୍ଷମତାଚ୍ୟୁତ କରିବା ବେଳ ଆସିଯାଇଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ଘଡ଼ିକି ଆଶା,
ପୁଅ ମୁଣ୍ଡକୁ ଆଶା।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁଚ୍ଛା କଥା;
ତୁଚ୍ଛା କଥାରେ ଏତେ ହୀନସ୍ତା।**

କଥା ନିହାତି ମାମୁଲି, ଅର୍ଥହୀନ ପରନ୍ତୁ ସେଇ କଥାରେ ମାତି ସମସ୍ତେ ଅସ୍ତବ୍ୟସ୍ତ, ହଇରାଣ ହରକତ। ସାଧାରଣତଃ ଅଯଥା ବା ମୂଲ୍ୟହୀନ କଥାକୁ ଅଧିକ ଗୁରୁତ୍ୱ ଦେବା ଉଚିତ ହୋଇ ନ ଥାଏ। ମୂଲ୍ୟହୀନ କଥା ଶୁଣି ମନ ଖରାପ କରିବାରେ ଲାଭ କିଛି ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି,
ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କୁ ସାମାଜିକ ସ୍ତରରେ ସମ୍ମାନ, ବ୍ୟବସାୟରେ ଆର୍ଥିକ ଅଭିବୃଦ୍ଧି, ପାରିବାରିକ କ୍ଷେତ୍ରରେ ସୁଖସମୃଦ୍ଧି ପ୍ରାପ୍ତ ହେବ। ଉପସ୍ଥିତ ବୁଦ୍ଧି ଅନ୍ୟକୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଟେନ୍‌ସନ ଲାଗି ରହିଲେ ମଧ୍ୟ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ପରିବହନ କ୍ଷେତ୍ରରେ ସାଧାରଣ କଥାରେ ଝଗଡ଼ାର ଆଶଙ୍କା ରହିଛି।

**ମିଥୁନ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସି ରହିବେ। ଛୋଟ କଥାକୁ କେନ୍ଦ୍ର କରି ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଘଟିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ସ୍ଥଗିତ କାମଟି ସୁରୁଖୁରୁରେ ସମ୍ପନ୍ନ ହେବାରୁ ଟେନସନ୍ କମିଯିବ। ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି କାରଣରୁ ଆଲୋଚନା ଅମୀମାଂସିତ ରହିପାରେ। ନିର୍ମାଣ କିମ୍ବା ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପନ୍ନ ହେବ ନାହିଁ।

**ସିଂହ** ନିକଟସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ସହଯୋଗରେ ସମସ୍ୟାର ସରଳ ସମାଧାନ ହୋଇଯିବ। ଆଜି ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ।

**କନ୍ୟା** ଖଳ ଲୋକଙ୍କ ଦ୍ୱାରା ପ୍ରାୟୋଜିତ କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ଆଶଙ୍କା ରହିଛି। ଉପର ଅଧିକାରୀ ଆପଣଙ୍କ ସହଯୋଗ ଆଶା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଭଲ ଭଲ ଜିନିଷ କିଣିବା ସକାଶେ ମନ ବଳାଇବେ।

**ତୁଳା** ଆଜି ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତି ଅନୁଭବ କରିବେ।

**ବିଛା** ଠିକ୍ ସମୟରେ ସବୁ କାମ ସମ୍ପନ୍ନ ହେବାରୁ ମନ ଏକ ପ୍ରକାର ଖୁସି ହୋଇଯିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ପୂର୍ବ ପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର** ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲ, ଏପରିକି ଘରେ ଓ ବାହାରେ ସବୁଠି ଆଦର, ସମ୍ମାନ ପାଇବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ସମ୍ପର୍କୀୟମାନେ ସାହାଯ୍ୟ, ସହଯୋଗରେ କୁଣ୍ଠାବୋଧ କରିବେ ନାହିଁ। ଅଟକି ରହିଥିବା କାମଗୁଡ଼ିକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**କୁମ୍ଭ** ଆବଶ୍ୟକ ଅନୁଯାୟୀ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ହରାଇବାକୁ ପଡିପାରେ। ଦୀର୍ଘଦିନରୁ ଲାଗିରହିଥିବା ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ** ଆଜି ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। ଅର୍ଥ ଆଦାୟରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟ ଟଙ୍କା କୌଣସି ଅନ୍ୟ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ମାସାନ୍ତ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୫୯ ଗତେ ଘ.୦୭।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୨।୫୪ ଗତେ ଘ. ୦୨।୧୭ ମଧ୍ୟେ ରାହୁକାଳ ।

## ପବିତ୍ର ମୋହନ ମେଡିକାଲ କଲେଜରେ ରୋଗୀ ସେବା ଆରମ୍ଭ

ତାଳଚେର, ୧୫।୧୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରଠାରେ ନିର୍ମାଣ ହୋଇଥିବା ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ବୁଧବାର ଠାରୁ କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବରେ ଏହି ନୂତନ ମେଡିକାଲ କଲେଜରେ ରୋଗୀ ସେବା ଆରମ୍ଭ କରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି କହିଛନ୍ତି, ପବିତ୍ରମୋହନ ମେଡିକାଲ କଲେଜରେ ୨୦ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଛି। ଅପରପକ୍ଷରେ ଏହି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବା ପରେ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୬ ତାରିଖରେ ଦିଆଯାଇଥିବା ତାଳଚେର ବନ୍ଦ ଡାକରାକୁ ସ୍ଥଗିତ ରଖାଯାଇଛିବୋଲିକମିଟିପକ୍ଷରୁପ୍ରେସ ଇସ୍ତାହାରରେ ସୂଚନା ଦିଆଯାଇଛି।

**୭୦ତମ ସମବାୟ ସପ୍ତାହ ରାଜ୍ୟ ମହୋତ୍ସବ**

# ସମବାୟ ଏକ ଆନ୍ଦୋଳନ: ମନ୍ତ୍ରୀ

ଭୁବନେଶ୍ୱର,୧୫।୧୧(ଅନିଲ ଦାସ)

ସମବାୟ ଏକ ଆନ୍ଦୋଳନ ଏବଂ ଆମ ରାଜ୍ୟରେ ଏହା ସଶକ୍ତ ହୋଇଛି। ୫-ଟି ଉପକ୍ରମରେ କୃଷକକେନ୍ଦ୍ରିକ ଆର୍ଥିକ ସଂସ୍ଥାଗୁଡ଼ିକର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ପାକ୍ସ ଓ ଲାମ୍ପସ୍‌ଗୁଡ଼ିକରେ କମ୍ପ୍ୟୁଟରୀକରଣ କରିବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ। ଆର୍ଥିକ ଅନଗ୍ରସରତା ଦୂର କରିବାରେ ସମବାୟର ଭୂମିକା ଅପରିହାର୍ଯ୍ୟ। ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ଏଥିରେ ସାମିଲ ହୋଇପାରିବେ। ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ରାଜ୍ୟ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହା କହିଛନ୍ତି।

ରାଜ୍ୟ ସମବାୟ ବିଭାଗ ଓ ରାଜ୍ୟ ସମବାୟ ୟୁନିୟନ୍‌ର ମିଳିତ ଉଦ୍ୟମରେ ଆୟୋଜିତ ଏହି ରାଜ୍ୟ ମହୋତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ରାଜ୍ୟର କୃଷକ, ବୁଣାକାର, କ୍ଷୁଦ୍ର ବ୍ୟବସାୟୀ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସମବାୟ ବିଭାଗ କାର୍ଯ୍ୟ କରୁଛି। ନିଜସ୍ୱ ଜମିଥିବା ପାକ୍ସ ଓ ଲାମ୍ପସ୍‌ଗୁଡ଼ିକୁ ଭିତ୍ତିଭୂମି ଉନ୍ନତି ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯାଇଛି। ଓଡ଼ିଶା ସମବାୟର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ସମବାୟ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି.ପ୍ରସାଦରାଓ ଦୋରା, ରାଜ୍ୟ ସମବାୟ ୟୁନିୟନ୍‌ର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଓଡ଼ିଶା ରାଜ୍ୟ କୋଅପରେଟିଭ୍ ବ୍ୟାଙ୍କ, ଓମ୍‌ଫେଡ୍ ସମେତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଅର୍ବାନ ସମବାୟ ବ୍ୟାଙ୍କ, କର୍ମଚାରୀ କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି, ପ୍ୟାକ୍ସ, ଲ୍ୟାମ୍ପସ୍, ଶିଳ୍ପ ସମବାୟ ସମିତି, ଦୁଗ୍ଧ ଉତ୍ପାଦକ ସମବାୟ ସମିତି, ଗୃହନିର୍ମାଣ ସମବାୟ ସମିତି, ଟସର ସମବାୟ ସମିତି, ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି, ମତ୍ସ୍ୟ ସମବାୟ ସମିତି ସମେତ ବିଭିନ୍ନ ଛାତ୍ରୀଛାତ୍ର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ସର୍ବଭାରତୀୟ ସମବାୟ ସଂଗଠନକୁ ନିର୍ବାଚିତ ହୋଇଥିବାରୁ ଅମ୍ବିକା ପ୍ରସାଦ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ବାନ୍ କୋଅପରେଟିଭ ବ୍ୟାଙ୍କ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ କେନ୍ଦ୍ରାପଡ଼ା ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପୁରସ୍କାର ଗ୍ରହଣ କରିଥିଲେ। ୟୁନିୟନ୍‌ର ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ଓ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ କୁମାର ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ନେତୃତ୍ୱରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



**ପ୍ରଥମ ପୃଷ୍ଠାରୁ...**

## ଫାଇନାଲରେ ଭାରତ...

କରି ଆଉଟ ହୋଇଥିଲେ। ଆୟର ମଧ୍ୟ ଏଠାରେ ଖେଳିଥିଲେ ଅନ୍ୟତମ ସ୍ମରଣୀୟ ଇନିଂସ। ସେ ଚୌକା ଅପେକ୍ଷା ଅଧିକ ଛକା ମାରି ହାସଲ କରିଥିଲେ କ୍ୟାରିୟରର ୫ମ ଦିନିକିଆ ଶତକ। ମାତ୍ର ୭୦ ବଲ୍‌ରୁ ସେ ୪ ଚୌକା ଓ ୮ ଛକା ସହାୟତାରେ ୧୦୫ ରନ କରିଥିଲେ। ବଡ଼ ଶଟ୍ ଖେଳିବା ଚକ୍କରରେ ସୂର୍ଯ୍ୟକୁମାର ଯାଦବ ଯଦିଓ ମାତ୍ର ୧ ରନକରି ଆଉଟ ହୋଇଯାଇଥିଲେ ଲୋକେଶ ରାହୁଲ ୨୦ ବଲ୍‌ରୁ ୩୯ (୫ ଚୌକା, ୨ ଛକା) ରନକରି ଅପରାଜିତ ରହିବାରୁ ଭାରତ ସ୍କୋର ୩୯୭ରେ ପହଞ୍ଚିଯାଇଥିଲା। ସୂର୍ଯ୍ୟଙ୍କ ଉଇକେଟ ପତନ ପରେ ପୁଣି କ୍ରିଜ୍‌କୁ ଆସିଥିବା ଗିଲ୍ ୮୦ (୬୬ ବଲ, ୮ ଚୌକା, ୩ ଛକା) ରନରେ ଅପରାଜିତ ଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ଉଇକେଟ ନେଇଥିବା ଟିମ୍ ସୌଦୀ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେ ୧୦ ଓଭରରେ ୧୦୦ ରନ ବ୍ୟୟ କରିଥିଲେ। ଟ୍ରେଣ୍ଟ ବୋଲ୍ଟ ୮୬ ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ।

ବୃହତ୍ ସ୍କୋରର ପିଛା କରିଥିବା ନ୍ୟୁଜିଲାଣ୍ଡ ୩୯ ରନ ମଧ୍ୟରେ ଦୁଇ ଓପନର ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ରଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଉଭୟ ଖେଳାଳି ୧୩ ରନ ଲେଖାଏ କରି ମହମ୍ମଦ ଶାମିଙ୍କ ଶିକାର ହୋଇଥିଲେ। ପରେ ଅଧିନାୟକ କେନ୍ ୱିଲିୟମସନ ଓ ଡାରିଲ ମିଚେଲ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିବା ସହ ଭାରତ ପାଇଁ ବିପଦ ସୃଷ୍ଟି କରିଥିଲେ। ଇତିମଧ୍ୟରେ ମିଚେଲ କ୍ୟାରିୟରର ୬ଷ୍ଠ ଶତକ ମଧ୍ୟ ହାସଲ କରିଥିଲେ। ତୃତୀୟ ଉଇକେଟରେ ଦୁହେଁ ୧୪୯ ବଲ୍‌ରୁ ୧୮୧ ରନ ଯୋଗ କରିବା ପରେ ଭାରତକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଶାମି। ସେ ୩୩ତମ ଓଭରର ଦ୍ୱିତୀୟ ବଲ୍‌ରେ ୱିଲିୟମସନଙ୍କୁ ଆଉଟ କରି ଭାରତୀୟ ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। କେବଳ ସେତିକି ନୁହେଁ, ସେ ଏହି ଓଭରର ୪ର୍ଥ ବଲ୍‌ରେ ଟମ୍ ଲଥାମଙ୍କୁ ଏଲବିଡବ୍ଲ୍ୟୁ କରି ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଦ୍ରୁତ ହାରରେ ରନ ସଂଗ୍ରହ କରି ବିପଜ୍ଜନକ ସାବ୍ୟସ୍ତ ହୋଇଆସୁଥିବା ଗ୍ଲେନ୍ ଫିଲିପ୍ସ (୩୩ ବଲ୍‌ରୁ ୪୪ରନ, ୪ ଚୌକା, ୨ ଛକା)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ଯଶପ୍ରୀତ୍ ବୁମ୍ରା। ଏକାକୀ ଲଢ଼େଇ କରି ୧୧୯ ବଲ୍‌ରୁ ୧୩୪ (୯ ଚୌକା, ୭ ଛକା) ରନ କରିଥିବା ମିଚେଲଙ୍କୁ ଆଉଟ୍ କରି ଚଳିତ ବିଶ୍ୱକପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଏବଂ ମୋଟ ଉପରେ ୩ୟ ଥରପାଇଁ ୫ ଉଇକେଟ ପୂରଣ କରିଥିଲେ ଶାମି। ଦିନିକିଆ କ୍ରିକେଟରେ ସେ ୫ମ ଥରପାଇଁ ୫ ଉଇକେଟ୍ ସଫଳତା ପାଇଥିଲେ। ଶାମି ନିଜର ୯.୫ ଓଭର ସ୍ପେଲ୍‌ରେ ୫୭ ରନଦେଇ ୭ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏହାଥିଲା ତାଙ୍କ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ। ବୁମ୍ରା, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଜୟପୁରରୁ ୫ ଛାତ୍ରଙ୍କୁ ...

ଧରିଥିଲା। ସେମାନଙ୍କୁ ପଚରାଉଚରା ପରେ ସମ୍ପୃକ୍ତ ଅଭିଯୁକ୍ତମାନେ ଜୟପୁରର ଉପରୋକ୍ତ ଛାତ୍ରମାନଙ୍କ ନାମ କହିଥିଲେ। ଫଳରେ ନାର୍କୋଟିକ୍ସ ଟିମ୍ ମଙ୍ଗଳବାର ରାତିରେ ଚଢ଼ାଉ କରି ସେମାନଙ୍କୁ ଧରିଥିବା ଟାଉନଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଛାତ୍ରଙ୍କ ପରିବାର ଲୋକେ ଜୟପୁର ଟାଉନ ଥାନାରେ ସେମାନଙ୍କ ପିଲାଙ୍କ ନିଖୋଜ ନେଇ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପାରାବେଡ଼ା ଉକ୍ତ ଭଡ଼ାଘରେ ରହି ଏମାନେ ପାଠ ପଢୁଥିଲେ ବୋଲି ଜଣାପଡ଼ିଛି।

## ୩୦୦ ଫୁଟ୍ ଖସିଲା ...



ନିରୋଧୀ ବାଡ଼କୁ ଡେଇଁ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ୩୮ ଜଣଙ୍କ ମୃତଦେହ ଠାବ ହୋଇଛି। ସ୍ଥାନୀୟ ପୋଲିସ ପ୍ରଶାସନ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବଳ (ଏସ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୧୫ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୫ ଜଣଙ୍କୁ ହେଲିକପ୍ଟର ଯୋଗେ ଜମ୍ମୁସ୍ଥିତ ସରକାରୀ ମେଡିକାଲ କଲେଜରେ ଚିକିତ୍ସା କରାଯାଉଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଡୋଡା ଡେପୁଟି କମିଶନର ହରବିନ୍ଦର ସିଂ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ବସ୍‌ରେ ଧାରଣ କ୍ଷମତାଠାରୁ ଅଧିକ ଯାତ୍ରୀ ଯାଉଥିବାବେଳେ ଚାଳକ ଏହାକୁ ରାସ୍ତାର ଡାହାଣ ପାର୍ଶ୍ୱରେ ନେବାରୁ ଏପରି ଘଟିଥିବା କୁହାଯାଉଥିବାବେଳେ ସ୍ଥାନୀୟ ଲୋକେ ଏହି ଜାତୀୟ ରାଜପଥର ଦୁରବସ୍ଥାକୁ ଦୁର୍ଘଟଣା ପାଇଁ ଦାୟୀ କରିଛନ୍ତି।

## ଚାଇନାରେ ଦ୍ରୁତତମ...

ବେକ୍‌ବୋନ୍ ନେଟ୍‌ୱର୍କ ପ୍ରତି ସେକେଣ୍ଡରେ ୧୦୦ ଜିଗାବାଇଟ୍‌ରେ କାର୍ଯ୍ୟକରେ। ନିକଟରେ ଆମେରିକା ଏହାର ପଞ୍ଚମ ଜେନେରେଶନ ଇଣ୍ଟରନେଟ୍-୨କୁ ପ୍ରତି ସେକେଣ୍ଡରେ୪୦୦ଜିଗାବାଇଟ୍‌ରେପରିବର୍ତ୍ତନକରିପାରିଛି।

## ଶ୍ରୀମନ୍ଦିର ନାଟମଣ୍ଡପ: ଆଜିଠୁ ...

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲାରେ ଏଏସ୍‌ଆଇ ପକ୍ଷରୁ ଗତ ୮ ତାରିଖରେ ଦାଖଲ ସତ୍ୟପାଠକୁ ଅସମ୍ପୂର୍ଣ୍ଣ ଅଭିହିତ କରି ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ୨୦୧୭ରୁ ଦୀର୍ଘ ୫ ବର୍ଷ ଧରି ନାଟମଣ୍ଡପ ଓ ଜଗମୋହନ ମରାମତି କାର୍ଯ୍ୟ ଏଏସ୍‌ଆଇ ଦ୍ୱାରା କରାଯାଉଥିଲେ ବି ତାହା ସରୁ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏଏସ୍‌ଆଇ ପକ୍ଷରୁ ଉକ୍ତ ଦିନ ଦାଖଲ ସତ୍ୟପାଠକୁ ଫେରସ୍ତ ନେବାକୁ ନିବେଦନ କରାଯିବା ସହ ସାନି ସବିଶେଷ ସତ୍ୟପାଠ ୧୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ତଦନୁସାରେ, ଏଏସ୍‌ଆଇ ପକ୍ଷରୁ ବୁଧବାର ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରାଯାଇଥିଲା। କଟକର ଅଭିଷେକ ଦାସଙ୍କ ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲାକୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ପରିଚାଳନା କରୁଛନ୍ତି।

## ଜଳବାୟୁ ପରିବର୍ତ୍ତନରୁ ...

ସାଙ୍ଗରେ ନେଇ ଯାଉଥିବା ସାମଗ୍ରୀଗୁଡ଼ିକୁ ଷ୍ଟେରଲାଇଜ୍ କରାଇବା ଉଚିତ ବୋଲି ନିକଟରେ କୋରିଆ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ ଏଜେନ୍ସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ତେବେ ଓଡ଼ଶ ଉପରେ କୀଟାଣୁନାଶକ ସିଞ୍ଚନ କଲେ ସୁଫଳ ମିଳି ନ ପାରେ ବୋଲି ଅଧିକାରୀମାନେ ସତର୍କ କରାଇଛନ୍ତି। ଏଥିସହ ଓଡ଼ଶ ମାରିବା ପାଇଁ ଦେଶ ପାଇରେଥ୍ରୋଇଡ୍ ଭିତ୍ତିକ ରାସାୟନିକ ଥିବା ପେଷ୍ଟିସାଇଡ୍ ଆପଣାଇବା ଆବଶ୍ୟକ ବୋଲି ସେମାନେ ମାନିଛନ୍ତି। ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶିତ ଭିଡିଓରେ ଛୋଟ ଛୋଟ ଲାଲ-ଧୂସର ଓଡ଼ଶ ଦେଖିବାକୁ ମିଳିଛି, ଯାହାର ଆକାର ସେଓ ମଞ୍ଜି ସଦୃଶ। ସେଗୁଡ଼ିକ ପୋଷାକ, ଘରର ଭାଙ୍ଗ, ସୋଫା ଆଦିରେ ବୁଲି ସାଧାରଣରେ ଆତଙ୍କ ସୃଷ୍ଟି କରୁଛନ୍ତି। ଦକ୍ଷିଣ କୋରିଆରେ ପୂର୍ବରୁ ଏଭଳି ଓଡ଼ଶ କେବେ ଦେଖିବାକୁ ମିଳି ନ ଥିଲା। ଓଡ଼ଶ ମଣିଷ ଓ ପ୍ରାଣୀଙ୍କ ରକ୍ତ ଶୋଷିଥାଏ। କିନ୍ତୁ ଏହା ରୋଗ ସଂକ୍ରାମକ ନୁହେଁ ବୋଲି ସିଓଲ ସିଟିର ଜଣେ ସ୍ୱାସ୍ଥ୍ୟ ଅଧିକାରୀ ୟୁ-ମି କହିଛନ୍ତି। ଅନ୍ୟପକ୍ଷେ ଓଡ଼ଶକୁ ନେଇ ଚିନ୍ତିତ ହେବାର କାରଣ ନାହିଁ ବୋଲି ହଂଙ୍ଗ କହିଛି। ତେବେ ଓଡ଼ଶ କାମୁଡ଼ିବା ଦ୍ୱାରା ଚର୍ମରୋଗ, କୁଣ୍ଡିଆ ହେଉଥିବାରୁ ଏହାର ନିରାକରଣ ଦିଗରେ ଆମେ ବିଶେଷ ଯତ୍ନବାନ ହେବୁ ବୋଲି ସେ କହିଛନ୍ତି। ସିଓଲର ଏକ ଛୋଟ ରୁମ୍‌ରେ ରହୁଥିବା ପାର୍କ ନାମକ ଜଣେ ୬୬ ବର୍ଷୀୟଙ୍କ ବୃଦ୍ଧାଙ୍ଗୁଳି ନଖରେ ଓଡ଼ଶ ଚଢ଼ିଥିବା ଟିଭି ଚୋସୁନ ନ୍ୟୁଜରେ ଦେଖିବାକୁ ମିଳିଛି। ପାର୍କ କହିଛନ୍ତି, ଓଡ଼ଶ କାମୁଡ଼ିଲେ ଭୀଷଣ କୁଣ୍ଡାଇଥାଏ। ବସ୍ ଯାତ୍ରୀମାନେ କହିଛନ୍ତି, ସେମାନେ ସିଟ୍‌ରେ ବସିବା ପୂର୍ବରୁ ଓଡ଼ଶ ଅଛି କି ବୋଲି ଭଲଭାବେ ଦେଖିନେଉଛନ୍ତି। ଜଣେ ୨୮ ବର୍ଷୀୟା ମହିଳା କର୍ମଚାରୀ କହିଛନ୍ତି, ଓଡ଼ଶ କାମୁଡ଼ା କିମ୍ବା ସାଙ୍ଗରେ ଘରକୁ ଚାଲିଆସିବା ଭୟରେ ସେ ସିନେମା ଦେଖିଯିବା ବନ୍ଦ କରିଦେଲେଣି। ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ମତରେ ଦେଶରେ ଗତ ୧୦ ବର୍ଷ ମଧ୍ୟରେ ୯ ଥର ଓଡ଼ଶ ସଂକ୍ରମଣ ଦେଖିବାକୁ ମିଳିଥିବାବେଳେ କେବଳ ମାସକରେ ଏହି ସଂଖ୍ୟା ଅନ୍ୟୂନ ୩୩। ସିଙ୍ଗାପୁରର ଜଣେ ବ୍ୟକ୍ତି ଓଡ଼ଶଙ୍କୁ ମାରିବା ପାଇଁ ନିଜ ମସିଣାରେ ନିଆଁ ଲଗାଇଦେଇଛନ୍ତି। ସାରା ବିଶ୍ୱରେ ଓଡ଼ଶଙ୍କ ବଂଶବୃଦ୍ଧି ଘଟୁଛି। ଏପରି କି କୀଟନାଶକ ମଧ୍ୟ ଓଡ଼ଶଙ୍କୁ କାମ କରୁନାହିଁ। ଦକ୍ଷିଣ କୋରିଆରେ ଡିଡିଟି କୀଟନାଶକ ପ୍ରୟୋଗ ଯୋଗୁ ୧୯୬୦ରୁ ୧୯୭୦ ଦଶକ ମଧ୍ୟରେ ଓଡ଼ଶ ବଂଶ ପ୍ରାୟତଃ ନିପାତ ହୋଇଯାଇଥିଲେ। କିନ୍ତୁ ଏବେ ଡିଡିଟି ବ୍ୟବହାରକୁ ନିଷେଧ କରାଯାଇଛି। ଓଡ଼ଶ ବୃଦ୍ଧି ଘଟିଲେ ରିପୋର୍ଟ ଗ୍ରହଣ ପାଇଁ ସିଓଲ ସିଟିରେ ଏକ କଲ୍ ସେଣ୍ଟର ଖୋଲାଯାଇଛି। ଫୋନ୍ କରିବା ମାତ୍ରେ ନିୟନ୍ତ୍ରଣ ପାଇଁ ଅଧିକାରୀମାନେ ପହଞ୍ଚିଯାଉଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ପ୍ୟାରିସ ଓଲିମ୍ପିକ୍ସ ପୂର୍ବରୁ ଫ୍ରାନ୍ସରେ ଓଡ଼ଶ ଏକ ରାଜନୈତିକ ପ୍ରସଙ୍ଗ ପାଲଟିଯାଇଛି। ଫେବ୍ରିକ୍ ବସ୍‌ର ସିଟଗୁଡ଼ିକରେ ଅଧିକାରୀମାନେ ନିୟମିତ ଭାବେ ହଟ୍-ଷ୍ଟିମ୍ ଦେବାକୁ ଯୋଜନା କରିଛନ୍ତି। ଗୃହ ମନ୍ତ୍ରଣାଳୟର ଜଣେ ସୁରକ୍ଷା ଅଧିକାରୀଙ୍କ ମତରେ ବିଜନେସ୍ ଅପରେଟରମାନେ ସେମାନଙ୍କ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କାରେ ଓଡ଼ଶଙ୍କ ପ୍ରକୃତ ପ୍ରାଦୁର୍ଭାବକୁ ନେଇ ରିପୋର୍ଟ କରୁନାହାନ୍ତି। ସେମାନେ ଚୁପ୍‌ଚାପ୍ ଘରୋଇ ପେଷ୍ଟ-କଣ୍ଟ୍ରୋଲ ସର୍ଭିସଗୁଡ଼ିକ ସହ ଯୋଗାଯୋଗ କରୁଛନ୍ତି। ୩ଟି ପର୍ଯ୍ୟାୟରେ କୀଟାଣୁନାଶକ ପ୍ରୟୋଗ ପାଇଁ ଏଭଳି ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପ୍ରାୟ ୭୬୮ ଆମେରିକୀୟ ଡଲାର ନେଉଛନ୍ତି।

## ରୋଗପୋକ ଉପଦ୍ରବରୁ ...

ଏଥିରେ ମ୍ରିୟମାଣ ହୋଇ ମଙ୍ଗଳବାର ଅପରାହ୍ନ ୫ଟାରେ ରମେଶ ନିଜ ଚାଷଜମିରେ କୀଟନାଶକ ପିଇ ଦେଇଥିବା ଜଣାପଡିଥିଲା। ରମେଶଙ୍କ ଭାଇ ଏବଂ ଗାଁ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଆଣି ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରୋଗପୋକ ଉପଦ୍ରବରୁ ଫସଲ ନଷ୍ଟ ହେବା ଏବଂ ପ୍ରାୟ ୫ ଲକ୍ଷ ଟଙ୍କା ଋଣ ଆଣିଥିବା କାରଣରୁ ରମେଶ ବିଷପାନ କରି ଆତ୍ମହତ୍ୟା କରିଥିବା ମୃତଚାଷୀଙ୍କ ଭାଇ ଜୟଭାରତ ଭୋଇ ଏବଂ ଅଶୋକ ଭୋଇ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ପୁଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମୃତଚାଷୀଙ୍କ ସ୍ତ୍ରୀ କ୍ଷୀରୋଦ୍ରୀ ଏବଂ ଦୁଇ ସନ୍ତାନ ଅଛନ୍ତି। ରମେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ବର୍ଗଙ୍କ ଅଭିଯୋଗ ହେଲା ଯେ, ରମେଶଙ୍କ ୧୦ ଏକର ଧାନରୁ ପ୍ରାୟ ୭ ଏକର ଜମି ଚକଡା ପ୍ରଭାବିତ ହୋଇଥିଲେ ମଧ୍ୟ କୌଣସି କୃଷି ଅଧିକାରୀ କିମ୍ବା କର୍ମଚାରୀ ଘଟଣା ସମ୍ପର୍କରେ ଜାଣି ନ ଥିଲେ। ଚାଷୀ ରମେଶ ରୋଗପୋକ ଉପଦ୍ରବରୁ ମୁକ୍ତି ପାଇଁ ବାରମ୍ବାର କୀଟନାଶକ ସିଞ୍ଚନ କରି ଖର୍ଚ୍ଚାନ୍ତ ହୋଇଥିଲେ। ହେଲେ ରୋଗପୋକ ଉପଦ୍ରବ ନ କମିବାରୁ ଶେଷରେ ଆତ୍ମହତ୍ୟା ପନ୍ଥା ବାଛି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଦୁଃଖଦ ଖବର ପାଇ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ସୁବାସ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। କୃଷି ଅଧିକାରୀଙ୍କ ଅବହେଳାରୁ ଏଭଳି ଦୁଃଖଦ ଘଟଣା ଘଟୁଛି ବୋଲି ବିଧାୟକ ମହାଲିଙ୍ଗ କହିଛନ୍ତି। ମୃତ ଚାଷୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ କୃଷି ଅଧିକାରୀ ବେହେରା ମୃତ ଚାଷୀ ଭୋଇଙ୍କ ଉଜୁଡା କ୍ଷେତକୁ ଯାଇ ପରିଦର୍ଶନ କରିବା ସହ ଏହା ଚକଡା ପ୍ରଭାବିତ ନୁହେଁ ବୋଲି କହିଛନ୍ତି। ଚାଷୀ କୌଣସି କୃଷି ଅଧିକାରୀଙ୍କୁ ତାଙ୍କ ସମସ୍ୟା ଜଣାଇ ନ ଥିଲେ ବୋଲି କହିଛନ୍ତି। କୃଷି ବିଭାଗ ଅବହେଳାକୁ ନେଇ ଗାଁ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଘରୋଇ କଳହକୁ ନେଇ ରମେଶ ଆତ୍ମହତ୍ୟା କରିଥିବା ନେଇ ହେଉଥିବା ଚର୍ଚ୍ଚା ଅମୂଳକ ବୋଲି ମୃତଚାଷୀଙ୍କ ଭାଇ ଅଶୋକ ଭୋଇ କହିଛନ୍ତି।

## ଆର୍ଥିକ ପରିଚାଳନାରେ ...

ଝାଡ଼ଖଣ୍ଡ ଓ ଛତିଶଗଡ଼ ଅଛନ୍ତି। ରାଜ୍ୟର ଆର୍ଥିକ ପରିଚାଳନାକୁ କେନ୍ଦ୍ର ସରକାର ଓ ନୀତି ଆୟୋଗ ନିୟମିତ ପ୍ରଶଂସା କରି ଆସୁଛନ୍ତି। ଓଡ଼ିଶା ଏବେ ଦେଶର ଆର୍ଥିକ ଶକ୍ତି ଭାବେ ଉଭା ହୋଇଛି। ସମଗ୍ର ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଓଡ଼ିଶାର ଉତ୍ତମ ଆର୍ଥିକ ପରିଚାଳନା ରାଜ୍ୟକୁ ରାଜସ୍ୱ ବଳକାରେ ପରିଣତ କରିପାରିଛି। ଏଥିଯୋଗୁ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଅନେକ କିଛି ଜନହିତକର ଯୋଜନା କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇପାରୁଛନ୍ତି। ରାଜ୍ୟର ରୂପାନ୍ତରଣରେ ଏହାର ବଳିଷ୍ଠ ଯୋଗଦାନ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, ଗ୍ରାମାଞ୍ଚଳ ବିକାଶ, ମହିଳା ସଶକ୍ତୀକରଣ ଇତ୍ୟାଦିରେ ବ୍ୟାପକ ଉନ୍ନତି ଆସିପାରିଛି।

# ଘାଟି ତଳକୁ କାର୍ ଖସି ୩ ମୃତ

**ପଟ୍ଟାଙ୍ଗି,୧୫।୧୧(ଶରତ ଧଳ)**



ଛତିଶଗଡ଼ ରାଜନନ୍ଦଗାଁଓର ୨ ପରିବାରର ସଦସ୍ୟ ୨ଟି କାର୍‌ରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର କେତେକ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ସିଡିପାଦୁ ଗ୍ରାମ ନିକଟ ଯୋଡିମାଦିଲି ଘାଟିର ଏକ ବୁଲାଣିଆ ରାସ୍ତାରେ ସେମାନଙ୍କ କାର୍ ଘାଟି ତଳକୁ ଖସିପଡ଼ିଛି। ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଗୌରବ ଠକର, ନନ୍ଦୁଲାଲ୍ ଠକର, ନମନ ଠକର(୯)। ଗୁରୁତର ହୋଇଥିବା ମହିଳା ହେଲେ ରଚନା ଠକର। ମଙ୍ଗଳବାର ରାଜନନ୍ଦଗାଁଓର ଗୌରବ, ତାଙ୍କ ବାପା ନନ୍ଦୁଲାଲ୍ , ସ୍ତ୍ରୀ ରଚନା ଓ ୯ ବର୍ଷର ପୁଅ ନମନ ଗୋଟିଏ କାର୍ (ସିଜି ୮ଏନ୍-୨୩୧୦)ରେ ଏବଂ ଅନ୍ୟମାନେ ଆଉ ଏକ କାର୍‌ରେ ବିଶାଖାପାଟଣାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ବାହାରିଥିଲେ। ଗୌରବଙ୍କ କାର ପଛରେ ରହିଥିବା ବେଳେ ଅନ୍ୟ କାରଟି ଆଗେ ଆଗେ ଚାଲିଥିଲା। ହେଲେ ଗୌରବଙ୍କ କାର ଯୋଡିମାଦିଲି ଘାଟିରେ ଭାରସାମ୍ୟ ହରାଇ ଘାଟି ତଳକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ଉପରୋକ୍ତ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଥିବା ରଚନାଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଯାଇଛନ୍ତି। ପଟ୍ଟାଙ୍ଗି ଥାନା ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହଗୁଡ଼ିକୁ ଘଟଣାସ୍ଥଳରୁ ବାହାର କରି ବ୍ୟବଚ୍ଛେଦ କରାଇ ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରିଛି।

ମୃତକମାନଙ୍କ ଜଣେ ସମ୍ପର୍କୀୟ ପ୍ରତୀକ ମୋଦି କହନ୍ତି, ଗୌରବ ଠକରଙ୍କ କାର୍ ଅନେକ ପଛରେ ଥିବା ବେଳେ ଅନ୍ୟ କାରଟି ଆଗରେ ଚାଲିଥିଲା। ଗୌରବଙ୍କ କାରରେ ଥିବା ୪ ଜଣ ଫୋନ୍ ଯୋଗେ ନିଜ ଗ୍ରାମ ରାଜନନ୍ଦଗାଁଓରେ ଥିବା ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେଉଥିଲେ। ରାତି ସାଢ଼େ ୯ଟା ପରେ ଆଉ କେହି ଫୋନ୍ ଉଠାଇ ନ ଥିଲେ। ଫଳରେ କିଛି ଅଘଟଣ ଘଟିଥିବା ସନ୍ଦେହ କରି ପ୍ରଥମେ ସୁଙ୍କି ପୋଲିସ ପରେ ପଟ୍ଟାଙ୍ଗି ପୋଲିସକୁ ଯୋଗାଯୋଗ କରି ଗୌରବଙ୍କ ଖବର ଆମେ ପାଇଥିଲୁ ବୋଲି ମୋଦି କହିଛନ୍ତି। ବୁଧବାର ଭୋରରେ କାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ପୋଲିସ ଖବର ଦେଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

## ପିଏମ୍ ଶ୍ରୀ ଯୋଜନା ଓଡ଼ିଶାରେ ଲାଗୁ ହୋଇନାହିଁ

**ଭୁବନେଶ୍ୱର, ୧୫।୧୧(ସୁନିତ୍ ମିଶ୍ର)**

ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ ୨ ଥର ପତ୍ର ଲେଖାଯିବା ପରେ ମଧ୍ୟ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସ୍ଇଏଲ୍) ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ କରିନାହାନ୍ତି। ଏହି ମର୍ମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୩ୟ ଥର ପାଇଁ ଚିଠି ଲେଖି ରାଜ୍ୟରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ତଥା ଏମ୍ଓୟୁ ସ୍ୱାକ୍ଷର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ସମଗ୍ର ଦେଶରେ ୧୪,୫୦୦ରୁ ଅଧିକ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍ ଶ୍ରୀ ସ୍କୁଲ) ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଥିଲା। ୨୦୨୨



ଧର୍ମେନ୍ଦ୍ର ପ୍ରଧାନ

ସେପ୍ଟେମ୍ବର ୭ରେ ପିଏମ୍ ଶ୍ରୀ ଯୋଜନାର ଶୁଭାରମ୍ଭ ହୋଇଥିଲା। ଏହି ସ୍କୁଲଗୁଡ଼ିକ ଜାତୀୟ ଶିକ୍ଷା ନୀତିର ପୂର୍ଣ୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ। ଏହା ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବେ କାର୍ଯ୍ୟ କରିବ। ପିଏମ୍ ଶ୍ରୀ ସ୍କୁଲଗୁଡ଼ିକ ଉତ୍ସାହଭରା ପରିବେଶରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସହ ଏମ୍ଓୟୁ ସ୍ୱାକ୍ଷର କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁରୋଧ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ଏମ୍ଓୟୁ ସ୍ୱାକ୍ଷର କରିସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଚୟନ ସମ୍ପୂର୍ଣ୍ଣ ହୋଇସାରିଛି। ପିଏମ୍ ଶ୍ରୀ ସ୍କୁଲ ଯୋଜନାର କ୍ରିୟାନ୍ୱୟନ ପାଇଁ ପ୍ରଥମ କିସ୍ତି ମଧ୍ୟ ଜାରି ହୋଇଛି। ୨ୟ ପର୍ଯ୍ୟାୟରେ ପିଏମ୍ ଶ୍ରୀ ସ୍କୁଲ ପାଇଁ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ଓଡ଼ିଶା ଏପର୍ଯ୍ୟନ୍ତ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିନାହିଁ। ଏଥିପାଇଁ ପୂର୍ବରୁ ଗତ ଅକ୍ଟୋବର ୯ ଏବଂ ମାର୍ଚ୍ଚ ୧୩ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରାଯିବା ସତ୍ତ୍ୱେ ଏମ୍ଓୟୁ ସ୍ୱାକ୍ଷରିତ ହୋଇ ନ ଥିବା ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

**ଦେବଗଡ଼,୧୫।୧୧**
**(ଶଶାଙ୍କ ଶେଖର ଝାଙ୍କର )**

୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ଦେବଗଡ ଜିଲା ବାରକୋଟ ଥାନା ପୋଲିସ ଜଣେ ଯୁବକ ତୁଫାନ ଲୁହୁରା (୨୧)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୀଡିତା ଶିଶୁ କନ୍ୟାଙ୍କ ମା' ବାପା ଚାଷ କାମ ପାଇଁ ବାହାରକୁ ଯାଇଥିବାବେଳେ ସେ ଘର ଅଗଣାରେ ଏକୁଟିଆ ଖେଳୁଥିଲେ। ଏହାର ସୁଯୋଗ ନେଇ ତୁଫାନ ଶିଶୁକନ୍ୟାଙ୍କୁ ନିଜ ଘରକୁ ଡାକି ବଳାତ୍କାର କରିବା ସହ ୧୦ ଟଙ୍କା ଦେଇ ଘଟଣା ସମ୍ପର୍କରେ କାହାରି ଆଗରେ କିଛି ନ କହିବାକୁ କହିଥିଲେ। ନଚେତ୍ ତାଙ୍କ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ମା' ବାପା ଘରକୁ ଆସିବା ପରେ ପୀଡିତା ସବୁ କଥା କହିଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ଓଡ଼ିଶା ଉପକୂଳରେ ଯିବ ବାତ୍ୟା

## ୧୬ରୁ ୧୮ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୫।୧୧(ଅନିଲ ଦାସ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ଅବପାତ(ଡିପ୍ରେସନ)ରେ ପରିଣତ ହୋଇଛି। ଏହା କ୍ରମେ ଘନୀଭୂତ ହୋଇ ଗଭୀର ଅବପାତ ରୂପ ନେବା ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଅବପାତ କ୍ରମେ ଘନୀଭୂତ ହୋଇ ୧୬ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳରେ ପହଞ୍ଚି ଗଭୀର ଅବପାତର ରୂପ ନେବ। ପରେ ଧୀରେ ଧୀରେ ଗତିପଥ ପରିବର୍ତ୍ତନ କରି ବାତ୍ୟା ରୂପ ନେବ। ଏହା ଉତ୍ତର-ଉତ୍ତର ପୂର୍ବଦିଗରେ ଗତି କରି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଓଡ଼ିଶା ଉପକୂଳମୁହାଁ ହେବ। ବାତ୍ୟାର ବେଗ ଘଣ୍ଟା ପ୍ରତି ୮୦ରୁ ୧୦୦ କି.ମି. ରହିବ। ସମୁଦ୍ର ମଧ୍ୟଦେଇ ଯାଉଥିବାରୁ ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ନାହିଁ। ବାତ୍ୟା ପଶ୍ଚିମବଙ୍ଗର ସୁନ୍ଦରବନ କିମ୍ବା ବାଂଲାଦେଶ ଉପକୂଳ ଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି। ଓଡ଼ିଶା ଉପକୂଳ ଦେଇ ଗଲାବେଳେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହିତ ବର୍ଷା ହେବ।

ଲଘୁଚାପ ପ୍ରଭାବରେ ୧୫ ତାରିଖ ରାତ୍ରିରୁ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ଜଗତ୍‌ସିଂହପୁର ଓ ପୁରୀ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୬ ଓ ୧୭ ତାରିଖରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷାର ମାତ୍ରା ଅଧିକ ରହିବ। ୧୬ ତାରିଖରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଯାଜପୁର, ବାଲେଶ୍ୱର ଓ ଢେଙ୍କାନାଳ ଜିଲାରେ ଗୋଟିଏରୁ ୨ଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ(୭ରୁ ୧୧ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୮ ତାରିଖରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପକୁ ଦୃଷ୍ଟିରେ ରଖି ୧୫ରୁ ୧୮ ତାରିଖ ମଧ୍ୟରେ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।





## ଭୁବନେଶ୍ୱରରେ ଆରମ୍ଭ ହେଲା ଅତ୍ୟାଧୁନିକ
## COLONOSCOPY: UNDERWATER



Colonoscopy ଭୁବନେଶ୍ୱର ଶହୀଦନଗରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ ଲିଭର ସାଇନ୍ସରେ ପ୍ରଥମ କରି ଆରମ୍ଭ ହୋଇଛି ଅତ୍ୟାଧୁନିକ ପଦ୍ଧତି Underwater Endoscopy Mucosal Resection (EMR)। ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର୍ ସାଇନ୍ସର ପ୍ରତିଷ୍ଠାତା ପ୍ରସିଦ୍ଧ ପେଟ ରୋଗ ବିଶେଷଜ୍ଞ ଡ. ଆଶୁତୋଷ ମହାପାତ୍ର କହିଛନ୍ତି: Colon (ବୃହଦନ୍ତ୍ର)ରୁ Polyp removal ପାଇଁ Underwater EMR ହେଉଛି ସବୁଠୁ ଅତ୍ୟାଧୁନିକ ଓ ସୁରକ୍ଷିତ ପଦ୍ଧତି। Colonoscopyରେ ପାଣି ଭର୍ତ୍ତି କରି ଏହି Polypectomy - EMR କରାଯାଇଥାଏ। Polyp ନିରୂପଣ କରି ତା'ର Removal ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇଛି।

ଘଟଣାରୁ ପ୍ରକାଶ ଯେ, ଜଣେ ୫୦ ବର୍ଷର ମହିଳା ତାଙ୍କର ପେଟ ସମସ୍ୟା ନେଇ ଆସିଥିଲେ। Water immersion ପଦ୍ଧତିରେ Polyp ନିରୂପଣ ହୋଇଥିଲା। ତା'ପରେ ସେଇ Polypକୁ ଏହି ପଦ୍ଧତି ଦ୍ୱାରା ସହଜରେ ଏବଂ ସୁବିଧାରେ କାଢ଼ି ଦିଆଯାଇଥିଲା। ବର୍ତ୍ତମାନ ସେହି ମହିଳା ଜଣଙ୍କ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଡା. ସୋନ୍‌ମୁନ୍ ମହାପାତ୍ର Underwater - EMR ପଦ୍ଧତି କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଡା. ସୋନ୍‌ମୁନ୍ ମହାପାତ୍ର ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱ ପ୍ରସିଦ୍ଧ ସ୍ୱାସ୍ଥ୍ୟ ଅନୁଷ୍ଠାନ Mayo Clinicରୁ ଏହି ସମ୍ବନ୍ଧରେ ପୂର୍ଣ୍ଣ ପ୍ରଶିକ୍ଷଣ ହାସଲ କରି ଓଡ଼ିଶା ଆସିଛନ୍ତି। ଡା. ଆଶୁତୋଷ ମହାପାତ୍ର ମଧ୍ୟ ଜାପାନର ଟୋକିଓସ୍ଥିତ ନ୍ୟାସନାଲ୍ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଓସାକା ଇଣ୍ଟରନ୍ୟାସନାଲ୍ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ରୁ ପ୍ରଶିକ୍ଷଣ ନେଇଛନ୍ତି। ତେଣୁ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ବିଶ୍ୱସ୍ତରୀୟ ଗୁଣାତ୍ମକ ରୋଗୀସେବା ଉପଲବ୍ଧ ହେଉଛି, ଯଦ୍ୱାରା ଖୁବ୍ କମ୍ ସମୟ ଭିତରେ ସମଗ୍ର ପୂର୍ବ ଭାରତରେ ଏହା ଯଥେଷ୍ଟ ପ୍ରସିଦ୍ଧି ପାଇସାରିଛି।


# ପିଲା ପଢ଼ିବେ 'ନିର୍ବାଚନ ସାକ୍ଷରତା'

**ଭୁବନେଶ୍ୱର, ୧୫।୧୧(ଅସମାପିକା ସାହୁ)**

ଦେଶର ସମସ୍ତ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟକ୍ରମରେ 'ନିର୍ବାଚନ ସାକ୍ଷରତା' ବିଷୟ ସାମିଲ ହେବ। ନିର୍ବାଚନ ସମ୍ପର୍କରେ ବିଦ୍ୟାଳୟରୁ ସଚେତନତା ଆରମ୍ଭ ହେବ। ମତଦାନ କେତେ ଜରୁରୀ, ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ବିଦ୍ୟାଳୟ ପାଠ୍ୟକ୍ରମରେ ଏହି ବିଷୟ ଅନ୍ତର୍ଭୁକ୍ତ ହେବ। ଏ ନେଇ ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଦିଆଯାଇଥିବା ବିସ୍ତୃତ ପ୍ରସ୍ତାବ ଏନ୍‌ସିଇଆର୍‌ଟିରେ ବିଚାରାଧୀନ ରହିଛି। ତେବେ ଆସନ୍ତା ଶିକ୍ଷାବର୍ଷରୁ ପାଠ୍ୟପୁସ୍ତକରେ ଏହା ସାମିଲ ହେବା ନେଇ ଆଶା କରାଯାଉଛି ବୋଲି ନିର୍ବାଚନ ଆୟୋଗ ପକ୍ଷରୁ ସବୁ ରାଜ୍ୟକୁ ଚିଠି ଲେଖାଯାଇଛି। ଗତ ୨ତାରିଖରେ ଭାରତୀୟ ନିର୍ବାଚନ ଆୟୋଗ ଏବଂ ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ୧୮ବର୍ଷ ହେବା ମାତ୍ରେ ତୁରନ୍ତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରିବାକୁ ନିର୍ବାଚନ ଆୟୋଗଙ୍କ ଲକ୍ଷ୍ୟ ରହିଛି। ଏଥିପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରୁ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଯୋଜନା ରହିଛି। ରାଜ୍ୟ ଶିକ୍ଷା ବୋର୍ଡ ଓ ଅନ୍ୟ ଶିକ୍ଷା ବୋର୍ଡଗୁଡ଼ିକୁ ମଧ୍ୟ ନିର୍ବାଚନ ସାକ୍ଷରତା ପାଠ୍ୟକ୍ରମକୁ ସାମିଲ କରିବା ପାଇଁ ପରାମର୍ଶ ଦିଆଯାଇଛି। କଲେଜ ଓ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରିବାକୁ ଯୋଜନା ରହିଥିବା ସୂଚନା ଦିଆଯାଇଛି।







# ମା' ଝିଅଙ୍କ ଆକ୍ରମଣରେ ୩ ପୋଲିସ କର୍ମଚାରୀ ଆହତ

**ବାସୁଦେବପୁର,୧୫।୧୧**
**(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବିନାୟକପୁର ଗ୍ରାମକୁ ଏକ ଫାଇନାନ୍ସ କମ୍ପାନୀର ଟ୍ରାକ୍ଟର ବୁଧବାର ଜବତ କରିବାକୁ ଯାଇ ପୋଲିସ ଆକ୍ରମଣର ଶିକାର ହୋଇଛି। ମା' ଝିଅଙ୍କ ଆକ୍ରମଣରେ ବାସୁଦେବପୁର ଥାନାର ୨ଜଣ ସବ୍‌ଇନ୍ସପେକ୍ଟର ଓ ଜଣେ ମହିଳା କନଷ୍ଟେବଲ ଆହତ ହୋଇଛନ୍ତି। ସେମାନେ ପୋଲିସକୁ ଠେଙ୍ଗାରେ ମାଡ଼ ମାରିବା ସହ କାମୁଡ଼ି ଆହତ କରିଛନ୍ତି। ୩ ପୋଲିସ କର୍ମଚାରୀ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ହୋଇଥିବା ବେଳେ ୨ ଆକ୍ରମଣକାରୀଙ୍କୁ ଥାନାରେ ଅଟକ ରଖାଯାଇଛି।

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। **–ଶ୍ରୀଅରବିନ୍ଦ**

# ଅନେକ ଭରତ



ଦେବଦତ୍ତ ପଟ୍ଟନାୟକ

ଚାରି ବେଦ ମଧ୍ୟରେ ଋକ୍ ବେଦ ସର୍ବପୁରାତନ। ଲେଖାଗୁଡ଼ିକୁ ଏକାଠି କରି ପ୍ରାୟ ଖ୍ରୀଷ୍ଟପୂର୍ବ ୧୦୦୦ରେ ଏହାର ସଙ୍କଳନ ଶେଷ ହୋଇଥିଲା। ଏଥିରେ ଦର୍ଶାଯାଇଥିବା ଭରତ ଶବ୍ଦ କୁରୁବଂଶର ଏକ ଗୋଷ୍ଠୀକୁ ସୂଚିତ କରେ। ସେମାନେ ସେହି ସମୟରେ ଯେଉଁ ଅଞ୍ଚଳକୁ ନିୟନ୍ତ୍ରଣରେ ରଖିଥିଲେ, ତାହାକୁ ଆମେ ବର୍ତ୍ତମାନ ପଞ୍ଜାବ ଏବଂ ହରିୟାଣା ବୋଲି କହୁଛୁ। ସେମାନଙ୍କ ସାମ୍ରାଜ୍ୟ ଯାହା ସିନ୍ଧୁ ନଦୀ ଅବବାହିକାରୁ ଯମୁନା ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ଗଙ୍ଗା ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା। ଏହିଠାରେ ଭାରତର ସର୍ବପ୍ରଥମ ରାଜା ଭାବେ କୁରୁବଂଶୀମାନେ ଶାସନ କରିଥିଲେ, ଯେଉଁମାନେ ଗାଙ୍ଗେୟ ସମତଳ ଅଞ୍ଚଳରେ ବୈଦିକ ସଂସ୍କୃତି ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଶାସନର ଏକ ହଜାର ବର୍ଷ ପରେ ପ୍ରାୟ ଖ୍ରୀଷ୍ଟପୂର୍ବ ୧୦୦ ସମୟର ରାଜ ଶାସନର ଏକ ଲେଖା ଓଡ଼ିଶାରେ ମିଳିଥଲା। ସେଥିରେ ଲେଖାଥିଲା ଯେ, ଖାରବେଳ ନାମକ ଜଣେ ଜୈନ ରାଜା ଗାଙ୍ଗେୟ ଉପତ୍ୟକା ଅଞ୍ଚଳକୁ ଭାରତବର୍ଷ ବୋଲି ନାମ ଦେଇଥିଲେ।

ପ୍ରାୟ ସେହି ସମୟରେ ଭରତ ରାଜାମାନଙ୍କ (କୁରୁବଂଶର ରାଜା) କାହାଣୀ ବ୍ରାହ୍ମଣମାନଙ୍କ ଦ୍ୱାରା ସଂକଳିତ ହୋଇଥିଲା। ଏହି ମହାକାବ୍ୟ ସଂସ୍କୃତରେ ରଚନା କରାଯାଇଥିଲା ଓ ଏହାର ନାମ ପ୍ରଥମେ ଥିଲା ଜୟା, ଯାହା ପରେ ମହାଭାରତ ଭାବରେ ଜଣାଶୁଣା। ଏହି ମହାକାବ୍ୟରେ ଋକ୍ ବେଦରେ ଉଲ୍ଲିଖିତ ରାଜାମାନଙ୍କ କାହାଣୀ ରହିଥିଲା। ବିଶେଷକରି ଏଥିରେ ଯଯାତି, ଶାନ୍ତନୁ, ପୁରୁ, କୁରୁ ଏବଂ ଭରତଙ୍କ ଭଳି ରାଜାଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ତେଣୁ ଏହା ଏକ ଭାବନା ସୃଷ୍ଟି କରୁଛି ଏବଂ ମନେହେଉଛି ଯେ, ଏହି ମହାକାବ୍ୟ ବୈଦିକ ବିଚାରଧାରାକୁ ଆଗକୁ ବଢ଼ାଇଛି। କିନ୍ତୁ ତାହା ହୋଇନାହିଁ। ଏହି ନୂତନ ମହାକାବ୍ୟରେ ଭରତ ଶକୁନ୍ତଳା ଏବଂ ବିଶ୍ୱାମିତ୍ରଙ୍କ ପୁତ୍ର ବୋଲି ଉଲ୍ଲେଖ ଅଛି। ଶକୁନ୍ତଳାଙ୍କ ମାତା ଜଣେ ଦିବ୍ୟ ଅପ୍‌ସରା ହୋଇଥିବାବେଳେ ତାଙ୍କ ପିତା ସୂର୍ଯ୍ୟ ରାଜବଂଶର ବଂଶଧର ବୋଲି ଉଲ୍ଲେଖ ଅଛି। ଦୁଷ୍ମନ୍ତ ହେଉଛନ୍ତି ଚନ୍ଦ୍ର ରାଜବଂଶୀ। ତେଣୁ ଭରତ ହେଉଛି ସୌର ଓ ଚନ୍ଦ୍ର ଦୁଇଟି



ମହାନ୍ ରାଜବଂଶର ମିଳନ। ଏହି କାବ୍ୟ ପ୍ରଥମ ଥର ପାଇଁ ବିଶ୍ୱ କିପରି ଅସୁବିଧାରେ ପଡ଼ିଥିଲା, ତାହା ମଧ୍ୟ ବର୍ଣ୍ଣନା କରେ। ପୃଥିବୀରେ ଧର୍ମ ପୁନଃ ସ୍ଥାପନ କରିବା ସକାଶେ କିପରି ବିଷ୍ଣୁ ଅବତରଣ କରିଥିଲେ ସେ ସମ୍ପର୍କିତ ବିଚାରକୁ ମଧ୍ୟ ଏହା ଉପସ୍ଥାପନ କରେ। ସେହି ସମୟରେ ପୃଥିବୀ ଆର୍ଯ୍ୟଙ୍କ ଦେଶ ଥିଲା ଏବଂ ତାହା କେବଳ ଉତ୍ତର ଭାରତରେ ସୀମିତ ଥିଲା।

ପ୍ରାୟ ଖ୍ରୀଷ୍ଟପୂର୍ବ ୫୦୦ ସୁଦ୍ଧା ବିଷ୍ଣୁ ପୁରାଣରେ ଆଉ ଜଣେ ଭରତଙ୍କ ବିଷୟରେ ଜାଣିବାକୁ ପାଉ। ଏହି ଭରତ ଥିଲେ ଋଷଭଙ୍କ ପୁତ୍ର। ଋଷଭ ସନ୍ନ୍ୟାସୀ ହୋଇଯିବା ପରେ ଭରତ ରାଜା ହେଲେ। ଋଷଭ ହେଉଛନ୍ତି ପ୍ରଥମ ଜୈନ ତିର୍ଥଙ୍କର। ବିଷ୍ଣୁ ପୁରାଣରେ ତାଙ୍କର ଉପସ୍ଥିତି ତାଙ୍କୁ ପୌରାଣିକ କାଳରେ ସମାହିତ କରିବାର ପ୍ରୟାସକୁ ସୂଚିତ କରେ। ଜୈନଧର୍ମ ଏକ ସନ୍ନ୍ୟାସ ବ୍ୟବସ୍ଥା ଥିଲା। ଏହା ବୌଦ୍ଧ ଧର୍ମ ପରି ଗଣ୍ଡକିର ପୂର୍ବ ଭାଗରେ ଥିବା ନିମ୍ନ ଗାଙ୍ଗେୟ ସମତଳ ଭୂମିରେ ଆତ୍ମପ୍ରକାଶ ଲାଭ କରିଥିଲା। ଜୈନଶାସ୍ତ୍ରରେ ପୁରୁଷଙ୍କ ଦ୍ୱାରା ବୈଦିକ ଅଗ୍ନି ବେଦୀ ସୃଷ୍ଟି କରାଯିବା ବିଷୟ ରହିଛି, ଯାହାକୁ ଭୁଲ୍ ବୁଝାଯାଇଥିଲା ଏବଂ ଋଷଭଙ୍କ ଅନ୍ତିମ ସଂସ୍କାର କରାଯାଇ ତାହାକୁ ଭୁଲ୍ ଭାବେ ଉପସ୍ଥାପିତ କରାଯାଇଥିଲା। ଜୈନ ବିଚାରଧାରାଗୁଡ଼ିକ ଦୀର୍ଘ ସମୟ ପର୍ଯ୍ୟନ୍ତ ମୌଖିକ ଭାବରେ ପ୍ରସାରିତ ହୋଇଥିଲା। ଉଲ୍ଲେଖ କରାଯିବା ସମୟରେ ସେଥିରୁ ବହୁତ କିଛି ସ୍ଥାନିତ ହୋଇପାରିନଥିଲା। ବିଷ୍ଣୁ ପୁରାଣ ରଚନା ହେବାର ପାଖାପାଖି ସମୟରେ ପ୍ରାୟ ୧୫୦୦ ବର୍ଷ ପୂର୍ବେ କିଛି ସିଦ୍ଧାନ୍ତ ଲିଖିତ ଆକାରରେ ରଖାଯାଇଥିଲା। ଜୈନଗ୍ରନ୍ଥ ଅନୁଯାୟୀ, ଭରତ ଥିଲେ ଭାରତର ପ୍ରଥମ ଚକ୍ରବର୍ତ୍ତୀ। ସେ ଋଷଭଙ୍କ ପୁତ୍ର। ସେ ତାଙ୍କ ଅନେଶତ ଭାଇଙ୍କୁ ପରାସ୍ତ କରିଥିଲେ, କିନ୍ତୁ ମେରୁ ପର୍ବତ ଉପରେ ତାଙ୍କ ନାମ ଖୋଦେଇ କରିବାବେଳେ ସେ ଶାନ୍ତ ଚିତ୍ତରେ ହୃଦୟଙ୍ଗମ କରିଥିଲେ ଯେ ସେ ପୃଥିବୀକୁ ଜୟ କରିବାରେ ପ୍ରଥମ ସମ୍ରାଟ୍ ନୁହନ୍ତି।

ତେବେ ଭରତ କିଏ, ଯାହାଙ୍କ ନାମରେ ଭାରତର ନାମ ଭାରତବର୍ଷ ରଖାଯାଇଛି। ସେ ଜଣେ ବୈଦିକ ରାଜା, ନା ମହାକାବ୍ୟର ବର୍ଣ୍ଣିତ ରାଜା, ନା ଜୈନ ରାଜା ? କିନ୍ତୁ କୌଣସି ରାଜା କେବେ ବି ସମଗ୍ର ଭାରତରେ ଶାସନ କରି ନ ଥିଲେ। ଇତିହାସ ପାଠ୍ୟ ପୁସ୍ତକରେ ସେମାନଙ୍କ ନିୟନ୍ତ୍ରିତ ସାମ୍ରାଜ୍ୟର ମାନଚିତ୍ରଗୁଡ଼ିକର ଏକ ଭୁଲ୍ ଧାରଣା ଉପସ୍ଥାପନ କରିଛି। ପାରସ୍ୟ ରାଜାମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ରାଟ୍ ଅଶୋକ ୨,୩୦୦ ବର୍ଷ ପୂର୍ବେ ତୁଙ୍ଗଭଦ୍ର ନଦୀ ପର୍ଯ୍ୟନ୍ତ ବାଣିଜ୍ୟ ମାର୍ଗର ଏକ ବିସ୍ତୃତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥିଲେ, କିନ୍ତୁ ସମଗ୍ର ଭୂମିକୁ ନୁହେଁ। ସେହିଭଳି ସମ୍ରାଟ୍ ଆକବର କେବଳ ଉତ୍ତର ଭାରତରେ ଶାସନ କରିଥିଲେ। ତା’ ପରେ ଆସିଲା ବ୍ରିଟିଶ୍ ସାମ୍ରାଜ୍ୟ। ଏହି ସାମ୍ରାଜ୍ୟ ଭାରତର ଅଧା ଅଞ୍ଚଳରେ ବିସ୍ତାର ଲାଭ କରିଥିଲା। ଅବଶିଷ୍ଟ ଅର୍ଦ୍ଧେକ ଅଞ୍ଚଳ ଥିଲା ଅନେକ ଶହ ଗଡ଼ଜାତ ରାଜ୍ୟ, ଯେଉଁଗୁଡ଼ିକ ଦେଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା।

ହିମାଳୟଠାରୁ ସମୁଦ୍ର (କନ୍ୟାକୁମାରୀ) ପର୍ଯ୍ୟନ୍ତ ଭାରତ ଏକ ଦେଶ ବୋଲି ଯେଉଁ ଧାରଣା ରହିଛି ତାହା ରାଜନୈତିକ ନୁହେଁ ବରଂ ସାଂସ୍କୃତିକ, ଯାହା ପ୍ରାୟ ୧୮୦୦ ବର୍ଷ ପୂର୍ବେ ପ୍ରଥମେ ମନୁସ୍ମୃତିରେ ଉଲ୍ଲେଖ କରାଯାଇଥିଲା। ଏହି ସାଂସ୍କୃତିକ ଐକ୍ୟତା ବ୍ରାହ୍ମଣମାନଙ୍କ ବିସ୍ତାର ଓ ପ୍ରଭାବ ଦ୍ୱାରା ସୃଷ୍ଟି କରାଯାଇଥିଲା। ସେହି ସମୟରେ ବ୍ରାହ୍ମଣମାନେ ରାଜ ଦରବାରରେ ଶାସନ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିଲେ ଏବଂ ଜାତି (ଚାରିବର୍ଣ୍ଣ ଧର୍ମ)ର ସିଦ୍ଧାନ୍ତକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିଥିଲେ। ରାଜ ଦରବାରର ଭାଷା ସଂସ୍କୃତ କରିବା ସହ ରାମାୟଣ ଏବଂ ମହାଭାରତକୁ ରାଜାଙ୍କ ପୁସ୍ତକ ଭାବରେ ପ୍ରଚାର କରିଥିଲେ। ଏଣୁ ହିନ୍ଦୁ ରାଷ୍ଟ୍ରର ଧାରଣା ରାଜନୈତିକ ଓ ସାଂସ୍କୃତିକ ବିଚାରଧାରାରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ।

–devduttofficial@gmail.com

# ବାର ମୁହଁରେ ବାର କଥା



ରାନୀ ନାୟକ

ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ପରିସ୍ଥିତି ବା ସମସ୍ୟାର ମୁକାବିଲା କରି ନ ପାରି ମଦ୍ୟପାନ କରନ୍ତି। ଆଉ କିଏ ନିଜର ସଉକ ମେଣ୍ଟେଇବାକୁ ଯାଇ ନିଶା ସେବନ କରନ୍ତି। ମଦ୍ୟପାନକୁ ନେଇ ଭାରତୀୟମାନଙ୍କ ସମ୍ପର୍କ ଅତି ଜଟିଳ। କିଏ ମଦ ସପକ୍ଷରେ ତ ଆଉ ଅନେକେ ବିପକ୍ଷରେ ମଧ୍ୟ ଅଛନ୍ତି। ସେଥିପାଇଁ ତ ମଦକୁ ନେଇ ବାର ମୁହଁରେ ବାର କଥା। ଆୟୁର୍ବେଦ ମତ ଅନୁସାରେ ମାଦକଦ୍ରବ୍ୟର ବ୍ୟାଖ୍ୟାରେ କୁହାଯାଇଛି ‘‘ବୁଦ୍ଧି ଲୁପତି ଯଦ୍ ଦ୍ରବ୍ୟମ୍ ମଦକାରି ତଦୁଚ୍ୟତେ’’। ଅର୍ଥାତ୍ ଯେଉଁ ବସ୍ତୁ ବୁଦ୍ଧିକୁ ନାଶ କରିଦିଏ, ତାହାକୁ ମଦକାରୀ କୁହାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଯଦି ମଦ ବୋତଲରେ ଏକ ମାଂସ ଖଣ୍ଡ ପକାଇ ଦିଆଯାଏ ତେବେ ତାହା କିଛି ସମୟ ପରେ ଦ୍ରବିତ ହୋଇ ସୂକ୍ଷ୍ମ ତନ୍ତୁରେ ପରିଣତ ହୋଇଯିବ। ଏହି ପ୍ରକାର ରକ୍ତରେ ଆଲକାଇନର ଘନତ୍ୱ ୦.୨ ପ୍ରତିଶତରୁ ୦.୫ ପ୍ରତିଶତ ପହଞ୍ଚିଯାଏ ଓ ମଦ ପିଉଥିବା ବ୍ୟକ୍ତିର ତୁରନ୍ତ ମୃତ୍ୟୁ ହୋଇଯାଏ। ଇଟାଲିର ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି ଯେ ‘କର୍କଟ ରୋଗର ମୁଖ୍ୟ କାରଣ ହେଉଛି ମଦ୍ୟପାନ’। ମୁଖ ଓ ଗଳା କର୍କଟ ରୋଗଗ୍ରସ୍ତ ପ୍ରାୟ ଶତକଡ଼ା ୮୦ ଭାଗ। ଏହାର କାରଣ ହେଉଛି ମଦ୍ୟପାନ କିମ୍ବା ନିଶାଦ୍ରବ୍ୟ ସେବନ । ମଦ୍ୟପାନ ଯୋଗୁ ଯକୃତରେ ପ୍ରଭାବ ପଡ଼ିଥାଏ।

ଭାରତରେ ମଦ ବିକ୍ରି ପ୍ରଥମେ ରବର୍ଟ କ୍ଲାଇବ ନାମକ ଜଣେ ଇଂରେଜଙ୍କ ଦ୍ୱାରା ୧୭୬୦ ମସିହାରେ କୋଲକାତାରେ ଆରମ୍ଭ ହୋଇଥିଲା। ଏହି ଜହର ରୂପକ ଜାଲରେ ସମସ୍ତେ ଛନ୍ଦି ହୋଇ ଅଛନ୍ତି। ଗାନ୍ଧିଜୀ କହିଥିଲେ ‘‘ଦେଶ ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ନିଶାକୁ ନିଷିଦ୍ଧ କରି ଏହା କାର୍ଯ୍ୟକାରୀ ହେବା କଥା, ମାତ୍ର ତାହା ହୋଇପାରିଲା ନାହିଁ। କାରଣ ମହାତ୍ମା ମଦକୁ ବିଦେଶୀ ମନେକରିବା ସହିତ ତାକୁ ‘ପାପ’ବୋଲି ମନେକରୁଥିଲେ। ଏକ ରିପୋର୍ଟରେ ଦର୍ଶାଇଯାଇଛି ଯେ, ଯେତିକି ମଦରେ ସରକାରଙ୍କ ଆଦାୟ ହୁଏ ତା’ର ଶହେଗୁଣ ଲୋକଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ଯୁଗ ବଦଳିବା ସହିତ ଲୋକଙ୍କ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ହୋଇଛି। ଲୋକ ଏବେ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି। କିନ୍ତୁ ଗାଁଠାରୁ ସହର ଯାଏ ସବୁଠି ଏବେ ମଦ ବାସ୍ନା ଭରିଯାଇଛି। ସହରରେ ୨୩୪ ପ୍ରତିଶତ ଓ ଗାଁରେ ୧୧୭ ପ୍ରତିଶତ ହାରରେ ପ୍ରତିବର୍ଷ ବିକ୍ରି ବଢୁଛି। ଭାରତରେ ମଦ ନିଷେଧ ବିହାର, ଗୁଜରାଟ, ମିଜୋରାମ, ନାଗାଲାଣ୍ଡ ଆଦି ରାଜ୍ୟରେ ଲାଗୁ ହୋଇଛି। ଅନ୍ୟ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଦ ବିକ୍ରିକୁ ଅନୁମତି ଦେଇଛନ୍ତି। ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାରତରେ ମଦକୁ ନେଇ ଅନେକ କଥା ଅଛି। ଆମେ ତ ବିଭିନ୍ନ ଦେବଦେବୀଙ୍କୁ ପୂଜା କରି ଆସୁଛନ୍ତି କିନ୍ତୁ ସେଥି ମଧ୍ୟରୁ ମଦର ବି ଜଣେ ଦେବୀ ଅଛନ୍ତି। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ତାଙ୍କୁ ସୁରାଦେବୀ ବୋଲି କୁହାଯାଏ। ଗ୍ରନ୍ଥରେ ଉଲ୍ଲେଖ ଅଛି ସମୁଦ୍ର ମନ୍ଥନ ବେଳେ ସୁରିଦେବୀ ସେଥିରୁ ପ୍ରକଟ ହୋଇଥିଲେ। ଦେବତାମାନଙ୍କୁ ସୁରା ଢାଳିବା ସମୟରେ ସେଥିରୁ କିଛି ବୁନ୍ଦା ପୃଥିବୀରେ ପଡ଼ିଗଲା। ସେହି ବୁନ୍ଦାଗୁଡିକରୁ ହିଁ ଜାତ ହୋଇଛି ଯେତେ ପ୍ରକାରର ନିଶାଦ୍ରବ୍ୟ। ନିର୍ଦ୍ଦିଷ୍ଟ ଭାବେ ମଦ କେବେଠାରୁ ଆରମ୍ଭ ହେଲା କିଛି ତଥ୍ୟ ନାହିଁ କିନ୍ତୁ ଅନେକ ତତ୍ତ୍ୱବିତ୍‌ମାନେ କୁହନ୍ତି ଆଜକୁ ୧୦ହଜାର ବର୍ଷ ତଳୁ ଏହା ଆରମ୍ଭ ହୋଇଛି। ଦିନ ଥିଲା ମଦକୁ ସାଧାରଣତଃ ଔଷଧି ରୂପେ ବ୍ୟବହାର କରାଯାଉଥିଲା। ଆଉ ତାକୁ ମଧ୍ୟ ଅନେକେ ବିକାର ଓ ମୃତ୍ୟୁ ରୂପକ ତରଳ ଜହର ରୂପେ ଜଣାଯାଏ। ଏହି ନିଶା ପାନ ଯୋଗୁ ଯଦୁ ବଂଶ ବି ଧ୍ୱଂସ ହୋଇଛି। ପ୍ରତିଦିନ ସକାଳୁ ଉଠୁ ଉଠୁ ବଳାତ୍କାର, ଦୁର୍ଘଟଣା, ହତ୍ୟା ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ମଦ୍ୟପାନ ପାଇଁ କେତେ ସୁନା ସଂସାର ଚୂନା ହେବାରେ ଲାଗୁଛି। ତଥାପି ଆମେ ଚୁପ ହୋଇ ଦେଖିବା ଛଡ଼ା ଆଉ କିଛି ଉପାୟ ନାହିଁ। ଛାଡ଼ ଏସବୁ ଆମ ଲୋକଙ୍କୁ ଶୁଣେଇଲେ କିଛି ସୁଫଳ ମିଳିବ ନାହିଁ। କଥାରେ ଅଛି ‘‘ମୋତେ ଯେତେ ମାଡିବୁ ମାଠ ମୁଁ ସେଇ ଦରପୋଡ଼ା କାଠ।’’ ଆମ ଲୋକ ହିଁ ସେଇଭଳି ହୋଇଗଲେଣି। ଛୋଟ ପିଲାଟିକୁ ଯଦି କହିବ ନିଆଁକୁ ଧରିବୁନି ହାତ ପୋଡ଼ିଯିବ, କିନ୍ତୁ ସେ ତାକୁ ଆହୁରି ଧରିବ ବୋଲି ମନ ବଳେଇବ। ସେମିତି ମଦକୁ ନେଇ ଯେତେ ସଚେତନ କଲେ ମଧ୍ୟ କିଛି ଲାଭ ନାହିଁ ସେମାନେ ପିଇବେ ହିଁ ପିଇବେ। ଆମ ଲୋକଙ୍କର ଏହା ଶୁଣି ଦେହସୁଆ ହୋଇଗଲାଣି।

**ଢେଙ୍କାନାଳ**
**ମୋ: ୭୬୦୬୯୯୬୦୫୩**

## ଏଇ ଭାରତରେ

ସାରା ଦେଶର ବିଭିନ୍ନ ସ୍ଥାନରେ ଜମି ମାଫିଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ସେମାନେ ବିଭିନ୍ନ ସ୍ଥାନରେ ଭୟ ଦେଖାଇ ଜମି ଦଖଲ କରୁଛନ୍ତି। କିନ୍ତୁ ଜମି ମାଫିଆଙ୍କ ଭୟକୁ ଭ୍ରୂକ୍ଷେପ ନ କରି ତାମିଲନାଡୁର ଜି. ଶ୍ରୀକାନ୍ତ ଗୁଡିୟାଥାମ ସହର ନିକଟବର୍ତ୍ତୀ ଉଲ୍ଲି ଗାଁର ପଲାର ନଦୀ କୂଳରେ ୨୫ ଏକର ଜମି ସେମାନଙ୍କ କବଳରୁ ମୁକ୍ତ କରିପାରିଛନ୍ତି। କେବଳ ସେତିକି ନୁହେଁ, ଶ୍ରୀକାନ୍ତ ସେହି ଜମିରେ ଏକ ଜଙ୍ଗଲ କରିପାରିଛନ୍ତି। ଶ୍ରୀକାନ୍ତ କମ୍ପ୍ୟୁଟର ବିଜ୍ଞାନରେ ଶିକ୍ଷା ଶେଷ କରି ଚେନ୍ନାଇରେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାର୍ଯ୍ୟ କରୁଥିଲେ। ତାଙ୍କ ବଡ଼ ଭାଇଙ୍କର ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ସେ ଗାଁକୁ ଫେରି କୃଷିକାର୍ଯ୍ୟ ଆରମ୍ଭ କରିବା ସହ ୨୦୧୮ରେ ଆଖପାଖରେ ଜଙ୍ଗଲ ସୃଷ୍ଟି କରିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୫ ହଜାର ଗଛ ଲଗାଇ ସାରିଲେଣି। ଜମି ମାଫିଆଙ୍କ କବଳରୁ ଉଦ୍ଧାର କରିଥିବା ୨୫ ଏକର ଜମିରେ ଶ୍ରୀକାନ୍ତ ୭ ହଜାର ଗଛ ଲଗାଇଛନ୍ତି। ଏଥିପାଇଁ ସେ ପକେଟରୁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ନଭେମ୍ବର ୧୯୯୮**

- ପୁରୁଣା ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବଙ୍କ ମନ୍ଦିରର ରୋଷଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ରୋଷଘର ସମ୍ପୂର୍ଣ୍ଣ ଭସ୍ମୀଭୂତ।
- କୋଚି ଉପକୂଳସ୍ଥିତ ଭାରତୀୟ ନୌଘାଟି ଆଇଏନ୍‌ଏସ୍ ଦ୍ରୋଣାଚାର୍ଯ୍ୟରୁ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟଭେଦ କରୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ‘ତ୍ରିଶୂଳ’ର ସଫଳ ପରୀକ୍ଷଣ।
- କରାଚୀରେ ଅବସ୍ଥାନ କରୁଥିବା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ଭାଇ ଅନିସ ଇବ୍ରାହିମ ଦୁବାଇ ପୋଲିସ ଦ୍ୱାରା ଗିରଫ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | | |
| | 4 | 7 | | | | | | 6 |
| 2 | | | | | 1 | 9 | 7 | |
| | | | | | 5 | | 2 | |
| | | | 6 | | | 1 | | 9 |
| | | | 8 | 2 | | | 3 | |
| | | 2 | 1 | | 6 | | | 7 |
| | 3 | | | 9 | | 2 | | |
| 8 | | | | | | 3 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 5 | 3 | 8 | 6 | 1 | 7 | 2 |
| 1 | 7 | 6 | 2 | 5 | 9 | 4 | 8 | 3 |
| 3 | 2 | 8 | 1 | 4 | 7 | 5 | 9 | 6 |
| 6 | 8 | 9 | 4 | 3 | 1 | 2 | 5 | 7 |
| 7 | 3 | 2 | 8 | 6 | 5 | 9 | 1 | 4 |
| 5 | 1 | 4 | 7 | 9 | 2 | 3 | 6 | 8 |
| 2 | 9 | 7 | 6 | 1 | 4 | 8 | 3 | 5 |
| 8 | 6 | 1 | 5 | 2 | 3 | 7 | 4 | 9 |
| 4 | 5 | 3 | 9 | 7 | 8 | 6 | 2 | 1 |

ଗତକାଲିର ଉତ୍ତର

# ସଇତାନ ସାବଧାନ



ମାୟାଧର ନାୟକ

ସାରା ଦୁନିଆର ନଜର ଏବେ ଇସ୍ରାଏଲ୍-ପାଲେଷ୍ଟାଇନ୍-ଗାଜା ମହାଯୁଦ୍ଧ ଉପରେ। ଯୁଦ୍ଧରେ ନିର୍ଦ୍ଦୋଷଙ୍କୁ ହତ୍ୟା କରାଯାଉଛି। ଏ ଯୁଦ୍ଧରେ ଉଭୟପକ୍ଷ ପାଗଳ ଭଳି ଲଢୁଛନ୍ତି। ସାମ୍ରାଜ୍ୟବାଦୀମାନଙ୍କର କୌଣସି ଜାତି ନଥାଏ କି ନୀତି ନଥାଏ, ବିବେକ ନଥାଏ କି ହୃଦୟ ନଥାଏ। ଏ ଦେଶଗୁଡ଼ିକ ଯେକୌଣସି ହିଂସ୍ର ପଶୁଠାରୁ ବି ଅଧିକ କ୍ଷତିକାରକ। ଏମାନେ ନିଜ ଦେଶକୁ ଧ୍ୱଂସମୁଖକୁ କେବଳ ଟାଣିନିଅନ୍ତି ନାହିଁ– ବିଶ୍ୱର ବହୁ ଦେଶକୁ ପ୍ରଭୂତ କ୍ଷତି ପହଞ୍ଚାଇଥା’ନ୍ତି। କଥାରେ ଅଛି– ‘ଗୋଟିଏ ଦେଶ ଧ୍ୱଂସ ହେବା ପାଇଁ ଜଣେ ‘ମୂର୍ଖରାଜା’, ନିଷ୍କ୍ରିୟ ପ୍ରଜା ଓ ବିକ୍ରିଯୋଗ୍ୟ ଗଣମାଧ୍ୟମ ହିଁ ଯଥେଷ୍ଟ।’ ଏବେ ଇସ୍ରାଏଲ୍‌ରେ ତାଙ୍କ ପ୍ରଧାନମନ୍ତ୍ରୀଙ୍କୁ ଅଯୋଗ୍ୟ କହି ଇସ୍ତଫା ଦାବି କଲେଣି। ବୁଦ୍ଧିଆମାନେ ଲଢ଼ିବା ପୂର୍ବରୁ ଜିତିଥାଆନ୍ତି। ମୂର୍ଖମାନେ ଜିତିବା ପାଇଁ ଲଢୁଥାଆନ୍ତି। ଏବେ ଏହା ରୁଷିଆ-ୟୁକ୍ରେନ୍ ଓ ଇସ୍ରାଏଲ୍-ପାଲେଷ୍ଟାଇନ୍ ଯୁଦ୍ଧରେ ଦେଖାଦେଇଛି। ଏହା କୁରୁକ୍ଷେତ୍ର ସହ ତୁଳନା କରାଯାଇପାରେ। ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଯୁଦ୍ଧ ପୂର୍ବରୁ ଜିତି ଯାଇଥିଲେ। କପଟି ଶକୁନୀ ବୁଦ୍ଧିରେ କୌରବକୁଳ ମିଛଟାରେ ଜିତିବା ପାଇଁ ଲଢ଼ି ଲଢ଼ି ଧ୍ୱଂସ ହୋଇଗଲେ। ଅହଂକାର, କ୍ରୋଧ, ରାଗ, ଅପରାଧର କୌଣସି ସୀମା ନାହିଁ।

ଇସ୍ରାଏଲ୍‌କୁ ଚାରିପଟୁ ଆକ୍ରମଣ। ହମାସ୍ ସହ ଇସ୍‌ଲାମିକ୍ ଜିହାଦ୍, ଲେବାନନ୍ ହଜିବୁଲ୍ଲା ଆକ୍ରମଣ କରିଥିବାବେଳେ ଏବେ ୟେମେନର ହାଉଥି ବିଦ୍ରୋହୀ ଡ୍ରୋନ୍ ଓ ମିଶାଇଲ୍ ମାଧ୍ୟମରେ ଆକ୍ରମଣ କରିଛନ୍ତି। ହାଉଥି ବିଦ୍ରୋହୀଙ୍କୁ ଇରାନ୍ ସମର୍ଥନ ଯୋଗାଇଛି। ଏମାନଙ୍କ ପାଖରେ ୨ଲକ୍ଷ ସେନା ଅଛନ୍ତି। ଏମାନେ ସିଧାସଳଖ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇଲେ ଇସ୍ରାଏଲ୍ ପାଇଁ ବଡ଼ସମସ୍ୟା ସୃଷ୍ଟି କରିବ। ଆମେରିକା ସେନା ଇସ୍ରାଏଲ୍ ସେନାଙ୍କ ସହ ମିଶି ଯୁଦ୍ଧ କରିପାରନ୍ତି। ଏଣେ ଇସ୍ରାଏଲ୍‌କୁ ଚାରିପଟୁ ଆକ୍ରମଣ ବଢୁଥିବାବେଳେ ଇରାନ୍, ରୁଷ, ଚାଇନା ଯୁଦ୍ଧକୁ ଡେଇଁଲେ ଅବସ୍ଥା ଅସମ୍ଭାଳ ହୋଇଯିବ। ୩ୟ ବିଶ୍ୱଯୁଦ୍ଧରେ ବିଶ୍ୱର ସବୁଦେଶ ଦୁଇଭାଗରେ ବିଭକ୍ତ ହୋଇ ଲଢ଼ିବେ– ପରମାଣୁ ବୋମା ପକାଇବାକୁ କେହି ପଛଘୁଞ୍ଚା ଦେବେନି। ବିଶ୍ୱଧ୍ୱଂସର କାରଣ ହେବ।

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୨୨ମାସରୁ ଊର୍ଦ୍ଧ୍ୱ ହେଲା ଚାଲିଛି। ୭ ଅକ୍ଟୋବର ୨୦୨୩ରୁ ହମାସ୍-ଇସ୍ରାଏଲ୍ ରକ୍ତଯୁଦ୍ଧ ଚାଲିଛି। ଏହି ଦୁଇଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ପାଇଁ ଜାତିସଂଘ ବିଫଳ ହୋଇଛି। ୨ୟ ବିଶ୍ୱଯୁଦ୍ଧ ପରେ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ଏଥିରେ ପୃଥିବୀର ପ୍ରାୟ ସବୁଦେଶ ସଦସ୍ୟ ହୋଇଥିଲେ। ଶୀତଳ ଯୁଦ୍ଧ ପରେ ୧୯୯୦ରେ ସୋଭିଏତ୍ ୟୁନିୟନ୍‌ର ପତନ ଘଟିଲା। ଆମେରିକା ଆଧିପତ୍ୟ ବୃଦ୍ଧି ପାଇଲା। ଆମେରିକାର ସୈନ୍ୟମାନେ ଆଫଗାନିସ୍ଥାନ, ମାଲି, ଲିବ୍ୟା ଓ ଇରାକରେ ପଶିଗଲେ। ସେତେବେଳେ ବିଶ୍ୱ ଅର୍ଥନୀତି ସଂକଟଜନକ ପରିସ୍ଥିତିରେ। ଏହି ଖଣ୍ଡଯୁଦ୍ଧମାନଙ୍କରେ ଜାତିସଂଘର ଭୂମିକା ରହିଲା ନାହିଁ। ୨୦୦୮ ପରେ ଆମେ ଜଟିଳ ଯୁଦ୍ଧର ସାମ୍ନା କରୁଛେ। ଜାତିସଂଘରେ ୫ ମହାରଥୀ ଆମେରିକା, ଚାଇନା, ରୁଷିଆ, ଇଂଲଣ୍ଡ, ଫ୍ରାନ୍ସର ‘ଭିଟୋ’ ଅଖଣ୍ଡ କ୍ଷମତାଧାରୀ। ଗୋଟିଏ ଦେଶ ‘ଭିଟୋ’ ପ୍ରୟୋଗକଲେ ପ୍ରସ୍ତାବ କାଟ୍ ଖାଇଯିବ।

ବିଶ୍ୱ ଅନ୍ଧାରି ଯୁଗରେ ପହଞ୍ଚଗଲାଣି। କୌଣସି ଦେଶରେ ଡାକ୍ତରଖାନା, ଆମ୍ବୁଲାନ୍ସ, ରେଡ୍‌କ୍ରସ୍, ଔଷଧ ଦୋକାନ ଉପରେ ଆକ୍ରମଣ ମନା ବୋଲି ଅନ୍ତର୍ଜାତୀୟ ଆଇନ ପ୍ରଣୟନ କରାଯାଇଛି। ହେଲେ ଇସ୍ରାଏଲ୍ ଏ ଆଇନକୁ ଫୁତ୍କାରରେ



ଉଡ଼ାଇଦେଇ ବୋମା ବର୍ଷଣ କରିଚାଲିଛି।

ଯେତେବେଳେ ଯୁଦ୍ଧ ହୁଏ, ମାନବତା କ୍ରନ୍ଦନ କରେ। ଅନ୍ତର୍ଜାତୀୟ କାନୁନକୁ କେହି ମାନୁନାହାନ୍ତି। ଗାଜାବାସୀ କହୁଛନ୍ତି – ‘ଆମେ ପଶୁନୋହୁଁ, ମଣିଷ।’ ଆମ ମାତୃଭୂମି ରକ୍ଷାପାଇଁ ମରିଯିବୁ ପଛେ ମୁଣ୍ଡ ନୁଆଁଇବୁ ନାହିଁ। ଗାଜାବାସୀ ଏଭଳି ଏକ ଭୂଗୋଳରେ ବାସ କରୁଛନ୍ତି– ସେଠାରୁ ଅନ୍ୟତ୍ର ବାସକରିବା ଅସମ୍ଭବ। ଆମେରିକା, ଇସ୍ରାଏଲ୍, ଫ୍ରାନ୍ସ, ବ୍ରିଟିଶ୍, ରୁଷିଆ, ଚାଇନା ପ୍ରମୁଖ ଦେଶ ବିଶ୍ୱର ଅନ୍ୟାନ୍ୟ ଦେଶକୁ ଯୁଦ୍ଧାସ୍ତ୍ର ବିକ୍ରି କରନ୍ତି। ଯୁଦ୍ଧାସ୍ତ୍ର ବେପାରରୁ ଏମାନେ ନାହିଁନଥିବା ଅର୍ଥ ଲାଭକରନ୍ତି। ତେଣୁ ଏମାନେ ଯୋଜନାବଦ୍ଧ ଭାବେ ଦେଶେଦେଶେ ଯୁଦ୍ଧ ଲଗେଇଦିଅନ୍ତି। ଯୁଦ୍ଧରେ ଯୁଦ୍ଧାସ୍ତ୍ର ନଷ୍ଟ ହୁଏ। ପୁଣି ନୂଆ ଯୁଦ୍ଧାସ୍ତ୍ର କିଣିବାକୁ ବହୁଦେଶ ସାଧାରଣ ନାଗରିକଙ୍କ ଟିକସ ଟଙ୍କାରେ ରାଜକୋଷରୁ ସିଂହଭାଗ ଖର୍ଚ୍ଚ କରନ୍ତି।

ଛକାପଞ୍ଝାରେ ଛଳ ବେପାରୀଙ୍କ ଏ ଯୁଦ୍ଧ ଲାଭଜନକ ବ୍ୟବସାୟ। ଯେଉଁମାନେ ଉଭୟ ପକ୍ଷକୁ ଯୁଦ୍ଧାସ୍ତ୍ର ବିକ୍ରି କରନ୍ତି– ଯୁଦ୍ଧରେ କିଏ ଜିତିଲା କିଏ ହାରିଲା ଯୁଦ୍ଧ ବେପାରୀଙ୍କର କିଛି ଯାଏଆସେନା। ଅର୍ଥ ହିଁ ଏମାନଙ୍କର ସର୍ବସ୍ୱ। ବିଶ୍ୱ ଇତିହାସରେ ଏକବିଂଶ ଶତାବ୍ଦୀରେ ଭୟଙ୍କର ଯୁଦ୍ଧରେ ପ୍ରାୟ ସବୁଦେଶ ପରୋକ୍ଷ ବା ପ୍ରତ୍ୟକ୍ଷରେ ମାତିଯିବେ। ଯୁଦ୍ଧ ପାଇଁ ଅର୍ଥ, ପୁଣି ଅର୍ଥ ପାଇଁ ଯୁଦ୍ଧ। ଯୁଦ୍ଧରେ ଧ୍ୱଂସ ପାଇଥିବା କୋଠାବାଡ଼ି ପ୍ରମୁଖ ପୁନଃ ନିର୍ମାଣ ପାଇଁ ଅର୍ଥ ଦରକାର। ସବୁଥିରେ ଅର୍ଥ। କଥାରେ ଅଛି– ଟଙ୍କା ଖାଇ ଗୋଡ଼ାଏ, ଯାହାପାଖରେ କିମ୍ବା ଦେଶରେ ଅମାପମାପ ଅର୍ଥ ଅଛି ସେ ପାଗଳ ହୋଇଯିବ। ସେ ମଣିଷ କି ଦେଶ ବିଶ୍ୱଧ୍ୱଂସର କାରଣ ହୁଅନ୍ତି। ସମ୍ପ୍ରତି ୟୁକ୍ରେନ୍‌କୁ ଆମେରିକା ଓ ‘ନାଟୋ’ ଦେଶ, ରୁଷିଆକୁ ଚାଇନା, ଇରାନ୍ ଯୁଦ୍ଧାସ୍ତ୍ର ବାକିରେ ଦେଉଛନ୍ତି। ସେମାନେ ଏ ବାକିଆ ଅର୍ଥକୁ ପରିଶୋଧ କରି ନ ପାରିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏହା ବଦଳରେ ସାରାଦେଶର ଜଳସ୍ଥଳ, ଭୂତଳ, ଆକାଶକୁ ବନ୍ଧା ରଖିବେ। ଋଣ ପରିଶୋଧ ପର୍ଯ୍ୟନ୍ତ ସେ ଦେଶର ସମ୍ପତ୍ତି ମନଇଚ୍ଛା ବୋହିନେବେ। ଯେମିତି ଭାରତରୁ ବ୍ରିଟିଶ୍‌ମାନେ ଦୁଇଶହ ବର୍ଷ ଧରି ଆମ ସମ୍ପତ୍ତି ହରଣ କରୁଥିଲେ।

ଯୁଦ୍ଧ କେବେ ସରେନି – ଯୁଦ୍ଧ କେବେ ସରିବାର ନାହିଁ। ମଣିଷର ଜୀବନ ବିନିମୟରେ ମାରଣାସ୍ତ୍ର ବିକ୍ରୟ ଏକମାତ୍ର ଲକ୍ଷ୍ୟ। ନିୟମିତ ଜାରି ରହିଥିବା ମାରଣାସ୍ତ୍ର ଉତ୍ପାଦନର ଅନ୍ତୁଡ଼ିଶାଳର ନିଆଁ ଭିତରୁ ଏ ଯୁଦ୍ଧାସ୍ତ୍ର ଜନ୍ମ। ଯାହାର ପଣ– ଏ ଜୀବନ୍ତ ଗ୍ରହକୁ ଏକ ମୃତପିଣ୍ଡର ମୁଠେ ପାଉଁଶ ଏବଂ ଡିନାମାଇଟ୍‌ଠୁ ଆରମ୍ଭ କରି ପରମାଣୁ ବୋମା ପର୍ଯ୍ୟନ୍ତ ଯେଉଁ ଅସ୍ତ୍ର ବେପାର ସେ ଶସ୍ୟଶ୍ୟାମଳା ପୃଥିବୀକୁ ମରୁଗ୍ରହରେ ପରିଣତ କରିବାର ଯୋଜନାରେ ଆଜି ମଧ୍ୟ ପ୍ରବୃତ୍ତ। କ୍ଷୋଭର ବିଷୟ ଯେ– ସେମାନଙ୍କୁ ମିଳୁଛି ପ୍ରଚୁର ପ୍ରଶସ୍ତିର ପାଉଣା। ଯଥା– ଡିନାମାଇଟର ଉଦ୍ଭାବକ ଆଲ୍‌ଫ୍ରେଡ୍ ନୋବେଲ୍– ଯାହାଙ୍କର ବିପୁଳ କାଳ ମୁନାଫାର ଏକ ନଗଣ୍ୟ ଅଂଶ ପୃଥିବୀର ବିଭିନ୍ନ କ୍ଷେତ୍ର ବିଷୟକ ଦିଗରେ ପୁରସ୍କାର ପାଇଁ ପ୍ରେରିତ ହୋଇଆସୁଛି। ମାତ୍ର କିଛି କୋଟି ଟଙ୍କାର ପୁରସ୍କାରକୁ କୁକୁର ଆଗରେ ଅଇଁଠା ଫିଙ୍ଗିଲା ପରି ଫିଙ୍ଗିଦିଆଯାଇ ୮ଶହ କୋଟି ଜନସଂଖ୍ୟକ ତମାମ ପୃଥିବୀରୁ ଅସୁଲ କରାଯାଉଛି – ଅପରିମେୟ ଯଶ ଓ ଜୟ ଜୟକାର। ଏଣୁ ମଣିଷ ମାର – ମୁନାଫା କର – ଆହେ ଯୁଦ୍ଧଖୋର। ଏ ହେଉଛି ବର୍ତ୍ତମାନର ମାରଣାସ୍ତ୍ର ବଜାରିଙ୍କ ଭିତିରିଆ ବିଜ୍ଞାପନ। ସବୁବେଳେ ଯୁଦ୍ଧର ଇତିହାସ ବିଚିତ୍ର ଓ ଅତ୍ୟନ୍ତ ପୀଡ଼ାଦାୟକ। ସବୁ ଯୁଦ୍ଧ ଯୋଜନାବଦ୍ଧ ,ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ସମ୍ପ୍ରତି ଧର୍ମଯୋଦ୍ଧାମାନଙ୍କର ଯୁଗ ଶେଷ। ବର୍ତ୍ତମାନ ପୃଥିବୀ ପ୍ରେମଯୋଦ୍ଧାମାନଙ୍କୁ ଦରକାର କରେ। କାରଣ ଧର୍ମଯୁଦ୍ଧ ଏ ଦୁନିଆରେ ସୃଷ୍ଟି କରିଛି ମଣିଷରକ୍ତର ଦଙ୍ଗା। ମାତ୍ର ଆସନ୍ନ ପ୍ରେମଯୁଦ୍ଧ ଏ ପୃଥିବୀରେ ଆଣିବ ମହାପ୍ଲାବନମୟ ମଣିଷ ହୃଦୟର ମହାଗଙ୍ଗା। ତେଣୁ ସଇତାନ ସାବଧାନ।

**ଯାଜପୁର ରୋଡ, ଯାଜପୁର**
**ମୋ: ୯୮୬୧୦୩୪୧୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ନିୟମକୁ ଅଣଦେଖା

ମହାଶୟ,

ପୁରୀ ଶ୍ରୀମନ୍ଦିର ଚାରିପାଖର ସ୍ୱଚ୍ଛତା ଓ ପବିତ୍ରତା ରଖିବା ପାଇଁ ମନ୍ଦିର ପ୍ରଶାସନ ପାନ, ଗୁଟଖା ଓ ମାଦକ ଦ୍ରବ୍ୟ ଆଦି ନିଷେଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ । ଏ କ୍ଷେତ୍ରରେ ଶ୍ରୀମନ୍ଦିରର ପରିଚାଳନା ନିମନ୍ତେ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ମାନ ଦେବା ଆବଶ୍ୟକ। ଏ ପ୍ରସଙ୍ଗର ପ୍ରାସଙ୍ଗିକତାର ସଫଳ ରୂପାୟନ ସମ୍ଭବ ହେବ ଯେତେବେଳେ ସବୁ ନୀତିନିୟମକୁ ପ୍ରଣୟନ କରିଥିବା ଆଇନ ବିଶାରଦ ଓ ଅଧିକାରୀ ମାନେ ନିଜ କ୍ଷମତାର ଅପବ୍ୟବହାରରୁ ବିରତ ହୋଇ ସେସବୁକୁ ମାନିବେ । ଯେଉଁ ନିୟମ ସମସ୍ତଙ୍କ ନିମନ୍ତେ, ସେଇ ନିୟମ ତାଙ୍କ ପାଇଁ ମଧ୍ୟ। ପ୍ରଥମରୁ ସ୍ମାର୍ଟ ମୋବାଇଲ ଫୋନ ମନ୍ଦିର ଭିତରକୁ ନେବାରେ ସମସ୍ତଙ୍କ ପାଇଁ କଟକଣା ଥିବା ସହ ଜରିମାନାର ବ୍ୟବସ୍ଥା ଅଛି। ଏହାସତ୍ତ୍ୱେ ମନ୍ଦିର କର୍ମଚାରୀ, ହୋମ ଗାର୍ଡ ସମେତ ପୋଲିସ ଅଧିକାରୀ, ମହାପ୍ରଭୁଙ୍କ ସେବାରେ ନିୟୋଜିତ ପ୍ରାୟ ସଭିଙ୍କ ପାଖରେ ମୋବାଇଲ ରହୁଛି। ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ପାଇଁ ନିର୍ଦ୍ଧାରିତ ମୂଲ୍ୟ ତାଲିକା ଲଗାଇବା ନିୟମ ଥିଲେ ବି ସେସବୁକୁ ଅଣଦେଖା କରାଯିବା ଦୁଃଖଦାୟକ । ସମସ୍ତ ସୁବ୍ୟବସ୍ଥା ଆଜି ଅବ୍ୟବସ୍ଥା ରୂପେ ପ୍ରତୀୟମାନ ହେଉଛି । ସରକାର ଏଥିପ୍ରତି ଧ୍ୟାନ ଦେବା ଉଚିତ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଣ୍ଠୁ ବେଦନା ବାଜଇ ବାଣୀ।
ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଲକ ନୟନର ତୃଷା ରହିଛି ତୋର।
–(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଲକ୍ଷ୍ନୌରୁ ଆରମ୍ଭ ହୋଇଥିଲା ସାହାରା ସାମ୍ରାଜ୍ୟ

ଲକ୍ଷ୍ନୌ,୧୫।୧୧

୧୯୯୦ ଦଶକରେ କୌଣସି ପ୍ରତିଷ୍ଠିତ ଉଦ୍ୟୋଗୀ ପରିବାରରୁ ଆସି ନ ଥିବା ଜଣେ ଭାରତୀୟଙ୍କ ପାଇଁ ସାହାରା ଗ୍ରୁପ ଭଳି ଏକ ବିଶାଳ ବ୍ୟବସାୟିକ ସାମ୍ରାଜ୍ୟ ଛିଡ଼ା କରାଇବା ଅସମ୍ଭବ ଥିଲା। କିନ୍ତୁ ଏହାକୁ ନିଜ ନିଷ୍ଠା ଏବଂ ଦୂରଦର୍ଶିତା ବଳରେ ସମ୍ଭବ କରିପାରିଥିଲେ ସୁବ୍ରତ ରୟ। ୧୯୭୮ରେ ମାତ୍ର ୨ହଜାର ଟଙ୍କା ଉଧାର ନେଇ ସେ ଆରମ୍ଭ କରିଥିଲେ ସାହାରା ଫାଇନାନ୍ସ, ଯାହାକି ୩ଟି ଦଶନ୍ଧି ମଧ୍ୟରେ ଅନେକ ହଜାର କୋଟିର ଏକ ଅଣ ବ୍ୟାଙ୍କିଂ ଆର୍ଥିକ ଲଗାଣକାରୀ ସଂସ୍ଥାରେ ପରିଣତ ହୋଇଥିଲା। ପ୍ରତ୍ୟେକ ଜମାକାରୀଙ୍କ ଠାରୁ ସଂଗୃହିତ ଦଶରୁ କୋଡ଼ିଏ ଟଙ୍କା ସୁବ୍ରତଙ୍କ ପାଇଁ ଆର୍ଥିକ ସାମ୍ରାଜ୍ୟର ଇମାରତ ନିର୍ମାଣରେ ଗୋଟିଏ ଗୋଟିଏ ଇଟା ଭଳି କାର୍ଯ୍ୟ କରିଥିଲା। ଏହି ସଂସ୍ଥା ପରବର୍ତ୍ତୀ ସମୟରେ ଭାରତୀୟ ରେଳପଥ ପରେ ଦ୍ୱିତୀୟ ସର୍ବାଧିକ ନିଯୁକ୍ତିକାରୀ କମ୍ପାନୀ ଭାବେ ଉଭା ହୋଇଥିଲା। ୧୯୯୦ ଦଶକରେ ସୁବ୍ରତ ଲକ୍ଷ୍ନୌରେ ନିଜ ଆର୍ଥିକ ସାମ୍ରାଜ୍ୟର ମୂଳଦୁଆ ପକାଇଥିଲେ। ସେହିଠାରୁ ହିଁ ସାହାରା ଇଣ୍ଡିଆ ଆର୍ଥିକ ସେବା, ଶିକ୍ଷା, ରିଅଲ ଇଷ୍ଟେଟ୍, ଗଣମାଧ୍ୟମ, ମନୋରଞ୍ଜନ, ପର୍ଯ୍ୟଟନ, ସ୍ୱାସ୍ଥ୍ୟସେବା ଓ ଆତିଥେୟତା ଆଦି ବ୍ୟବସାୟିକ କ୍ଷେତ୍ରରେ ସଫଳତା ହାସଲ କରିପାରିଥିଲା। ବଜାର ନିୟନ୍ତ୍ରକ ପ୍ରତିଭୂତି ଓ ବିନିମୟ ବୋର୍ଡ(ସେବି) ସହ ସୁବ୍ରତଙ୍କ ବିବାଦ ବେଳେ ତାଙ୍କୁ ନିବେଶକଙ୍କ ଠାରୁ ସଂଗୃହିତ ଅନେକ କୋଟି ଟଙ୍କା ଓ ଜମାକାରୀଙ୍କୁ ଫେରସ୍ତର ସବିଶେଷ


ସୁବ୍ରତ ରୟ

ହିସାବ ମଗାଯାଇଥିଲା। ସେତେବେଳେ ସେ ୧୨୮ଟି ଟ୍ରକରେ ୩୧ହଜାରରୁ ଊର୍ଦ୍ଧ୍ୱ କାର୍ଟୁନ ଭର୍ତ୍ତି ଦସ୍ତାବିଜ ମୁମ୍ବାଇସ୍ଥିତ ସେବି ମୁଖ୍ୟାଳୟ ନିକଟକୁ ପଠାଇ ଚର୍ଚ୍ଚାକୁ ଆସିଥିଲେ। 'ସାହାରାଶ୍ରୀ' ନାମରେ ପରିଚିତ ସୁବ୍ରତଙ୍କ ନେତୃତ୍ୱରେ ସାହାରା ଗ୍ରୁପ୍ କେବଳ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ଭାବେ ନିଜକୁ ସୀମିତ କରି ନ ଥିଲା। ରିଅଲ ଇଷ୍ଟେଟ, ବିମାନ ଚଳାଚଳ, ଲଣ୍ଡନ ଓ ନ୍ୟୁୟର୍କରେ ମାର୍କି ହୋଟେଲ, ଭାରତୀୟ ହକି ଏବଂ କ୍ରିକେଟ ଟିମ୍‌ର ସ୍ପନ୍‌ସରର୍ ହୋଇ ଯୁବ ପ୍ରତିଭା ଏବଂ ଉଦ୍ୟୋଗୀମାନଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଥିଲେ। ତମାମ ଆଇନଗତ ପ୍ରତିବନ୍ଧକ ଏବଂ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୁବ୍ରତଙ୍କ ବ୍ରାଣ୍ଡ ଇମେଜ ନିବେଶକଙ୍କୁ ବେଶ୍ ଆକୃଷ୍ଟ କରିପାରିଥିଲା। ସାହାରା ଇଣ୍ଡିଆ ୱେବସାଇଟ ତଥ୍ୟ ଅନୁସାରେ ଦେଶରେ ବର୍ତ୍ତମାନ ଏହାର ୯କୋଟି ନିବେଶକ ଏବଂ ଗ୍ରାହକ ରହିଛନ୍ତି। ଏହାବାଦ୍ ୩୦,୯୭୦ ଏକରର ଏକ ଲ୍ୟାଣ୍ଡ ବ୍ୟାଙ୍କ ରହିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୨,୫୯,୯୦୦କୋଟି ଟଙ୍କା ହେବ।

## ଆଜି ମୁମ୍ବାଇରୁ ଆସିବ ସୁବ୍ରତଙ୍କ ମରଶରୀର

ସାହାରା ଗ୍ରୁପ୍ ପ୍ରତିଷ୍ଠାତା ସୁବ୍ରତ ରୟଙ୍କ ମଙ୍ଗଳବାର ରାତି ୧୦ଟା ୩୦ରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ସୁବ୍ରତଙ୍କୁ ରବିବାର ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ସେ ଆଖି ବୁଜିଦେଇଥିବା ସାହାରା ଇଣ୍ଡିଆ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ମରଶରୀରକୁ ଗୁରୁବାର ଲକ୍ଷ୍ନୌ ଅଣାଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି। ସୁବ୍ରତଙ୍କ ପରଲୋକରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଆତିଥେୟ ଶିଳ୍ପକୁ ପରିଚୟ ଦେଇଥିଲେ ଓବେରୟ

ଭୁବନେଶ୍ୱର,୧୫।୧୧
(ଅନୁରାଧା ମହାରଣା)



ଦେଶରେ ଆତିଥେୟ ଶିଳ୍ପକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା କର୍ପୋରେଟ ହୋଟେଲିୟର ପୃଥ୍ୱୀରାଜ ସିଂ(ପିଆର୍‌ଏସ୍) ଓବେରୟଙ୍କ ବୁଧବାର ଅନ୍ତିମ ସଂସ୍କାର କରାଯାଇଛି। ମଙ୍ଗଳବାର ତାଙ୍କର ଦେହାନ୍ତ ହୋଇଥିଲା। ଶିଳ୍ପକ୍ଷେତ୍ରରେ ତାଙ୍କର ଅବଦାନ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରିବ। ଭିକି ଓବେରୟ ଭାବେ ଜଣାଶୁଣା ଏହି ବ୍ୟକ୍ତିତ୍ୱ ୧୯୨୯ ମସିହା ଫେବୃୟାରୀ ୩ ତାରିଖରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଦାର୍ଜିଲିଂର ସେଣ୍ଟ ପଲ୍ ସ୍କୁଲ ଓ ପରେ ପରେ ୟୁକେ ଏବଂ ସୁଇଜରଲାଣ୍ଡରୁ ସେ ଶିକ୍ଷାଗ୍ରହଣ କରିଥିଲେ। ଓବେରୟ ସୁଇଜରଲାଣ୍ଡରୁ ହୋଟେଲ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଥିଲେ। ପିତା ମୋହନସିଂହ ଓବେରୟଙ୍କ ଦେହାନ୍ତ ପରେ ୨୦୦୨ରୁ ଇଆଇଏଚ୍‌ର ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୨ରେ ସେ ଇଆଇଏଚ୍ ଲିମିଟେଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ଇଆଇଏଚ ଆସୋସିଏଟେଡ ହୋଟେଲ ଲିମିଟେଡର ଚେୟାରମ୍ୟାନ ପଦ ମଧ୍ୟ ଛାଡିଥିଲେ। ୨୦୦୪ ପରଠାରୁ ସେ ଜେଟ୍ ଏୟାରୱେଜ୍(ଭାରତ)ର ଚେୟାରମ୍ୟାନ ଭାବେ କାର୍ଯ୍ୟରତ ଥିଲେ। ୧୯୬୭ରେ ସେ ନୂଆଦିଲ୍ଲୀରେ 'ଦ ଓବେରୟ ସେଣ୍ଟର ଅଫ୍ ଲର୍ଣ୍ଣିଂ'ର ସ୍ଥାପନା କରିଥିଲେ। ଏହି ଅନୁଷ୍ଠାନରୁ ଅନେକ ହୋଟେଲ ଏକ୍ଜିକ୍ୟୁଟିଭ୍ ଡିଗ୍ରୀ ହାସଲ କରିଛନ୍ତି। ଜୀବନ କାଳରେ ୩୨ ହୋଟେଲର ଏକ ବିଶାଳ ଶୃଙ୍ଖଳ ନିର୍ମାଣ କରିବାରେ ଓବେରୟ ସଫଳ ହୋଇଥିଲେ। ଓବେରୟ ଗ୍ରୁପ୍ ଅଧୀନରେ ଓବେରୟ ହୋଟେଲ୍‌ସ ଆଣ୍ଡ ରିସୋର୍ଟସ୍, ଟ୍ରାଇଡେଣ୍ଟ ବ୍ରାଣ୍ଡର ବିଳାସପୂର୍ଣ୍ଣ ହୋଟେଲ ରହିଛି। ପର୍ଯ୍ୟଟନ ତଥା ଆତିଥେୟ ଶିଳ୍ପ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୨୦୦୮ରେ ତାଙ୍କୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୦ରେ ସେ ହୋଟେଲସ୍ ମାଗାଜିନ୍ ପକ୍ଷରୁ 'କର୍ପୋରେଟ୍ ହୋଟେଲିୟର ଅଫ୍ ୱାର୍ଲ୍ଡ'ର ମାନ୍ୟତା ପାଇଥିଲେ। ୨୦୨୨ ଜୁନରେ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି ପକ୍ଷରୁ ଚୟନ କରାଯାଇଥିବା ଅନ୍ତର୍ଜାତୀୟସ୍ତରରେ ୧୦୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ଓବରୟ ଜଣେ ଥିଲେ। ସେହିପରି ଓବେରୟଙ୍କ ଅସାଧାରଣ ନେତୃତ୍ୱ ଏବଂ ଦୂରଦର୍ଶିତା ପାଇଁ ତାଙ୍କୁ ଇଣ୍ଟରନ୍ୟାଶନାଲ ଲଗ୍‌ଜୁରୀ ଟ୍ରାଭେଲ ମାର୍କେଟ (ଆଇଏଲଟିଏମ)ରେ ଲାଇଫ୍ ଟାଇମ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ତାଙ୍କ ପୁଅ ବିକ୍ରମ ଓବେରୟ ବର୍ତ୍ତମାନ ଇଆଇଏଚ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ତାଙ୍କର ୨ ଝିଅ ମଧ୍ୟ ଅଛନ୍ତି।

# କମ୍ୟୁନିଷ୍ଟ ନେତା ଏନ୍. ଶଙ୍କରୈୟାଙ୍କ ପରଲୋକ



ଚେନ୍ନାଇ,୧୫।୧୧

ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ଅନ୍ୟତମ ବିଶିଷ୍ଟ କମ୍ୟୁନିଷ୍ଟ ନେତା ଏନ୍. ଶଙ୍କରୈୟାଙ୍କ ବୁଧବାର ସକାଳ ୯ଟାରେ ପରଲୋକ ହୋଇଛି। ତାଙ୍କୁ ୧୦୨ ବର୍ଷ ହେଉଥିଲା। ଅସୁସ୍ଥ ଥିବା ଶଙ୍କରୈୟା ଚେନ୍ନାଇସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଆଖି ବୁଜିଦେଇଥିବା ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ମର ଶରୀରକୁ ଦଳର ଚେନ୍ନାଇ ଅଫିସ୍‌ରେ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ରଖାଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। କମ୍ରେଡ୍ ଶଙ୍କରୈୟାଙ୍କ ପରଲୋକରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶଙ୍କରୈୟା ୧୯୪୦ରେ କମ୍ୟୁନିଷ୍ଟ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୨୧ରେ ତାମିଲନାଡୁର କୋଭିଲପଟ୍ଟିରେ ଜନ୍ମିତ ଶଙ୍କରୈୟା ରାଜ ବିଧାନସଭାକୁ ୩ ଥର ନିର୍ବାଚିତ ହୋଇଥିଲେ। ୧୯୯୫ରୁ ୨୦୦୨ ପର୍ଯ୍ୟନ୍ତ ସେ ତାମିଲନାଡୁ ସିପିଆଇଏମ୍‌ର ସାଧାରଣ ସମ୍ପାଦକ ଥିଲେ।



# ବାଇଡେନ୍‌ଙ୍କୁ ଭେଟିଲେ ଜିନ୍‌ପିଙ୍ଗ୍

ସାନ୍ ଫ୍ରାନ୍‌ସିସ୍କୋ,୧୫।୧୧

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ବୁଧବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସାନ୍ ଫ୍ରାନ୍‌ସିସ୍କୋରେ ଭେଟିଛନ୍ତି। ୬ ବର୍ଷ ପରେ ଆମେରିକା ଗସ୍ତରେ ଆସିଥିବା ଜିନ୍‌ପିଙ୍ଗ୍‌ଙ୍କୁ ଏଠାରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ଦୁଇ ବିଶ୍ୱନେତା ଇସ୍ରାଏଲ-ହମାସ୍ ଯୁଦ୍ଧ, ରୁଷିଆ-ୟୁକ୍ରେନ୍ ସଂଘର୍ଷ ସମେତ ଭୂରାଜନୈତିକ ଉତ୍ତେଜନା ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ଗତ ବର୍ଷ ଇଣ୍ଡୋନେସିଆର ବାଲିରେ ଅନୁଷ୍ଠିତ ଜି୨୦ ସମ୍ମିଳନୀ ବେଳେ ଉଭୟଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଥିଲା।

# ନାବାଳକଙ୍କୁ ମାରିଦେଲେ ମାଙ୍କଡ଼ ଦଳ

ଅହମ୍ମଦାବାଦ,୧୫।୧୧: ଗୁଜରାଟର ଦେହଗାମ୍ ତାଲୁକା ଅଧୀନ ସଲ୍‌କି ଗ୍ରାମରେ ଜଣେ ୧୦ ବର୍ଷୀୟ ବାଳକଙ୍କୁ ମାଙ୍କଡ଼ମାନେ ଅତିନିର୍ମମ ଭାବେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି। ନାବାଳକ ଦୀପକ ଠାକୋର ଏକ ମନ୍ଦିର ନିକଟରେ ଜଣେ ସାଙ୍ଗଙ୍କ ସହ ଖେଳୁଥିବାବେଳେ ମାଙ୍କଡ଼ ଦଳ ତାଙ୍କ ପେଟକୁ ଆଘାତ ଦେବା ସହ ଅନ୍ତବୁଜୁଳାକୁ କାଢ଼ିନେଇଥିଲେ। ଦୀପକଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଚିକିତ୍ସା ପୂର୍ବରୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ହେଉଛି ଉକ୍ତ ଗ୍ରାମରେ ତୃତୀୟ ମାଙ୍କଡ଼ ଆକ୍ରମଣ। ଏହାକୁ ନେଇ ପୋଲିସ ଓ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କ ଚିନ୍ତା ବଢ଼ିଯାଇଛି। ଆକ୍ରମଣକାରୀ ମାଙ୍କଡ଼ଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ବନାଧିକାରୀ ବିଶାଳ ଚୌଧରୀ ସୂଚନା ଦେଇଛନ୍ତି।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR SUPPLY OF MOSQUITO NET (ALUMINIUM) FOR WINDOWS OF HOSTELS AT NLUO, CUTTACK**

Sealed quotations in prescribed format are invited for "**Supply of Mosquito Net (Aluminium) for windows of hostels**" at NLUO Cuttack. Last date & time of receipt is **23.11.2023 at 11.00AM.** For details please visit website: **www.nluo.ac.in**.
Sd/- Registrar

# ଶିକ୍ଷକଙ୍କ ତାଲିମ ପାଇଁ ବାର୍ଷିକ ୧ ବିଲିୟନ୍ ଡଲାର ଖର୍ଚ୍ଚ କର

## କେନ୍ଦ୍ରକୁ ନାରାୟଣମୂର୍ତ୍ତିଙ୍କ ପରାମର୍ଶ

ବେଙ୍ଗାଲୁରୁ,୧୫।୧୧

ଦେଶର ତଥା ବିଶ୍ୱର ୧୦,୦୦୦ ଶିକ୍ଷକଙ୍କ ଦ୍ୱାରା ସ୍କୁଲ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ବାର୍ଷିକ ୧ ବିଲିୟନ୍ ଡଲାର ଖର୍ଚ୍ଚ କରିବା ଉଚିତ ବୋଲି ବୁଧବାର ସଫ୍ଟୱେର ଆଇକନ୍ ଏନ୍.ଆର୍. ନାରାୟଣ ମୂର୍ତ୍ତି ପରାମର୍ଶ ଦେଇଛନ୍ତି। ୭୭ ବର୍ଷୀୟ ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଆହୁରି କହିଛନ୍ତି, ବିଜ୍ଞାନ, କାରିଗରି, ଇଞ୍ଜିନିୟରିଂ ଓ ଗଣିତ (ଏସ୍‌ଟିଇଏମ୍) ବିଷୟଗୁଡ଼ିକରେ ଭାରତୀୟ ଶିକ୍ଷକମାନଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ଆବଶ୍ୟକ। ଯୁବପିଢ଼ିଙ୍କ ଆଦର୍ଶ ପାଲଟିଥିବା ଶିକ୍ଷକ ଓ ଗବେଷକମାନଙ୍କୁ ଆମେ ଅଧିକ ସମ୍ମାନ ଦେବା ସହ ଉନ୍ନତ ଦରମା ଦେବା ଉଚିତ। ଏହି ଉଦ୍ଦେଶ୍ୟରେ ୨୦୦୯ରେ ଇନ୍‌ଫୋସିସ୍ ପ୍ରାଇଜ ଆରମ୍ଭ କରାଯାଇଥିଲା। ଇନ୍‌ଫୋସିସ୍ ସାଇନ୍ସ ଫାଉଣ୍ଡେଶନ୍ ପକ୍ଷରୁ ଚଳିତବର୍ଷ ୬ଟି ବର୍ଗରେ ପୁରସ୍କାର ଘୋଷଣା ଅବସରରେ ସେ ଏହି ମନ୍ତବ୍ୟ ଦେଇଛନ୍ତି।


ଏନ୍.ଆର୍. ନାରାୟଣ ମୂର୍ତ୍ତି

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ"** ତା.୨୨.୧୨.୨୦୨୩ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୧୨.୨୦୨୩ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତିଗୁଡ଼ିକର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କା, ୨) ଶ୍ରୀ ନିଗମଜ୍ୟୋତି ଲେଙ୍କା, ଉଭୟଙ୍କ ଠିକଣା - ସା: ଚୁଡଙ୍ଗ ସାହି, ପୁରୀ, ବଡୁମହାପାତ୍ର ଜାଗା ନିକଟ, ପିନ୍ - ୭୫୨୦୦୧ | ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି ନଂ.: ୧ (ସାବିକ ମୌଜା: ଚୁଡଙ୍ଗ ସାହି-୧), ତହସିଲ/ଥାନା/ଜିଲ୍ଲା: ପୁରୀ, ଓଡିଶା, ମ୍ୟୁଟେଡ୍ ଖାତା ନଂ.: ୬୪୦/୪୪, ମ୍ୟୁଟେଡ୍ ପ୍ଲଟ୍ ନଂ.: ୭୬୨/୧୫୦୭, କ୍ଷେତ୍ର: ଏକର ୦.୦୧୮୫ ଡିସିମିଲି, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ | ୦୬.୧୦.୨୦୨୨ ସୁଦ୍ଧା ଟ.୪୭,୩୫,୩୫୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୬.୧୦.୨୦୨୨ | ଟ.୩୩,୬୧,୦୦୦/- / ଟ.୩,୩୬,୧୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରାଜଶ୍ରୀ ଚୌଧୁରୀ, ଉଭୟଙ୍କ ଠିକଣା-ସା: ବାସେଳି ସାହି, ପୋ: ପୁରୀ, ଲୋକନାଥ ରୋଡ, ନୀଳମାଧବ ଲେନ୍, ପୁରୀ, ପିନ୍ - ୭୫୨୦୦୧ | ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପୁରୀ ସହର ୟୁନିଟ୍ - ୩, ମଙ୍ଗଳାଘାଟ, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଖାତା ନଂ.: ୩୨୭, ପ୍ଲଟ୍ ନଂ.: ୧୫୪/୮୪୬, କ୍ଷେତ୍ର: ଏକର ୦.୦୧୧ ଡିସିମିଲି ଏବଂ ଶ୍ରୀମତୀ ରାଜଶ୍ରୀ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୦୦/୧୦୦, ପ୍ଲଟ୍ ନଂ.: ୧୫୪/୧୦୬୯, କ୍ଷେତ୍ର: ଏକର ୦.୦୧୧ ଡିସିମିଲି, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର ୦.୦୨୨ ଡିସିମିଲି | ୦୨.୦୩.୨୦୨୩ ସୁଦ୍ଧା ଟ.୨୩,୦୧,୬୩୩/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୦୩.୨୦୨୩ | ଟ.୩୯,୨୯,୦୦୦/- / ଟ.୩,୯୨,୯୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଓ ସମୟ: ୨୦.୧୨.୨୦୨୩, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ : https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ସିସିଓ: ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ, ମୋ.: ୯୪୩୭୯୫୩୬୪୨

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୧୧.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

# ସୋନିଆ ଗାନ୍ଧୀ ମୋତେ ମୁଖ୍ୟମନ୍ତ୍ରୀ କରିବେ

## ତେଲଙ୍ଗାନା କଂଗ୍ରେସ ନେତାଙ୍କ ଭିଡିଓ ଭାଇରାଲ


କୋମାଟିରେଡ୍ଡୀ ଭେଙ୍କଟ ରେଡ୍ଡୀ

ସମରକନ୍ଦ,୧୫।୧୧

ଆସନ୍ତା ୩୦ରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ସବୁ ଦଳ ପକ୍ଷରୁ ପ୍ରାର୍ଥୀମାନେ ନିଜ ବିଜୟ ସୁନିଶ୍ଚିତ କରିବା ପାଇଁ ଲାଗିପଡ଼ିଛନ୍ତି। କଂଗ୍ରେସର ମୁଖ୍ୟମନ୍ତ୍ରୀ ଦୌଡ଼ରେ ଅନେକ ଆଶାୟୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ବରିଷ୍ଠ ନେତା ତଥା ଲୋକସଭା ସଦସ୍ୟ କୋମାଟିରେଡ୍ଡୀ ଭେଙ୍କଟ ରେଡ୍ଡୀ ଅନ୍ୟତମ। ନିର୍ବାଚନରେ ଦଳ ସଫଳତା ହାସଲ କଲେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମୋତେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିବେ। ମୋଠାରୁ କେହି ବରିଷ୍ଠ ନାହାନ୍ତି ବୋଲି କୋମାଟିରେଡ୍ଡୀ ତେଲୁଗୁ ଭାଷାରେ କହି ବୁଲୁଛନ୍ତି। ତାଙ୍କର ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧, ମୋ: ୮୦୯୩୦୪୭୨୧୮, ଇମେଲ୍: legal.cuttack@bankofbaroda.com

**ଡ଼ିମାଣ୍ଡ ନୋଟିସ୍**
(ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା।

| ଅଁଳାବେରଣୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ /ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ରଞ୍ଜନ କୁମାର ସାହୁ, ୨) ମହୁର ସାହୁ, ପିତା: ୰ପଳଉ ସାହୁ, ଉଭୟଙ୍କ ଠିକଣା - ସା/ପୋ: ଅଁଳାବେରଣୀ, ଥାନା: ତୁମୁସିହାଁ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୬ | ୩୦.୧୦.୨୦୨୩ / ୩୧.୧୦.୨୦୨୩ / ଋଣଗ୍ରହୀତା ତାଙ୍କ ଠିକଣାରେ ଉପସ୍ଥିତ ନାହାଁନ୍ତି | ୧)ଗୃହ ଋଣ: ଟ.୧୦.୦୦ ଲକ୍ଷ ୨) ପିଏମ୍‌ଏମ୍‌ୱାଇ ଋଣ: ଟ.୨.୦୦ ଲକ୍ଷ ୩) କ୍ୟାଶକ୍ରେଡିଟ୍ ଜେନେରାଲ: ଟ.୬.୦୦ ଲକ୍ଷ ୪)ବିଜିଇସିଏଲ୍: ଟ.୧.୧୮ ଲକ୍ଷ | ୧) ୯.୩୫% ୨) ୧୧.୫% ୩) ୧୧.୩୫% ୪) ୯.୨୫% | ୧) ଟ. ୯,୮୩,୭୩୪.୦୩ ୨) ଟ. ୧,୩୯,୩୭୭.୬୮ ୩) ଟ. ୫,୯୮,୯୩୭.୦୫ ୪) ଟ. ୩୬,୬୯୬.୨୧ ୩୦.୧୦.୨୦୨୩ ସୁଦ୍ଧା ସମୁଦାୟ: ଟ.୧୭,୫୮,୭୪୪.୯୭ (୩୦.୧୦.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ:** ମହୁର ସାହୁ, ପିତା: ୰ପଳଉ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଁଳାବେରଣୀ, ଥାନା: କାମାକ୍ଷାନଗର, ଥାନା ନଂ.: ୨୪୨, ମ୍ୟୁଟେସନ୍ ଖାତା ନଂ.: ୩୨୫/୧୯୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୮୪୬/୩୦୭୭, କ୍ଷେତ୍ର: ଏକର ୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ଦୁର୍ଗା ଚରଣ ପଣ୍ଡା ଏବଂ ଅନ୍ୟମାନେ, ପୂର୍ବ: ନିଜସ୍ୱ, ପଶ୍ଚିମ: ରାସ୍ତା

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି। ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣମାନଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି। ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ।

ସ୍ଥାନ: କଟକ, ତାରିଖ: ୧୫.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ଜାଲିଆତି କରି ଅନ୍ୟର ଜମି ବିକ୍ରି ଉଦ୍ୟମ, ଦଲାଲ ଗିରଫ

ଭୁବନେଶ୍ୱର,୧୫।୧୧(ସୂର୍ଯ୍ୟକାନ୍ତ ବେହେରା) - ଅନ୍ୟଜଣଙ୍କ ନାମରେ ଥିବା ଜମିକୁ ଜାଲିଆତି କରି ବିକ୍ରି କରିବା ଉଦ୍ୟମ ଅଭିଯୋଗରେ ବଡଗଡ ଥାନା ପୋଲିସ ଜଣେ ଜମି ଦଲାଲଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ସୁକାନ୍ତ କୁମାର ପ୍ରଧାନ(୫୮)। ସୂଚନାନୁସାରେ, ଅଭିଯୁକ୍ତ ସୁକାନ୍ତ ୨୦୧୧ରେ ଜଣେ ମହିଳାଙ୍କ ନାମରେ ରୁଦ୍ରପୁର ମୌଜାରେ ଥିବା ପ୍ଲଟ୍‌କୁ ଅଧିକ ଟଙ୍କାରେ ବିକ୍ରି କରାଇ ଦେବାକୁ ତାଙ୍କୁ ପ୍ରରୋଚିତ କରିଥିଲେ। ହେଲେ ମହିଳା ଜଣକ ଉକ୍ତ ପ୍ଲଟ୍ ବିକ୍ରି କରିବେ ନାହିଁ ବୋଲି କହିଥିଲେ। ଏହାପରେ ୨୦୨୨ରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ଯୋଜନା ମୁତାବକ ଅନ୍ୟଜଣେ ମହିଳାଙ୍କ ନାମରେ ଉକ୍ତ ପ୍ଲଟ୍‌ର ଜାଲ ମାଲିକାନା କାଗଜପତ୍ର ପ୍ରସ୍ତୁତ କରି ହଡପ ଉଦ୍ୟମ କରୁଥିବା ଜମି ମାଲିକାଣୀ ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୁକ୍ତଙ୍କୁ ପଚାରିବାରୁ ନାନା ପ୍ରକାର ଧମକ ଦେଇଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୩୫୬/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ସଂସ୍କୃତିର ସୁରକ୍ଷା ବିନା ବିକାଶରେ ମହକ ଆସେନି : ମୁଖ୍ୟମନ୍ତ୍ରୀ

**୯ ଜିଲାର ଜନଜାତି ସାଂସ୍କୃତିକ ଦଳକୁ ବାଦ୍ୟଯନ୍ତ୍ର, ନୃତ୍ୟ ପୋଷାକ ଓ ଆଭୂଷଣ ବଣ୍ଟନ**

ଭୁବନେଶ୍ୱର,୧୫।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଆମ ଜନଜାତି ସଂସ୍କୃତି ବହୁତ ସୁନ୍ଦର। ଏହା ଆମ ଦେଶ ଓ ରାଜ୍ୟର ସଂସ୍କୃତିକୁ ଉଜ୍ଜୀବିତ କରିପାରିଛି। ଆମ ବିକାଶରେ ସଂସ୍କୃତିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସଂସ୍କୃତିର ସୁରକ୍ଷା ବିନା ବିକାଶରେ ମହକ ଆସେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଜନଜାତୀୟ ଗୌରବ ଦିବସ ଅବସରରେ ୯ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲା(ଏସ୍‌ଡିସି)ର ଜନଜାତି ସାଂସ୍କୃତିକ ଦଳଗୁଡିକୁ ବାଦ୍ୟଯନ୍ତ୍ର, ନୃତ୍ୟ ପୋଷାକ ଓ ଆଭୂଷଣ ବଣ୍ଟନ ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତାରେ ଏହା କହିଛନ୍ତି। ସୁନ୍ଦରଗଡ, ରାୟଗଡା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ ଓ ଗଜପତିରୁ ୨୭ଟି କଳାକାର ସଙ୍ଗଠନକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା ସାମଗ୍ରୀ ବଣ୍ଟନ କରିଛନ୍ତି। ୧୮୯୧ଟି ଗାୟକ ଦଳକୁ ୭ କୋଟି ୪୯ ଲକ୍ଷ ଟଙ୍କାର ବାଦ୍ୟଯନ୍ତ୍ର ଓ ୮୧୮ ଟି ନୃତ୍ୟ ଦଳ ପାଇଁ ୧୧ କୋଟି ୬୩ ଲକ୍ଷ ଟଙ୍କାର ପୋଷାକ ବଣ୍ଟନ କରାଯାଇଛି। ଏଥିରେ ୨୭୦୯ ଆଦିବାସୀ ଦଳର ୬୭ ହଜାର ୫ ଶହ ଆଦିବାସୀ ଉପକୃତ ହେବେ। ବର୍ତ୍ତମାନ ଏଥିରେ ୨୩ଟି ଜିଲା ସାମିଲ କରାଯାଇଛି। ୯ ଏସ୍‌ଡିସିକୁ ୩୭୬ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଅତିରିକ୍ତ ୧୭୫ କୋଟି ୫୦ ଲକ୍ଷ ଟଙ୍କା ଯୋଗାଇ ଦେବାକୁ ଘୋଷଣା କରାଯାଇଛି। ୬୦ଟି ଆଦିବାସୀ ଜନଜାତି ସାଂସ୍କୃତିକ କ୍ଲବ୍‌କୁ ୩ ହଜାରରୁ ଅଧିକ ପୋଷାକ ଓ ବାଦ୍ୟଯନ୍ତ୍ର ଯୋଗାଇ ଦିଆଯାଇଛି। ୮ ହଜାର ପୀଠସ୍ଥଳୀର ସୁରକ୍ଷା ଓ ଉନ୍ନତୀକରଣକୁ ଗୁରୁତ୍ୱ ଦିଆଯାଇଛି। ସମ୍ପୃକ୍ତ ଜିଲାରେ ୧ ହଜାର ଜନଜାତି ସାଂସ୍କୃତିକ ସଂଘର କଳାକାରଙ୍କ ବିକାଶ ନିମନ୍ତେ ବାଦ୍ୟଯନ୍ତ୍ର, ପୋଷାକ ଓ ଆଭୂଷଣ ଯୋଗାଇ ଦିଆଯାଉଛି। ଯୁବପିଢିଙ୍କ ମଧ୍ୟରେ ଖେଳକୁଦ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ୨ ହଜାରରୁ ଅଧିକ ୟୁଥ୍ କ୍ଲବ ଚିହ୍ନଟ କରି ସେମାନଙ୍କୁ କ୍ରୀଡା ଉପକରଣ ଯୋଗାଇ ଦିଆଯିବାକୁ ବ୍ୟବସ୍ଥା କରାଯାଇଛି। ବିଭାଗୀୟ ଶାସନ ସଚିବ ରୂପା ରୋଶନ ସାହୁ କହିଛନ୍ତି, ୨୦୨୩-୨୪ ସୁଦ୍ଧା ରାଜ୍ୟ ସରକାର ୮ ହଜାରରୁ ଅଧିକ ପବିତ୍ର ଉପବନର ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟ ହାତକୁ ନେଇଛନ୍ତି। ବିଭାଗର ସହଭାଗିତାରେ ରାଜ୍ୟର ବିଭିନ୍ନ ଜନଜାତି ଗାଁରେ ୨ ହଜାର ୮୦୦ରୁ ଅଧିକ ସାଂସ୍କୃତିକ କ୍ଲବ ଗଠନ କରାଯାଇଛି। ୧୨ ଶହରୁ ଅଧିକ ହାଟକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରୁ ପାଣ୍ଠି ପ୍ରଦାନ କରି ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିବା ସେ ସୂଚନା ଦେଇଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସମସ୍ତ ଜନଜାତି କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ଜନଜାତୀୟ ଗୌରବ ଦିବସ ଅବସରରେ ଏକ ଜନଜାତି ସାଂସ୍କୃତିକ ଦଳକୁ ମନ୍ତ୍ରୀ ଜଗନ୍ନାଥ ସାରକା ସାମଗ୍ରୀ ବଣ୍ଟନ କରୁଛନ୍ତି।

# ଜନଜାତି ସମ୍ପ୍ରଦାୟଙ୍କ ଭଗବାନ ବିର୍ସା ମୁଣ୍ଡା

**ଶହୀଦ ବିର୍ସାମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ଭୁବନେଶ୍ୱର,୧୫।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତରେ ମୁକ୍ତି ସଂଗ୍ରାମରେ ମହାନ୍ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ଅବଦାନ ଅନବଦ୍ୟ ଓ ଅବିସ୍ମରଣୀୟ । ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ କ୍ରୀତଦାସ ପ୍ରଥା ବିରୋଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବିର୍ସାମୁଣ୍ଡା । ଜନଜାତି ସମ୍ପ୍ରଦାୟ ତାଙ୍କୁ ଧରତୀ ଆବା ବା ବିର୍ସା ଭଗବାନ ଆଖ୍ୟା ଦେଇ ସମ୍ମାନ କରି ଆସିଛନ୍ତି ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହାନ୍ ବିପ୍ଳବୀ ଶହୀଦ ବିର୍ସାମୁଣ୍ଡା ଜୟନ୍ତୀ ଅବସରରେ ପୌରୋହିତ୍ୟ କରି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରକାଶ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଆଜିର ପିଢ଼ି ବିର୍ସାଙ୍କ ସ୍ୱାଧୀନଚେତା, ନିର୍ଭୀକତା, ସ୍ୱାଭିମାନ ଓ ନିଜ ପରିଚିତିକୁ ନେଇ ଗର୍ବ କରିବାର ସୁଗୁଣଗୁଡ଼ିକୁ ଅନୁକରଣ କରି ନିଜ ଜୀବନରେ ଲଗାଇ ପାରିଲେ ସମାଜର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ବିପ୍ଳବୀ ବିର୍ସା ଆଜି ପ୍ରତ୍ୟେକ ଜନଜାତିଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଓ ସମ୍ମାନ ସ୍ୱଦ ସ୍ଥାନ ଅଧିକାର କରିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଏବଂ ଗବେଷକ ଡ. ସୋମା ଚାନ୍ଦ ଭାରତର ଚିରସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଶହୀଦ ବିର୍ସା ମୁଣ୍ଡା ଅନ୍ୟତମ ବୋଲି ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ଅବସରରେ ଆଜି ସକାଳେ ଜାଭିଅର ମାର୍ଗସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ସୁଦାମ ମାରାଣ୍ଡି, ଜଗନ୍ନାଥ ସାରକା, ସାଂସଦ ଅମର ପଟ୍ଟନାୟକ, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ସମ୍ପାଦିକା କସ୍ତୁରୀ ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୧୮ରୁ ରାଗୋତ୍ସବ

ଭୁବନେଶ୍ୱର,୧୫।୧୧ (ଶର୍ମିଷ୍ଠା ପାଣିଗ୍ରାହୀ): ଜେଏସ୍‌ଡବ୍ଲୁ ଫାଉଣ୍ଡେଶନ୍ ଓ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ଆସନ୍ତା ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ରାଗୋତ୍ସବ ୨୦୨୩ ଅନୁଷ୍ଠିତ ହେବ। ଭାରତର ୬ଟି ସହରରୁ ଆସୁଥିବା କଳାକାରଙ୍କ ଦ୍ୱାରା ପ୍ରତି ସନ୍ଧ୍ୟାରେ ୨ଟି ଉପସ୍ଥାପନା ଦେଖିବାକୁ ମିଳିବ ବୋଲି ବୁଧବାର ରୋଟାରୀ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଉତ୍ସବରେ ହିନ୍ଦୁସ୍ଥାନୀ, କର୍ଣ୍ଣାଟିକ୍ ଏବଂ ଓଡ଼ିଶୀ ଧାରାର ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ ଉପସ୍ଥାପନ ହେବ। ପ୍ରଥମ ସନ୍ଧ୍ୟାରେ ସନ୍ଦୀପ୍ ରାଉତଙ୍କ ଦଳଗତ ସଙ୍ଗୀତ 'ତାଳବାଦ୍ୟ ପ୍ରକୃତ', କୋଲକାତାର ସବିନା ମମତାଜ ଇସଲାମ୍ ଓ ସଞ୍ଜୁକ୍ତା ବିଶ୍ୱାସଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ଭୋକାଲ ପରିବେଷଣ ହେବ। ଦ୍ୱିତୀୟ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନାରେ ବିଶାଖାପାଟନମ୍‌ର ପନ୍ତୁଲା ରମାଙ୍କ ଦ୍ୱାରା ଏକକ କର୍ଣ୍ଣାଟିକ୍ ଭୋକାଲ୍ ଗାୟନ ଓ ପରେ ପୁଣେରୁ ଆସିଥିବା ବିଦୁଷୀ ସାହାନା ବାନାର୍ଜୀ ଏବଂ ବିଦୁଷୀ ରୁଚିରା କେଦାରଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ସୀତାର ଏବଂ ଭୋକାଲ୍ ଯୁଗଳ ବନ୍ଦୀ ପ୍ରଦର୍ଶିତ ହେବ। ତୃତୀୟ ସନ୍ଧ୍ୟାରେ ପୁରୀର ଅଚ୍ୟୁତ ମହାରାଣାଙ୍କ ଏକକ ଓଡ଼ିଶୀ ଭୋକାଲ୍ ଉପସ୍ଥାପନା ସହିତ ଦ୍ୱିତୀୟ ଉପସ୍ଥାପନାରେ ମୁମ୍ବାଇର ଜଣାଶୁଣା କଣ୍ଠଶିଳ୍ପୀ ପଣ୍ଡିତ ରାମ ଦେଶପାଣ୍ଡେ ଏକକ ହିନ୍ଦୁସ୍ଥାନୀ ଭୋକାଲ୍ ଗାୟନ ପରିବେଷଣ କରିବେ।




ଭାରତୀୟ ମଜଦୁର ସଂଘର ଆହ୍ୱାନକ୍ରମେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ଶ୍ରମଜୀବୀ ସମାବେଶ।

# ଉଦ୍ଧାର ପାଣିକଇଁଛ ନନ୍ଦନକାନନ ଆସିଲା

ବାରଙ୍ଗ,୧୫।୧୧(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ସିଟି ଫରେଷ୍ଟ ଅଧୀନ ରଘୁନାଥପୁର ଗାଁ ନିକଟରୁ ଉଦ୍ଧାର ହୋଇଥିବା ଏକ ପାଣି(ଦେଶୀ) କଇଁଛ ବୁଧବାର ଅପରାହ୍ନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଛି। କଇଁଛ ରଘୁନାଥପୁର ଗାଁ ନିକଟ ଲାଲଚାନ୍ଦ ସୁନା ଦୋକାନ ପଛପଟ ବିଲରେ ବୁଲୁଥିଲା। ଉଦ୍ଧାର କଇଁଛ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ପ୍ରାଣୀ ଉଦ୍ୟାନର ସରୀସୃପ ଉଦ୍ୟାନର ୪୭ ନଂ. ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ଏବେ ଏହି ପ୍ରଜାତିର କଇଁଛଙ୍କ ସଂଖ୍ୟା ୩୧କୁ ବୃଦ୍ଧିପାଇଛି।

# ବିଏମ୍‌ସି କାର୍ଯ୍ୟାଳୟରେ ଭୋଟର ସଂଶୋଧନ ସହାୟତା କେନ୍ଦ୍ର

ଭୁବନେଶ୍ୱର, ୧୫।୧୧ (ବନ୍ଦନା ସେଠୀ)

ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମରେ ସାମିଲ ହୋଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏଥିପାଇଁ ବିଏମ୍‌ସି ମୁଖ୍ୟାଳୟ ଅପରଗ୍ରାଉଣ୍ଡ୍‌ରେ ସହାୟତା କେନ୍ଦ୍ର ଖୋଲାଯାଇଛି। ଯେଉଁ ଭୋଟରଙ୍କ ନାମ, ଠିକଣା, ୱାର୍ଡ, ମତଦାନ କେନ୍ଦ୍ର ଆଦି ନେଇ କିଛି ତ୍ରୁଟି ରହିଛି, ସେମାନେ ଏହି ସହାୟତା କେନ୍ଦ୍ରରେ ସଂଶୋଧନ କରିପାରିବେ। ଏହାବ୍ୟତୀତ ଯେଉଁମାନଙ୍କ ଜନ୍ମ ୨୦୦୬ ଅକ୍ଟୋବର ୧ ପୂର୍ବରୁ ହୋଇଥିବ, ସେମାନେ ଏହି ସହାୟତା କେନ୍ଦ୍ରରେ ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ କରିପାରିବେ। ତେଣୁ ୧୭ ବର୍ଷରୁ ଊର୍ଦ୍ଧ୍ୱ ବୟସର ନାଗରିକ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ୨୦୨୪ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଚଳିତ ମାସ ୨୭ ତାରିଖରୁ ଡିସେମ୍ବର ୮ ପର୍ଯ୍ୟନ୍ତ ବିଏମ୍‌ସି କାର୍ଯ୍ୟାଳୟରେ ଚାଲିବ। ଦୈନିକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ସଂଶୋଧନ ପ୍ରକ୍ରିୟା ଚାଲୁ ରହିବ ବୋଲି ବିଏମ୍‌ସି ସହକାରୀ କମିଶନର ଏନ୍. ଗଣେଶ ବାବୁ ସୂଚନା ଦେଇଛନ୍ତି।

# ଦାବି ପୂରଣ ପାଇଁ ରାଜଧାନୀରେ ଶ୍ରମଜୀବୀ ସମାବେଶ

**ଅଙ୍ଗନୱାଡି, ଆଶା କର୍ମୀ, ପାଚିକା ସଂଘ ବି ଆନ୍ଦୋଳନରେ ସାମିଲ**

ଭୁବନେଶ୍ୱର,୧୫।୧୧ (ସୂର୍ଯ୍ୟକାନ୍ତ ବେହେରା)

ଭାରତୀୟ ମଜଦୁର ସଂଘର ଆହ୍ୱାନକ୍ରମେ ବୁଧବାର ଭୁବନେଶ୍ୱରଠାରେ ଶ୍ରମଜୀବୀ ମେଳି ସହ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଶ୍ରମଜୀବୀ ମାଷ୍ଟରକ୍ୟାଣ୍ଟିନ ଛକରେ ଏକାଠି ହେବା ପରେ ଶୋଭାଯାତ୍ରାରେ ଲୋୟର ପିଏମ୍‌ଜିସ୍ଥିତ ସମାବେଶ ସ୍ଥଳକୁ ଯାଇଥିଲେ। ରାଜ୍ୟ ସରକାର ଦାବି ପୂରଣ କରୁ ନ ଥିବାରୁ ସେମାନେ ନାନା ନାରାବାଜି ଦେଇ ଗର୍ଜିଥିଲେ। ବିଗତ ବର୍ଷ ଦୁଇବର୍ଷ ହେବ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ବିଭିନ୍ନ ସଂଗଠନ - ଅଙ୍ଗନୱାଡ଼ି, ଆଶା, ବିଦ୍ୟୁତ ଠିକା ଶ୍ରମିକ, ପାଚିକା, ପରିବହନ କର୍ମଚାରୀ, ଆଉଟ୍‌ସୋର୍ସିଂ ଠିକା କର୍ମଚାରୀ, ଶିକ୍ଷକ, ଗାଁ ସାଥୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ନିର୍ମାଣ ଶ୍ରମିକ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଘରୋଇ ଉଦ୍ୟୋଗ ଓ ଅନ୍ୟାନ୍ୟ କଳକାରଖାନା, ଖଣି ଖାଦାନରେ କାର୍ଯ୍ୟରତ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇବା ସହ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଆସୁଛନ୍ତି। ହେଲେ ସରକାର ପ୍ରତିଶ୍ରୁତି ଦେଇ କୌଣସି ଦାବି ପୂରଣ ନ କରିବାରୁ ସମାବେଶରେ ସଂଘର ନେତୃବୃନ୍ଦ ବର୍ଷିଥିଲେ। ସ୍କିମ୍ ୱାର୍କରଙ୍କ ଦରମା ବୃଦ୍ଧି, ଅସଙ୍ଗଠିତ କର୍ମଚାରୀଙ୍କ ସାମାଜିକ ନିରାପତ୍ତା, ଠିକା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସର୍ବନିମ୍ନ ବେତନ ୨୮ ହଜାର ଟଙ୍କା, ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି, ବିଦ୍ୟୁତ ଠିକା ଶ୍ରମିକଙ୍କ ପାଇଁ ଅନ୍ୟ ରାଜ୍ୟ ଭଳି ସ୍ୱତନ୍ତ୍ର ମଜୁରି, ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ପୁରୁଣା ପେନସନ ଲାଗୁ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀଙ୍କ ପାଇଁ ହାୟର ପେନ୍‌ସନ ଲାଗୁ କରିବା ପାଇଁ ଦାବି କରାଯାଇଛି। ଭାରତୀୟ ମଜଦୁର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ବିକ୍ଷୋଭ ସମାବେଶରେ ପୃଥ୍ୱୀରାଜ ପଣ୍ଡା, ଗଣେଶ ମିଶ୍ର, ଅଞ୍ଜଳି ପଟେଲ, ଗିରୀଶ ମହନ୍ତ, ଶ୍ରୀନିବାସ ରାଓ, ବାଦଲ ମହାରଣା, ଶାନ୍ତନୁ ମହାପାତ୍ର, ହିମାଂଶୁ ବଳ, ଯୋଗେଶ ଦାସ, ଡାକ୍ତର ମହନ୍ତ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ସଭାସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




ବାଲିଅନ୍ତା,୧୫।୧୧(ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅଧ୍ୟକ୍ଷ ଡ. ସନ୍ତୋଷ ସେଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇ ନୃତ୍ୟ ପରିବେଷଣ ଓ ଗୀତ ଗାଇଥିଲେ।



ଉତ୍କଳ ରଙ୍ଗମଞ୍ଚରେ ବୁଧବାର ଅନୁଷ୍ଠିତ ଲାସ୍ୟ ଲାବଣ୍ୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଅରୁଣା ମହାନ୍ତିଙ୍କୁ 'ଲାସ୍ୟ ଲାବଣ୍ୟ ସମ୍ମାନ'

**୫ମ ଲାସ୍ୟ ଲାବଣ୍ୟ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ**

ଭୁବନେଶ୍ୱର,୧୫।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱନାଥ ସଙ୍ଗୀତାୟନ କଟକ ପକ୍ଷରୁ ୨ଦିନିଆ ରାଷ୍ଟ୍ରୀୟ ନୃତ୍ୟ ଉତ୍ସବ ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୃତ୍ୟାଙ୍ଗନା ଅରୁଣା ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ପାଇଁ 'ଲାସ୍ୟ ଲାବଣ୍ୟ ସମ୍ମାନ ୨୦୨୩'ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନିଲ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଗୁରୁ ଦୁର୍ଗାଚରଣ ରଣବୀର ଓ ନୃତ୍ୟାଙ୍ଗନା ସଙ୍ଗୀତା ଦାଶ, ଗୁରୁ ଧନେଶ୍ୱର ସ୍ୱାଇଁ, ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ରାୟ, ସମ୍ପାଦିକା ଦୀପ୍ତି ରାଉତରାୟ ଓ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ 'ବନ୍ଦେ ତ୍ରିପୁର ସୁନ୍ଦରୀ' ନୃତ୍ୟ ଅଭିନୟ ପରିବେଷଣ କରିଥିଲେ। ଏହାକୁ ସଙ୍ଗୀତରେ ଗୁରୁ ପ୍ରଦୀପ କୁମାର ରାୟ, ନୃତ୍ୟ ସଂଯୋଜନାରେ ଦୀପ୍ତି ରାଉତରାୟ, କଣ୍ଠରେ ରୂପକ ପରିଡା, ବନ୍ଦିତା ରାୟ, ଧନେଶ୍ୱର ସ୍ୱାଇଁ, ମର୍ଦ୍ଦଳରେ ଅଜୟ ଚୌଧୁରୀ, ବଂଶୀରେ ଜବାହର ମିଶ୍ର ଓ ବେହେଲାରେ ଗୁରୁ ପ୍ରଦୀପ କୁମାର ରାୟ, ସୀତାରରେ ପ୍ରକାଶ ମହାପାତ୍ର ସହଯୋଗ କରିଥିଲେ। ପରେ ମୁମ୍ବାଇରୁ ଆସିଥିବା ବିଶିଷ୍ଟ କଥକ ନୃତ୍ୟାଙ୍ଗନା ଉମା ଦୋଗ୍ରା ଓ ସାଥୀ କଥକ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମ ଚରଣରେ ଶିଳ୍ପୀମାନେ ଦଳଗତ ନୃତ୍ୟରେ ମନ୍ଥରା ପରିବେଷଣ କରିଥିଲେ। ରାମାୟଣ ସମର୍ଥିତ ଏହି ତତ୍ତ୍ୱକୁ ଦଳଗତ ନୃତ୍ୟରେ ଶିଳ୍ପୀମାନେ ଉପସ୍ଥାପିତ କରିଥିଲେ। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଦୀପ୍ତି ରାଉତରାୟ।

# ମାଟିରେ ପ୍ରତିଭା ଦେଖାଇଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ମାଟିରେ ଭଳିକି ଭଳି କଳା। ମାଟିରେ ନିର୍ମାଣ ହୋଇଛି ସୁନ୍ଦର କ୍ଷୁଦ୍ର ମୂର୍ତ୍ତି। ସେଭଳି ରଙ୍ଗ ତୂଳୀରେ ଜୀବନ୍ତ ହୋଇଯାଉଛି କାଗଜ ତ ପୁଣି କିଏ ଦେଖାଉଛି ମ୍ୟାଜିକର ଯାଦୁ କୌଶଳ। ଲୋକମାନେ ଭିନ୍ନକ୍ଷମ ପିଲାଙ୍କ କ୍ଷମତା ଦେଖୁଛନ୍ତି। ଭୁବନେଶ୍ୱର କଳାଭୂମି ପରିସରରେ ୨୨ତମ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବର ଦ୍ୱିତୀୟ ଦିନରେ କୋଣ ଅନୁକୋଣରୁ ଆସି ଛାତ୍ରୀଛାତ୍ର ଦେଖାଇଛନ୍ତି ନିଜର ଭିନ୍ନ ଭିନ୍ନ କଳା। ଯାଦୁ, ଚିତ୍ରକଳା, କାର୍ଟୁନ, ଜୈବିକ ବ୍ୟବହାର ଉପଯୋଗୀ ପଦାର୍ଥ ପ୍ରସ୍ତୁତି, ମୃତ୍ତିକା କଳା, ଟେରାକୋଟା, ବିଜ୍ଞାନ କଳା, କାହାଣୀ କଥନ, ପଟ୍ଟଚିତ୍ର ଆଦି କର୍ମଶାଳାରେ ଲୋକଙ୍କ ଗହଳି ଲାଗି ରହିଛି। ଭିନ୍ନକ୍ଷମ ହୋଇବି ଭିନ୍ନ ଭିନ୍ନ କ୍ଷେତ୍ରରେ ନିଜର କ୍ଷମତା ଜାହିର କରିବାର କାର୍ଯ୍ୟକ୍ରମ ହେଉଛି ଅଞ୍ଜଳି। ଚଳିତବର୍ଷ ଏହାର ଶୀର୍ଷକ 'କାହାଣୀ ଓ କିମ୍ବଦନ୍ତୀ' ରହିଛି। ଶାରୀରିକ ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ ଉତ୍ସାହ ଓ ସାହାସ ଭରିବା ପାଇଁ ଡ. ଶ୍ରୁତି ମହାପାତ୍ରଙ୍କ ସ୍ୱାଭିମାନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବୁଧବାର ଡିଏଭି ପବ୍ଲିକ ସ୍କୁଲ, ମଦର୍ସ ପବ୍ଲିକ ସ୍କୁଲ ୟୁନିଟ-୧ ଓ ଖଣ୍ଡଗିରି ଶାଖା ତଥା ଗାଇଡାନ୍ସ ଇଂଲିଶ ମିଡିୟମ ସ୍କୁଲର ଛାତ୍ରୀଛାତ୍ର ଅଞ୍ଜଳି କାର୍ଯ୍ୟକ୍ରମ ଦେଖିଥିଲେ। ସୋଲୋ ସଙ୍ଗୀତ ପ୍ରତିଯୋଗିତା, କୁଇଜ ପ୍ରତିଯୋଗିତା ର ମଧ୍ୟ ଅନୁଷ୍ଠିତ ହୋଇଥିଲା। କାହାଣୀ କଥନରେ ପ୍ରାଚୀତାରା ମିଶ୍ର ପିଲାଙ୍କୁ ନିଜ ମନଲୋଭା କାହାଣୀରେ ଆକର୍ଷିତ କରିଥିଲେ। ସେହିପରି କେତକୀ ଫାଉଣ୍ଡେଶନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଓଡ଼ିଶାର ଏକ ଗଣମାଧ୍ୟମ ସଂସ୍ଥା କାର୍ଯ୍ୟାଳୟକୁ ପରିଦର୍ଶନ ପାଇଁ ନିଆଯାଇଥିଲା। ପିଲାମାନେ ଗଣମାଧ୍ୟମରେ କିଭଳି ଖବର ପ୍ରସାରଣ ହୁଏ ସେ ନେଇ ବୁଝିଥିଲେ। ସନ୍ଧ୍ୟାରେ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଅରବିନ୍ଦ ପାଢୀ ପିଲାଙ୍କ ମଧ୍ୟରେ ଉତ୍ସାହ ଭରିଥିଲେ।



ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବର ବୁଧବାର ଦ୍ୱିତୀୟ ଦିବସରେ ଯୋଗଦେଇଥିବା ଡ. ଶ୍ରୁତି ମହାପାତ୍ର ଓ ଅନ୍ୟ ଅତିଥିଙ୍କ ସହ ଛାତ୍ରୀଛାତ୍ର।



ଦୁଇ ଶିଶୁ ମାଟିରେ କଳା ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ବେଆଇନ ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

ଜଟଣୀ, ୧୫।୧୧ (ରବୀନ୍ଦ୍ର ନାଥ ମହାକୁଡ଼)

ବୁଧବାର ଜଟଣୀ ପୋଲିସ ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ ଜଟଣୀ ଥାନା ଅଧୀନ ରାଜାବଜାର ଗଜପତିନଗରର ଏନ୍ କ୍ରୀଷ୍ଣା ରାଓ (୪୬)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୦ ଲିଟର ଆସ୍କା-୪୦ ସହିତ ନଗଦ ୧୨୩୦ ଟଙ୍କା ଜବତ କରାଯାଇଛି। ଏ ନେଇ ଜଟଣୀ ଥାନା ୩୯୩/୨୩ ଓଡିଶା ଅବକାରୀ ନିୟମରେ ମାମଲା ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୌମ୍ୟକାନ୍ତ ବଲିୟାରସିଂ ସୂଚନା ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ବିଶେଷ ସୂତ୍ରରୁ ଖବର ପାଇ ଜଟଣୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଲିସର ଏକ ଟିମ୍ ସ୍ଥାନୀୟ ଲୋକକଲୋନୀଠାରେ ଥିବା ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରିଥିଲେ।

### ସପ୍ତ ଦିନାତ୍ମକ ଭଗବତ ଜ୍ଞାନ ଯଜ୍ଞ

ଟାଙ୍ଗୀ ଖୋର୍ଦ୍ଧା ୧୫।୧୧ (ରଘୁନାଥ ସାହୁ)

ଚାନ୍ଦପୁର ମା' ରାମଚଣ୍ଡୀ ମନ୍ଦିର ପରିସରରେ ସପ୍ତ ଦିନାତ୍ମକ ଭଗବତ ଜ୍ଞାନ ଯଜ୍ଞ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବୈଦିକ ବିଧି ବିଧାନ ସହ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଭଗବତ କଥା ଶ୍ରବଣ କରାଇବେ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ଦାସ ମହାରାଜା। କାର୍ଯ୍ୟକ୍ରମରେ ସନ୍ଥ ଅଦ୍ୱୈତ ଚରଣ ଦାସ ମହାରାଜ, ବନମାଳୀ ଦାସ ମହାରାଜା, ରାଧା ଚରଣ ଦାସ ମହାରାଜ, ଭାସ୍କର ଚନ୍ଦ୍ର ଶତପଥି ପ୍ରମୁଖ ଉପସ୍ଥିତ ରହିଥିଲେ। କର୍ତ୍ତା ପ୍ରଦୀପ କୁମାର ସାହୁ, ସଭ୍ୟ ରାମଚନ୍ଦ୍ର ସାହୁ, ସନାତନ ନାୟକ, ପ୍ରଶାନ୍ତ କୁମାର ଦଳାଇ, ଦିଲୀପ କୁମାର ସାହୁ, ଶିବ ପ୍ରସାଦ ସାହୁ, ରମେଶ ଚନ୍ଦ୍ର ନାୟକ, ସୁରଜନ ବେହେରା, ଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ରାମଚରିତ ମାନସ ଆରମ୍ଭ

ନିରାକାରପୁର,୧୫।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ରାମଦୟା ପରିଷଦର ୪୧ ତମ ବାର୍ଷିକ ଅଧିବେଶନ ଆନୁକୂଲ୍ୟରେ ଶ୍ରୀରାମଚରିତ ମାନସ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ଦୀର୍ଘ ୧୦ ଦିନ ଧରି ଚାଲୁ ରହିବ। ଏହି ଅବସରରେ ପ୍ରତ୍ୟେକ ଦିନ ହୋମ ଯଜ୍ଞ ସହିତ ନାମ ସଂକୀର୍ତ୍ତନ, ସୂର୍ଯ୍ୟପୂଜା ଆଦି ହୋଇଥିବାବେଳେ ପ୍ରତ୍ୟେକ ଓଡିଶାର କୋଣଅନୁକୋଣରୁ ସୁନାମଧନ୍ୟ ପ୍ରବଚକମାନଙ୍କ ଦ୍ୱାରା ରାମକଥା ଅନୁଷ୍ଠିତ ହେଉଛି ।

### ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ

ବୋଲଗଡ,୧୫।୧୧(ଦେବବ୍ରତ ହୋତା)

ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ବୁଧବାର ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୫ଟି ପ୍ରାଇମେରୀ ବିଦ୍ୟାଳୟରୁ ୫୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ ମେଳାରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମନ୍ତରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମ ଚରଣ ବେହେରା, ମୁଖ୍ୟବକ୍ତା କୈଳାଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା କେନ୍ଦ୍ରର ପ୍ରଧାନ ଗୁରୁମା ବାସନ୍ତୀ ବାଳା ମହାପାତ୍ର, ସ୍କୁଲର ସଭାପତି ରାଜ କିଶୋର ବ୍ରହ୍ମା ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚିଲିକା ପକ୍ଷୀଙ୍କ ପାଇଁ ବିପଦ ପାଲଟିଛି ଚିଙ୍ଗୁଡ଼ି ଘେରି

ଖୋର୍ଦ୍ଧା, ୧୫।୧୧ (ପ୍ରଭାତ ପାଣିଗ୍ରାହୀ)

ପ୍ରତିବର୍ଷ ଶୀତ ଋତୁରେ ଚିଲିକାକୁ ବହୁସଂଖ୍ୟାରେ ବିଦେଶାଗତ ପକ୍ଷୀ ଆସିଥାନ୍ତି। ୨ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତେବେ ଚିଲିକାରେ ପ୍ଲାଷ୍ଟିକ, ପଲିଥିନ, ବେଆଇନ ଚିଙ୍ଗୁଡି ଘେରି ଏହାର ଜୈବ ବିବିଧତାକୁ ନଷ୍ଟ କରୁଛି। ଏଥିସହିତ ଚିଲିକାରେ ଏକର ଏକର ଅଞ୍ଚଳରେ ନଳଘାସ, ରାଜଦଳ ମାଡ଼ିଗଲାଣି। ଦଳ ଓ ଘେରି ଚିଲିକାକୁ ଗ୍ରାସିବା ଯୋଗୁ ପକ୍ଷୀଙ୍କ ପାଇଁ ଏବେ ଅଧିକ ବିପଦ ସୃଷ୍ଟି କରିଛି।

ଯେତିକି ଘେରି ଉଚ୍ଛେଦ କରାଯାଉଛି, ପୁଣି ସେହି ତୁଳନାରେ ବଢ଼ିଚାଲିଛି। ଓଡ଼ିଶା ହାଇକୋର୍ଟ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ଆଦେଶ ଦେଇଥିଲେ। ତେବେ ଜିଲା ଓ ସ୍ଥାନୀୟ ପ୍ରଶାସନ ଏହି ଆଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁନଥିବାରୁ ଏବେ ବି ଚିଲିକା ଭିତରେ ଶହ ଶହ ଏକର ବେଆଇନ ଭାବେ ଚିଙ୍ଗୁଡି ଘେରି ରହିଛି। ଏଠାରେ ସୂଚନା ଯୋଗ୍ୟ, ଚଳିତ ବର୍ଷ ଜାନୁୟାରୀ ମାସରେ ଚିଲିକାରେ ପକ୍ଷୀ ଗଣନା ଚାଲିଥିବା ବେଳେ ସାତପଡ଼ା ରେଞ୍ଜ ଅଞ୍ଚଳରେ ଗଣନାକାରୀ ଟିମ ଏକ ଚିଙ୍ଗୁଡ଼ି ଘେରି ଜାଲରେ ପାଣିକୁଆ ସମେତ ଅନ୍ୟ ପକ୍ଷୀ ଫସି ରହିଥିବା ଦେଖିବାକୁ ପାଇଥିଲେ। ସେହିପରି ଅନ୍ୟ ଏକ ଟିମ୍ ପକ୍ଷୀ ଗଣନା କରୁଥିବା ବେଳେ ମାଣିକପାଟଣା ନିକଟରେ ଏକ ଚିଙ୍ଗୁଡି ଘେରି ଭିତରେ ପାଣିକୁଆ ଜାଲରେ ଛନ୍ଦି ହୋଇଥିବା ବେଳେ ଟିମ୍ ସଦସ୍ୟ ପାଣିକୁଆଟିକୁ ଉଦ୍ଧାର କରିଥିଲେ। ତେବେ ଚିଲିକାରେ ଏହା ନୂଆ କଥା ନୁହଁ। ଚିଲିକାରେ ୫୦ରୁ ଊର୍ଦ୍ଧ୍ୱ ରେସିଡେଣ୍ଟାଲ ପକ୍ଷୀ ରହୁଛନ୍ତି। ଖାଦ୍ୟ ଅନ୍ୱେଷଣ ସମୟରେ ଜାଲରେ ଫସି ବହୁବାର ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି। ଚିଲିକା ହ୍ରଦର ସାତପଡ଼ା ଅଞ୍ଚଳ ଇରାୱାଡି ଡଲଫିନ ପାଇଁ ବିଖ୍ୟାତ। ତେବେ ସିଡିଏ ଓ ବନ ବିଭାଗର ଉଦାସୀନତା, ମାତ୍ରାଧିକ ଡଙ୍ଗା ଚଳପ୍ରଚଳ ଏବଂ ଘେରି ଯୋଗୁ ଡଲଫିନ୍‌ର ବାସସ୍ଥାନ ବିଶେଷଭାବେ ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଚିଲିକାରେ ଜାଲ ଓ ବାଉଁଶ ବିଛାଇ ବେଆଇନ ଭାବେ ରହିଥିବା ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତିନି ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ, ଚିଲିକା ବ୍ଲକ, ପୁରୀ ଜିଲା କୃଷ୍ଣପ୍ରସାଦ, ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲା ଉପକୂଳବର୍ତ୍ତୀ ଅଞ୍ଚଳରୁ ଘେରି ଉଚ୍ଛେଦ ଜାରି ରହିଛି। ବେଆଇନ ଘେରି ଯୋଗୁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି।

ଫଳରେ ଚିଲିକା ଧିରେ ଧିରେ ତା'ର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଓଡ଼ିଶା ହାଇକୋର୍ଟ ଆର୍ଦ୍ରଭୂମିର ସୁରକ୍ଷା, ଜବରଦଖଲ ରୋକିବା ପାଇଁ ଡ୍ରୋନ ସର୍ଭେ ଲାଗି ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଭାବେ ଚାଲିଥିବା ଘେରି ଉଚ୍ଛେଦ ଲାଗି ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚିଲିକା ଏବଂ ଭିତରକନିକା ଆର୍ଦ୍ରଭୂମିର ପରିବେଶ ସଂରକ୍ଷଣ ପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ଏଭଳି ଘେରାଉ ଉଚ୍ଛେଦ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଭର୍ଚୁଆଲ ଶୁଣାଣି ବେଳେ ସିଡିଏ କର୍ତ୍ତୃପକ୍ଷ ଉପସ୍ଥିତ ରହି ହାଇକୋର୍ଟଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସିଡିଏ ଟିମ୍ ଦ୍ୱାରା କ୍ରମାଗତ ଭାବେ ଏହା ଉପରେ ନଜର ରଖାଯିବ। ତେବେ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଘେରି ଉଚ୍ଛେଦ ଏବେ ପ୍ରହସନ ପାଲଟିଛି। ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ଚିଲିକା ଘେରିମୁକ୍ତି ଲାଗି ଚାଲିଥିବା ପକ୍ରିୟା ଏବେ ବି ଜାରି ରହିଛି। ତେବେ ସବୁ ପ୍ରଚେଷ୍ଟା ସତ୍ତ୍ୱେ ଚିଲିକା ଘେରି ମୁକ୍ତ ହୋଇପାରୁନାହିଁ। କାହା ଇଙ୍ଗିତ, ଛତ୍ରଛାୟା ତଳେ ଏସବୁ ଚାଲିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ଚିଲିକାରେ ଘେରି ଉଚ୍ଛେଦ କରାଯାଇଛି। ଚିଲିକାରେ ଘେରି କରିଲେ, କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଚିଲିକା ତହସିଲଦାର କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ମଧ୍ୟ ଦେଇଛନ୍ତି। ଏଥିସହିତ ଚିଲିକାରେ ପାଟ୍ରୋଲିଂ ମଧ୍ୟ କରାଯାଉଛି। ଚିଲିକାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରି ରହିଛି। ଏଥିଲାଗି ଜନସାଧାରଣ ମଧ୍ୟ ସହଯୋଗର ହାତ ବଢାଇବା ଉଚିତ ବୋଲି ସେ କହିଛନ୍ତି।

# ସମାଜସେବାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଚନ୍ଦନ



ପିଲାମାନଙ୍କ ସହ ଚନ୍ଦନ ପଶ୍ଚିମକବାଟ।

କଳାପଥର, (ଗଙ୍ଗାଧର ସାହୁ)/ ବୋଲଗଡ଼, (ଦେବବ୍ରତ ହୋତା), ୧୫।୧୧

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧିନ ମର୍ଦ୍ଦବାଡ଼ି ଗ୍ରାମର ଯୁବ ସାମାଜିକ କର୍ମୀ ହେଉଛନ୍ତି ଚନ୍ଦନ ପଶ୍ଚିମକବାଟ (୧୬)। ମାତ୍ର ଅଳ୍ପ ବୟସରୁ ସେ ସମାଜସେବା କରିବା ସହ ପିଲାଙ୍କୁ ପାଠପଢ଼ାରେ ସହାୟତା କରି ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଚନ୍ଦନ ଅଙ୍ଗନାୱାଡି ପଢୁଥିବା ପିଲାମାନଙ୍କଠାରୁ ଆରମ୍ଭକରି ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ଗରିବ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିଥାନ୍ତି। ଏଥିସହ ଶିଶୁଦିବସ ଅବସରରେ ସେ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ କରିଥିବା ଜଣାଯାଇଛି। 'ମୋ ଗାଁ ମୋ ସମ୍ମାନ' ଅଭିଯାନ ମାଧ୍ୟମରେ ପିଲାମାନଙ୍କୁ ନେଇ ତିନୋଟି ପ୍ରତିଯୋଗିତା କରାଯାଇଥିଲା। ସେଥିମଧ୍ୟରୁ ତିନିଜଣଙ୍କୁ ବିଜେତା ରୂପେ ଘୋଷଣା କରି ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜରେ ଶିକ୍ଷାର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ଚନ୍ଦନ ଗ୍ରାମର ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବାର ଏତାଦୃଶ ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ପଦକ୍ଷେପ। ତାଙ୍କର ଏଭଳି କାର୍ଯ୍ୟ ପାଇଁ ପ୍ରଭାତ ବାରିକ, ବିଭୂପ୍ରସାଦ ଶତପଥୀ ଓ ମର୍ଦ୍ଦବାଡ଼ି ଗ୍ରାମବାସୀ ପ୍ରେରଣା ତାଙ୍କୁ ଉତ୍ସାହିତ କରିଥିବା ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, ଚନ୍ଦନ ପଶ୍ଚିମକବାଟ ବର୍ତ୍ତମାନ ଯୁକ୍ତ ଦୁଇରେ ଅଧ୍ୟୟନରତ।





ଖୋର୍ଦ୍ଧା ଜିଲା ଲୋକ ମହୋତ୍ସବ ଅବସରରେ ମଞ୍ଚାସୀନ ଅତିଥି ଏବଂ କଳାକାରମାନେ।

# ଜିଲା ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା, ୧୫।୧୧(ପ୍ରଭାତ ପାଣିଗ୍ରାହୀ)

'ଆଶ୍ୱସନା' ପକ୍ଷରୁ ଗୁରୁଜଙ୍ଗ ମହୋତ୍ସବ ପଡ଼ିଆରେ ଖୋର୍ଦ୍ଧା ଜିଲା ଲୋକ ମହୋତ୍ସବ ବୁଧବାର ଉଦଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ ପାଟ୍ଟଶାଣୀ ଅତିଥି ଭାବେ ଯୋଗଦେଇ କହିଥିଲେ, ଲୋକକଳା ଦ୍ୱାରା ଗ୍ରାମୀଣ ସଂସ୍କୃତିର ବିକାଶ ଘଟିଥାଏ। ପ୍ରଥମ ଦିନରେ ନୃତ୍ୟଶ୍ରୀ ଓ ନୃତ୍ୟାୟନ ଅନୁଷ୍ଠାନ କଳାକାରମାନେ ଓଡିଶୀ, ଲୋକକଳା ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଚିତେଶ ସାହୁ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, କଳାପ୍ରେମୀ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡିଥିବା ପରିଲକ୍ଷିତ ହୋଇଥିଲା।

# ବନ ସୁରକ୍ଷା ସମିତିର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ

ଟାଙ୍ଗୀ ଖୋର୍ଦ୍ଧା, ୧୫।୧୧(ରଘୁନାଥ ସାହୁ)

ବନକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ଦ୍ୱାରା ସ୍ଥାନୀୟ ଅଧିବାସୀମାନଙ୍କୁ ନେଇ ବନ ସୁରକ୍ଷା ସମିତି ଗଠନ କରାଯାଇଥିଲା। ଟାଙ୍ଗୀ ବନାଞ୍ଚଳ ରେଞ୍ଜ ଚିଲିକା, ବାଣପୁର, ରଣପୁର, ବେଗୁନିଆ, ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ୧୨,୮୬୯ ହେକ୍ଟର ଜଙ୍ଗଲ ଜମି ରହିଛି। ସେହିପରି ଏହା ଅଧୀନରେ ୪ଟି ଫରେଷ୍ଟ ସେକ୍ସନ ଟାଙ୍ଗୀ, ପଟିଆ, ଭୁଷଣ୍ଡପୁର, ନାରୁଣୀ ରହିଛି। ସମଗ୍ର ବନାଞ୍ଚଳରେ ୨୬ଟି ବନ ସୁରକ୍ଷା ସମିତି ରହିଛି। କିନ୍ତୁ ଅଧାରୁ ଅଧିକ ସମିତିର ନିୟମିତ ବୈଠକ ଅନୁଷ୍ଠିତ ହେଉନାହିଁ କିମ୍ବା ନୂତନ କର୍ମକର୍ତ୍ତା ଚୟନ କରାଯାଉ ନାହିଁ। ବନ ସୁରକ୍ଷା ସମିତିକୁ କ୍ରିୟାଶୀଳ କରିବା ପାଇଁ ବିଭାଗର କୌଣସି ପଦକ୍ଷେପ ମଧ୍ୟ ନାହିଁ। ବନ ସୁରକ୍ଷା ସମିତି ମାଧ୍ୟମରେ କାଠ ବିକ୍ରିର ୪୦ ଭାଗ ଅର୍ଥ ସ୍ଥାନୀୟ ଅଧିବାସୀମାନେ ପାଇଥାନ୍ତି। ସେହି ଅର୍ଥରେ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥାଏ। ଟାଙ୍ଗୀ ରେଞ୍ଜରେ ହରିପୁର ପ୍ରତାପେଶ୍ୱର ସମିତି, ବଘେଇପୁଟ ସମିତି, ଦୀକ୍ଷିତପଡ଼ା ରାମରହିମ ସମିତି, ଗମେଇ ରଘୁନାଥ ସମିତି, ବରପଲି ଧାନି ସାଉଥ ପଞ୍ଚମୌଜା ସମିତି, ଚଣ୍ଡେଶ୍ୱର ମା' ବନଦୁର୍ଗା ସମିତି,ସଲପଡି ପାଣ୍ଡବାଶୁଣି ସମିତି, କାଣ୍ଡଗଡିଆ ମା' ବୋଇତିଆଣି ସମିତି, ଜିରିପଡା ମା' ଦୁଆରଶୁଣି ସମିତି, କଦମ୍ବଖୋଲା ଧରିତ୍ରୀ ମହିଳା ସମିତି, କଇଥପଲା ମା' ବ୍ରାହ୍ମଣୀଦେବୀ ସମିତି, ମୁଣ୍ଡିଲା ଜରିଭୂମି ସମିତି, ଖଜୁରିଆପଡ଼ା ସମିତି, ବଡପାରୀ ଗିରିଗୋବର୍ଦ୍ଧନ ସମିତି, ଟାଙ୍ଗୀ ମା' ରତ୍ନମାଳି ସମିତି, ଭୁଷଣ୍ଡପୁର ମା' ଯୋଗମାୟା ସମିତି, ଉଗ୍ରତାରା ସମିତି, କୁଞ୍ଜୁରୀ ମହୁଝର ସମିତି, ସୁନ୍ଦରପୁର ମା' ଶୁକଦେଇ ସମିତି, ବେଲପଡା ମା' ବାଇଠାକୁରାଣୀ ସମିତି, ପଟିଆ ରାମଚଣ୍ଡୀ ସମିତି,ଗୋଡ଼ିପଡ଼ା ମା' କଜଳେଇ ବନ ସୁରକ୍ଷା ସମିତି ରହିଛି। ବିଭାଗ ଅଧିନରେ ପଞ୍ଜିକରଣ ହୋଇନଥିବାରୁ ଅଧିକାଂଶ ସମିତି ସରକାରୀ ଅନୁଦାନରୁ ବଞ୍ଚିତ ହେଉଛନ୍ତି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ବନ ସୁରକ୍ଷା ସମିତି ସୃଷ୍ଟି କରାଯାଇଥିଲା ତା'ର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ସମସ୍ତ ବନ ସୁରକ୍ଷା ସମିତିକୁ କ୍ରିୟାଶୀଳ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଗୋଟିଏପଟେ ବିଭାଗୀୟ କର୍ମଚାରୀଙ୍କ ପଦବୀ ଖାଲି ପଡ଼ିଛି। ଅନ୍ୟପଟେ ବନ ସୁରକ୍ଷା ସମିତିର ସ୍ଥାଣୁତା ଯୋଗୁ ବନ ସମ୍ପଦ ବିପଦରେ। ଟାଙ୍ଗୀ ରେଞ୍ଜରେ ହାତୀ ଉପଦ୍ରବ ବଢି ଚାଲିଛି। ଏ ସମ୍ପର୍କରେ ବରପଲି ଧାନି ସାଉଥ ପଞ୍ଚମୌଜା ଜଙ୍ଗଲ ସୁରକ୍ଷା ସମିତିର ସଭାପତି ପୂର୍ଣ୍ଣ ରାଉତରାୟ କୁହନ୍ତି ସମିତିର ମାସିକ ବୈଠକରେ ଫରେଷ୍ଟର ଯୋଗ ଦିଅନ୍ତି ନାହିଁ। ଗଛ ଲଗାଇବା, ସଫାକରିବା ପାଇଁ ସମିତିକୁ ଦାୟିତ୍ୱ ମିଳୁନାହିଁ। କମିଟି ମଧ୍ୟରେ ଥିବା ବିବାଦକୁ ଅଧିକାରୀମାନେ ତୁଟାଇବା ସହ ସଚେତନତା ଅଭାବ ରହିଛି। ସେହିପରି ବଡ଼ପାରୀ ଗିରିଗୋବର୍ଦ୍ଧନ ଜଙ୍ଗଲ ସୁରକ୍ଷା ସମିତିର ସଭାପତି ଗୋପାଳ ଚରଣ ପାଲଟା ସିଂହ କହିଛନ୍ତି, ଜଙ୍ଗଲ ସୁରକ୍ଷା କମିଟିକୁ ବିଭାଗର ସହଯୋଗ ନାହିଁ। ନୂତନ କମିଟିକୁ ପଞ୍ଚାୟତ ଅନୁମୋଦନ କରୁନାହିଁ।

# ତ୍ରୁଟି ସୁଧାରିଲା ବିଏମ୍‌ସି: ପ୍ରାକୃତିକ ନାଳ ପୁନରୁଦ୍ଧାର

ପୁରୁଣା ଭୁବନେଶ୍ୱର, (ସୁବାସ କୁମାର ପ୍ରଧାନ)

ଏକାମ୍ର ବିକାଶ ଯୋଜନା କାର୍ଯ୍ୟକାରୀ କରାଗଲେ ଯେ ପୁରୁଣା ଭୁବନେଶ୍ୱରରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ ଏ ଆଶଙ୍କା ଦୂର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଏକାମ୍ର କ୍ଷେତ୍ରର ବିକାଶ ଯୋଜନା ଅନ୍ତର୍ଗତ ତାଳେଶ୍ୱରୀ ମନ୍ଦିର ନିକଟରୁ ନୂତନ ରାସ୍ତା ନିର୍ମାଣ ନେଇ ପୁରାତନ ମଠ ଓ କେତେକ ସେବାୟତଙ୍କ ଗୃହ ଉଚ୍ଛେଦ କରାଯାଇଥିଲା। ୨୦୨୧ ମସିହାରେ ଏହି ଉଚ୍ଛେଦ ଓ ନୂତନ ରାସ୍ତା ନିର୍ମାଣ କରିବାକୁ ଗୌତମ ନଗର ମୌଜାର ପ୍ଲଟ ନମ୍ବର ୨୨୭୦ ଯାହା ୭ ନମ୍ବର ପ୍ରାକୃତିକ ନାଳ ରହିଥିଲା ଏହାକୁ ପୋତି ଏହାର ଗତିପଥ ପରିବର୍ତ୍ତନ କରିଥିବା ଲିଖିତ ଅଭିଯୋଗ ହୋଇଥିଲା। ଏହାପରେ ପ୍ରାୟ ଦୀର୍ଘ ଦେଢ଼ବର୍ଷ ଧରି ଏହି ରାସ୍ତା ନିର୍ମାଣ ଠପ୍ ରହିଥିଲା। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତାରା ଦତ୍ତ ୨୭ ଅଗଷ୍ଟ ୨୦୧୪ରେ ସମସ୍ତ ଜିଲାପାଳଙ୍କୁ ନାଳ, ମାହାର ଓ ନୟନଜୋର ପୋତି ନିର୍ମାଣ ନକରିବାକୁ ଆଦେଶ କରିଥିଲେ। ଏଣୁ ଅଭିଯୋଗର ସତ୍ୟତା ଅନୁଧାନ କରି ୨୨୭୦ ପ୍ଲଟ ଖନନ ଓ ୭ ନମ୍ବର ପ୍ରାକୃତିକ ନାଳ ପୁନରୁଦ୍ଧାର କାର୍ଯ୍ୟ ଜୋର୍‌ସୋରରେ ଆରମ୍ଭ ହୋଇଛି।

# ଭକ୍ତ ପ୍ରହ୍ଲାଦ ନୃତ୍ୟନାଟିକା ମଞ୍ଚସ୍ଥ

ନିରାକାରପୁର, ୧୫।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ବଡ଼ପୋଖରିଆ ପଞ୍ଚାୟତ ବୋଡ଼ଙ୍ଗରା ପାତଣାଠାରେ ଥିବା ବୋଡଙ୍ଗରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟନାଟିକା ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପୂର୍ବତନ ସରପଞ୍ଚ ସାଗର ବଳିଆରସିଂହ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା ଓ ସମ୍ମାନିତ ଅତିଥି ଭାବେ ରାମେଶ୍ୱର କ୍ଲଷ୍ଟର ସିଆର୍‌ସିସି ସୁଶାନ୍ତ ମଲ୍ଲିକ, ସାମାଜିକ କର୍ମୀ ବିଦ୍ୟୁଭୂଷଣ ମହାରଣା, ଆନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫିଦେଇ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ କିଶୋର କୁମାର ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କମଳ ଲୋଚନ ଦାଶ ମଞ୍ଚ ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାଞ୍ଜଳୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ସ୍କୁଲର କୁନିକୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟନାଟିକା ଭକ୍ତ ପ୍ରହ୍ଲାଦ ମଞ୍ଚସ୍ଥ ହୋଇଥିଲା ।



ଭକ୍ତ ପ୍ରହଲ୍ଲାଦ ନୃତ୍ୟନାଟିକାର ଏକ ଦୃଶ୍ୟ।

# ଜନଜାତୀୟ ଗୌରବ ଦିବସ ପାଳିତ

ଜଟଣୀ, ୧୫।୧୧ (ରବୀନ୍ଦ୍ର ନାଥ ମହାକୁଡ଼)

ବୁଧବାର ଜଟଣୀସ୍ଥ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ଜନ୍ମଦିବସ ଉପଲକ୍ଷେ ଏହି ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସ୍କାଉଟ୍ସ ଓ ଗାଇଡ୍ସ ପିଲାମାନଙ୍କ ଦ୍ୱାରା ବିର୍ସା ମୁଣ୍ଡାଙ୍କ ଜୀବନ ଉପରେ ଆଧାରିତ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର୍‌ଏନ୍‌ଏ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଉପଲକ୍ଷେ ଆସନ୍ତା ସପ୍ତାହରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ, ଫ୍ୟାନ୍ସି ଡ୍ରେସ୍ ଆଦି ପ୍ରତିଯୋଗିତା କରାଯିବା ନେଇ ମଣ୍ଡଳ ରେଲୱେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଲାଗିଲା ୬୩ କେଭି ଟ୍ରାନ୍ସଫର୍ମର, କେନାଲକୁ ଛଡ଼ାଗଲା ପାଣି

ନିରାକାରପୁର,୧୫।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

**ଚାଷୀ ରାସ୍ତାରେ ଧାରଣା ଦେବା ଘଟଣା**

ଧାନ ଥୋଡ଼ ସମୟରେ ଜମିରେ ପାଣି ନଥିବାରୁ ନଦୀରୁ କେନାଲ ଯୋଗେ ଜମିକୁ ପାଣି ଦେବା, ଅଞ୍ଚଳକୁ ମରୁଡ଼ି ଘୋଷଣା କରିବା ତଥା ପୋଲିସ ହେପାଜତରେ ଥିବା ଜଣେ ଚାଷୀଙ୍କୁ ସମ୍ମାନର ସହ ଛାଡିବା ଆଦି ତିନି ଦଫା ଦାବି ନେଇ ଚଳିତ ମାସ ୧୧ ତାରିଖରେ ନିରାକାରପୁରସ୍ଥିତ ନୂଆ ଜଗନ୍ନାଥ ସଡ଼କରେ ଦୀର୍ଘ ୪ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ଖୋର୍ଦ୍ଧା ଉପଜିଲାପାଳ ପହଞ୍ଚି ବିକ୍ଷୋଭକାରୀଙ୍କୁ ଏ ନେଇ ଜିଲାପାଳଙ୍କ ସହିତ ଆଲୋଚନା କରିବାକୁ କହିଥିଲେ। ପରେ ଅଞ୍ଚଳର ଚାଷୀ କମିଟିର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ସହିତ ଏ ନେଇ ଆଲୋଚନା କରିଥିଲେ। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଲାଗୁଣି ନଦୀପଠାରେ ଏକ ୬୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଇ ବୁଧବାର ଦିନ ପାଣି ପମ୍ପ ସହାୟତାରେ କେନାଲରେ ପାଣି ଛଡାଯାଇଛି।



ମଲାଗୁଣି ନଦୀରୁ ପମ୍ପ ସାହାର୍ଯ୍ୟରେ କେନାଲକୁ ପାଣି ଯାଉଥିବା ଫଟୋ ଯାଇଛି।

# ଅବହେଳିତ ରାମଚଣ୍ଡୀ ମଧ ଇଂରାଜୀ ବିଦ୍ୟାଳୟ

ଟାଙ୍ଗୀ ଖୋର୍ଦ୍ଧା, ୧୫।୧୧(ରଘୁନାଥ ସାହୁ)



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରୀ ଗ୍ରାମ ପଞ୍ଚାୟତର ଭୋବରା ଗାଁ ମୁଣ୍ଡରେ ୧୯୮୮ ମସିହାରେ ଅର୍ଜୁନପୁର, ବରପାଲି, କାସନ୍ଦା, ରାମଚନ୍ଦ୍ରପୁର, ଭୋବରା, ହରିଚନ୍ଦନପୁର ଗ୍ରାମରେ ଏକ ମଧ ଇଂରାଜୀ ବିଦ୍ୟାଳୟ ଖୋଲାଯାଇଥିଲା। ରାମଚନ୍ଦ୍ର ସ୍ୱାଇଁ, ବ୍ରହ୍ମଚାରୀ ଦାସ, ସନାତନ ପ୍ରଧାନ, ଭୁଜ ପ୍ରଧାନ, କୀର୍ତ୍ତନ ପ୍ରଧାନ, କାହ୍ନୁ ବିଶ୍ୱାଳ, ଲକ୍ଷ୍ମଣ ସୀଠ, ପ୍ରଫୁଲ୍ଲ ପ୍ରଧାନଙ୍କ ଉଦ୍ୟମରେ ରାମଚଣ୍ଡୀ ମଧ ଇଂରାଜୀ ବିଦ୍ୟାଳୟ ଗଢି ଉଠିଥିଲା। ଭୋବରା ଗ୍ରାମର ପଞ୍ଚାନନ ପ୍ରଧାନ ଓ ବଡପାରୀ ଗ୍ରାମର ସାରଙ୍ଗଧର ପାଲଟା ସିଂହ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏକ ସୁନ୍ଦର ପରିବେଶରେ ତଥା ଜନସାଧାରଣଙ୍କ ନିଜସ୍ୱ ଉଦ୍ୟମରେ ବିଦ୍ୟାଳୟ ଗୃହ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ସରକାରୀ ଅନୁଦାନରେ ଶୌଚାଳୟ, ରୋଷେଇ ଘର ଆଦି ନିର୍ମାଣ କରାଯାଇଥିଲା। ୨ ଜଣ ଶିକ୍ଷକ ମଧ ୧୯୯୪ ମସିହାରେ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷକ ଭାବେ ମାନ୍ୟତା ପାଇଲେ। କିନ୍ତୁ ୨୦୨୦ ମସିହାରେ ପ୍ରଧାନ ଶିକ୍ଷକ ପଞ୍ଚାନନ ପ୍ରଧାନ ଓ ୨୦୨୧ ମସିହାରେ ଶିକ୍ଷକ ସାରଙ୍ଗଧର ପାଲଟା ସିଂହ ଅବସର ଗ୍ରହଣ ପରେ ସେମାନଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା ନାହିଁ। ୨୦୨୧ ମସିହାରୁ ବିଦ୍ୟାଳୟକୁ ବନ୍ଦ କରିଦିଆଗଲା। ଫଳରେ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନେ ୩ କିମି ଜଙ୍ଗଲ ରାସ୍ତା ଦେଇ ନିକଟସ୍ଥ ବଡ଼ପାରୀ ବିଦ୍ୟାଳୟକୁ ପଢିବାକୁ ଆସୁଛନ୍ତି। ଏହି ରାସ୍ତା ଦେଇ ଜଙ୍ଗଲୀ ଜୀବଜନ୍ତୁଙ୍କ ଭୟ ରହିଛି। ଅନ୍ୟପକ୍ଷରେ ରାମଚଣ୍ଡୀ ମଧ ଇଂରାଜୀ ବିଦ୍ୟାଳୟଟି ଭାଙ୍ଗିରୁଜି ଗଲାଣି। ସେ ସ୍ଥାନଟି ଏବେ ନିଶାଡ଼ିମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ଏହି ବିଦ୍ୟାଳୟକୁ ପୁନଃ ଖୋଲିବା କିମ୍ବା ଭୋବରା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅପ୍‌ଗ୍ରେଡ଼ କରାଯାଇ ଷଷ୍ଠ, ସପ୍ତମ ଶ୍ରେଣୀ ଖୋଲିବା ଦାବି ନେଇ ଗ୍ରାମବାସୀ ଜିଲାପାଳ, ଜିଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦେକ୍ଷପ ନିଆଯାଇନାହିଁ। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆସନ୍ତା ଶିକ୍ଷାବର୍ଷରୁ ଛାତ୍ରୀଛାତ୍ରୀଙ୍କୁ ପାଠ ପଢ଼ିବାର ସୁଯୋଗ ଦେବାପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।



ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀତଟରେ ନିର୍ମିତ ଅସ୍ଥାୟୀ ପୋଖରୀରେ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ବିସର୍ଜନ କରାଯାଇଛି।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଫାଇଭର ଗଣେଶ ମୂର୍ତ୍ତି।



ମା' କାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ଦେବୀଗଡ଼ା ଅଭିମୁଖେ ନିଆଯାଉଛି।



ଭସାଣି ଶୋଭାଯାତ୍ରାରେ ଘୋଡ଼ାନାଚ।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଶଧାରୀ।



ଭସାଣିରେ ବେଶଧାରୀ ନୃତ୍ୟ ପରିବେଷଣ କରୁଛନ୍ତି।



ଭସାଣି ଶୋଭାଯାତ୍ରାରେ ଘଣ୍ଟବାଦ୍ୟ।

## ସଂକ୍ଷେପରେ

### ମା' କାଳୀଙ୍କ ଭସାଣି ଉତ୍ସବ

ଖୁଣ୍ଟୁଣୀ,୧୫।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ କୁସ୍ପଙ୍ଗି ପଞ୍ଚାୟତର ବଉଳ ଗ୍ରାମରେ ବୁଧବାର ମା' କାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ନିଆଯାଇ ଚହଟା ନୂଆପାଟଣା ମହାନଦୀ ଘାଟରେ ବିସର୍ଜନ କରାଯାଇଥିଲା। କମିଟି ସଭାପତି ରଞ୍ଜନ ସିଂ, ବଳରାମ ପ୍ରଧାନ, ବିଟୁ ପାଲ, ରାଜୀବ ଲୋଚନ ଦାସ, ଶରତ କୁମାର ରାଉତ, ମାଗୁଣି ଚରଣ ରାଉତ, ପରମାନନ୍ଦ ବିଶୋଇ, ବାଇଧର ପ୍ରଧାନ ପ୍ରମୁଖ ଭସାଣିର ନେତୃତ୍ୱ ନେଇଥିଲେ।

### ଚିତ୍ରାଙ୍କନ ପ୍ରତିଯୋଗିତା

କଟକ,୧୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ନେହେରୁପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ସେବକ ସମାଜ ଓ ବିଦ୍ୟାଧରପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍କଳ ସେବକ ସମାଜ ଅନୁଷ୍ଠାନର ସଦସ୍ୟ ପ୍ରମୋଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜନସ୍ୱାସ୍ଥ୍ୟ ପରିଚାଳକ ମାନସ ପଣ୍ଡା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ନନ୍ଦ, କଳ୍ପନାମୟୀ ପୃଷ୍ଟି, ଦିଲୀପ ରାଉତ ଓ ସୁଜାତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜା ରାଉତ ଧନ୍ୟବାଦ ଦେଇଥିଲେ।

## ତୃତୀୟ ଦିନରେ ଧାରଣା ଜାରି

# ପଦକ୍ଷେପ ନ ନେଲେ ହଟିବୁନି

କଟକ,୧୫।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) କାଉନ୍‌ସିଲ୍ ହଲ୍‌ରେ କଂଗ୍ରେସ ଏବଂ ଭାଜପା କର୍ପୋରେଟରମାନଙ୍କ ଧାରଣା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଧାରଣା ଦିନ ବଢିବା ସହ କର୍ପୋରେଟରମାନଙ୍କ ଦାବି ମଧ୍ୟ ବୃଦ୍ଧି ପାଉଛି। ଛତ୍ରବଜାରସ୍ଥିତ ଅର୍ବାନ ହାଟରେ ପିଣ୍ଡି କିପରି ଆବଣ୍ଟନ କରାଗଲା, କମିଟି ଥାଇ ମଧ୍ୟ ବ୍ୟବସାୟୀଙ୍କୁ ଥଇଥାନ କରିବା ପୂର୍ବରୁ କମିଟିରେ ପଚରା ହେଲା ନାହିଁ ଏବଂ ଆର୍‌ଟିଆଇରେ ଭୁଲ ତଥ୍ୟ କାହିଁକି ଦିଆଯାଉଛି ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ସେହିପରି ଗତବର୍ଷ ବାଲିଯାତ୍ରା ଅଡିଟ୍ ରିପୋର୍ଟ ମିଳି ନ ଥିବାବେଳେ ଚଳିତବର୍ଷ ବାଲିଯାତ୍ରା ପାଇଁ ହୋଇଥିବା ଏକ ଟେଣ୍ଡରରେ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ୩ କୋଟି ୩୨ ଲକ୍ଷ ୭୮ ହଜାର ଟଙ୍କାର ଟେଣ୍ଡର ଏକ ସଂସ୍ଥାକୁ ଦିଆଯାଇଛି। ତେବେ ଏହାର ତଦନ୍ତ କରାଯାଉ ଏବଂ ଉକ୍ତ ସଂସ୍ଥା କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଖର୍ଚ୍ଚ କରିବ ତାହାର ବିବରଣୀ ପ୍ରଦାନ କରାଯାଉ। ସେହିପରି ସିଏମ୍‌ସିରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ କର୍ମଚାରୀଙ୍କ ବଦଳି ପାଇଁ ପଦକ୍ଷେପ ନିଆଯାଉ। ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଧାରଣାରୁ ହଟିବୁନି ବୋଲି ବିରୋଧୀ କର୍ପୋରେଟରମାନେ କହିଛନ୍ତି।

### ଆସିଲେନି ମେୟର, କମିଶନର

୩ ଦିନ ଧାରଣାରେ ବସିବା ପରେ ମଧ୍ୟ ମେୟର କିମ୍ବା କୌଣସି ଅଧିକାରୀ ଆଲୋଚନା ପାଇଁ ସେମାନଙ୍କ ନିକଟକୁ ଆସିନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ଧାରଣାକୁ ସମର୍ଥନ ଜଣାଇ ମଙ୍ଗଳବାର ବିଧାୟକ ଇଂ. ମହମ୍ମଦ ମୋକିମ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବିରୋଧୀ କର୍ପୋରେଟରଙ୍କୁ ଭେଟି ଆଲୋଚନା କରିଥିଲେ। ବୁଧବାର ପୂର୍ବତନ ବିଧାୟକ ପ୍ରକାଶ ବେହେରା ମଧ୍ୟ କର୍ପୋରେଟରଙ୍କୁ ଭେଟି ଆଲୋଚନା କରିଥିଲେ। ସିଏମ୍‌ସିରେ ହୋଇଥିବା ଦୁର୍ନୀତି ଉପରେ ରୋକ୍ ଲଗାଇବା ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବେହେରା କହିଛନ୍ତି। ଅପରପକ୍ଷରେ ଆନ୍ଦୋଳନ ତୀବ୍ର କରିବା ପାଇଁ ଗୁରୁବାର କଂଗ୍ରେସ ବିଧାୟକ ସୁର ରାଉତରାୟ ଓ ଶରତ ପଟ୍ଟନାୟକ ସିଏମ୍‌ସି ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି।

ସୂଚନାଥାଉ କି, ସିଏମ୍‌ସି କାଉନସିଲ ବୈଠକରେ ବିରୋଧୀ କର୍ପୋରେଟରମାନେ ଦୁର୍ନୀତି ହେଉଥିବା ସଂକ୍ରାନ୍ତରେ ଆଲୋଚନା କରୁଥିବାବେଳେ କର୍ପୋରେଟର ଓ ସିଏମ୍‌ସି ମହିଳା ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ଯୋଗୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ମେୟର ଏବଂ ସିଏମ୍‌ସି କମିଶନରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉତ୍ତର ନ ଦେଇ କାଉନସିଲ କକ୍ଷ ଛାଡ଼ି ପଳାଇଥିଲେ। ଏଭଳି କାର୍ଯ୍ୟଦ୍ୱାରା କର୍ପୋରେଟରଙ୍କୁ ଅସମ୍ମାନିତ କରାଯାଇଛି ବୋଲି ଅଭିଯୋଗ କରି ସୋମବାରଠାରୁ ବିରୋଧି କର୍ପୋରେଟର ମାନେ ଧାରଣାରେ ବସିଛନ୍ତି।

### ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ



ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଛନ୍ତି।

ସିଏମ୍‌ସି କାଉନସିଲ ବୈଠକରେ କର୍ପୋରେଟରମାନଙ୍କର ପ୍ରଶ୍ନର ଉତ୍ତର ନ ଦେଇ କମିଶନର ଓ ମେୟର କାଉନସିଲ୍ ହଲ ଛାଡି ଚାଲିଯିବା ପ୍ରତିବାଦରେ ସୋମବାରଠାରୁ ବିରୋଧୀ କର୍ପୋରେଟରମାନେ ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ ଜଣାଇ କଂଗ୍ରେସ ପକ୍ଷରୁ ବୁଧବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। କଂଗ୍ରେସ ନେତ୍ରୀ ଗିରିବାଳା ବେହେରା କହିଛନ୍ତି, ଅର୍ବାନ ହାଟ ପିଣ୍ଡି ବଣ୍ଟନରେ ଅନିୟମିତତା କରାଯାଇଛି। ହାଡିଆପଠା ଜମିକୁ ଚଞ୍ଚକତା କରି ବିକି ଦେବା, ବିବିଜି ଓ ସ୍ୱର୍ଣ୍ଣଦେବୀ ଏଜେନ୍ସି ପ୍ରତି ଆହେତୁକ ଅନୁକମ୍ପା ଦେଖାଇବା, ଚଳିତ ବାଲିଯାତ୍ରାର ଦୁର୍ନୀତି ବିରୋଧରେ ବିରୋଧୀ ଦଳର କର୍ପୋରେଟରମାନେ କାଉନ୍‌ସିଲ ବୈଠକରେ ପ୍ରଶ୍ନ ପଚାରିଥିଲେ। ହେଲେ ସେମାନଙ୍କ ପ୍ରଶ୍ନର ଉତ୍ତର ନେ ଦେଇ କମିଶନର ଓ ମେୟର କାଉନସିଲ ହଲ ଛାଡି ଚାଲିଯିବା ନିନ୍ଦନୀୟ ବୋଲି ଗିରିବାଳା କହିଛନ୍ତି। ଏ ନେଇ ମେୟର ଓ କମିଶନରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟମାନଙ୍କ ମଧ୍ୟରେ ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ମଜିଦ ଖାନ୍, ରଶ୍ମି ରଞ୍ଜନ ମିଶ୍ର, ଚାରୁଲତା ସାହୁ, ସେକ୍ ସମ୍ମିମ ଉଲ୍ଲା, ଅମ୍ରିତା ଦାସ, ମହମ୍ମଦ ଅଲିମ, ଜାକିର ହୁସେନ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ମାମିନା ନାୟକ ସାମିଲ କରିଥିଲେ।

### ମାଲଗୋଦାମରେ ସ୍କୁଟି ଜଳିଗଲା

କଟକ,୧୫।୧୧(କାର୍ତ୍ତିକ ସାହୁ)

ମାଲଗୋଦାମ ଭିତରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଅଗ୍ନିକାଣ୍ଡ ଘଟି ଏକ ସ୍କୁଟି ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟ ସର୍କିଟ ହେତୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଦ୍ୱାରା ନିଆଁ ଅନ୍ୟତ୍ର ବ୍ୟାପିବାକୁ ରୋକାଯାଇପାରିଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି।

### ବିଶ୍ୱ ସିଓପିଡି ଦିବସ ପାଳିତ

କଟକ,୧୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ବିଶ୍ୱ କ୍ରୋନିକ ଅବଷ୍ଟ୍ରକ୍‌ଟିଭ ପଲମୋନାରୀ ଡିଜିଜ(ସିଓପିଡି) ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଜଟିଳ ଛାତି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରଫେସର ଡା. ଜ୍ୟୋତି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ପ୍ରସେନଜିତ୍ ମହାନ୍ତି, ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ, ସୁଶାନ୍ତ ସ୍ୱାଇଁ, ଡା. ସତ୍ୟ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଡା. ମନୋରଞ୍ଜନ ଦାସ, ଡା. ଶ୍ୱେତପଦ୍ମା ପ୍ରଧାନ, ଡା. ସ୍ମୃତି ଏବଂ ଡା. ଗଣେଶ୍ୱର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ସେଣ୍ଟ ଜାଭିୟର୍ସ ସ୍କୁଲ ଛାତ୍ରୀଛାତ୍ର

କଟକ,୧୫।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ଛାତ୍ରୀଛାତ୍ରମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଙ୍ଗଳବାର ସାକ୍ଷାତ କରି ଶିଶୁ ଦିବସ ପାଳନ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଓ କୋଅର୍ଡିନେଟର ଏବଂ ଛାତ୍ରୀଛାତ୍ର ରାଷ୍ଟ୍ରପତି ନିବାସରେ ଶିଶୁ ଦିବସ ପାଳନ କରିବା ପାଇଁ ବିବେଚିତ ହୋଇଥିଲେ। ବିଦ୍ୟାଳୟର ଆଦ୍ୟାଶା ନାୟକ, ଦିବ୍ୟାଂଶୀ ଦାସ, ଆର୍ଯ୍ୟାସାନ ଶତପଥୀ, ସ୍ୱାଗତ ସ୍ୱାଇଁଙ୍କ ସମେତ ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକ ଏବଂ ଶିକ୍ଷୟିତ୍ରୀ ସୋମା ମହାନ୍ତି ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଶିଶୁ ପାଇଁ ଶୈଶବ କାଳ ସବୁଠୁ ଆନନ୍ଦମୟ ମୂହୁର୍ତ୍ତ। ତାଙ୍କର ପ୍ରକୃତ ଚପଳତା ସେହି ସମୟରେ ଦେଖାଦେଇଥାଏ। ଆଜିର ଶିଶୁମାନେ ସାମାଜିକ, ଘରୋଇ ଓ ପାରିପାର୍ଶିକ ପରିବେଶ ପ୍ରତି ସଚେତନ। ଆମେ ସେମାନଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବା ଉଚିତ ବୋଲି ରାଷ୍ଟ୍ରପତି କହିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସେଣ୍ଟ ଜାଭିୟର୍ସ ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ନିରାମୟ କେନ୍ଦ୍ରରେ ମିଳୁନି ଡାଇବେଟିସ୍ ଔଷଧ

### ଏସ୍‌ସିବି ମେଡିକାଲ

କଟକ,୧୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)




ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ପ୍ରାୟ ୨ ମାସ ହେବ ଡାଇବେଟିସ୍ ରୋଗୀଙ୍କ ପାଇଁ ଔଷଧ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏସ୍‌ସିବି ମେଡିକାଲ ପରିସରରେ ଦୁଇଟି ନିରାମୟ କେନ୍ଦ୍ର ରହିଛି। ହେଲେ ସେଠାରେ ଡାଇବେଟିସ୍ ଔଷଧ ଉପଲବ୍ଧ ନାହିଁ। ମଙ୍ଗଳବାର ବିଶ୍ୱ ମଧୁମେହ ଦିବସରେ ଏସ୍‌ସିବି ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଲୋକଙ୍କୁ ଠିକ୍ ସମୟରେ ଖାଦ୍ୟ ଏବଂ ଔଷଧ ଖାଇବା ନେଇ ସଚେତନତା ବାର୍ତ୍ତା ଦିଆଯାଇଥିବାବେଳେ ବୁଧବାର ୨୦୦ରୁ ଅଧିକ ରୋଗୀ ଔଷଧ ନ ପାଇ ନିରାମୟ କେନ୍ଦ୍ରରୁ ଫେରିଛନ୍ତି। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଥିବାବେଳେ ନିରାମୟ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନୁଗୋଳ ଅଞ୍ଚଳରୁ ଆସିଥିବା ଜଣେ ବ୍ୟକ୍ତି ପରିଚୟ ଗୋପନ ରଖି କହିଛନ୍ତି, ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲି। ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ପାଇଁ ନିରାମୟ କେନ୍ଦ୍ରକୁ ଯାଇଥିଲି। ହେଲେ ସେଠାରେ ଡାଇବେଟିସ ଔଷଧ ନ ମିଳିବାରୁ ନିରାଶ ହୋଇ ଫେରିବାକୁ ପଡିଛି। ଏ ସମ୍ପର୍କରେ ନିରାମୟ କେନ୍ଦ୍ରର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ କହିଛନ୍ତି, ପ୍ରତିଦିନ ୧୦୦୦ରୁ ଅଧିକ ଔଷଧ ଷ୍ଟକ୍ ରଖାଯାଇଥାଏ। ହେଲେ ବୁଧବାର ଔଷଧ ନ ମିଳିବା ଘଟଣା ବିଷୟରେ ମୁଁ ଜାଣିନାହିଁ। ଗଣମାଧ୍ୟମରୁ ଏହି ଖବର ପାଇଲି। ତୁରନ୍ତ ଏନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଔଷଧ ମଗାଇବୁ। ରୋଗୀ ଯେପରି ଠିକ୍ ଭାବେ ଔଷଧ ପାଇପାରିବେ ସେ ନେଇ ଗୁରୁତ୍ୱ ଦେବୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ଏପରି କୌଣସି ଅଭିଯୋଗ ଆସିନାହିଁ। ନିରାମୟ କେନ୍ଦ୍ରରେ ଔଷଧ ଉପଲବ୍ଧ ନ ଥିଲେ ତୁରନ୍ତ ଆଣିବା ପାଇଁ ବ୍ୟବସ୍ଥା କରିବୁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୧।୨୦୨୩

| ୬,୦୯,୨୨୦ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ୨୯.୫୦୦ ଗ୍ରାମ୍ |

# ନୂଆ ରଙ୍ଗରେ ଝଲସିବ ବଡ଼ଦାଣ୍ଡ କୋଠାଘର

ପୁରୀ, ୧୫।୧୧(ଅଜିତ୍ ମହାନ୍ତି)

ନୂଆ ବର୍ଷ ପୂର୍ବରୁ ନୂଆ ରଙ୍ଗରେ ଝଲସିବ ପୁରୀ ବଡ଼ଦାଣ୍ଡ। ୧୨ ବର୍ଷ ପରେ ପୁଣି ଥରେ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱ କୋଠାର ରଙ୍ଗ ବଦଳାଯିବାକୁ ନିଷ୍ପତ୍ତି ହୋଇଛି। ଏଥର ହାତୀଦାନ୍ତ ରଙ୍ଗ ଆଇଭରି ବଦଳରେ ଫିକା ଗୋଲାପି ରଙ୍ଗ କରାଯିବ ବୋଲି ସୂଚନା ମିଳିଛି। ଗତ କିଛିଦିନ ତଳେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ପୁରୀ ଗସ୍ତରେ ଆସି ଅଧିକାରୀଙ୍କ ସହ ଆଲୋଚନା କରି ୧୨ଟି ଡିଜାଇନର ରଙ୍ଗରୁ ଫିକା ଗୋଲାପି ରଙ୍ଗକୁ ଚୟନ କରିଥିବା ଚର୍ଚ୍ଚା ହେଉଛି। ଏହାଦ୍ୱାରା ବ୍ୟବସାୟିକ ଘର ହେଉ କି ବ୍ୟକ୍ତିଗତ ଘର ଗୋଟାଏ ରଙ୍ଗରେ ସଜେଇ ହେଲେ ସମାନତା ଆସିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ବଡ଼ଦାଣ୍ଡର ଏଭଳି କଳେବରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ସ୍ୱାଗତ କରାଯାଇଥିବା ବେଳେ ବାସିନ୍ଦାଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେଇଥିଲେ ଭଲ ହୋଇଥାନ୍ତା ବୋଲି ଅନେକେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘ ୧୨ ବର୍ଷ ପୂର୍ବେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା କୋଠାଗୁଡିକୁ ଗୋଟିଏ ରଙ୍ଗର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ଆଇଭରି ରଙ୍ଗ କରାଯାଇଥିଲା। ତେବେ ୧୨ବର୍ଷ ପରେ ପୁଣି ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱର କୋଠାଗୁଡିକୁ ଫିକା ଗୋଲାପି ରଙ୍ଗ କରାଯିବ। ସେ ବ୍ୟବସାୟିକ ଘର ହେଉ କି ବ୍ୟକ୍ତିଗତ ଘର, ଗୋଟିଏ ରଙ୍ଗରେ ସଜେଇ ହେବ ସବୁ କୋଠା। ୫-ଟି ଅଧ୍ୟକ୍ଷ ପାଣ୍ଡିଆନ୍ ପୁରୀ ଗସ୍ତ କାଳରେ ଅଧିକାରୀଙ୍କ ସହ ଆଲୋଚନା କରି ଏହି ରଙ୍ଗ ଚୂଡ଼ାନ୍ତ କରିଥିବା ସୂଚନା ମିଳିଛି। ଖୁବଶୀଘ୍ର ବଡ଼ଦାଣ୍ଡରେ ସମାନତା ଆଣିବାକୁ ଏହି ଅଭିଯାନ ଆରମ୍ଭ ହେବ ବୋଲି ମଧ୍ୟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ବଡ଼ଦାଣ୍ଡରେ ବସବାସ କରୁଥିବା ଅବା ବ୍ୟବସାୟ କରୁଥିବା ଲୋକଙ୍କୁ ସେମାନଙ୍କ କୋଠାର ରଙ୍ଗ ବଦଳାଇବାକୁ ନିର୍ଦ୍ଦେଶ ଦିଆଯିବ ଓ ପ୍ରଶାସନ ତରଫରୁ ଏହି ବ୍ୟବସ୍ଥା ମଧ୍ୟ କରାଯିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଏହି କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ବଡ଼ଦାଣ୍ଡକୁ ସମାନ ରଙ୍ଗ ଦେବା ପାଇଁ ଶ୍ରୀମନ୍ଦିର କାନ୍ଥରେ ଲାଗିଥିବା ମାଟିଆ, ଧଳା, ଫିକା ଗୋଲାପି ଆଦି ୧୪ରୁ ଅଧିକ ରଙ୍ଗ ଅନୁଧ୍ୟାନ କରିବା ପରେ ଫିକା ଗୋଲାପି ରଙ୍ଗ ଚୟନ କରାଯାଇଥିବା ସୂଚନା ମିଳିଛି। ଏହା ଶ୍ରୀକ୍ଷେତ୍ରକୁ ଆସୁଥିବା ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରିବ ବୋଲି କୁହାଯାଉଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଯେପରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବ, ସେହିପରି ବଡ଼ଦାଣ୍ଡରେ ଥିବା ବ୍ୟବସାୟିକ ଅନୁଷ୍ଠାନଠାରୁ ଆରମ୍ଭ କରି ବ୍ୟକ୍ତିଗତ ଘରଗୁଡିକ ବିଭିନ୍ନ ରଙ୍ଗରେ କରାଯିବ। ଉକ୍ତ ଘରଗୁଡିକୁ ଗୋଟିଏ ରଙ୍ଗର କରାଯିବାକୁ ସ୍ଥିର ହୋଇଛି। ମନ୍ଦିର ରଙ୍ଗକୁ ମ୍ୟାଚ୍ କଲା ଭଳି ରଙ୍ଗ କରାଯିବ ବୋଲି ଦାସ କହିଛନ୍ତି। ସେହିଭଳି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ବଡ଼ଦାଣ୍ଡରେ ଉଭୟ ପାର୍ଶ୍ୱରେ ଥିବା କୋଠାଗୁଡିକୁ ଗୋଟିଏ ରଙ୍ଗର କରିବା ପାଇଁ ଅନେକ ଲୋକଙ୍କ ମତ ରହିଥିଲା। ବଡ଼ଦାଣ୍ଡକୁ ସୁହାଇଲା ପରି ରଙ୍ଗ କରାଯିବ। ପ୍ରଶାସନ ପକ୍ଷରୁ ରଙ୍ଗ କାର୍ଯ୍ୟ କରାଯିବ। ଏ ନେଇ ଲୋକେ ଖୁସି ଅଛନ୍ତି।

# ବିଜୁ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କଲେ ବିଧାୟକ



ବିଧାୟକ ରୁଦ୍ରପ୍ରତାପ ମହାରଥୀ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ପିପିଲି, ୧୫।୧୧(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ପୋପରଙ୍ଗା ପଞ୍ଚାୟତର ପୋପରଙ୍ଗା-ପାଚଲପୁର ରାସ୍ତାରେ ବିଜୁ ସେତୁ ନିର୍ମାଣ ପାଇଁ ବୁଧବାର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସେତୁ ନିର୍ମାଣ ଦ୍ୱାରା ଆଖପାଖ ଅଞ୍ଚଳର ପ୍ରାୟ ୧୫ ହଜାରରୁ ଅଧିକ ଲୋକେ ଯାତାୟାତ ସୁବିଧା ସୁଯୋଗ ପାଇପାରିବେ। ୮କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ସେତୁର ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମହାରଥିଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲାପରିଷଦ ସଭ୍ୟା ସଙ୍ଗୀତା ବେହେରା, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ପୁରୀ ଜିଲା ସଭାପତି କିଶୋର ଛୋଟରାୟ, ଏମ୍‌ପି ପ୍ରତିନିଧି ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଭକ୍ତ ଶିରୋମଣି ଦାସିଆ ପୀଠ ପରିସର ସଫେଇ

ପିପିଲି, ୧୫।୧୧(ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲାପାଳ ସମର୍ଥ ବର୍ମା ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ସଫେଇ କରିବା ପାଇଁ ଗ୍ରାମ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିବାବେଳେ ଶୁକ୍ରବାର ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ବାଲିଗାଁସ୍ଥିତ ଭକ୍ତ ଶିରୋମଣି ଦାସିଆ ପୀଠ ଓ ମନ୍ଦିର ପରିସର ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତେଇଶିପୁର ସରପଞ୍ଚ ରଶ୍ମିତା ସେନାପତି, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ବାଲିଗାଁ ୱାର୍ଡସଭ୍ୟାଙ୍କ ପ୍ରତିନିଧି ଛବିନ୍ଦ୍ର ବେହେରା, ଗ୍ରାମ୍ୟ ପରିମଳ ବିଭାଗ ବ୍ଲକ ସଂଯୋଜକ ରଣଜିତ କୁମାର କର, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳନ୍ଦୀ ଭୋଇ ଓ ମିଶନଶକ୍ତି ମହିଳାମାନେ ସାମିଲ ହୋଇଥିଲେ।

# ଯୁବକଙ୍କୁ ହତ୍ୟା ଅଭିଯୋଗ, ତଦନ୍ତ ଜାରି



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

## ନିଖୋଜ ଯୁବକଙ୍କ ଗଳିତ ମୃତଦେହ ମିଳିବା ଘଟଣା
## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତା ଅବରୋଧ

ଡେଲାଙ୍ଗ, ୧୫।୧୧(ରଶ୍ମିରଞ୍ଜନ ପ୍ରଧାନ)

ନିଖୋଜର ୪ ଦିନ ପରେ ଯୁବକଙ୍କ ଗଳିତ ମୃତଦେହ ବୁଧବାର ପୋଲିସ ତାଙ୍କ ଘର ପାଖ କଇଁଆ ନାଳରୁ ଜବତ କରିଛି। ସେ ହେଲେ ଡେଲାଙ୍ଗ ଥାନା ଅଧୀନ ମାଙ୍ଗୁପଡା ଗ୍ରାମର ସାଗର ଦାସଙ୍କ ପୁଅ ଅଜୟ ଦାସ (୩୩)। ଅଜୟ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଭାସୁଥିବାବେଳେ ତାଙ୍କ ମୁହଁରେ ଏକ ଗାମୁଛା ବନ୍ଧା ଯାଇଥିଲା। ମୃତଦେହକୁ ପୋଲିସ ଉପରକୁ ଆଣିବା ପରେ ଅଜୟଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ୩୫୨/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ଟିମ୍ ଓ ଡ୍ରଗ୍‌ସ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଘଟଣାସ୍ଥଳରେ ବିଭିନ୍ନ ସ୍ଥାନ ଚିହ୍ନଟ କରିବା ସହିତ ଅଭିଯୁକ୍ତଙ୍କ ଯାତାୟାତ ପଥକୁ ଚିହ୍ନଟ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଅଜୟ ପରିବାରବର୍ଗ ଓ ଗ୍ରାମବାସୀ ଦୋଷୀଙ୍କୁ ଶୀଘ୍ର ଗିରଫ ଦାବି କରିବା ସହ ଡେଲାଙ୍ଗ- ଖୋର୍ଦ୍ଧା ମୁଖ୍ୟ ରାସ୍ତାର ଜଗଦଳପୁର ରେଳଫାଟକ ସନ୍ନିକଟ ରାସ୍ତା ଅବରୋଧ କରିଥିଲେ। ଅବରୋଧର ଅଧ ଘଣ୍ଟା ପରେ ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ କହିଛନ୍ତି।

ସୂଚନା ମୁତାବକ, ଗତ ୧୧ ତାରିଖ ସନ୍ଧ୍ୟାରେ ଅଜୟ ଘରେ ଥିବାବେଳେ ତାଙ୍କ ସାହିର ୨ ଜଣ ଯୁବକ ତାଙ୍କୁ ଘରୁ ଡାକି ନେଇଥିଲେ। ପରେ ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଆସି ନ ଥିଲେ। ପରଦିନ ସାଗର ଥାନାରେ ପୁଅ ଜୟଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ୨ ଜଣ ନାଳକୁ ମାଛ ଧରିବାକୁ ଯାଇଥିବାବେଳେ ଏକ ଅର୍ଦ୍ଧ ଉଲଗ୍ନ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ରାତି ଅଧିକ ହେବାରୁ ଅଜୟଙ୍କ ମୃତଦେହ ବୁଧବାର ସକାଳ ଜବତ କରାଯାଇଥିଲା।

# ଏସ୍‌ଏଚ୍‌ଜିରୁ ୨୦ ଲକ୍ଷ ଠକି ନେଇ ମହିଳା ଗିରଫ

ସାକ୍ଷୀଗୋପାଳ, ୧୫।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ଜଣେ ମହିଳା ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ରୁ ୨୦ଲକ୍ଷ ଟଙ୍କା ଠକି ନେଇଥିବା ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ମହିଳାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସତ୍ୟବାଦୀ ଥାନା ଅନ୍ତର୍ଗତ ଭୀମଦାସପୁର ଗ୍ରାମର ମମତା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଦୁଲଣା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ଅଭିଯୋଗ ମୁତାବକ, ଉକ୍ତ ଗ୍ରାମର ମଧୁସୂଦନ ବରାଳଙ୍କ ଘରକୁ ୮ ମାସ ତଳେ ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳର ତାଙ୍କ ମାମୁ ଝିଅ ଭଉଣୀ ପ୍ରଭାତୀ ବିଶ୍ୱାଳ ଆସି ଦୁଇ ମାସ ରହିଥିଲେ। ପରେ ସେ ସେହିଗ୍ରାମରେ ଥିବା ମାମୁ ପୁଅ ଭାଇ ମଧୁସୂଦନ ବରାଳ ଓ ବିଶ୍ୱନାଥ ବରାଳଙ୍କୁ ସାଙ୍ଗରେ ଧରି ମମତା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଦୁଲଣା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କଠାରୁ ଟଙ୍କା ନେଇ ପେଟ୍ରୋଲ ପମ୍ପ ଓ ପ୍ଲଟିଂ ବେପାରରେ ଲଗାଇ ସେମାନଙ୍କୁ ବିଭିନ୍ନ ମିଥ୍ୟ ପ୍ରଲୋଭନ ଦେଖାଇ ୨୦ ଲକ୍ଷ ଟଙ୍କା ଠକି ନେଇଥିଲେ। ତେବେ କିଛିଦିନ ପରେ ପ୍ରଭାତୀଙ୍କ ଦେଖା ଦର୍ଶନ ନ ମିଳିବା ସାଙ୍ଗକୁ କୌଣସି ଯୋଗାଯୋଗ ମଧ୍ୟ ସମ୍ଭବ ହେଲାନାହିଁ। ପରେ ଫୋନ ଦ୍ୱାରା ଯୋଗଯୋଗ ହେବାରୁ ସମ୍ପୃକ୍ତ ମହିଳା ଟଙ୍କା ଦେବାକୁ ମନା କରିଦେଇଥିଲେ। ଏ ନେଇ ଉଭୟ ଏସ୍‌ଏଚ୍‌ଜି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ବିଜୟ କେତନ ବେହେରା ଏକ କେସ୍ (ନଂ. ୩୮୮/୨୩) ରୁଜୁ କରିଥିଲେ।

# ଯମେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

## ଶ୍ରୀକ୍ଷେତ୍ରରେ ଭ୍ରାତୃ ଦ୍ୱିତୀୟା ପାଳିତ

ପୁରୀ, ୧୫।୧୧(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ରରେ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିକୁ ଭ୍ରାତୃ ଦ୍ୱିତୀୟା ବା ଯମ ଦ୍ୱିତୀୟା ଭାବେ ପାଳନ କରାଯାଏ। ବୁଧବାର ଭ୍ରାତୃ ଦ୍ୱିତୀୟା ବା ଯମ ଦ୍ୱିତୀୟା ତିଥି ଅବସରରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରେ ଅଗ୍ରଜ ପ୍ରଭୁ ଯମେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ହବିଷିଆଳି ଓ ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଭଉଣୀମାନେ ପ୍ରଭୁ ଯମେଶ୍ୱରଙ୍କୁ ଆରାଧନା କରି ନିଜ ଭାଇଙ୍କ ଶୁଭ ମନାସିବା ସହ ଭାଇମାନଙ୍କର ଆୟୁଷ ବୃଦ୍ଧି କାମନା କରିଥିଲେ।

ପ୍ରଭୁ ଯମେଶ୍ୱରଙ୍କୁ ଯନ୍ତୁରାଜ ଯମଙ୍କ ଈଶ୍ୱର ବୋଲି ବିବେଚନା କରାଯାଇଥାଏ। ଏହି ଦିନ ଯମେଶ୍ୱର ତଥା ଯମ ଦେବତାଙ୍କ ଉପାସନା ଏବଂ ଯମେଶ୍ୱରଙ୍କ ଦର୍ଶନ କଲେ ମୃତ୍ୟୁ ବେଳକୁ ଯମ ଯାତନା ମିଳେ ନାହିଁ ବୋଲି ବିଶ୍ୱାସ ରହିଛି। ସେହିପରି ଭ୍ରାତୃ ଦ୍ୱିତୀୟା ଉପଲକ୍ଷେ ସେବାୟତ ପରିବାରରେ ସ୍ୱତନ୍ତ୍ର ତଥା ନିଆରା ପରମ୍ପରା ଦେଖିବାକୁ ମିଳିଥିଲା। ଭଉଣୀମାନେ ଭାଇଙ୍କ ଶୁଭ ମନାସିବା ସହ ମିଷ୍ଟାନ୍ନ ଖୁଆଇ ସନ୍ତୁଷ୍ଟ କରିବାର ପରମ୍ପରା ପାଳନ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ, ସ୍ୱୟଂ ଯମରାଜଙ୍କ ଭଉଣୀ ଯମୁନା ତାଙ୍କ ଭାଇଙ୍କୁ ଏହି ଦିନ ମିଷ୍ଟାନ୍ନ ଖୁଆଇ ସନ୍ତୁଷ୍ଟ କରିଥିଲେ। ଯମେଶ୍ୱରଙ୍କ ପୀଠରେ ଏହା ପ୍ରମୁଖ ପର୍ବ। ଏଥିପାଇଁ ସମସ୍ତ ରୀତିନୀତି ସମ୍ପନ୍ନ ପରେ ଦର୍ଶନ ଆରମ୍ଭ ହୋଇଥିଲା। ଦିନତମାମ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ଯମଙ୍କ ମୂର୍ତ୍ତି ନିକଟରେ ବେଣ୍ଟମୁଆଁ, କଦଳୀ, ଖଇକୋରା ଆଦି ପୂଜା କରାଯାଇଥିଲା। ହବିଷିଆଳିମାନେ ସ୍ୱର୍ଗପ୍ରାପ୍ତି ଆଶାରେ ପ୍ରଭୁ ଯମେଶ୍ୱରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସର ଅଶ୍ୱତ୍ଥ ବୃକ୍ଷ ମୂଳେ ନିଶୁଣି ଚିତ୍ର ଆଙ୍କି ଯମେଶ୍ୱରଙ୍କ ଆରାଧନା କରିଥିଲେ।

# ଜଳକର ଆଦାୟ ବନ୍ଦ କରାଯାଉ

ଡେଲାଙ୍ଗ, ୧୫।୧୧(ରଶ୍ମିରଞ୍ଜନ ପ୍ରଧାନ):

କଂଗ୍ରେସର ସାଙ୍ଗଠନିକ ବୈଠକ ଡେଲାଙ୍ଗ ବ୍ଲକର ବେରବୋଇ ପଞ୍ଚାୟତସ୍ଥିତ ମା’ ଜାଗୁଳାଇ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରହ୍ଲାଦ ପ୍ରଧାନ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ତଥା ଆଇନଜୀବୀ ନିଶିକାନ୍ତ ମିଶ୍ର, ଜବାହାରଲାଲ୍ ବିଶ୍ୱାଳ, ସୂର୍ଯ୍ୟନାରାୟଣ ସାମନ୍ତରାୟ, ଜୟମନୁ ସାମନ୍ତରାୟ, ମାନସ ସ୍ୱାଇଁ, ସୁଶାନ୍ତ ସେଠୀ, ରଞ୍ଜିତ ମହାପାତ୍ର, ପ୍ରକାଶ ନାୟକ, ଟୁଟୁ ପରିଡ଼ା, ସୁରେନ୍ଦ୍ର ସେଠୀ, ବିଶ୍ୱରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବାକୁ ବୈଠକରେ ଆଲୋଚନା କରାଯାଇଥିବାବେଳେ ଡେଲାଙ୍ଗ ବ୍ଲକରେ ଚାଷୀଙ୍କ ଜଳସେଚନ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନାରେ ଯୋଗଦେଇଥିବା ଦଳୀୟ ଚାଷୀ ପ୍ରତ୍ୟେକ ବର୍ଷ ରାଜସ୍ୱ ବିଭାଗ ଜଳକର ଆଦାୟ କରୁଛି। ହେଲେ ଜଳସେଚନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାରେ ବିଭାଗର ବିଫଳ ଯୋଗୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଚଳିତବର୍ଷର ଜଳକର ଆଦାୟ ବନ୍ଦ କରାଯିବା ସହିତ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଫସଲ ହାନି ସହାୟତା ପ୍ରଦାନ କରିବା ନିମନ୍ତେ ପୁରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

# ୨ ମାସ ହେଲା ଦୟା ନଦୀବନ୍ଧ ଭୁଶୁଡିଲାଣି: ଯାତାୟାତ ବନ୍ଦ

କଣାସ, ୧୫।୧୧(ବିଭୂତି ଭୂଷଣ ତ୍ରିପାଠୀ):



କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟାର ବାମପାର୍ଶ୍ୱ ନଦୀବନ୍ଧ ବସନ୍ତପୁର ନିକଟରେ ୨ ମାସ ହେଲା ନଦୀ ଭିତରକୁ ଭୁଶୁଡ଼ି ପଡ଼ିଛି। ଏଥିଯୋଗୁ ନୂଆଜଗନ୍ନାଥ ସଡ଼କର ଜଙ୍କିଆଠାରୁ ଗଡ଼ିଶାଗୋଦାକୁ ସଂଯୋଗ କରୁଥିବା ୧୦ଟି ଗ୍ରାମପଞ୍ଚାୟତର ଜନସାଧାରଣଙ୍କ ଯାତାୟାତ ବନ୍ଦ ହୋଇଯାଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଜନଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ନଦୀବନ୍ଧ ୬ମାସ ତଳେ ଉକ୍ତ ଜାଗାରେ ଭୁଶୁଡ଼ି ପଡ଼ିଥିବାରୁ ଠିକାଦାର ତାକୁ ମରାମତି କରିଥିଲେ। ପୁନଶ୍ଚ ସେହି ନଦୀବନ୍ଧ ୨ ମାସ ହେଲା ନଦୀଗର୍ଭକୁ ଭୁଶୁଡ଼ି ପଡ଼ିଛି। ଉକ୍ତ ନଦୀବନ୍ଧଟି ଜଳସେଚନ ବିଭାଗର ହୋଇଥିବାରୁ ଉଚ୍ଚ ଅଧିକାରୀ ବାରମ୍ବାର ଆସି ପରୀକ୍ଷାନିରୀକ୍ଷା କରି ଫେରିଯାଉଛନ୍ତି। ହେଲେ ନଦୀବନ୍ଧଟି ମରାମତି କରୁ ନ ଥିବାରୁ ଯାନବାହନ ଯିବା ତ ଦୂରର କଥା ଚାଲିକି ଯିବାକୁ ଲୋକେ ଭୟ କରୁଛନ୍ତି। ଏହି ରାସ୍ତା ଦେଇ ଦୈନନ୍ଦିନ ଯାମଳଗୋଦା, ଆଳିବାଡ଼, ଗୋପୀନାଥପୁର, କାଦୁଆ, ଖଣ୍ଡହତା ଓ ବ୍ରହ୍ମଗିରି ବ୍ଲକର ୫ରୁ ୬ଟି ପଞ୍ଚାୟତର ଜନସାଧାରଣ ଉକ୍ତ ନଦୀବନ୍ଧ ଦେଇ ନୂଆଜଗନ୍ନାଥ ସଡ଼କକୁ ଆସି ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି।

# ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ ହେବାରୁ ରକ୍ଷା କରିବ ଗାନ୍ଧୀ ଦର୍ଶନ

ସାକ୍ଷୀଗୋପାଳ, ୧୫।୧୧(ଭରତ ରାଉତ)

ଉତ୍କଳମଣିଗୋପବନ୍ଧୁସ୍ମୃତିମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବୁଧବାର +୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ପାଳନ ସହିତ ‘ଆଜିର ସମୟରେ ଗାନ୍ଧୀବାଦର ପ୍ରାସଙ୍ଗିକତା’ ଶୀର୍ଷକ ଏକ ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବ ସୁନ୍ଦର ମିଶ୍ର ଆଜିର ସମୟରେ ଗାନ୍ଧୀ ଦର୍ଶନ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ ହେବାରୁ ରକ୍ଷା କରିବ ବୋଲି ମତ ଦେଇଥିଲେ। ଏହି ଅବସରରେ ମୁଖ୍ୟ ବକ୍ତାଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଅଭିରାମ ବିଶ୍ୱାଳ ଯୋଗଦେଇ ଅଭିଭାଷଣରେ ଗାନ୍ଧି ଦର୍ଶନ ସହିତ ଉତ୍କଳମଣି ଗୋପବନ୍ଧୁଙ୍କ ଦର୍ଶନର ସାମଞ୍ଜସ୍ୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ରତିକାନ୍ତ ପରିଡ଼ା ଯୋଗଦେଇ ଗାନ୍ଧୀ ଦର୍ଶନ ସମଗ୍ର ପୃଥିବୀରେ ଏକତା, ଶାନ୍ତି ଓ ପ୍ରଗତି ଆଣିବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀଛାତ୍ରମାନେ ବେଦ ଧ୍ୱନି ସହ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଅମରନାଥ ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ରତ୍ନାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ରୋଜାଲିନ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ୧୮ରୁ ତ୍ରିଦିବସୀୟ ଆନ୍ତର୍ଜାତିକ ଆଲୋଚନାଚକ୍ର




କାର୍ଯ୍ୟକ୍ରମ ସମ୍ପର୍କରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଉଛି।

ପୁରୀ, ୧୫।୧୧(ଅଜିତ୍ ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତମାସ ୧୮ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ସନ୍ଥ କବି ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ: ସମତା, ନାରୀ ସଶକ୍ତୀକରଣ ଏବଂ ସମାଧାନର ବ୍ୟାଖ୍ୟା ଶୀର୍ଷକ ତ୍ରିଦିବସୀୟ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ନନ୍ଦ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ୧୦୦ କୋଟି ଟଙ୍କା ବ୍ୟୟରେ ପରିସରର ଶୈକ୍ଷିକ ଭବନ, ଶ୍ରେଣୀଗୃହ ସମେତ କର୍ମଚାରୀ ଆବାସ ସ୍ଥାପନ ହେବା ସହ ନୂତନ ପ୍ରଶାସନିକ ଭବନ, ଛାତ୍ରାବାସର ଶିଳାନ୍ୟାସ ସମ୍ପର୍କରେ କହିଥିଲେ। ସେହିପରି ପେଣ୍ଠକଟାସ୍ଥ ଦ୍ୱିତୀୟ ପରିସରଠାରେ ଆବାସିକ ଅଟ୍ଟାଳିକା କ୍ରମରେ ଛାତ୍ରାବାସ, କର୍ମଚାରୀ ଆବାସ ନିର୍ମାଣ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ଭାରତୀୟ ଭାଷା ସମିତି ସଭାପତି ପଦ୍ମଶ୍ରୀ ସିଏମ୍ କ୍ରିଷ୍ଣଶାସ୍ତ୍ରୀ, ଶିକ୍ଷା ମନ୍ତ୍ରଣାଳୟ ଯୁଗ୍ମ ସଚିବ ଡ. ନିତା ପ୍ରସାଦ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀନିବସ ବରଖଡ଼ିଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ବିଭିନ୍ନ ବ୍ୟକ୍ତିବିଶେଷ ଯୋଗଦେବେ। ଆଲୋଚନାଚକ୍ରରେ ଭାରତର ବିଦ୍ୱାନଙ୍କ ସହ ବିଶ୍ୱବିଦ୍ୟାଳୟର ଗବେଷିକା ଗବେଷକ ଅଂଶଗ୍ରହଣ କରିବେ। ବୈଷୟିକ ଅଧିବେଶନ ମାଧ୍ୟମରେ ଲକ୍ଷ୍ମୀ ତତ୍ତ୍ୱ ଉପରେ ସ୍ୱକୀୟ ମତ ଉପସ୍ଥାପନ କରିବେ। ଆଲୋଚନାଚକ୍ରରେ ଇଣ୍ଡୋନେସିଆ, ଆମେରିକା, ଥାଇଲାଣ୍ଡ, ନେପାଳ ପ୍ରଭୃତି ଦେଶରୁ ବିଦ୍ୱାନମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ନନ୍ଦ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦୁର୍ଗାପ୍ରସାଦ ଦାସମହାପାତ୍ର, ପ୍ରଫେସର ରମାକାନ୍ତ ମିଶ୍ର, ସୁଶାନ୍ତ ଶତପଥୀ, ବିଶ୍ୱନାଥ ମିଶ୍ର ଏବଂ ଡ. ରୁଦ୍ର ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୋଣାର୍କ ଏନ୍‌ଏସି ବର୍ଜ୍ୟବସ୍ତୁ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର

## ସୂଚନା ଫଳକ ବିନା ଚାଲିଛି କାମ
## ଭିଜିଲାନ୍ସ ତଦନ୍ତ ଦାବି

କୋଣାର୍କ, ୧୫।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି ୧୧ନଂ. ୱାର୍ଡ ନଳକଣ ଗ୍ରାମ ନିକଟସ୍ଥ ବେରୁହଁ ମୌଜାର ପ୍ଲଟ ନଂ- ୨୦୦୮, ମୋଟ ଏରିଆ ୧ ଏକର ୫୦ ଡିସିମିଲ ସରକାରୀ ଜମିରେ କୋଣାର୍କ ଏନ୍‌ଏସି ପକ୍ଷରୁ ପ୍ରାୟ ୨ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟରେ ୨୦୨୦ ମସିହାରୁ ଠିକାଦାର ନିଯୁକ୍ତ କରାଯାଇ ବର୍ଜ୍ୟବସ୍ତୁ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ମାତ୍ର ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଠିକାଦାର ଉକ୍ତ ପ୍ରକଳ୍ପରୁ ଅଧିକ ମୁନାଫା ପାଇବା ଲକ୍ଷ୍ୟରେ ଅଧିକାଂଶ ସମୟ ରାତ୍ରି ସମୟରେ ଅତି ନିମ୍ନମାନର ସାମଗ୍ରୀରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ବିଶେଷ ଭାବେ ଏହି ବର୍ଜ୍ୟବସ୍ତୁ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟରେ ସ୍ଥାନୀୟ ଲୁଣି ବାଲି ବ୍ୟବହାର କରାଯାଉଥିବା ଦେଖାଯାଉଛି। ସରକାରୀ ନୀତି ଅନୁଯାୟୀ, ଠିକାଦାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ କାର୍ଯ୍ୟର ସମସ୍ତ ବିବରଣୀ ଥିବା ସୂଚନା ଫଳକ ଲଗାଯିବା କଥା। ମାତ୍ର ଏଠି ବିନା ସୂଚନା ଫଳକରେ ମନମୁଖି କାର୍ଯ୍ୟ ଚାଲୁ ରହିଛି।



ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ।

କୋଣାର୍କ ଏନ୍‌ଏସିର କୌଣସି ଅଧିକାରୀ ଏହି କାର୍ଯ୍ୟ ଅନୁଧ୍ୟାନ କରୁ ନାହାନ୍ତି। ନିମ୍ନମାନର କାର୍ଯ୍ୟକୁ ନେଇ ୧୧ନଂ. ୱାର୍ଡ କାଉନସିଲର ବିଭିନ୍ନ ସମୟରେ ତାଗିଦା କରିବା ସତ୍ତ୍ୱେ ଠିକାଦାର କୌଣସି କର୍ଣ୍ଣପାତ ନ କରି ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ଅପରାହ୍ନରେ ନଳକଣ ଗ୍ରାମବାସୀ ପ୍ରକଳ୍ପ ସ୍ଥାନକୁ ଯାଇ ଠିକାଦାର କାର୍ଯ୍ୟକୁ ଜୋରଦାର ବିରୋଧ କରି କାର୍ଯ୍ୟ ବନ୍ଦ କରିଥିଲେ। ଏ ଦିଗରେ ଜିଲାପାଳଙ୍କ ପକ୍ଷରୁ ଏହି ପ୍ରକଳ୍ପର କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ କରାଯିବା ସହିତ ଏହି ପ୍ରକଳ୍ପର ସମସ୍ତ କାର୍ଯ୍ୟର ମାନ ପରୀକ୍ଷା କରାଯିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନାଥାଉକି, କୋଣାର୍କ ଏନ୍‌ଏସିକୁ ଏକ ସ୍ୱଚ୍ଛ ସହରର ମାନ୍ୟତା ଦେବା ଲାଗି ପୂର୍ବତନ ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ଅକ୍ଲାନ୍ତ ଉଦ୍ୟମରେ ଏହି ବର୍ଜ୍ୟବସ୍ତୁ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ଆରମ୍ଭ ହୋଇଥିଲା। ସୂଚନା ମୁତାବକ, ଏବେ କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡର ପ୍ରତି ଘରୁ ଅଳିଆ ସଂଗ୍ରହ କରାଯାଉଛି। ସଂଗୃହୀତ ଅଳିଆରୁ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାରେ ଜୈବିକ ସାର ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରହିଛି। ଏପରିକି ବର୍ଜ୍ୟବସ୍ତୁ ପରିଚାଳନାରେ ପ୍ରସ୍ତୁତ ଜୈବିକ ସାର ଉପଯୋଗ କରାଯାଇ ସ୍ମାର୍ଟ ପାର୍କ ନିର୍ମାଣର ଲକ୍ଷ୍ୟ ରହିଛି। କୋଣାର୍କରେ ସଂଗୃହୀତ ବର୍ଜ୍ୟବସ୍ତୁକୁ ସୁରକ୍ଷିତ ଭାବେ ରଖିବା ପାଇଁ ଆବଶ୍ୟକ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ଓ ସ୍ମାର୍ଟ ପାର୍କ ପାଇଁ ପ୍ରଶାସନ ପକ୍ଷରୁ ଏକାଧିକ ସରକାରୀ ଜମି ଚୟନ କରାଯାଇ କାର୍ଯ୍ୟ ଚାଲୁରହିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜଗଦୀଶ ନାୟକଙ୍କୁ ପଚାରିବାରେ, ସେ ଏ ସମ୍ପର୍କରେ ଠିକାଦାରଙ୍କୁ ତାଗିଦା କରିଛନ୍ତି। ଯଦି କାର୍ଯ୍ୟ ନିମ୍ନମାନର ହେଉଥାଏ, ତେବେ ତାହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୮ତମ ଜୟନ୍ତୀ, ଖାରବେଳନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- କ୍ଷେତ ମୂଲିଆଙ୍କ ବିଭିନ୍ନ ସମସ୍ୟା ନେଇ ରାଜ୍ୟସ୍ତରୀୟ ମିଳିତ କନ୍‌ଭେନ୍‌ଶନ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ୟୁନିୟନ ଫର ୱାର୍କିଂ ଜର୍ନାଲିଷ୍ଟ ପକ୍ଷରୁ ନ୍ୟାଶନାଲ ପ୍ରେସ ଦିବସ, ହୋଟେଲ କେଶରୀ, ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଜର୍ନାଲିଷ୍ଟ ୱେଲଫେୟାର ବୋର୍ଡ ପକ୍ଷରୁ ନ୍ୟାଶନାଲ ପ୍ରେସ ଦିବସ, ସୂଚନା ଭବନ, ଅପରାହ୍ନ ୩ଟା।
- ଜାତୀୟ ପ୍ରେସ୍ ଦିବସ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ସନ୍ଧ୍ୟା ୬ଟା।
- ରାଜାରାଣୀ ମ୍ୟୁଜିକ ଫେଷ୍ଟିଭାଲ, ରାଜାରାଣୀ ମନ୍ଦିର ପରିସର, ସନ୍ଧ୍ୟା ୬ଟା ୩୦।
- ଲାସ୍ୟ ଲାବଣ୍ୟ ଡ୍ୟାନ୍ସ ଫେଷ୍ଟିଭାଲ, ଉତ୍କଳ ରଙ୍ଗମଞ୍ଚ, ଜିକେସିଏମ୍, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ୨୬ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ 'ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ବିବାହ ଉତ୍ସବ, ବାଲିଅନ୍ତାସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ରାତି ୭ଟା ୩୦।

## ପୋଲିସ ବିରୋଧରେ ଅସଦାଚରଣ ଅଭିଯୋଗ

**ଭୁବନେଶ୍ୱର,୧୫।୧୧(ସୂର୍ଯ୍ୟକାନ୍ତ ବେହେରା):** ଜଣେ ପୋଲିସ କର୍ମଚାରୀଙ୍କ ନାବାଳିକା ଝିଅକୁ ଆଉଜଣେ ପୋଲିସ କର୍ମଚାରୀ ଅସଦାଚରଣ କରିଛନ୍ତି। ଏପରି ଘଟଣା ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଘଟିଥିବାବେଳେ ଏନେଇ ପୀଡିତା ନାବାଳିକଙ୍କ ପରିବାର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ମାତ୍ର ଲୋକଲଜ୍ଜା ଓ ପୋଲିସ୍ ବିଭାଗର ସମ୍ମାନ ରକ୍ଷା ପାଇଁ ଦୁଇ ପୋଲିସ ପରିବାରଙ୍କୁ ଥାନାକୁ ଡକାଇ ବରିଷ୍ଠ ପୋଲିସ ଅଧିକାରୀଙ୍କ ଦ୍ୱାରା ଆପୋସ ବୁଝାମଣା ପାଇଁ ଉଦ୍ୟମ କରାଯାଉଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ତେବେ ଏଭଳି କୌଣସି ଅଭିଯୋଗ ଥାନାକୁ ଆସି ନ ଥିବା, ଥାନାରେ କୌଣସି ସମାଧାନ ହେଉ ନ ଥିବା ଥାନା ଅଧିକାରୀ ପ୍ରକାଶ ମାଝି କହିଛନ୍ତି। ମିଳିଥିବା ସୂଚନାନୁସାରେ, ଦୀପାବଳୀ ଦିନ ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଥିଲା। ବାଣ ଫୁଟାକୁ ନେଇ ଜଣେ ବାଟାଲିୟନ ପୋଲିସ ଯବାନଙ୍କ ନାବାଳିକା ଝିଅକୁ ତାଙ୍କ ପଡୋଶୀ ପୋଲିସ କର୍ମଚାରୀ ତାଗିଦ ସହିତ ଅସଦାଚରଣ କରିଥିଲେ।

## ଡିସେମ୍ବର ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୧୫।୧୧ (କାର୍ତ୍ତିକ ସାହୁ):** କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା ପ୍ରାଧିକରଣ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ଡିସେମ୍ବର ୯ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ତଥା ପ୍ରାକ୍ ମୋକଦ୍ଦମାସ୍ତରୀୟ ମାମଲାର ଫଇସଲା ହେବ। ବିଶେଷକରି ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ମାମଲାଗୁଡ଼ିକ ଆପୋଷ ସହମତି ଭିତ୍ତିରେ ସମାଧାନ କରାଯାଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।


ମହାପ୍ରଭୁଙ୍କ ଦର୍ଶନ ପାଇଁ ବୁଧବାର ପୁରୀ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି ଯୋଗୁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି।

# ଭୋର ୬ରୁ ସାହାଣମେଲା ଦର୍ଶନ

### ଅଁଳାନବମୀ ପାଇଁ ଦେବନୀତି ବୃତ୍ତାନ୍ତ

- ମନ୍ଦିର ଭିତରକୁ ମୋବାଇଲ ଫୋନ୍ ମନା
- ଛାୟାପ୍ରଦ ବ୍ୟାରିକେଡ୍, ଧାଡ଼ି ଦର୍ଶନକୁ ଗୁରୁତ୍ୱ

**ସାକ୍ଷୀଗୋପାଳ,୧୫।୧୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ପୁରୀ ଜିଲାର ଦ୍ୱିତୀୟ ବୃହତ୍ତମ ଗଣପର୍ବ ଅଁଳାନବମୀ ତିଥିରେ ଶ୍ରୀରାଧା ପାଦଦର୍ଶନ ଏବଂ ବଡ଼ ଏକାଦଶୀ ଯଥାକ୍ରମେ ଆସନ୍ତା ୨୧ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। ବର୍ଷକୁ ଥରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ଦୁର୍ଲଭ ଦର୍ଶନ ସୁଯୋଗ ରହିଥିବାରୁ ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହି ଉପଲକ୍ଷେ ଶେଷ ସମନ୍ୱୟ ବୈଠକ ବୁଧବାର ସ୍ଥାନୀୟ ପଞ୍ଚସଖା ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଦେବନୀତି ପରିଚାଳନା, ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା, ୩ଦିନ ବ୍ୟାପୀ ସାଂସ୍କୃତିକ ସମାରୋହ ସଫଳ ଭାବେ ରୂପାୟନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଚିହ୍ନଟ ଜମିରେ ସେବାୟତ ଶ୍ମଶାନ ନିର୍ମାଣ କରାଯିବା ସହ ମନ୍ଦିର ପରିସର, ବକୁଳବନ ଓ ମନ୍ଦିର ଅଞ୍ଚଳ ଉନ୍ନୟନ ପାଇଁ ରାଜ୍ୟ ଦେବତ୍ତୋର କମିଶନର ଆଦେଶ ପ୍ରଦାନ କରିଛନ୍ତି ବୋଲି ବିଧାୟକ ଉମାକାନ୍ତ ସାମନ୍ତରାୟ ସୂଚନା ଦେଇଥିଲେ।


ବୈଠକରେ ବିଧାୟକ ଉମାକାନ୍ତ ସାମନ୍ତରାୟ, ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟମାନେ।

ଦେବନୀତି ପରିଚାଳନା ସମ୍ପର୍କରେ ସୂଚନା ଦେଇ ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ନନ୍ଦ କହିଥିଲେ, ପୂର୍ବରାତ୍ର ୧ଘଣ୍ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ଭୋର ୬ଟାରୁ ସାହାଣମେଲା ଦର୍ଶନ ଆରମ୍ଭ ହେବ। ପୁରୀ ଉପଜିଲାପାଳ ଭବତାରଣ ସାହୁ ବୈଠକରେ ଅଧକ୍ଷତା କରି ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସ୍ତୁତି ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ମଧ୍ୟକୁ ମୋବାଇଲ ଫୋନ୍ ବାରଣ କରାଯାଇଥିବା ବେଳେ ମନ୍ଦିର ପ୍ରଶାସନ ମୋବାଇଲ ଷ୍ଟାଣ୍ଡ କରିବା ପାଇଁ ନିଷ୍ପତ୍ତି ନେଇଛି। ଭିଆଇପି ଗେଟ୍‌ରେ ଭିଡ଼ କମାଇବା ସହ ଧାଡ଼ିଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଛାୟାପ୍ରଦ ବ୍ୟାରିକେଡ୍, ରାସ୍ତା ମରାମତି, ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ବିଦ୍ୟୁତ ସେବା, ସଫେଇ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେବା ଶିବିର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଓ ପିଇବା ପାଣି, ଅଗ୍ନିଶମ ବିଭାଗର କାର୍ଯ୍ୟ, ଆଇନ ଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। ଦେବୋତ୍ତର ବିଭାଗ ସହକାରୀ ଆୟୁକ୍ତ ଗଗନ ସାହୁ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ବିଜୟ କେତନ ବେହେରା, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲିପ୍ସା ରାୟ, ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର, ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱଜିତ ମିଶ୍ର, ଆର୍‌ଏମ୍‌ସି ସମ୍ପାଦକ କମଳ କୁମାର, ସରପଞ୍ଚ ଚିନ୍ମୟ ରାଉତ, ଆରାଧନା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱରରେ 'ରାଜାରାଣୀ ସଙ୍ଗୀତ ମହୋତ୍ସବ'ର ଉଦ୍‌ଘାଟନ ଅବସରରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

# ଶୀତୁଆ ସନ୍ଧ୍ୟାରେ ଶାସ୍ତ୍ରୀୟ ସଙ୍ଗୀତର ମୂର୍ଚ୍ଛନା

### ରାଜାରାଣୀ ସଙ୍ଗୀତ ମହୋତ୍ସବ ଆରମ୍ଭ

**ଭୁବନେଶ୍ୱର,୧୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଉତ୍ସବମୁଖରିତ ହୋଇଉଠିଛି ରାଜାରାଣୀ ମନ୍ଦିର ପ୍ରାଙ୍ଗଣ। ଆରମ୍ଭ ହୋଇଛି ଶାସ୍ତ୍ରୀୟ ସଙ୍ଗୀତ ଆସର 'ରାଜାରାଣୀ ସଙ୍ଗୀତ ମହୋତ୍ସବ'। ହାଲୁକା ହାଲୁକା ଶୀତୁଆ ସନ୍ଧ୍ୟାରେ ବାଦ୍ୟ ଓ କଣ୍ଠ ସଙ୍ଗୀତର ମୂର୍ଚ୍ଛନାରେ ଭିଜିଛନ୍ତି ଶ୍ରୋତା। ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ଏହି ମହୋତ୍ସବକୁ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଛନ୍ତି। ଏହା ତିନିଦିନ ଧରି ଚାଲିବ। ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଯୁବପିଢ଼ିଙ୍କୁ ମନସ୍କ କରାଇବା ପାଇଁ ପ୍ରତିବର୍ଷ ଏହି ଉତ୍ସବ ଆୟୋଜିତ ହୋଇଥାଏ। ସନ୍ଧ୍ୟାର ପ୍ରଥମ ପରିବେଷଣରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ବାଦକ ଦମ୍ପତି ପଣ୍ଡିତ ଶୁଭେନ୍ଦ୍ର ରାଓ ଓ ସଶକିୟା ରାଓ ଦେ ହାସ୍‌ଙ୍କ ସୀତାର ଓ ସେଲୋ ବାଦନର ଯୁଗଳବନ୍ଦୀ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ସେମାନେ ପ୍ରଥମେ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତରେ ରାଗ କେବାଣୀ ଓ ତିନ୍‌ତାଲ, ପରେ ବିଭିନ୍ନ ରାଗ ଓ ତାଳକୁ ନେଇ ସେମାନଙ୍କ ବାଦନ ବେଶ୍ ହୃଦୟସ୍ପର୍ଶୀ ଥିଲା। ସେମାନଙ୍କୁ ତବଲାରେ ରାମ କୁମାର ମିଶ୍ର ସହଯୋଗ କରିଥିଲେ। ପରବର୍ତ୍ତୀ ପରିବେଷଣରେ ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ ବିଶାରଦ ପଣ୍ଡିତ ଅଜୟ ଚକ୍ରବର୍ତ୍ତୀଙ୍କ ଦ୍ୱାରା ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ ସନ୍ଧ୍ୟାକୁ ରୋମାଞ୍ଚିତ କରିଥିଲା। ତାଙ୍କର ନିଖୁଣ ଓ ସୁନ୍ଦର ରାଗ ବିସ୍ତାର, ତାନ ଓ ସରଗମ୍‌ର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ସୁଲଳିତ କଣ୍ଠରେ ବିଭିନ୍ନ କଳାକୌଶଳ ପ୍ରୟୋଗ ଉପସ୍ଥିତ ବିଦଗ୍ଧ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ହାରମୋନିୟମ୍‌ରେ ଯତିଶମୟ ବାନାର୍ଜୀ, ତବଲାରେ ଯଶବନ୍ତ ବୈଷ୍ଣବ୍ ଓ କଣ୍ଠରେ ମିହିର ପାରଲିଙ୍କର ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପାତ୍ରଙ୍କ ସହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ କୁମାର ରଥ ଅତିଥି ଭାବେ ଯୋଗଦେଇଥିଲେ। ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


ସଶକିୟା ରାଓ ଦେ ହାସ୍ ସେଲୋ ଓ ପଣ୍ଡିତ ଶୁଭେନ୍ଦ୍ର ରାଓ ସିତାର ବାଦନ କରୁଛନ୍ତି।

## ଅପହୃତା ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

**ଭୁବନେଶ୍ୱର,୧୫।୧୧ (ସୂର୍ଯ୍ୟକାନ୍ତ ବେହେରା)**

ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଅପହରଣକାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳର ଶୁଭମ କୁମାର ସାହୁ (୧୯)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୧୩ ତାରିଖରେ ନାବାଳିକା ଜଣକ କଲେଜ ଯାଇ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇପାରି ନ ଥିଲେ। ନାବାଳିକାଙ୍କ କଲେଜ ସାଙ୍ଗଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଝିଅକୁ ଅପହରଣ କରାଯାଇଥିବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (୪୧୧/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଜଣକ ପୁରୀସ୍ଥିତ ବାଟମଙ୍ଗଳା ମନ୍ଦିର ନିକଟରେ ଥିବା ଖବର ପାଇବା ପରେ ପୋଲିସ ତୁରନ୍ତ ଘଟଣା ସ୍ଥଳରେ ଚଡାଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଭଞ୍ଜନ


@ ଆକାଶ


@ ସଦାନନ୍ଦ


@ ମୁନୁ


@ ମଳୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


୫ ଦଫା ଦାବି ପୂରଣ ପାଇଁ ଶ୍ରୀଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ପରିଷଦ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ କଳାକାରମାନେ ହରିନାମ ସଂକୀର୍ତ୍ତନ କରି ଅଭିନବ ପ୍ରତିବାଦ କରୁଛନ୍ତି।

# ହରିନାମରେ କମ୍ପିଲା ଲୋୟର ପିଏମ୍‌ଜି

### ୫ ଦଫା ଦାବିରେ ଲୋକକଳା ପରିଷଦର ଅଭିନବ ପ୍ରତିବାଦ

**ଭୁବନେଶ୍ୱର,୧୫।୧୧ (ସୂର୍ଯ୍ୟକାନ୍ତ ବେହେରା)**

ଝାଞ୍ଜ, ମୃଦଙ୍ଗ ତାଳରେ ହରି ନାମ ଜପି ଅଭିନବ ଢଙ୍ଗରେ ପ୍ରତିବାଦ କରିଛି ଶ୍ରୀ ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ପରିଷଦ। ସଂକୀର୍ତ୍ତନ କଳାକାରମାନେ ବର୍ଷ ବର୍ଷ ଧରି ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିଆସୁଛନ୍ତି। ରାଜ୍ୟର ଲକ୍ଷାଧିକ ଲୋକେ ଏହି ସେବାରେ ଥିବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ ସେମାନଙ୍କ ପାଇଁ କୌଣସି ସୁବିଧା ସୁଯୋଗ ନାହିଁ। ତେଣୁ କଳାକାର ମାନ୍ୟତା ପ୍ରଦାନ, ସବୁ ବୟସ ବର୍ଗ ସଂକୀର୍ତ୍ତନ କଳାକାରଙ୍କୁ ଭତ୍ତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଆଦି ୫ ଦଫା ଦାବିନେଇ ଆନ୍ଦୋଳନକୁ ଓହ୍ଲାଇଛି ସଂଘ। ୨ ହଜାରରୁ ଅଧିକ କଳାକାର ଏକତ୍ରିତ ହୋଇ ଭଜନ, କୀର୍ତ୍ତନ, ସଂକୀର୍ତ୍ତନ, ଲୋକକଳା ପରିବେଷଣ ସହିତ ଆମରଣ ଅନଶନ ଓ ସଂକୀର୍ତ୍ତନ ସମାରୋହ କାର୍ଯ୍ୟକ୍ରମ ବୁଧବାର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ସୁଦର୍ଶନ ଚମ୍ପତି ଓ ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ, ଶିକ୍ଷା ବିକାଶ ସଂସ୍ଥାନ ସଭାପତି ତଥା ପରିଷଦ ଉପଦେଷ୍ଟା ଡା କରୁଣାକର ପ୍ରଧାନ, ଆର୍‌ସିଏମ୍ ଅଧ୍ୟକ୍ଷ ପ୍ରବୀର ପାଲ, ବିଜୟା ନନ୍ଦା, ମନୋଜ ଜେନା, କର୍ମଚାରୀ ମହାମଞ୍ଚ ସଭାପତି ପ୍ରଭାତ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜନ ମହାନ୍ତି, ବିଜୟ ରାଉତ, ଜିଲା ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ମମତା ସାହୁ, ଜୟମିନ ପୃଷ୍ଟି, ସୋମନାଥ କେଶର ପ୍ରମୁଖ ଉପସ୍ଥିତ ଥିଲେ।

# ‘ଝାଡ଼ଖଣ୍ଡ, ଓଡ଼ିଶା ମଧ୍ୟରେ ଆବେଗିକ ସମ୍ପର୍କ ରହିଛି’




ଭୁବନେଶ୍ୱର, ୧୫।୧୧
(ଅସମାପିକା ସାହୁ)

## ରାଜଭବନରେ ଝାଡ଼ଖଣ୍ଡ ଦିବସ

ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟତା। ଏହା ଆମର ଶକ୍ତି, ସମ୍ପଦ ଓ ସୌନ୍ଦର୍ଯ୍ୟ। ଏହାକୁ ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ବୁଧବାର ରାଜଭବନରେ ଆୟୋଜିତ ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଭାରତୀୟ ଭାବ ଓ ଭାବନାରେ ସମସ୍ତେ ବାନ୍ଧି ହୋଇଛନ୍ତି। ପ୍ରତ୍ୟେକ ଭାରତୀୟ ନିଜର ପରିଚୟ ପାଇଁ ଗର୍ବିତ। କଳା ଓ ସଂସ୍କୃତି ମାଧ୍ୟମରେ ଭାରତର ସଂହତି ଓ ଶକ୍ତି ପ୍ରକାଶିତ। ଝାଡ଼ଖଣ୍ଡ ଓ ଓଡ଼ିଶା ମଧ୍ୟରେ ଆବେଗିକ ସମ୍ପର୍କ ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଏଭଳି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଝାଡ଼ଖଣ୍ଡର ଡ. ଗୌତମ କୁମାର ମହାତୋ, ଶୁଭାଙ୍ଗୀ ଗୋସ୍ୱାମୀ ଓ ଆଞ୍ଚଲ ଅଗ୍ରୱାଲ ପ୍ରମୁଖ ଓଡ଼ିଶାରେ ନିଜର ଅନୁଭବ, ଅନୁଭୂତି ଓ ଉପଲବ୍ଧି ସମ୍ପର୍କରେ କହିଥିଲେ। ଏହି ଉତ୍ସବରେ ଝାଡ଼ଖଣ୍ଡ ରାଜ୍ୟପାଳଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କ ସହିତ ଓଡ଼ିଶା ନିବାସୀ ଝାଡ଼ଖଣ୍ଡର ବହୁ ବ୍ୟକ୍ତି ଯୋଗଦେଇଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଗ୍ରାମ ଦେଓଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୪ ମୃତକଙ୍କ ଭତ୍ତା ଟଙ୍କା ଆତ୍ମସାତ୍

## ୪ ପିଇଓଙ୍କୁ ୨ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

ଯାଜପୁର, ୧୫।୧୧
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ତୃଣମୂଳଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ କେତେଜଣ ଅଧିକାରୀ ହରିଲୁଟ କରୁଛନ୍ତି। ଏହି ଘଟଣା ଏବେ ସମାଜ ପାଇଁ ଚିନ୍ତାର କାରଣ ହୋଇଛି। ଜିଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ଗ୍ରାମ ପଞ୍ଚାୟତକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ପଞ୍ଚାୟତର ୨୪ ଜଣ ଭୂତ ଅବା ମୃତ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଯୋଜନାରେ ଭତ୍ତା ଉଠାଯାଇଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ୪ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ନିଗ୍ଧା ସାହୁ, ଶ୍ୟାମସୁନ୍ଦର ତିୟୁ, ସୂର୍ଯ୍ୟମଣି ପଟ୍ଟନାୟକ ଓ ବୀରେନ୍ଦ୍ର କୁମାର ମଲିକଙ୍କୁ ୨ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଫେରସ୍ତ କରିବାକୁ ଦଶରଥପୁର ବିଡିଓ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାବାଦ୍ ଉପରୋକ୍ତ ୪ ଅଧିକାରୀଙ୍କୁ ୩ ଦିନ ମଧ୍ୟରେ ଲିଖିତ ଭାବେ କାରଣ ଦର୍ଶାଇବାକୁ ଉକ୍ତ ନିର୍ଦ୍ଦେଶରେ ଦର୍ଶାଇଛନ୍ତି। ତେବେ ଉପରୋକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ସୁରକ୍ଷା ଦେବାକୁ ସବୁ ପ୍ରକାରର ଉଦ୍ୟମ ଚାଲିଥିବା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଦଶରଥପୁର ବ୍ଲକରେ ପ୍ରାୟ ୪ ବର୍ଷ ମଧ୍ୟରେ ମୃତ ଭତ୍ତା ହିତାଧିକାରୀଙ୍କ ନାମକୁ ତାଲିକାରୁ ବାଦ୍ ନ ଦେଇ ସେମାନଙ୍କ ନାମରେ ଆସୁଥିବା ଅର୍ଥକୁ ଉପରୋକ୍ତ ଅଧିକାରୀମାନେ ଆତ୍ମସାତ୍ କରୁଥିଲେ। ଜିଲାସ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଡିଜିଟାଲ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ହେଲେ ଏବେ ବି ଜିଲାରେ ଭତ୍ତା ଟଙ୍କା ହରିଲୁଟ କରିବାକୁ କେତେଜଣ ଅସାଧୁ କର୍ମଚାରୀ ଡିଜିଟାଲ ମାଧ୍ୟମକୁ ଗ୍ରହଣ କରିବାକୁ ରାଜି ହୋଇନାହାନ୍ତି। ଏହି କ୍ରମରେ ନକଲି ଟିପ ଚିହ୍ନ ଦେଇ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଣ ହେଉଛି। ବିଭିନ୍ନ ଭତ୍ତା ଯୋଜନାରେ ହିତାଧିକାରୀ ପିଛା ମାସକୁ ୫୦୦, ୭୦୦ ଓ ୧୦୦୦ ଟଙ୍କା ଲେଖାଏଁ ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ତେବେ ଜିଲାରେ ଏଭଳି ଭାବେ ଶତାଧିକ ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ହଡପ ହେଉଥିବା ମତପ୍ରକାଶ ପାଇଛି। ଏହାବାଦ୍ ପ୍ରକୃତ ହିତାଧିକାରୀ ଚିହ୍ନଟରେ ମଧ୍ୟ ଅନିୟମିତତା ହେଉଥିବାରୁ ଅନେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ପୂର୍ବରୁ ଅଭିଯୋଗ ହୋଇସାରିଛି। ଏହି କ୍ରମରେ ସୂଚନା ଅଧିକାର ଆଇନ ତଥ୍ୟ ବଳରେ ମିଳିଥିବା ନଥିପତ୍ରକୁ


OFFICE OF THE PANCHAYAT SAMITI, DASARATHPUR

Letter No. 6056 // Date 09.11.2023

To
Snigdha Sahoo, PEO
Shyamsundar Tiyu, PEO
Suryamani Patnaik, PEO
Birendra Kumar Mallick, PEO

Sub: Deposit of recovery amount regarding disbursement of old age pension in Biripata GP under Dasarathpur Block.

Ref: Letter No. 1297 dtd. 16.10.2023 of DSSO, Jajpur

In inviting a reference to the letter on the subject cited above, the allegation filed by Ghanashyam Jena & Others of Biripata GP was enquired and it is ascertained that out of 86 nos. of beneficiaries, 24 nos. of beneficiaries have been paid by the Disbursing Officers after their death (report attached). Therefore, you are directed to deposit the recovery amount and submit written clarification to the undersigned on above issue within 3 days of receipt of this letter.

| Sl. No. | Name of the Disbursing Officer | Amount to be recovered |
|---|---|---|
| 1 | Snigdha Sahoo, PEO | Rs. 58,500/- |
| 2 | Shyamsundar Tiyu, PEO | Rs. 3,700/- |
| 3 | Suryamani Patnaik, PEO | Rs. 54,100/- |
| 4 | Birendra Kumar Mallick, PEO | Rs. 1,12,200/- |

Encl: As above

Block Development Officer
Dasarathpur

Memo No. 6057 // Date 09.11.2023
Copy submitted to BDO, Korei/DSSO, Jajpur for favour of kind information and necessary action.

Block Development Officer
Dasarathpur

ବିଡିଓଙ୍କ ପତ୍ରର ନକଲ।

ଆଧାର କରି ପଞ୍ଚାୟତବାସୀଙ୍କ ପକ୍ଷରୁ ଘନଶ୍ୟାମ ଜେନା ଓ ଅନ୍ୟମାନେ ଯାଜପୁର ଜିଲାପାଳଙ୍କ ନିକଟରେ ଅକ୍ଟୋବର ୧୨ରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଏ ସମ୍ପର୍କରେ ତଦନ୍ତ ନିମନ୍ତେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଗତ ୧୨।୧୦।୨୦୨୩ ରେ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ଆଧାର କରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦଶରଥପୁର ବିଡିଓଙ୍କୁ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ଦଶରଥପୁର ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନ କ୍ରିଷ୍ଟାବାଲା ଅଭିଯୋଗ ସମ୍ପର୍କରେ ତଦନ୍ତ ପୂର୍ବକ ମୋଟ ୮୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୪ ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଅର୍ଥ ଉଠା ଯାଇଥିବାର ପ୍ରମାଣ ପାଇଥିଲେ। ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଅର୍ଥ ହଡପ ହୋଇଥିବାର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହେବାପରେ ସେ ଦଶରଥପୁର ବିଡ଼ିଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହାକୁ ଭିତ୍ତିକରି ବିଡ଼ିଓ ଆକାଶ ପଟ୍ଟନାୟକ ପତ୍ରସଂଖ୍ୟା ୬୦୫୬/୯।୧୧।୨୦୨୩ରେ ପିଇଓ ବୀରେନ୍ଦ୍ର ମଲିକଙ୍କୁ ୧ ଲକ୍ଷ ୧୨ ହଜାର ୨ ଶହ ଟଙ୍କା, ପିଇଓ ସ୍ନିଗ୍ଧା ସାହୁଙ୍କୁ ୫୮ ହଜାର ୫ ଶହ ଟଙ୍କା, ସୂର୍ଯ୍ୟମଣି ପଟ୍ଟନାୟକଙ୍କୁ ୫୪ ହଜାର ୧ ଶହ ଟଙ୍କା ଓ ଶ୍ୟାମସୁନ୍ଦର ତିୟୁଙ୍କୁ ୩ ହଜାର ୭ ଶହ ଟଙ୍କା ବ୍ଲକ ପ୍ରଶାସନ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବଡ଼ଚଣା ଓ ବିଞ୍ଝାରପୁର ବ୍ଲକରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଅର୍ଥ ହଡପ ହୋଇଥିବା ପ୍ରମାଣିତ ହୋଇଥିଲା। କିନ୍ତୁ ଦାୟିତ୍ୱରେ ଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେଇ କାର୍ଯ୍ୟାନୁଷ୍ଠାନକୁ କୋହଳ କରାଗଲା। ଫଳରେ ଜିଲାରେ ଏଭଳି ମୃତବ୍ୟକ୍ତିଙ୍କ ନାମରେ ଅର୍ଥ ହଡପ ଅଭିଯୋଗ ମାମଲା ବଢ଼ି ଚାଲିଛି ବୋଲି ମତପ୍ରକାଶ ପାଇଛି।

# ମଣ୍ଡି ଭିତରକୁ ଧାନ ପୂରାଇଲେ ଚାଷୀ

ବରଗଡ଼/ସରଣ୍ଡା, ୧୫।୧୧ (ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

- ଧାନ ସଂଗ୍ରହ ବିଳମ୍ବକୁ ନେଇ ବଢ଼ୁଛି ଚାଷୀ ଅସନ୍ତୋଷ
- କଳାପାଣି, ଗୋଡ଼ଭଗା ମଣ୍ଡିରେ ଧାନ ଗଦାକଲେ ଚାଷୀ
- ୨୧ରୁ ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଗତପ୍ରାୟ ସପ୍ତାହେ ହେଲା ଖରିଫ ଧାନ ଅମଳ ଜୋର୍ ଧରିଛି। ଅଥଚ ଜିଲାର ମଣ୍ଡିଗୁଡ଼ିକ ଖୋଲି ନାହିଁ। ଆସନ୍ତା ୨୧ ରୁ ଧାନ ସଂଗ୍ରହ ପାଇଁ ଜିଲାର ମଣ୍ଡିଗୁଡ଼ିକୁ ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। କିନ୍ତୁ ଏହା ଯଥେଷ୍ଟ ବିଳମ୍ବ ହେଉଥିବା ଦର୍ଶାଇ ନଭେମ୍ବର ୧୫ ସୁଦ୍ଧା ମଣ୍ଡି ଖୋଲିବା ଦାବିରେ ଚାଷୀମାନେ ଜିଲା ପ୍ରଶାସନକୁ ଫେରାଦ ହୋଇଥିଲେ ଏବଂ ମଣ୍ଡି ଖୋଲା ନ ଗଲେ ସେମାନେ ମଣ୍ଡିରେ ଧାନ ପୂରାଇବେ ବୋଲି ଚେତାବନୀ ଦେଇଥିଲେ। ତେଣୁ ବୁଧବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆର୍ଏମ୍ସି) ଅଧୀନ କଳାପାଣି ଏବଂ ଅତାବିରା ଆର୍ଏମ୍ସି ଅଧୀନ ଗୋଡ଼ଭଗା ମଣ୍ଡିରେ ଅଞ୍ଚଳର ଚାଷୀମାନେ ଅମଳ ଧାନ ପୂରାଇଛନ୍ତି। କଳାପାଣି ମଣ୍ଡିରେ ୬୪୮ ଏବଂ ଗୋଡ଼ଭଗା ମଣ୍ଡିରେ ୧୦୦୪ ପ୍ୟାକେଟ୍ (ବସ୍ତା) ଧାନ ଚାଷୀମାନେ ଗଦା କରିଛନ୍ତି। ତେବେ ତୁରନ୍ତ ମଣ୍ଡି ଖୋଲା ନ ଗଲେ ଆଗକୁ ମଧ୍ୟ ଚାଷୀମାନେ ଆହୁରି ଧାନ ମଣ୍ଡିରେ ପୂରାଇବେ ବୋଲି ଚେତାବନୀ ଦେଇଛନ୍ତି।

ଚାଷୀମାନେ ଟ୍ରାକ୍ଟର ଯୋଗେ ଧାନ ଧରି କଳାପାଣି, ଗୋଡ଼ଭଗା ମଣ୍ଡିକୁ ଆସିଥିଲେ। ମଣ୍ଡି ଫାଟକ ବନ୍ଦ ଥିବା ଯୋଗୁ ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟରକୁ ଫାଟକ ସମ୍ମୁଖରେ ରଖିଥିଲେ। ଚାଷୀମାନେ କହିବା ସତ୍ତ୍ୱେ ମଣ୍ଡି ଦାୟିତ୍ୱରେ ରହିଥିବା କର୍ମଚାରୀମାନେ ଦୀର୍ଘ ସମୟ ଧରି ଫାଟକ ଖୋଲି ନ ଥିଲେ। ମଣ୍ଡି ଖୋଲା ନ ଗଲେ ରାଜରାସ୍ତାରେ ଧାନ ଗଦା କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ।


ବରଗଡ଼ ଆର୍ଏମ୍ସି ଅଧିନ କଳାପାଣି ମଣ୍ଡି ଭିତରେ ଚାଷୀମାନେ ଧାନ ଅନଲୋଡ଼ କରୁଛନ୍ତି।

ପରେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀମାନେ ଫାଟକ ଖୋଲିଥିଲେ। ଏହା ପରେ ମଣ୍ଡି ଭିତରକୁ ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟର ନେଇ ସେଠାରେ ଧାନ ଗଦା କରି ରଖିଥିଲେ। କଳାପାଣି ମଣ୍ଡିରେ ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାଣ୍ଡି ଏବଂ ଗୋଡ଼ଭଗାରେ ଚାଷୀନେତା ବୀରେନ୍ଦ୍ର କର, ପଞ୍ଚାନନ ସାହୁ, କାହ୍ନୁଚରଣ ମେହେର, ଶେଷଦେବ ମିଶ୍ର, କୈଳାସ ବାରିକ, ଅରବିନ୍ଦ ପଣ୍ଡା, ଉପେନ୍ଦ୍ର ଭୋଇ, ସୁଦାମ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ଗୋଡ଼ଭଗାରେ ଚାଷୀମାନେ ସ୍ଥାନୀୟ ସମଲେଇ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମଣ୍ଡିକୁ ଆସିଥିଲେ।

ପ୍ରକାଶଥାଉକି, ଗତମାସ ୨୭ତାରିଖ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଖରିଫ ଧାନ କିଣାବିକା ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ଏଥର ଜିଲାରେ ୨୨୦ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଚଳିତମାସ ୨୧ତାରିଖ ଜିଲାର ସବୁ ମଣ୍ଡି ଖୋଲାଯିବ ବୋଲି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସୂଚନା ଦେଇଥିଲେ।

# ସଡ଼କ ଦୁର୍ଘଟଣାରେ ୨ ଯୁବକ ମୃତ

ବଡ଼ଗାଁ, ୧୫।୧୧ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଜରଙ୍ଗଲୋଇ ଗାଁ ନିକଟ ଏକ ଢାବା ସମ୍ମୁଖରେ ବୁଧବାର ଭୋର ସମୟରେ ସଡ଼କ ଦୁର୍ଘଟଣା ଘଟି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜରଙ୍ଗଲୋଇ ଗ୍ରାମର ଢାବା କର୍ମଚାରୀ କ୍ଷିରୋଦ ପୃଷେଟ (୪୫) ଓ ଗୁପଚୁପ ବିକାଳି ଗିରିଜା ଶଙ୍କର ସାହୁ(୪୦)। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ସକାଳ ୯ରୁ ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଅତିରିକ୍ତ ତହସିଲଦାର ରମେଶ ବୋଇତାଇ ଓ ରାଜଗାଙ୍ଗପୁର ଏସ୍ଡିପିଓ ଅଭିଷେକ ପାଣିଗ୍ରାହୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ମୃତ କ୍ଷିରୋଦଙ୍କ ଝିଅଙ୍କୁ ନିଯୁକ୍ତି ଓ ଗିରିଜାଶଙ୍କରଙ୍କ ସନ୍ତାନଙ୍କୁ ରୋଜଗାର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଭୋର ସମୟରେ ଦୁହେଁ ଢାବା ସମ୍ମୁଖ ରାସ୍ତା ପାର୍ଶ୍ୱରେ ସାଇକେଲ ରଖି ଶୌଚ ପାଇଁ ରାସ୍ତା ପାର ହେବା ସମୟରେ ସୁନ୍ଦରଗଡ ପଟୁ ଦ୍ରୁତ ଗତିରେ ଆସୁଥିବା ନଂ ଓଡି୦୫ଭି ୬୭୨୩ କାର ତାଙ୍କୁ ଧକ୍କା ଦେଇଥିଲା।

# ଜଣଙ୍କୁ ଆଜୀବନ କାରାଦଣ୍ଡ, ଜଣେ ଖଲାସ

## ଶେରଗଡ଼ ଥାନା ଅଧିକାରୀ ହତ୍ୟା ମାମଲା

ଆସିକା, ୧୫।୧୧ (ସୁରେନ୍ଦ୍ର ନାଥ ସାହୁ)

୨୦୧୦ ନଭେମ୍ବର ୨୬ ତାରିଖ ରାତିରେ ଗଞ୍ଜାମ ଜିଲା ଶେରଗଡର ତତ୍କାଳୀନ ଥାନା ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କୁ ଟାକରଡା କେନାଲ ଛକ ନିକଟରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ବହୁଚର୍ଚ୍ଚିତ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ଦୋଷୀ ସୁଶାନ୍ତ ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ସୁନିଲ ବେହେରାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ଖଲାସ କରିଛନ୍ତି। ମାମଲାର ତୃତୀୟ ଅଭିଯୁକ୍ତ ସମୀର କୁମାର ପଣ୍ଡା ପୂର୍ବରୁ ଜାମିନରେ ଯାଇଥିଲେ। ରାୟ ପ୍ରକାଶ ବେଳେ ସେ ଅଦାଲତରେ ହାଜର ହୋଇ ନ ଥିବାରୁ ରାୟ ସ୍ଥଗିତ ରହିଛି। ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଛି। ଏହି ମାମଲାରେ ମୋଟ ୨୨ଜଣ ସାକ୍ଷୀ ସାକ୍ଷ୍ୟପ୍ରମାଣ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତ୍ରିଲୋଚନ ପରିଡା ମାମଲା ଲଢୁଥିବା ବେଳେ ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସୂର୍ଯ୍ୟପ୍ରକାଶ ରାଓ ସହଯୋଗୀ ଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଶରତେନ୍ଦୁ ପଣ୍ଡା, ସୁଧାଂଶୁ କୁମାର ପାଣିଗ୍ରାହୀ, ରବି କୁମାର ପାତ୍ର ପ୍ରମୁଖ ମାମଲା ଲଢୁଥିଲେ।

ସୂଚନାଯୋଗ୍ୟ, ତତ୍କାଳୀନ ଥାନା ଅଧିକାରୀ ମିଶ୍ର ଘଟଣା ଦିନ ପାଟ୍ରୋଲିଂ ସାରି ଘରକୁ ଫେରୁଥିଲା ବେଳେ ରାତିରେ ଟାକରଡା କେନାଲ ଛକ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। ସେଠାରେ ଯୁକ୍ତିତର୍କ ପରେ ସେମାନେ ଥାନା ଅଧିକାରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏ ନେଇ ଶେରଗଡ ଥାନାରେ ନଂ.୫୦/୧୦ରେ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ପାଟପୁର ଥାନା ଅଧିକାରୀ ଜୟ କୁମାର ପଟ୍ଟନାୟକ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ।

# ସରକାରଙ୍କ ଆୟୁ ବଢୁଥିବା ବେଳେ ଚାଷୀଙ୍କ ଆୟୁ କମି ଚାଲିଛି: ଭାଜପା

ଭୁବନେଶ୍ୱର, ୧୫।୧୧ (ସୁନିତ୍ ମିଶ୍ର)

ଓଡ଼ିଶା ଅର୍ଥନୀତିର ମୂଳପିଣ୍ଡ କୃଷି। ଓଡ଼ିଶାରେ ଦଶନ୍ଧି ଦଶନ୍ଧି ଧରି କୃଷି କ୍ଷେତ୍ରରେ ବିପର୍ଯ୍ୟୟ ଦେଖାଗଲା। ରାଜ୍ୟ ସରକାର ୨୦୧୩ରେ କର୍ନାଟକ ଓ ଆନ୍ଧ୍ରପ୍ରଦେଶ ଢାଞ୍ଚାରେ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନା ପାଇଁ ଚିନ୍ତା କଲେ। ହେଲେ ରାଜ୍ୟ ସରକାରଙ୍କ ଆୟୁ ବଢୁଥିବା ବେଳେ ଚାଷୀଙ୍କ ଆୟୁ କମି ଚାଲିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରମାରଞ୍ଜନ କହିଛନ୍ତି ଯେ, ୨୦୧୩ରୁ କୃଷି କ୍ୟାବିନେଟ୍ ବସିଲା। କୃଷି, ଜଳସମ୍ପଦ, ସମବାୟ, ପଶୁପାଳନ, ଉଦ୍ୟାନକୃଷି ଓ ମତ୍ସ୍ୟ ଇତ୍ୟାଦି ବିଭାଗକୁ ନେଇ କୃଷି ସ୍ୱତନ୍ତ୍ର ବଜେଟ୍ ଉପସ୍ଥାପନା ହୋଇଥିଲା। ୨୦୧୩ରେ ପ୍ରାୟ ୭୧୬୨ କୋଟି ଟଙ୍କା ଅର୍ଥ ବରାଦ କରାଗଲା। ୨୦୨୩-୨୪ରେ ୭୧୬୨କୋଟିକୁ ବୃଦ୍ଧି କରାଯାଇ ୨୪୮୨୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାକୁ ବୃଦ୍ଧି ପାଇଲା। ୨୦୧୩ରୁ ୨୦୨୪ ଭିତରେ ଅଦ୍ୟାବଧି କୃଷି ବଜେଟ୍ ପାଇଁ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିନିଯୋଗ କରିଛନ୍ତି। ସମନ୍ୱୟ, ସାମୂହିକ ବୈଠକ, ସମୀକ୍ଷାର ମିଳିତ ଉଦ୍ୟମ ନ ଥିବା କାରଣରୁ ଉତ୍ପାଦନ ବଜାର, ଜଳସେଚନ, ଉପାଦେୟ, ସମନ୍ୱୟ କୌଣସି କ୍ଷେତ୍ରରେ ସଫଳତା ମିଳିପାରୁନାହିଁ। ଚଳିତବର୍ଷ ଅଦ୍ୟାବଧି ମାତ୍ର ୪୦% ଖର୍ଚ୍ଚ ହୋଇଛି। ଦେଢ଼ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଲା ପରେ ଚାଷୀଙ୍କ ପାଇଁ ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଓଡ଼ିଶାରେ ବିଜେଡି ଦୀର୍ଘାୟୁ କିନ୍ତୁ ଚାଷୀ ଅଳ୍ପାୟୁ ବୋଲି ଡବ୍ଲ୍ୟୁଏଚ୍ଓ କହିଛନ୍ତି। ରାଜ୍ୟ ସରକାର ଆର୍ଥିକ ସ୍ୱୟଂ ସମ୍ପୂର୍ଣ୍ଣ କହୁଥିଲା ବେଳେ ଚାଷୀ ବିପନ୍ନ ବୋଲି ସେ କହିଛନ୍ତି।

# ବିଧାୟକଙ୍କ ଉପସ୍ଥିତିରେ ଦୁଇଗୋଷ୍ଠୀ ମୁହାଁମୁହିଁ

କୁଚିଣ୍ଡା, ୧୫।୧୧ (ବିରଞ୍ଚି ଦର୍ଜୀ)

କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ବିଜେଡି ଗୋଷ୍ଠୀ କନ୍ଦଳ ଘଟଣା ପଦାକୁ ଆସିଛି। ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ପ୍ରତି ଦୀର୍ଘଦିନରୁ ଥିବା ଅସନ୍ତୋଷର ପ୍ରତିଫଳନ କୁଲୁଣ୍ଡିରେ ହୋଇଥିବା ସାଙ୍ଗଠନିକ ବୈଠକରେ ଦେଖାଯାଇଛି। ବିଧାୟକ ଓ ଜମନକିରା ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟକଳାପକୁ ବିରୋଧ କରିବାରୁ ବିଧାୟକଙ୍କ ସମର୍ଥକ ଓ ବିଜେଡି ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହୋଇଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଜମନକିରା ବ୍ଲକର କୁଲୁଣ୍ଡି, ବଡରମା, ଖର୍ସନମାଲ ଓ ମୁଣ୍ଡେନପାଲି ପଞ୍ଚାୟତର ସାଙ୍ଗଠନିକ ବୈଠକ ମଙ୍ଗଳବାର କୁଲୁଣ୍ଡିର ଏକ ଫୁଟ୍ବଲ ପଡିଆରେ ଅନୁଷ୍ଠିତ ହୋଇଥିଲା। ଜମନକିରା ବ୍ଲକ ବିଜେଡି ସଂଯୋଜକ ତଥା କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଅସନ୍ତୁଷ୍ଟ ଗୋଷ୍ଠୀ ବିଧାୟକଙ୍କୁ ବିରୋଧ କରିଥିଲେ। ବିଧାୟକ କର୍ମୀଙ୍କୁ ଅଣଦେଖା କରି ଗୋଷ୍ଠୀ ବିବାଦର ମଞ୍ଜି ବୁଣିଥିବା ସେମାନେ ଅଭିଯୋଗ କରିଥିଲେ। କଥା କଟାକଟି ମଧ୍ୟରେ ବିଧାୟକଙ୍କ ସମର୍ଥକ ପ୍ରତିବାଦ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଫଳରେ କିଛି ସମୟ ପାଇଁ ବୈଠକସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ବିଧାୟକଙ୍କ ଉପସ୍ଥିତିରେ ଏଭଳି କାଣ୍ଡ ଘଟିଥିଲେ ମଧ୍ୟ ସେ ନୀରବଦ୍ରଷ୍ଟା ସାଜିଥିଲେ। ବିଧାୟକ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ସଂଯୋଜକ ଭୁବନେଶ୍ୱର କିଷାନ କହିଛନ୍ତି ବିଧାୟକ ନାଏକଙ୍କୁ ଦୀର୍ଘ ଦିନରୁ କର୍ମୀମାନେ ବିଭିନ୍ନ ସମସ୍ୟା ବାବଦରେ ଜଣାଇଥିଲେ। ମାତ୍ର ବିଧାୟକ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଏଭଳି ଘଟଣା ଘଟିଥିବା କହିଛନ୍ତି।

# ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ


ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ସହ ବିଜେଡିରେ ମିଶିଥିବା ନୂତନ କର୍ମୀମାନେ।

ପାପଡ଼ାହାଣ୍ଡି, ୧୫।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ମାଝୀଗୁଡାସ୍ଥିତ ବାସ ଭବନରେ ବୁଧବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପାପଡ଼ାହାଣ୍ଡି ବ୍ଲକ ଭଣ୍ଡିଆ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ମିଶିଥିଲେ। ବଳି ଭତରା, ନାରାୟଣ ଭତରା ଓ ତ୍ରିନାଥ ମଣ୍ଡଲଙ୍କ ନେତୃତ୍ୱରେ ଏହି କର୍ମୀମାନେ ବିଜେଡ଼ିରେ ଯୋଗ ଦେଇଛନ୍ତି। ବିଧାୟକ ରନ୍ଧାରି କର୍ମୀମାନଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ଜିଲା ବିଜେଡି ଉପସଭାପତି ବଦ୍ରି ନାରାୟଣ ସିଂ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ରିଂ ରୋଡ୍, ଋଷିକୂଲ୍ୟା ବ୍ୟାରେଜ୍ ନେଇ ତେଜିଲା ରାଜନୀତି



ବିଜେଡିର ଖବରଦାତା ସମ୍ମିଳନୀ।



ଖବରଦାତା ସମ୍ମିଳନୀରେ ଭାଜପା ନେତା

ବ୍ରହ୍ମପୁର, ୧୫।୧୧ (ନରସିଂହ ସାହୁ)

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଐତିହାସିକ : ବିଜେଡି

## ଭୋଟ ରାଜନୀତି ପାଇଁ ଧୂଆଁବାଣ : ଭାଜପା

ବହୁ ପ୍ରତୀକ୍ଷିତ ବ୍ରହ୍ମପୁରରେ ରିଙ୍ଗରୋଡ ଏବଂ ଋଷିକୂଲ୍ୟା ନଦୀର ଜାନିବିଲି ନିକଟରେ ବ୍ୟାରେଜ୍ ନିର୍ମାଣ ପାଇଁ ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ମୋହର ଲାଗିଛି। ରିଙ୍ଗରୋଡ ନିମନ୍ତେ ୧୫୬.୫୬ କୋଟି ଏବଂ ବ୍ୟାରେଜ୍ ନିର୍ମାଣ ଲାଗି ୮୬.୫୪ କୋଟି ଟଙ୍କାର ବ୍ୟୟ ଅଟକଳ ବରାଦ ହୋଇଛି। ଏହାକୁ ନେଇ ଏବେ ରାଜନୀତି ତେଜିବାରେ ଲାଗିଛି। ବିଜେଡି ପକ୍ଷରୁ ବୁଧବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ ପଣ୍ଡା ସରକାରଙ୍କ ଏହି ନିଷ୍ପତ୍ତି ଐତିହାସିକ ବୋଲି ଦର୍ଶାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ଡ଼ା. ସୁବାସ ସାହୁ ଏହି ଦୁଇ ପ୍ରକଳ୍ପ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଭୋଟ ରାଜନୀତି ପାଇଁ କରାଯାଇଥିବା ସମାଲୋଚନା କରିଛନ୍ତି। ସେ କହିଛନ୍ତି ୧୦ ବର୍ଷ ତଳୁ ରିଙ୍ଗରୋଡ ନିର୍ମାଣର ଧୂଆଁ ବାଣ ଛଡ଼ାଯାଇଛି। ଅଦ୍ୟାବଧି ଘରୋଇ ଜମି ଅଧିଗ୍ରହଣ ହୋଇପାରୁନଥିବା ବେଳେ ଯୋଜନା କିଭଳି କରାଯିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଋଷିକୂଲ୍ୟା ନଦୀରେ ବ୍ୟାରେଜ୍ ନିର୍ମାଣ ମଧ୍ୟ ଲୋକ ଦେଖାଣିଆ। ବ୍ରିଟିଶ ଶାସନରେ ଶତାଧିକ ବର୍ଷ ତଳେ ନିର୍ମିତ ଜାନିବିଲି ଡ୍ୟାମର ପୁନରୁଦ୍ଧାର ପ୍ରତି ସରକାର ଅଣଦେଖା କରିଛନ୍ତି। ଏବେ ନୂଆ ଯୋଜନାର ସ୍ୱପ୍ନ ଦେଖାଇଛନ୍ତି।

ବିଧାୟକ ବିକ୍ରମଙ୍କ କହିବାନୁସାରେ ମହାନଗର ବିକାଶକୁ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏବେ ରିଂ ରୋଡ ନିର୍ମାଣ ଲାଗି ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ବ୍ରହ୍ମପୁର ଟ୍ରାଫିକ ସମସ୍ୟା ଦୂର ହେବ ଏବଂ ଛତ୍ରପୁର ଓ ଗୋପାଳପୁରର ମଧ୍ୟ ବିକାଶ ଘଟିବ। ଏହାର ଜବାବରେ ଭାଜପା ନେତା ସାହୁ ପ୍ରତିକ୍ରିୟା ରଖିଛନ୍ତି। ସେ କହିବାନୁସାରେ ୨୦୧୩ ପୌର ନିର୍ବାଚନ ପ୍ରଚାରରେ ନବୀନ ପଟ୍ଟନାୟକ କହିଥିଲେ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ। ଏହାର ୧୦ ବର୍ଷ ବିତିଛି ଏବଂ ମହାନଗର ଅବସ୍ଥା ଶୋଚନୀୟ ହୋଇଯାଇଛି। ରାସ୍ତାଗୁଡ଼ିକ ଖାଲଖମା ହୋଇଛି ଏବଂ ଲୋକଙ୍କ ଚଳପ୍ରଚଳ ବିପଜ୍ଜନକ ହୋଇଯାଇଛି। ବର୍ଷା ହେଲେ ଡ୍ରେନ ସମସ୍ୟା ଉପୁଜୁଛି ଏବଂ ନର୍ଦ୍ଦମା ପାଣି ରୋଡରେ ଲହଡ଼ି ମାରୁଛି। ଏହା ହିଁ ବିକାଶର ଚିତ୍ର ହୋଇଥିବା ଡ଼ା. ସାହୁ କଟାକ୍ଷ କରିଛନ୍ତି।

ଜିଲା ଯୋଜନା କମିଟି ପଣ୍ଡା କହିଛନ୍ତି ଋଷିକୂଲ୍ୟା ନଦୀରେ ବ୍ୟାରେଜ୍ ନିର୍ମାଣ ଦ୍ୱାରା ବ୍ରହ୍ମପୁର ମହାନଗରକୁ ପ୍ରତିଦିନ ୬୭.୫ ମିଲିୟନ ଲିଟର ଜଳ ଆସିବ ଏବଂ ପିଇବା ପାଣି ସଙ୍କଟର ସମାଧାନ ହୋଇପାରିବ। ଏହା ସହ ଜିଲାରେ ୫୨.୬୭୫ ହେକ୍ଟର ଚାଷ ଜମିକୁ ସେଚ ବ୍ୟବସ୍ଥା ହେବ। ଫଳରେ କୃଷି କାର୍ଯ୍ୟକ୍ରମ ପାଇଁ ସହାୟକ ହେବ। ମାଛ ଚାଷ ନିମନ୍ତେ ପଦକ୍ଷେପ ନିଆଯିବ। ଏହାଦ୍ୱାରା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବ ଏବଂ ମତ୍ସ୍ୟ ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହାକୁ ଖଣ୍ଡନ କରି ଭାଜପା ନେତା କହିଛନ୍ତି ବ୍ରହ୍ମପୁର ସମେତ ୫୬ ଖଣ୍ଡ ଗ୍ରାମକୁ ନିୟମିତ ପାନୀୟ ଜଳ ଯୋଗାଣ ଏବଂ ମହାନଗରବାସୀଙ୍କୁ ୨୪ ଘଣ୍ଟିଆ ପାଣି ଯୋଗାଣ ପାଇଁ ସରକାର ୫ ଶହ କୋଟିର ଜାନିବିଲି ବୃହତ ଯୋଜନା କଲେ। ୨୦୧୯ ନିର୍ବାଚନ ପୂର୍ବରୁ ଅସମ୍ପୂର୍ଣ୍ଣ ଯୋଜନାର ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ୫ ବର୍ଷ ବିତିବା ପରେ ବି ଅସମ୍ପୂର୍ଣ୍ଣ ରହିଛି ଏବଂ ୨୪ ଘଣ୍ଟିଆ ପାଣି ସ୍ୱପ୍ନରେ ରହିଛି। ଏଯାବତ୍ ଅନେକ ସାହିରେ ପାଇପ ବିଛା କାର୍ଯ୍ୟ ସରିନାହିଁ। ବିଏମସି ରାସ୍ତା ନିର୍ମାଣ କରୁଛି ଏବଂ ଜାନିବିଲି ପ୍ରକଳ୍ପର ଠିକା ସଂସ୍ଥା ପାଇପ ସଂଯୋଗ ନାଁରେ ଖୋଳି ତାଡ଼ି ଦେଉଛି। ଫଳରେ ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇଯାଇଛି।

ଭାଜପା ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ସୁନୀଲ ସାହୁ ଓ ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସେହିପରି ବିଜେଡିର ଖବରଦାତା ସମ୍ମିଳନୀରେ ମେୟର ସଂଘମିତ୍ରା ଦଳେଇ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଓ କେତେକ ଦଳୀୟ କର୍ପୋରେଟର ଉପସ୍ଥିତ ଥିଲେ। ଏକା ଦିନରେ ଶାସକ ଓ ବିରୋଧୀ ଦଳର ଖବରଦାତା ସମ୍ମିଳନୀକୁ ନେଇ ରାଜନୀତି ରୋଚକ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ବାଗ୍‌ଦେବୀ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



ବାଲିପାଟଣା,୧୫।୧୧(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ଯୋଗଦେଇ କୁନି କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ପରିଦର୍ଶନ କରି ମୂଲ୍ୟାୟନ କରିଥିଲେ। ବିଦ୍ୟାର୍ଥୀଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନ ପ୍ରତି ଆକର୍ଷିତ ହେବାକୁ ରାଜ୍ୟ ସରକାରଙ୍କ ଏହି ଯୋଜନା ପ୍ରଶଂସନୀୟ। ଏହାର ସଠିକ ରୂପାୟନ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମୁଖ୍ୟ ଅତିଥି ବେହେରା କହିଥିଲେ। ପରିଚାଳନା ପରିଷଦ ସଭାପତି ଦିଲୀପ ଓଝା, ଅଧକ୍ଷା ପବିତ୍ରା ଦାସ, ନିର୍ଦ୍ଦେଶକ ଗଙ୍ଗାଧର ଓଝା ନିଜ ମତ ରଖିଥିଲେ। ୩୦ ଜଣ କୁନି କୁନି ବୈଜ୍ଞାନିକ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ୨ଟି ପ୍ରକଳ୍ପ ଉଚ୍ଚସ୍ତରକୁ ଯିବାକୁ ସ୍ଥିର ହୋଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ବନଶ୍ରୀ ରାଉତ ଓ ସୁନିତା ସାହୁ ବିଜ୍ଞାନ ମେଳା ପରିଚାଳନା କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ଟେଷ୍ଟପେପର ବଣ୍ଟନ

ବାଲିଅନ୍ତା,୧୫।୧୧(ନୀଳମାଧବ ସାହୁ)

ବାଲିଅନ୍ତାର ଅଶୋକ ସାଂସ୍କୃତିକ ପରିଷଦ ପକ୍ଷରୁ ବୁଧବାର ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଧୀରେନ କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ଭବାନୀ କୁମାରୀ ମହାପାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୧୦ମ ଶ୍ରେଣୀର ୧୦ ଛାତ୍ରୀଛାତ୍ରଙ୍କୁ ଟେଷ୍ଟପେପର ବଣ୍ଟନ କରାଯାଇଥିଲା। ଏଥିସହ ୬ଷ୍ଠରୁ ୧୦ମ ଶ୍ରେଣୀର ଟପ୍ପର ଛାତ୍ରୀଛାତ୍ରଙ୍କୁ ପରିଷଦ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଷଦର ସଦସ୍ୟ ଓ ଆଲୁମ୍ନି କମିଟି ଏବଂ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ଟେଷ୍ଟ ପେପର ବାଣ୍ଟିଥିଲେ।

# ନାଗରିକ ଯେତେ ଶିକ୍ଷିତ ସେ ଦେଶ ସେତେ ଉନ୍ନତ

ଭୁବନେଶ୍ୱର, ୧୫।୧୧(ଅସମାପିକା ସାହୁ)



'ସୁରଭି'ର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**'ସୁରଭି'ର ଦ୍ୱିତୀୟ ସନ୍ଧ୍ୟା**

- ପର୍ଯ୍ୟଟନସ୍ଥଳୀ ବୁଲିଲେ ଛାତ୍ରୀଛାତ୍ର
- ଛାୟା ମିଳିତ ଜାତିସଂଘ ପ୍ରଦର୍ଶିତ

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ବୁଧବାର ଥିଲା ଦ୍ୱିତୀୟ ଦିନ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ସବୁ କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତିଭାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଯେଉଁ ଦେଶର ନାଗରିକ ଯେତେ ଶିକ୍ଷିତ ସେହି ଦେଶ ସେତେ ଉନ୍ନତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ଗଣଶିକ୍ଷା ଶାସନ ସଚିବ ଅଶ୍ୱଥୀ ଏସ୍,ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିର୍ଦ୍ଦେଶକ ଜାମିନୀ ଷଡଙ୍ଗୀ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଟିଇ ଆଣ୍ଡ ଏସ୍‌ସିଇଆର୍‌ଟିରେ ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀଙ୍କ ସହ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବାହ୍ନରେ ଛାତ୍ରୀଛାତ୍ର ଖଣ୍ଡଗିରି, ଉଦୟଗିରି, ଧଉଳିଗିରି, ନନ୍ଦନକାନନ, କଳାଭୂମି, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟ, ପଠାଣୀସାମନ୍ତ ପ୍ଲାନେଟୋରିୟମ୍ ଓ ନ୍ୟାଚୁରାଲ ହିଷ୍ଟ୍ରି ଅଫ୍ ମ୍ୟୁଜିୟମ୍ ପରିଦର୍ଶନ କରିଥିଲେ।

ଅପରାହ୍ନରେ ମୁଖ୍ୟ ଆକର୍ଷଣ ସାଜିଥିଲା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ 'ଛାୟା ମିଳିତ ଜାତିସଂଘ'। ମୁଖ୍ୟ ଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଓ ୟୁନିସେଫ୍‌ର କ୍ଷେତ୍ର ଅଧିକାରୀ ଉଇଲିୟମ୍ ହ୍ୟାଣ୍ଡଲନ୍ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେହିପରି 'ମିଟ୍ ଦ ପର୍ସନାଲିଟି' କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରିଥିଲା। ଏଥିରେ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ଡା. ଦତ୍ତେଶ୍ୱର ହୋତା, ଇସ୍ରୋର ପୂର୍ବତନ ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ ସତ୍ୟବ୍ରତ ତ୍ରିପାଠୀ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ଅଭିନେତା ସବ୍ୟସାଚୀ ମିଶ୍ର, ଓସିଏସ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାରୀ କରିଥିବା ସୁସ୍ମିତା ପାଣିଗ୍ରାହୀ ଓ ମାଟ୍ରିକ୍ ପରୀକ୍ଷାରେ ଟପର୍ ଥିବା ଶ୍ରେୟାଶ୍ରୀ ଜେନା ପ୍ରମୁଖ ନିଜ ସଫଳତାର କାହାଣୀ କହିଥିଲେ। ବିଭାଗୀୟ ଅତିରିକ୍ତ ସଚିବ ଭୈରବ ସିଂ ପଟେଲ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟର ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ରାଜ୍ୟ ସଂଗ୍ରହାଳୟରେ ବିର୍ସା ମୁଣ୍ଡା ଜୟନ୍ତୀ

ଭୁବନେଶ୍ୱର,୧୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଜନଜାତି ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସଂଗ୍ରହାଳୟ ଏବଂ କ୍ଷେତ୍ରୀୟ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ମିଳିତ ସହଯୋଗରେ ବିର୍ସା ମୁଣ୍ଡାଙ୍କ ଉପରେ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉପସ୍ଥିତ ଥିଲେ। ଅତିଥି ଭାବେ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ବିର୍ସାମୁଣ୍ଡାଙ୍କ ଗୌରବର ଗାଥା ଆଲୋଚନା କରିଥିଲେ। କ୍ଷେତ୍ରୀୟ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ନିର୍ଦ୍ଦେଶକ ଗୌରବ ଯାଦବ ଯୋଗଦେଇ କହିଥିଲେ, ଜନଜାତି ସମ୍ପ୍ରଦାୟ ଆମକୁ ଆମ ପରମ୍ପରା ପାଖରେ ପହଞ୍ଚାଇବାର ମାଧ୍ୟମ ସାଜିବେ। ତାଙ୍କୁ ସୁଯୋଗ ଦେବା ଆବଶ୍ୟକ। ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗୀୟ ମୁଖ୍ୟ ଜୟନ୍ତୀ ଦୋରା ଓ ମୁଖ୍ୟବକ୍ତା ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ.ଭାଗ୍ୟଲିପି ମଲ୍ଲ ପରିଚାଳନା କରିଥିଲେ। ସଂଗ୍ରହାଧକ୍ଷା ଡ.ଭାରତୀ ପାଲ ଧନ୍ୟବାଦ ଦେଇଥିଲେ।

# ପରିବେଶ ପ୍ରଦୂଷଣ ନେଇ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୫।୧୧

ନୟାପଲ୍ଲୀ ନୂଆସାହିରେ ଏଲ୍‌ଏନ୍ ହସ ବ୍ୟାୟାମ କ୍ଲବ୍, ଆଞ୍ଚଳିକ ବିକାଶ କେନ୍ଦ୍ର, ମହାବୀର ପୂଜା ସମିତି ଏବଂ କସ୍ତୁରୀ ମହିଳା ସଂଘ ପକ୍ଷରୁ ପରିବେଶ ପ୍ରଦୂଷଣ ଦୂରୀକରଣ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଦସ୍ୟମାନେ ବ୍ୟାନର ଧରି କ୍ୟାଣ୍ଡଲ ଶୋଭାଯାତ୍ରାରେ ବାହାରି ପରିବେଶ ପ୍ରଦୂଷଣର କୁପରିଣାମ ବିଷୟରେ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଜୟକୃଷ୍ଣ ରାଜହଂସ, ମିଳନ ପାଇକରାୟ, ବିଶ୍ୱକେତନ ଦାସ, ଡ. ଦିଲୀପ ରାଉତ, ଜୟମାଧବ ଦୋରା, ନିତ୍ୟାନନ୍ଦ ନାୟକ, ଡ. ମହେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ଲେଙ୍କା, ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପ୍ରଦୀପ ମହାପାତ୍ର, ବିପିନ ବିହାରୀ ମହାନ୍ତି ଯୋଗ ଦେଇଥିଲେ। ମହିଳାଙ୍କ ମଧ୍ୟରେ ଗୀତିଶ୍ରୀ ଦାସ, ରଶ୍ମିରେଖା ରାଉତ, ମୋନାଲିସା ପଟ୍ଟନାୟକ, ମିଳନିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମ ଲୋଡ଼ା



ଆକ୍ସନଏଡ୍ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ଅନୁଷ୍ଠିତ ଶିଶୁଦିବସ କାର୍ଯ୍ୟକ୍ରମରେ ପିଲାଙ୍କ ସହ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୫।୧୧ (ବନ୍ଦନା ସେଠୀ)

ଶିଶୁଙ୍କ ଅଧିକାରକୁ ସୁରକ୍ଷା ଦେବା ଓ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଆଗେଇ ନେବା ପାଇଁ ମିଳିତ ଉଦ୍ୟମ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଆକ୍ସନଏଡ୍ ଓ ସିସିଡବ୍ଲ୍ୟୁଡି ମିଳିତ ଆନୁକୂଲ୍ୟରେ ରେଡକ୍ରସ ଭବନଠାରେ ଶିଶୁଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରି କହିଲେ, ଶିଶୁର ବିକାଶରେ ଦେଶର ବିକାଶ। ତେବେ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମେୟର କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ମନ୍ଦାକିନୀ କର ଯୋଗଦେଇ କହିଲେ, ପ୍ରତ୍ୟେକ ଶିଶୁ ପାଖରେ ଅନନ୍ୟ ପ୍ରତିଭା ଭରି ରହିଛି। ଏହାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ, ସ୍ୱାତୀ ତନ୍ମୟା ମିଶ୍ର, ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, ଶିଶୁ ପ୍ରତିଭା ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସିସିଡବ୍ଲ୍ୟୁଡି ସମ୍ପାଦକ ସଦାଶିବ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୀତ, ନାଚ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜେତା ହୋଇଥିବା ଶିଶୁ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ପିକକ୍ ଶିଶୁମେଳାର ଦ୍ୱିତୀୟ ଦିବସ

## ଆକର୍ଷଣ ସାଜିଲା 'ବେବି ଅଫ୍ ଦି ଇୟର'

ଭୁବନେଶ୍ୱର, ୧୫।୧୧ (ବନ୍ଦନା ସେଠୀ)

ପିକକ୍ ପକ୍ଷରୁ ଚାଲିଥିବା ଶିଶୁମେଳାର ବୁଧବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ପର୍ଯ୍ୟାୟରେ କୁନି ପିଲାଙ୍କ ମଧ୍ୟରେ ଆୟୋଜିତ 'ବେବି ଅଫ୍ ଦି ଇୟର' କାର୍ଯ୍ୟକ୍ରମର ଆକର୍ଷଣ ସାଜିଥିଲା। ସନ୍ଧ୍ୟାରେ ପିଲାଙ୍କ ଦ୍ୱାରା ଆବୃତ୍ତି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଡା. ପୁରୁଣିମା ପ୍ରଧାନ, ମହିଳା ଓ ଶିଶୁ ବିଭାଗ ପରାମର୍ଶଦାତା ମଧୁମିତା ଦାସ, ମନୋବିଜ୍ଞାନୀ ଡ. ମିତାଲି ମହାନ୍ତି, ଡା. ସୁଧୀର ଚନ୍ଦ୍ର ଦାସ, ସାମାଜିକକର୍ମୀ ଉଷାରାଣୀ ବେହେରା, ଓଡ଼ିଶୀ ନୃତ୍ୟାଙ୍ଗନା ଅନ୍ନପୂର୍ଣ୍ଣା ମୁଦୁଲି ପ୍ରମୁଖ ବିଚାରକ ଓ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ପିକକ୍ ଶିଶୁମେଳା କମିଟି ଅଧକ୍ଷ ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦିଆ କିରଣ, ଆରୁଷି ଅଦ୍ରିକା ଓ ହର୍ଷାଲି ଦୋରା ସଂଯୋଜନା କରିଥିଲେ।

# ରାଷ୍ଟ୍ରୀୟ ଶିଶୁ ଦିବସ, ୨ଜଣଙ୍କୁ ମେଧା ସମ୍ମାନ




ରାଷ୍ଟ୍ରୀୟ ଶିଶୁ ଦିବସ କାର୍ଯ୍ୟକ୍ରମରେ ସାହିତ୍ୟିକ ଦାଶ ବେନେହୂର ଓ ଅନ୍ୟ ଅତିଥି।

ଭୁବନେଶ୍ୱର,୧୪।୧୧(ଅନୁରାଧା ମହାରଣା)

ଓଡ଼ିଶା ଅବସରପ୍ରାପ୍ତ ପୋଲିସ୍ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ୭ମ ବାଟାଲିୟନ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଶିଶୁ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ରଶ୍ମିରଞ୍ଜନ ପ୍ରଧାନ ଏବଂ ଭାଗଲ ମାରାଣ୍ଡିଙ୍କୁ 'ମେଧା ସମ୍ମାନ' ପ୍ରଦାନ ପୂର୍ବକ ଯଥାକ୍ରମେ ୧ହଜାର ଓ ୨ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସମିତି ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଦାଶ ବେନେହୂର, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ନାୟକ ଓ ମୁଖ୍ୟବକ୍ତା ଭାବେ ସମିତିର ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିବା ପରେ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ୧୩ଟି ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୭୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଜେଜେଙ୍କ ଯତ୍ନ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକାରୀଙ୍କୁ 'ବନ୍ଦୀର ଆତ୍ମକଥା', କାରା କବିତା ଓ ନଚିକେତା ଉପାଖ୍ୟାନ ପୁସ୍ତକ ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଜୟ କୁମାର ସାମଲ, କୃପାସିନ୍ଧୁସାହୁ ଓ ଚାରୁଲତା ସାହୁ ବକ୍ତବ୍ୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ବାମେନ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ସମିତି ଉପସଭାପତି ସୁରେନ୍ଦ୍ର ସାହୁ, କୋଷାଧକ୍ଷ ରାଧାଚରଣ ମହାପାତ୍ର, କ୍ରୀଡ଼ା ସମ୍ପାଦକ ସୁକେଶ ସାମଲ, ବିମଳ କୁମାର ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ଗୁରୁଚରଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୫।୧୧(ଅସମାପିକା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଦୁଇଟି ପର୍ଯ୍ୟାୟରେ ୫ଦିନିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ବୁଧବାର ପ୍ରଶାସନିକ ସ୍ତରରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ପ୍ରସ୍ତୁତି ବ୍ୟବସ୍ଥା ତଦାରଖ କରିବାକୁ ଜେନା ସମ୍ପୃକ୍ତ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ରାଷ୍ଟ୍ରପତି ଆସନ୍ତା ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଦ୍ୱିତୀୟ ପର୍ଯ୍ୟାୟରେ ୨୬ ତାରିଖ ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚି ୨୭ ତାରିଖରେ ପାରାଦ୍ୱୀପରେ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତକାର୍ଯ୍ୟକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ.ସିଂ, ପୋଲିସ ଡିଜି ସୁନିଲ କୁମାର ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ବରିଷ୍ଠ ଅଧିକାରୀ, ଗୋଇନ୍ଦା ବିଭାଗ ତଥା ସୁରକ୍ଷା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା ବିଶଦ୍ ସୂଚନା ଦେଇଥିଲେ। କେନ୍ଦ୍ରାଞ୍ଚଳ ତଥା ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ପୃକ୍ତ ଜିଲାର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ଭର୍ଚୁଆଲରେ ବୈଠକରେ ଯୋଗଦେଇଥିଲେ। ଉତ୍ସବ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା ସହିତ ଜେନେରେଟର ଓ ଅତିରିକ୍ତ ଜେନେରେଟର ବ୍ୟବସ୍ଥା ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ଏହାକୁ ନିଶ୍ଚିତ କରିବାକୁ କହିଛନ୍ତି। ରାଷ୍ଟ୍ରପତି ଗସ୍ତ ପରିପ୍ରେକ୍ଷୀରେ ଗୃହ ବିଭାଗରେ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହେବ ବୋଲି ବୈଠକରୁ ଜଣାଯାଇଛି।

# ନାଟକ ଜରିଆରେ ଏଡ୍‌ସ ସଚେତନତା ବାର୍ତ୍ତା

ଭୁବନେଶ୍ୱର, ୧୫।୧୧ (ବନ୍ଦନା ସେଠୀ)




ଯୁବବର୍ଗଙ୍କ ମଧ୍ୟରେ ଏଚ୍‌ଆଇଭି/ଏଡସ୍ ସଚେତନତାକୁ ବ୍ୟାପକ କରିବା ପାଇଁ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା 'ଅଭିବ୍ୟକ୍ତି- ଦି ରେଡ ସୋ' ଆୟୋଜିତ ହୋଇ ଯାଇଛି। ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ୟୁନିଟ-୨ ମାର୍କେଟ ବିଲ୍ଡିଂ ସ୍ଥିତ ବିଏମ୍‌ସି କେଶରୀ ମଲ୍‌ରେ ଏହି ନାଟକ ପରିବେଷଣ କରାଯାଇଥିଲା। ପ୍ରତିଯୋଗିତାରେ ଏଚ୍‌ଆଇଭି ପ୍ରବଣ ଅନୁଗୋଳ, ବଲାଙ୍ଗିର, ଗଞ୍ଜାମ ଓ ଖୋର୍ଦ୍ଧାର ଜିଲାସ୍ତରୀୟ ନାଟକର କୃତୀ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଗଞ୍ଜାମ ଜିଲା 'ହାରିଗଲା ଏଚ.ଆଇ.ଭି' ନାଟକ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହି ଅବସରରେ ଆସିଷ୍ଟାଣ୍ଟ ଡାଇରେକ୍ଟର ସ୍ମୃତି ସାଗରିକା କାନୁନ୍‌ଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓସାକ୍ସର କର୍ମକର୍ତ୍ତାଙ୍କ ଦ୍ୱାରା ମଞ୍ଚରେ 'ହାତରେ ହାତ ମିଶାଇବା, ଏଡସ୍ ମୁକ୍ତ ରାଜ୍ୟ ଗଠନ କରିବା' ଉପରେ ଏକ ସ୍ୱତନ୍ତ୍ର ପରିବେଷଣ କରାଯାଇଥିଲା। ରାଜ୍ୟସ୍ତରୀୟ ନାଟକର ଶୁଭାରମ୍ଭ କରି ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉର୍ମିଳା ମିଶ୍ର କହିଲେ, ଏଚ୍‌ଆଇଭି କ୍ଷେତ୍ରରେ ସବୁଠାରୁ ବିପଦଶଙ୍କୁଳ ହେଉଛନ୍ତି ଯୁବବର୍ଗ। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ଏଡସ୍ ନିୟନ୍ତ୍ରଣ ସଂଗଠନ (ନାକୋ) ପ୍ରାୟୋଜିତ 'ୟୁଥ୍ ଫେଷ୍ଟ' କାର୍ଯ୍ୟକ୍ରମ ଆୟୋଜନ କରିଛି। ଓସାକ୍ସ ଦ୍ୱାରା ଏଚ୍‌ଆଇଭି ସଂକ୍ରମଣର ସଚେତନତାକୁ ନାଟ୍ୟ ଚେତନାରେ ରୂପାନ୍ତର କରିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ନାଟକ ସଂଘର ପୂର୍ବତନ ସଭାପତି ହରେନ ସାହୁ, କ୍ୟାପିଟାଲ ହସ୍ପିଟାଲର ଏଆର୍‌ଟି ମେଡିକାଲ ଅଫିସର ଡା.ବିଜୟ ବେହେରା, ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡା. ଡି.ଏସ. ଅରବିନ୍ଦ, ଆଡ୍‌ମିନିଷ୍ଟ୍ରେଟିଭ ଅଧିକାରୀ ଶତାବ୍ଦୀ ରାୟଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବେଗୁନିଆ ବିଧାୟକଙ୍କ ବିରୋଧରେ ମାମଲା

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୧୫।୧୧

**ପ୍ରାର୍ଥିପତ୍ର ଦାଖଲ ବେଳେ ଦେଇଥିଲେ ମିଥ୍ୟା ସତ୍ୟପାଠ**

ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ୨୦୦୪ରେ ଖୋର୍ଦ୍ଧା ଏବଂ ୨୦୧୪ରେ ବେଗୁନିଆ ନିର୍ବାଚନ ଲଢ଼ିବା ବେଳେ ସାହୁ ସତ୍ୟପାଠରେ ଦର୍ଶାଇଥିବା ସମସ୍ତ ପ୍ରମାଣପତ୍ର ଜାଲିଆତି କରିଥିବା ଅଭିଯୋଗ ଆସିଛି। ଖୋର୍ଦ୍ଧା ଡକ୍ଟର୍ସ ଲେନ୍‌ର ଉପେନ୍ଦ୍ର ରାଉତରାୟ ବିଧାୟକଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି। ଏନେଇ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆଇପିସି ଦଫା ୧୨୫(ଏ), ୩୩ଏ, ୧୭୭, ୪୨୦, ୪୧୯, ୪୬୬, ୪୬୭, ୪୬୮ରେ ଏକ ୱାନସିସି ମାମଲା(ନଂ. ୨୧୩/୨୦୨୩) ରୁଜୁ ହୋଇଛି। ଉପେନ୍ଦ୍ରଙ୍କ ପକ୍ଷରୁ ଆଇନଜୀବୀ ଜେ. କେ. ପଣ୍ଡା କୋର୍ଟରେ ମକଦ୍ଦମା ପରିଚାଳନା କରୁଛନ୍ତି।

ଅଭିଯୋଗକାରୀ ଦର୍ଶାଇଛନ୍ତି ରାଜେନ୍ଦ୍ର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ୨୦୦୪ରେ ସ୍ୱାଧୀନ ଭାବେ ଲଢ଼ି ବିଧାୟକ ରହିଥିବା ବେଳେ ୨୦୧୪ରେ ବିଜେଡିରୁ ଲଢ଼ି ବିଧାୟକ ରହିଥିଲେ। ସେହିପରି ୨୦୧୯ରେ ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ବିଜେଡି ଦଳରୁ ନିର୍ବାଚନ ଲଢ଼ି ଏବେ ବିଧାୟକ ରହିଛନ୍ତି। ବିଧାୟକ ପାଇଁ ସେ ଖୋର୍ଦ୍ଧା ଉପଜିଲାପାଳଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ଶିକ୍ଷାଗତ ଯୋଗ୍ୟତା, ବ୍ୟାଙ୍କ ଋଣ ଏବଂ ତାଙ୍କ ବିରୋଧରେ ରହିଥିବା କେସ୍ ସମ୍ପର୍କରେ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ରହିଛି। ଏ ସମ୍ପର୍କରେ ଅଭିଯୋଗକାରୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଶିକ୍ଷାଗତ ଯୋଗ୍ୟତା ସଂକ୍ରାନ୍ତୀୟ ଅଭିଯୋଗ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଚିଠି ନଂ ୮୬୧୯/୧୩.୧୦.୨୦୦୯ ଅନୁସାରେ ତଦନ୍ତ ଜାରି ରହିଛି। ଏହି ସମୟରେ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଚିଠି ନଂ.୪୩୧୮/୧୯.୧୦.୨୦୦୯ରେ ରାଜେନ୍ଦ୍ର ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ରାଜେନ୍ଦ୍ର ଉପଜିଲାପାଳଙ୍କ ନିକଟରେ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଦାଖଲ କରିଥିଲେ। ତେବେ ଆର୍‌ଟିଆଇ ତଥ୍ୟରୁ ମିଳିଥିବା ସୂଚନା ଅନୁସାରେ ତାଙ୍କର ଜନ୍ମତାରିଖ ଓ ନିର୍ବାଚନ ସମୟରେ ଦେଇଥିବା ଜନ୍ମତାରିଖ ମେଳ ଖାଉ ନ ଥିବା ଜଣାଯାଇଛି। ସେହିପରି ଦୁଇଟି ନିର୍ବାଚନରେ ସେ ଦୁଇ ପ୍ରକାର ସାର୍ଟିଫିକେଟ ଦାଖଲ କରିଥିବା ଜଣାପଡିଛି। ସ୍କୁଲ ଲିଭିଂ ସାର୍ଟିଫିକେଟ ଏବଂ ବିଦ୍ୟାଳୟ ରେଜିଷ୍ଟରରେ ତାଳମେଳ ରହୁ ନ ଥିବା ଜଣାପଡ଼ିଛି। ସେହିପରି ୨୦୧୪ରେ ଜୋନାଲ ଅଫିସର ଭୁବନେଶ୍ୱରଙ୍କ ଜନସୂଚନା ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ପ୍ରକାରେ ୧୯୮୩ ବ୍ୟାଚ ମାଟ୍ରିକ ପରୀକ୍ଷାରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ତାଲିକାରେ ରାଜେନ୍ଦ୍ରଙ୍କ ନାଁ ଏବଂ ରୋଲ ନମ୍ବର ଦର୍ଶାଯାଇନାହିଁ। ଏଥିସହିତ ସେ ନିର୍ବାଚନ ସମୟରେ ଦାଖଲ କରିଥିବା ବିବରଣୀରେ ପଠାଣି ସାମନ୍ତ କଲେଜ, ଖଣ୍ଡପଡାରୁ ୧୯୯୧ରେ ଯୁକ୍ତ ୨ କଳାରେ ପାସ କରିଥିବା ସାର୍ଟିଫିକେଟ ଦାଖଲ କରିଥିଲେ। ତେବେ ଯୁକ୍ତ ଦୁଇରେ ନାମଲେଖା ସମୟରେ ମାଟ୍ରିକ ମାର୍କସିଟ ଦାଖଲ କରି ନ ଥିବା ଆରଟିଆଇରୁ ଜଣାପଡ଼ିଛି। ବିଭିନ୍ନ କାର୍ଯ୍ୟ ସମୟରେ ସେ ଦୁଇଟି ଭୋଟର ପରିଚୟପତ୍ର ବ୍ୟବହାର କରିଥିବା ଜାଣିବାକୁ ମିଳିଛି। ଆଧାରକାର୍ଡରେ ତାଙ୍କ ଜନ୍ମତାରିଖ ୮।୭।୧୯୬୮ ରହିଥିବା ବେଳେ ବିଏସ୍‌ଇ ସାର୍ଟିଫିକେଟରେ ଜନ୍ମତାରିଖ ୬।୭।୧୯୬୮ ରହିଛି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅଭିଯୋଗକାରୀ ଉପେନ୍ଦ୍ର କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଏନେଇ ଆଇନଜୀବୀ ସନ୍ତୋଷ ଅତବୁଦ୍ଧି କହିଛନ୍ତି, ରାଜେନ୍ଦ୍ର ସାଧାରଣ ନିର୍ବାଚନ ସମୟରେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍ୟାନ୍ୟ ଭୁଲ ତଥ୍ୟ ଦେଇଛନ୍ତି। ଦୁଇଟି ଭୋଟର ପରିଚୟପତ୍ର ବ୍ୟବହାର ସହ, ଆଧାରକାର୍ଡ ଏବଂ ସାର୍ଟିଫିକେଟରେ ଜନ୍ମତାରିଖ ମେଳ ଖାଉ ନ ଥିବା ବେଳେ ମିଥ୍ୟା ଶପଥପାଠ କରିଛନ୍ତି। ଯେହେତୁ ସେ ବର୍ତ୍ତମାନ ବିଧାୟକ ଅଛନ୍ତି ଏଣୁ ଥାନାରେ ଅଭିଯୋଗ ପରିବର୍ତ୍ତେ ସିଧାସଳଖ ଭାବେ କୋର୍ଟରେ ଅଭିଯୋଗକାରୀଙ୍କ ପକ୍ଷରୁ ୱାନସିସି କରାଯାଇଛି।

## ଚୋରି ଅଭିଯୋଗ: ୨ ଅଭିଯୁକ୍ତ ଗିରଫ

ଚୌଦ୍ୱାର,(ଆଶୁତୋଷ ଦାସ): ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହିସାଲଣ୍ଡା ପଞ୍ଚାୟତ ମାଛପଙ୍ଗା ଗ୍ରାମର ଅଶୋକ ଦେହୁରୀ ଓ ସୋମନାଥ ଦେହୁରୀ। ସେମାନଙ୍କ ନିକଟରୁ ଦୁଇଟି ଚୋରି ଫ୍ୟାନ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଗତ ସେପ୍ଟେମ୍ବର ୨୭ରେ ମାଛପଙ୍ଗା ନିକଟସ୍ଥ ବନ୍ତୋ ଗ୍ରାମରେ ଥିବା ଏକ ଫାର୍ମରୁ ପାଣିପମ୍ପ, ଟ୍ରାକ୍ଟର ଟାୟାର ଓ ଦୁଇଟି ଫ୍ୟାନ୍ ଚୋରି କରିଥିଲେ। ଏ ନେଇ ଫାର୍ମ ମାଲିକ ଜୀବନ ମହାନ୍ତି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୮୪/୨୩) ରୁଜୁ କରିଥିଲା। ପମ୍ପ ଓ ଟାୟାର ବିକ୍ରି କରିଦେଇଥିବା ଅଭିଯୁକ୍ତଦ୍ୱୟ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

### ସଂକ୍ଷେପରେ

## ଇସ୍ତଫା ପ୍ରତ୍ୟାହାର କଲେ କାଉନ୍ସିଲର

ଚୌଦ୍ୱାର,୧୫।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୦ ନଂ. ୱାର୍ଡ କାଉନ୍ସିଲର ବିଜୟ କୁମାର ମଲ୍ଲିକ ମଙ୍ଗଳବାର ନିଜ ପଦବୀରୁ ଇସ୍ତଫା ଦେବା ପାଇଁ ଚୌଦ୍ୱାର-କଟକ ବିଧାୟକଙ୍କ ନିକଟରେ ଆବେଦନ କରିଥିଲେ। ଏହି ଖବର ଜଣାପଡିବା ପରେ ହଟଚମଟ ସୃଷ୍ଟି ହୋଇଥିଲା। ବିଧାୟକ ସୌଭିକ୍ ବିଶ୍ୱାଳ ଏନେଇ ବୁଧବାର ଏକ ବୈଠକ ଡକାଇ ଘଟଣାର ସମାଧାନ କରିବା ସହିତ ସମ୍ପୃକ୍ତ କାଉନ୍ସିଲରଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ବିଜୟ ନିଜ ଇସ୍ତଫାପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏହି ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ଦଳୀୟ କାଉନସିଲର ଉପସ୍ଥିତ ଥିଲେ।

## ଶିଶୁ ଦିବସରେ ପ୍ରତିଯୋଗିତା

କଟକ ସଦର,୧୫।୧୧(ସୁଶାନ୍ତ କୁମାର ଜେନା)

ଶିଶୁ ଦିବସ ଅବସରରେ କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ାସ୍ଥିତ ବାରୁଣେଇ ପାଠାଗାର ଆନୁକୂଲ୍ୟରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ନୃତ୍ୟ ଓ ରଙ୍ଗୋଲି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଲି, ସମ୍ମାନିତ ଅତିଥି ଭାବେ ସଞ୍ଜୁକ୍ତା ମହାରଣା, ଚୈତନ୍ୟ ରାଉତ, ରାଜଶ୍ରୀ ତ୍ରିପାଠୀ, ଉପେନ୍ଦ୍ର ନାଥ ରାଉତ ଓ ଅଶୋକ ପଟ୍ଟନାୟକ ଯୋଗଦେଇଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପାଠାଗାର ସମ୍ପାଦକ ରୁଦ୍ରକାନ୍ତ ପଣ୍ଡା ଓ କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଭୋଇ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଫୁଟ୍‌ବଲ୍: ବୋଧପୁର ଟିମ୍ ବିଜୟୀ

କଟକ ସଦର,୧୫।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ହାଇସ୍କୁଲ ପଡ଼ିଆରେ ୫ମ ଆକା ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କିଶୋର ନଗର ଓ ବୋଧପୁର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଟାଇ ବ୍ରେକର ପଦ୍ଧତିରେ ୩-୨ ଗୋଲ୍‌ରେ ବୋଧପୁର ଟିମ୍ ବିଜୟୀ ହୋଇଥିଲା। ବୋଧପୁର ଟିମ୍‌ର ପ୍ରକାଶ ନାୟକ ମ୍ୟାନ୍ ଅଫ୍ ଦି ଫାଇନାଲ ଓ କିଶୋରନଗର ଟିମ୍‌ର ସେଖ୍ ଫରିଦ ମ୍ୟାନ୍ ଅଫ୍ ଦି ସୁପର କପ୍ ଭାବେ ବିବେଚିତ ହୋଇଥିଲେ। ଆକାର ସଭାପତି ଦେବବ୍ରତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ପ୍ରାଧ୍ୟାପକ ସାରଦା ପ୍ରସନ୍ନ ମହାପାତ୍ର , ଓଡ଼ିଶା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ନିପେନ୍ଦ୍ର କୁମାର ଦାସ, ପ୍ରମୋଦ ମହାପାତ୍ର, ବିଭୂତିଭୂଷଣ ପରିଡ଼ା, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ସତ୍ୟ ସିଦ୍ଧାନ୍ତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ସେତୁ ନିକଟରୁ ବେଆଇନ ବାଲି ଉତ୍ତୋଳନ

କଣ୍ଟାପଡା, ୧୫।୧୧(ସୁରନାରାୟଣ ସାହୁ)

କଣ୍ଟାପଡା ତହସିଲ ଅନ୍ତର୍ଗତ ଦେବୀନଦୀର କଟକ ଜିଲା ସାଇଲୋ ଖାରପଡା ଓ ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅଲିପଡାକୁ ସଂଯୋଗ କରୁଥିବା ଖାରପଡା-ଅଲିପଡା ସେତୁର ଅତି ନିକଟରୁ ସଇରାତ ନିଲାମଧାରୀ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଉକ୍ତ ସେତୁ ପ୍ରତି ବିପଦ ଦେଖାଦେଇଛି। ଏହାକୁ ତୁରନ୍ତ ବନ୍ଦ କରିବା ସହ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖାରପଡା ସରପଞ୍ଚ ଇତିଶ୍ରୀ ବେହେରା କଟକ ଜିଲା ଖଣିଜ ବିଭାଗ ଡେପୁଟି ଡାଇରେକ୍ଟରଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖବର ନେବାରେ ଜଣାପଡିଛି, ସେତୁର ୫୦୦ ମିଟର ଦୂରରୁ ବାଲି ଉତ୍ତୋଳନ ପାଇଁ ଖଣିଜ ବିଭାଗର ନିୟମ ଧାର୍ଯ୍ୟ କରାଯାଇଥିବାବେଳେ ଉକ୍ତ ସେତୁଟି ଅଧିକ ଲମ୍ବା ଥିବାରୁ ଏହାର ସୁରକ୍ଷା ପାଇଁ ୫୭୦ ମିଟର ଦୂରତାରୁ ବାଲି ଉତ୍ତୋଳନ ନିମନ୍ତେ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ସମ୍ପୃକ୍ତ ଲିଜ୍‌ଧାରୀ ଏହାକୁ ମାନୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଆମ ହସ୍ପିଟାଲ ଯୋଜନାରେ ଜିଲାର ୯ ଡାକ୍ତରଖାନା

କଟକ,୧୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଆମ ହସ୍ପିଟାଲ ଯୋଜନାରେ କଟକ ଜିଲାର ୯ଟି ଡାକ୍ତରଖାନା ସାମିଲ ହୋଇଛି। ୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା ଏହି ଯୋଜନାକୁ ବାସ୍ତବରେ ରୂପଦେବା ଲକ୍ଷ୍ୟରେ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାର ରୂପରେଖ ପରିବର୍ତ୍ତନ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ଯୋଜନାରେ କଟକ ଜିଲାର କଟକ-ବାରବାଟୀ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍), ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ୟୁସିଏଚ୍‌ସି),ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ(ଏସ୍‌ଡିଏଚ୍), ଆଠଗଡ଼ ଏସ୍‌ଡିଏଚ୍, ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି), ଅଡ଼ଶପୁର ସିଏଚ୍‌ସି, ମାହାଙ୍ଗା ସିଏଚ୍‌ସି ଏବଂ ଟାଙ୍ଗୀ ସିଏଚ୍‌ସି ସାମିଲ ହୋଇଛି। ଏହାସହ ଅନ୍ୟ ସମସ୍ତ ସିଏଚ୍‌ସି ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)ଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଆସନ୍ତା ୫ବର୍ଷ ମଧ୍ୟରେ ହେବ।

ସୂଚନାଅନୁଯାୟୀ, କଟକ ଜିଲାରେ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ନେଇ ଏବେ ୯ଟି ଡାକ୍ତରଖାନାକୁ ୫-ଟି ଅଧୀନ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହି ଡାକ୍ତରଖାନାଗୁଡ଼ିକର କାମ ଆସନ୍ତା ଡିସେମ୍ବର ୩୧ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆମ ହସ୍ପିଟାଲ ଯୋଜନାରେ କଟକ-ବାରବାଟୀ(ଡିଏଚ୍‌ଏଚ୍)କୁ ୬କୋଟି, ବାଙ୍କୀ ଏବଂ ଆଠଗଡ଼ ଏସ୍‌ଡିଏଚ୍‌କୁ ୪କୋଟି ଲେଖାଏ, ଚାଉଳିଆଗଞ୍ଜ ୟୁସିଏଚ୍‌ସି, ନରସିଂହପୁର, ଅଡ଼ଶପୁର, ମାହାଙ୍ଗା, ଟାଙ୍ଗୀ ଓ ବେଣ୍ଟକାର ସିଏଚ୍‌ସିକୁ ୩ କୋଟି ଟଙ୍କା ଲେଖାଏ ମଞ୍ଜୁର କରାଯାଇଛି। ଡାକ୍ତରଖାନାଗୁଡ଼ିକରେ ପଞ୍ଜୀକରଣ ସୁବିଧା, ରୋଗୀଙ୍କ ପାଇଁ ୱେଟିଂ ହଲ୍ (ବସିବା ପାଇଁ ଚେୟାର, ଏସି, ଟିଭି, ଶୌଚାଳୟ, ୱାଟର ଫିଲଟ୍‌ର, ଅଡ଼ିଓ ଭିଜୁଆଲ ସିଷ୍ଟମ) କରାଯିବ। ସେହିପରି ଡ୍ରଗ୍‌ସ ଡିଷ୍ଟ୍ରିବ୍ୟୁଶନ ସେଣ୍ଟର ରହିବ ଯେଉଁଥିରେ ମହିଳା, ପୁରୁଷ, ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ରହିବ। ସମସ୍ତ ଡିଏଚ୍‌ଏଚ୍, ଏସ୍‌ଡିଏଚ୍ ଏବଂ ସିଏଚ୍‌ସିରେ ନିର୍ଦ୍ଧାରିତ ପୋଷାକ ବା ୟୁନିଫର୍ମ ବ୍ୟବସ୍ଥା କରାଯିବ। ସୋଲାର ଲାଇଟ ସିଷ୍ଟମରେ ହସ୍ପିଟାଲ ପରିସରକୁ ଅର୍ନ୍ତଭୁକ୍ତ କରାଯିବ। ଏପରି କି ଗୋଟିଏ ବିଲଡିଂରୁ ଅନ୍ୟ ବିଲ୍‌ଡିଂ ଯାତାୟତ ପାଇଁ ଇଣ୍ଟର କନେକ୍ଟେଡ୍ ରାସ୍ତା ସହ ବଗିଚା ବ୍ୟବସ୍ଥା କରାଯିବ। ଏଥିସହିତ ଏସ୍‌ଟିପି ଓ ଇଟିପି ପ୍ଲାଣ୍ଟ ରହିବ। ପାରାମେଡିକାଲ ଷ୍ଟାଫ୍ ଶତପ୍ରତିଶତ ଯୋଗାଇ ଦିଆଯିବ। ଯେଉଁଥିରେ ୮୦ ରୁ ୯୦ ପ୍ରତିଶତ ଡାକ୍ତର ରହିବେ। ଡାକ୍ତରଖାନାରେ ସିସି କ୍ୟାମେରା ଲଗାଯିବା ସହ ବାୟୋମେଟ୍ରିକ୍ ସିଷ୍ଟମ ଇତ୍ୟାଦି ସୁବିଧା କରାଯିବ। ଧାର୍ଯ୍ୟ ସମୟ ସୁଦ୍ଧା ସମସ୍ତ କାର୍ଯ୍ୟକୁ ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି। ଆମ ହସ୍ପିଟାଲ ଯୋଜନାରେ ଚିକିତ୍ସାର ମାନ ବଢ଼ିବ ଓ ରୋଗୀ ଭଲ ସେବା ପାଇବେ ବୋଲି କଟକ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ) ମକରନ୍ଦ ବେଉରା ସୂଚନା ଦେଇଛନ୍ତି।

# ଭାଜପା ପକ୍ଷରୁ ବ୍ଲକ ଘେରାଉ




ଆଠଗଡ଼ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ଅନୁଷ୍ଠିତ ସଭାରେ ନେତୃମଣ୍ଡଳୀ।

ଆଠଗଡ଼/ ନିଶ୍ଚିନ୍ତକୋଇଲି, ୧୫।୧୧(ସତ୍ୟ ପ୍ରସାଦ ରଥ/ ଅଶୋକ କୁମାର ମହାପାତ୍ର)

ରାଜ୍ୟ ଭାଜପାର ଆହ୍ୱାନରେ ଆଠଗଡ଼ ଭାଜପା ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନଆକ୍ରୋଶ ଘେରାଉ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଘେରାଉରେ ଭାଜପା ନେତା ବ୍ରଜେନ୍ଦ୍ର ରାୟ ଓ ଅଭୟ ବାରିକଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ କାର୍ଯ୍ୟକର୍ତ୍ତା ରଥଗଡ଼ାଠାରୁ ପଦଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘୋଟାଲା, ପାଇଖାନା ଦୁର୍ନୀତି, ଭତ୍ତାରେ ଲାଞ୍ଚ ନେବା ଭଳି କାର୍ଯ୍ୟ କରୁଥିବା ରାଜ୍ୟ ସରକାର ବିରୋଧରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ।

ଏହି ବିକ୍ଷୋଭରେ ରାଜ୍ୟ ଉପସଭାପତି ଗୋଲଖ ଚନ୍ଦ୍ର ମହାପାତ୍ର, କଟକ ଲୋକସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବିଧାନସଭା ସଂଯୋଜକ ବିକ୍ରମ କେଶରୀ ଦାଶ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ରାଏ, ନଗର ମଣ୍ଡଳ ସଭାପତି ହେମନ୍ତ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଶଙ୍କର୍ଷଣ ମହାନ୍ତି, ରମାକାନ୍ତ ସେନାପତି, ସରୋଜ ଦାସ, ଜ୍ଞାନ ମହାପାତ୍ର, ନଚିକେତା ପରିମାଣିକ, ଇଲ୍ଲା ପଣ୍ଡାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

ସେହିପରି ଦୁର୍ନୀତି ବ୍ୟଭିଚାର ଓ ଭ୍ରଷ୍ଟାଚାର ବିରୋଧରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଘେରାଉ ଓ ପ୍ରତିବାଦ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଘେରାଉ ଓ ପ୍ରତିବାଦ ସଭାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାଜପା ନେତା ସାରଦା ପ୍ରଧାନ ଓ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଯୋଗ ନ ଦେବାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାଜପାର ବହୁ କର୍ମୀ ନିଶ୍ଚିନ୍ତକୋଇଲି ବଜାର ୮ ନଂ. କେନାଲ ବନ୍ଧଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲା। ଏଥିରେ ବିଜେଡି ସରକାର ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାକୁ ଭାଜପା ନେତା ବିବେକାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ କଟକ ସଦର ନିର୍ବାଚନ କ୍ଷେତ୍ରର ଭାଜପା ନେତା ଦିଲୀପ କୁମାର ମଲ୍ଲିକ, ହୃଷୀକେଶ ଜେନା, ମନୋରଞ୍ଜନ ନାୟକ, ପ୍ରଦୀପ ପଟ୍ଟନାୟକ, ଯାଜ୍ଞସେନୀ ଜେନା, କମଳା ବଡ଼ିଆ, ପ୍ରଦୀପ ବେହେରା, ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ବହୁ ଭାଜପା ନେତା ଉପସ୍ଥିତ ରହି ବିଜେଡି ସରକାରକୁ କଟୁ ସମାଲୋଚନା କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବିଡିଓଙ୍କୁ ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ ଓ ଶେଷରେ କୈଳାସ ବେହେରା ଧନ୍ୟବାଦ ଦେଇଥିଲେ। ଏହି ସଭାରେ କଟକ ସଦର ନିର୍ବାଚନମଣ୍ଡଳୀର କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ମାହାଙ୍ଗା ବିଧାନସଭା କ୍ଷେତ୍ରର କର୍ମୀ ଓ କର୍ମକର୍ତ୍ତାଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା। ଏପରିକି ମଞ୍ଚରେ ଭାଜପାର ନେତୃମଣ୍ଡଳୀ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଗିରିଗୋବର୍ଦ୍ଧନ ପୂଜା, ୨୧ ମଣ୍ଡପରେ ମୃଣ୍ମୟ ମୂର୍ତ୍ତି






କଙ୍କଡାଯୋଡ଼ି ଗାଁର ବିଭିନ୍ନ ପୂଜା ମଣ୍ଡପରେ କୃଷ୍ଣଲୀଳାକୁ ଆଧାରିତ କରି ନିର୍ମାଣ ହୋଇଥିବା ମୂର୍ତ୍ତି।

ମାଣିଆବନ୍ଧ, ୧୫।୧୧ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଙ୍କଡାଯୋଡ଼ି ଗାଁର ପ୍ରସିଦ୍ଧ ଗିରି ଗୋବର୍ଦ୍ଧନ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରା ୪ଦିନ ଧରି ଅନୁଷ୍ଠିତ ହେବ ବୋଲି ଶାନ୍ତି କମିଟି ସଭାପତି ରାଜୀବ ଲୋଚନ ସାହୁ କହିଛନ୍ତି। ଗ୍ରାମ ସଭାପତି ସାହୁ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ ସୀତା ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗାଁର ୨୧ଟି ପୂଜା ମଣ୍ଡପରେ କୃଷ୍ଣଲୀଳା ଆଧାରିତ ବିଭିନ୍ନ ମୃଣ୍ମୟ ପ୍ରତିମା ପୂଜା ପାଉଛନ୍ତି। ଏ ନେଇ ବଜାର ସମେତ ପ୍ରତ୍ୟେକ ସାହିରେ ସୁଉଚ୍ଚ ଆଲୋକ ତୋରଣ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ସଂକୀର୍ତ୍ତନ ଓ ଶୋଭାଯାତ୍ରା ଗହଣରେ ଗାଁର ଆରାଧ୍ୟ ଦେବ ଗୋପୀନାଥ, ରାସବିହାରୀ ଓ ରଘୁନାଥ ଦେବଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ବିଜେ କରାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଗିରି ପୂଜା ଉପାସକ ପ୍ରତି ସାହିରେ ଭୋଗ ଅର୍ପଣ ସହ ପୂଜାର୍ଚ୍ଚନା କରିଥିଲେ। ଗ୍ରାମରେ ଯାତ୍ରା ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୁଧବାର ଦ୍ୱିତୀୟ ଦିନ ଯାତ୍ରାରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ଆସନ୍ତା ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମାଣିଆବନ୍ଧ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀ ଓ ଗ୍ରାମ ସଭାପତି ସାହୁଙ୍କ ତତ୍ତ୍ୱାବଧାନରେ ସରପଞ୍ଚଙ୍କ ପ୍ରତିନିଧି ରମେଶ କୁମାର ଦାସ, ସମ୍ପାଦକ ଅଜିତ କୁମାର ସାହୁ, ଉପସଭାପତି ଶ୍ରୀବତ୍ସ ପ୍ରଧାନ, ସହସମ୍ପାଦକ ତ୍ରିଲୋଚନ ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସାହୁ, ଦିଲୀପ ବେହେରା, ରବି ରାଉତ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି।

## ୩ ଦଫା ଦାବିନେଇ ବ୍ଲକ ସମ୍ମୁଖରେ ବିକ୍ଷୋଭ

କଣ୍ଟାପଡା, ୧୫।୧୧(ସୁରନାରାୟଣ ସାହୁ)

ଜାତୀୟ ଦଳିତ ମହାସଂଘ ପକ୍ଷରୁ ୩ ଦଫା ଦାବି ନେଇ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ଅନ୍ତର୍ଗତ ୧୪ଟି ପଞ୍ଚାୟତରେ ବାସ କରୁଥିବା ଅନୁସୂଚିତ ଜାତି ପରିବାରର ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ, ପାଇଖାନା, ବାର୍ଦ୍ଧକ୍ୟ ଭତ୍ତା ଓ ଅନୁସୂଚିତ ଜାତି ପରିବାରର ସଦସ୍ୟଙ୍କୁ ନ୍ୟାୟିକ ସୁବିଧା ଯୋଗାଇ ଦେବା ପାଇଁ ଦାବି ହୋଇଥିଲା। ସଙ୍ଗଠନର କଟକ ଜିଲା ସଭାପତି ପ୍ରକାଶ ଭୋଇଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ଲିଟୁ ଦାସ, ସମ୍ପାଦକ ଜଗନ୍ନାଥ ଭୋଇ, ରାଜ୍ୟ ମହିଳା ସମ୍ପାଦିକା ଟିକିନା ପରିଡା, କଣ୍ଟାପଡା ବ୍ଲକ ସଭାପତି ନିରୁପମା ଭୋଇ, ସମ୍ପାଦକ ହିନି ବେହେରାଙ୍କ ସମେତ ବହୁସଂଖ୍ୟକ ମହିଳାପୁରୁଷ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବ୍ଲକ ଅଞ୍ଚଳରେ ବାସ କରୁଥିବା ଅନୁସୂଚିତ ଜାତି ସାହିବସ୍ତିକୁ ଠିକ୍ ଭାବେ ପାନୀୟ ଜଳ ଯୋଗାଇ ଦିଆଯାଉନାହିଁ। ସେହିପରି ଏମଜିଏନଆରଇଜିଏସ୍‌ରେ ଶ୍ରମିକଙ୍କୁ ୧୦୦ ଦିନ କାମ ଦିଆଯାଉ ନ ଥିବାରୁ ସଂଘର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ପରେ କଣ୍ଟାପଡା ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ବିଡିଓ ରୁବି ତପସ୍ୱିନୀ ଦାଶଙ୍କୁ ପ୍ରଦାନ କରାଯାଇଥିଲା।

## ଭୋଟର ସଚେତନତା

କଣ୍ଟାପଡା, ୧୫।୧୧(ସୁରନାରାୟଣ ସାହୁ)

ଅଡଶପୁରସ୍ଥିତ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି, ରେଡ୍‌କ୍ରସ, ଏନ୍‌ଏସ୍‌ଏସ୍, ରେଞ୍ଜ ଓ ରୋଭର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ଶୋଭାଯାତ୍ରା ମାଧ୍ୟମରେ ନୂତନ ଭୋଟରମାନଙ୍କୁ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ କହିଥିଲେ, ଯୁବ ଭୋଟରମାନେ ଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଭୋଟଦାନରୁ ବିରତ ନ ରହିବା ପାଇଁ କ୍ୟାଡେଟ୍‌ମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଅର୍ଜୁନ ରାଉତ, ମହେନ୍ଦ୍ର ମହାପାତ୍ର, ଅମିତା ପାତ୍ର ନନ୍ଦକିଶୋର ସାହୁ ଓ ସୁବ୍ରତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଲେପୁର ଶିଶୁ ମହୋତ୍ସବ, ବିଜ୍ଞାନ ମେଳା



ଉତ୍ସବରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ଅନ୍ୟମାନେ।

ସାଲେପୁର, ୧୫।୧୧(ଅରବିନ୍ଦ ଭୂୟାଁ)

ସାଲେପୁର ଶିକ୍ଷା ମଣ୍ଡଳ ଆନୁକୂଲ୍ୟରେ ୨ଦିନ ଧରି ଚାଲିଥିବା ଶିଶୁ ମହୋତ୍ସବ ଓ ବିଜ୍ଞାନ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଇଓ ଜଗବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ନିଶ୍ଚିନ୍ତକୋଇଲି ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ, ସାଲେପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ ଏବିଇଓ ଅଶୋକ କୁମାର ପତି, ବିଳାଶିନୀ ବାହିନୀପତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକର ୧୯ଟି କ୍ଲଷ୍ଟରରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସମସ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।

# ଗଣିତ, ବିଜ୍ଞାନ, ପରିବେଶ ପ୍ରଦର୍ଶନୀ ମେଳା



ସଭାରେ ଯୋଗ ଦେଇଥିବା ଅତିଥିମାନେ।

ମାହାଙ୍ଗା,୧୫।୧୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ପ୍ରଦର୍ଶନୀ ମେଳା ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ଚକ୍ରଧର ବେହେରା, ମୁଖ୍ୟବକ୍ତା ଭାବେ ବାସନ୍ତୀ ଜୟଦୁର୍ଗା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ବାଗ୍ମୀ ବିଶ୍ୱନାଥ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ସେଠୀ, କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନିହାଣ, ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁ, ସିଆର୍‌ସିସି ଅଦ୍ୱୈତ୍ୟ ବଲ୍ଲଭ ରାଉତ ପ୍ରମୁଖ ପ୍ରଦର୍ଶିତ ମେଳାକୁ ବୁଲି ଦେଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୦୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ବିକାଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ଭୋଟର ସଚେତନତା

ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ

ବାଙ୍କୀ,୧୫।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୁଧବାର କଲେଜ ପରିସରରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ବ୍ୟାନର ଓ ପୋଷ୍ଟର ଧରି ଏକ ଶୋଭାଯାତ୍ରାରେ ପରିକ୍ରମା କରି ଜନସାଧାରଣଙ୍କୁ ଭୋଟ ସମ୍ପର୍କରେ ସଚେତନ କରାଇଥିଲେ। ୧୮ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଜନସାଧାରଣ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିଲା। ଏହି ଶୋଭାଯାତ୍ରାକୁ କ୍ରୀଡା ଶିକ୍ଷକ ସତ୍ୟ ପ୍ରକାଶ ଖଟୁଆ, ରାଜେଶ କୁମାର ମହାପାତ୍ର, ନିତ୍ୟାନନ୍ଦ ପ୍ରସାଦ ସାମନ୍ତରାୟଙ୍କ ସମେତ କଲେଜର କର୍ମଚାରୀମାନେ ପରିଚାଳନା କରିଥିଲେ। ଏ ନେଇ କଲେଜ ପରିସରରେ ସଚେତନତା ସଭା ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ତାପସ କୁମାର ମହାନ୍ତି, ଜ୍ୟୋତିପ୍ରକାଶ ପାଣିନୀ, ମହେଶ କୁମାର ରାଉତରାୟ, ଅଧ୍ୟାପିକା ସ୍ମୃତିସନ୍ଧ୍ୟା ଦାଶ, ବିଷ୍ଣୁପ୍ରିୟା ରାଉତ, ସ୍ମୃତିପ୍ରଜ୍ଞା ମହାପାତ୍ର, ମୀନା କୁମାରୀ ଲେଙ୍କା ଓ ଦେବସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନେ ନିକଟସ୍ଥ ବୁଥ୍‌କୁ ଯାଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥିସହ ନୂତନ ଭୋଟରମାନେ ସେମାନଙ୍କ ନାମ ପଞ୍ଜୀକରଣ କରିବା ପାଇଁ ସଚେତନ କରାଯାଇଥିଲା। ଅଧ୍ୟାପକ ତାପସ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା କଲେଜର ଛାତ୍ରୀଛାତ୍ରମାନେ।

# ଲୁଟେରାଙ୍କ ଟାର୍ଗେଟରେ ଅଳଙ୍କାର ଦୋକାନ

- ଅସୁରେଶ୍ୱର ବଜାରରୁ କ୍ରମାଗତ ଚୋରି
- ସିସିଟିଭି ଆଧାରରେ ତଦନ୍ତ କରୁଛି ପୋଲିସ

ନିଶ୍ଚିନ୍ତକୋଇଲି,୧୫।୧୧ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ବଜାରରୁ କ୍ରମାଗତ ୨ଦିନ ହେବ ଲୁଟେରାମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ଅଳଙ୍କାର ଦୋକାନରୁ ଚୋରି କରିଛନ୍ତି। ଏ ନେଇ ପୃଥକ୍ ପୃଥକ୍ ଭାବେ ୩ଟିମାମଲା ବୁଧବାର ରୁଜୁ ହୋଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରୁଛି। ଅଦ୍ୟାବଧି ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇନାହିଁ।

କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ସୀମାନ୍ତରେ ଥିବା ଅସୁରେଶ୍ୱର ବଜାରର ଅଳଙ୍କାର ଦୋକାନ ଉପରେ ଲୁଟେରାମାନେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ଲୁଟେରାମାନେ ଗୋଟିକ ପରେ ଗୋଟିଏ ଗହଣା ଦୋକାନରୁ ଲୁଟି ଚାଲିଥିଲେ ମଧ୍ୟ ପୋଲିସ ସେମାନଙ୍କ କୌଣସି ଟେର ପାଉନାହିଁ। ଏହାର ପ୍ରତିବାଦରେ ଆଗାମୀ ଦିନରେ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବାକୁ ଚରମ ଚେତାବନୀ ଦିଆଯାଇଛି। ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗାଁର ବିଜୟ କୁମାର ସାହୁ ଦୀର୍ଘଦିନ ହେଲା ଅସୁରେଶ୍ୱର ବଜାରରେ ଆଭରଣୀ ଜୁଏଲର୍ସ ଖୋଲି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ। ମଙ୍ଗଳବାର ରାତ୍ରରେ ସାହୁ ନିଜର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳୁ ସାହୁ ଦୋକାନକୁ ଆସିଲାବେଳକୁ ତାଙ୍କର ଦୋକାନର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନରେ ମରାମତି ନିମନ୍ତେ ରଖାଯାଇଥିବା ୩ଶହ ଗ୍ରାମ ରୁପା, ୪ ପଟ ସୁନାଚୁଡ଼ି, ନାକଫୁଲ, ହାରାହାରି ୫୦ ଗ୍ରାମ ସୁନା ଓ ନଗଦ ୨୫ ହଜାର ଟଙ୍କା ସମେତ ବିଭିନ୍ନ ଯନ୍ତ୍ରପାତିକୁ ଲୁଟେରାମାନେ ଲୁଟି ନେଇଥିବା ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ବଜାରରେ ଲକ୍ଷ୍ମୀନାରାୟଣ ଜୁଏଲର୍ସରୁ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆକସ୍ମିକ ଭାବେ ତାଙ୍କର ଗହଣା ବ୍ୟାଗକୁ ଝମ୍ପି ନେଇଥିଲେ। ଦୁର୍ବୃତ୍ତମାନେ ଏହି ଗହଣା ବ୍ୟାଗକୁ ଲୁଟି ନେଇ ଦ୍ରୁତଗତିରେ ଅସୁରେଶ୍ୱର ଅଭିମୁଖେ ପଳାଇ ଯାଇଥିଲେ। ଏହି ବ୍ୟାଗରେ ସାହୁଙ୍କର ୪୫୦ ଗ୍ରାମ ଓଜନର ଚାନ୍ଦି ଓ ୧୯ ଗ୍ରାମ ଓଜନର ସ୍ୱର୍ଣ୍ଣ ଅଳଙ୍କାର ରହିଥିଲା। ସ୍ଥାନୀୟ ବଜାରରେ ଥିବା ଏକ ସିସିଟିଭି ଫୁଟେଜରେ ଏହି ୨ ଦୁର୍ବୃତ୍ତଙ୍କର ଫଟୋ ଓ ଗାଡି କଏଦ ହୋଇଛି। ଏ ସମ୍ପର୍କରେ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଏହି ପଞ୍ଚାୟତ ଭାରିଗୋଳ ଗ୍ରାମର ସୁଧାଂଶୁ ଶେଖର ଦାସଙ୍କ ଘରୁ ଗତ ୧୨ ତାରିଖ ବିଳମ୍ବିତ ରାତ୍ରରେ ଏକ ନଳକୂପରେ ଫିଟିଂ ହୋଇଥିବା ମୋଟରକୁ ଖୋଲି ନେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧ୍ୟାପକ ସୁବାସ ଚନ୍ଦ୍ର ବେହେରାଙ୍କ ଭଡାଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଗୋଟିଏ ଟିଭି, ନଗଦ ୧୦ ହଜାର ଟଙ୍କା, ଲାପଟପ, ମୋବାଇଲ, ହାତଘଣ୍ଟା, ମୂଲ୍ୟବାନ ସାମଗ୍ରୀ ନେଇଯାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅନୁସନ୍ଧାନକାରୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିପାରିନାହାଁନ୍ତି। ଅଭିଯୋଗକୁ ଭିତ୍ତିକରି ବୁଧବାର ପୋଲିସ ନଂ. ୨୦୧/୨୩, ୨୦୨/୨୩ ଓ ୨୦୫/୨୩ରେ ପୃଥକ୍ ଭାବେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।




ଦୁର୍ବୃତ୍ତମାନେ ଚୋରି କରିଥିବା ଗହଣା ଦୋକାନ ସମ୍ମୁଖରେ ଲୋକଙ୍କ ଗହଳି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ବଣ୍ଟନ

ବାଲିଅନ୍ତା, ୧୫।୧୧ (ନୀଳମାଧବ ସାହୁ)

ବାଲିଅନ୍ତାର ଅଶୋକ ସାଂସ୍କୃତିକ ପରିଷଦ ପକ୍ଷରୁ ବୁଧବାର ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଧିରେନ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନଶିକ୍ଷକ ଭବାନୀ କୁମାରୀ ମହାପାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ବଣ୍ଟନ କରାଯାଇଥିଲା। ଏଥି ସହିତ ଷଷ୍ଠରୁ ଦଶମ ଶ୍ରେଣୀର ଟପ୍ପର ଛାତ୍ରୀଛାତ୍ରଙ୍କୁ ପରିଷଦ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଷଦର ସଦସ୍ୟ, ଆଲୁମିନି କମିଟି ଓ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ଟେଷ୍ଟ ପେପର ବଣ୍ଟନ କରିଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାଲିଅନ୍ତା, ୧୫।୧୧ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇ ନୃତ୍ୟ ପରିବେଷଣ କରିଥିଲେ।

### ବରିଷ୍ଠ ବିତରକ ଧନେଶ୍ୱର ସାହୁଙ୍କ ପରଲୋକ

ଖୋର୍ଦ୍ଧା, ୧୫।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ବରିଷ୍ଠ ବିତରକ ଧନେଶ୍ୱର ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର କଟକ ବଡ଼ ମେଡିକାଲରେ ପରଲୋକ ହୋଇଯାଇଛି। ସକାଳୁ ସାଇକେଲରେ ଖବରକାଗଜ ବାଣ୍ଟିବାକୁ ଯାଉଥିବା ବେଳେ ବିଡିଏ କଲୋନୀ ଛକରେ ଏକ ଅଜଣା ବାଇକ ଧକ୍କାରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ମା' ବରୁଣେଇ ଖବରକାଗଜ ବିତରକ ସଂଘ ସଭାପତି ଜିତେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଯାଇଛି। ତାଙ୍କ ନିଜ ଘର ନୟାଗଡ ଜିଲା ଗୋଡ଼ିପଡ଼ା ହୋଇଥିବା ବେଳେ ସେ ଦୀର୍ଘଦିନ ହେଲା ଖୋର୍ଦ୍ଧାରେ ରହି ଖବରକାଗଜ ବିତରଣ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିତରକ ସଂଘର କର୍ମକର୍ତ୍ତା ଶୋକ ପ୍ରକାଶ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ

କୃଷ୍ଣପ୍ରସାଦ, ୧୫।୧୧ (କୈଳାଶ ଚନ୍ଦ୍ର ପଟନାୟକ)

କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ବାଲିପାଟପୁର ଗ୍ରାମରେ ସର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟି ଜଳନ୍ଧର ଜେନା ଏବଂ ହରିବନ୍ଧୁ ଜେନାଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବୁଧବାର ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଅଗ୍ନି ବିପନ୍ନ ପରିବାର ଜଳନ୍ଧର ଜେନା ଏବଂ ହରିବନ୍ଧୁ ଜେନାଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏହା ସହିତ ନିତ୍ୟ ବ୍ୟବହାର୍ଯ୍ୟ ଚୁଡ଼ା, ବିସ୍କୁଟ, ଚାଉଳ, ଡାଲି, ପାଲ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏଥିସହିତ ଦାସବର୍ମା କୃଷ୍ଣପ୍ରସାଦ ବ୍ଲକ ଅତିରିକ୍ତ ତହସିଲଦାର ବିକାଶ ସେଠୀଙ୍କ ସହିତ ଆଲୋଚନା କରି ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ କୃଷ୍ଣପ୍ରସାଦ ବ୍ଲକ ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ରାଜକିଶୋର ବିଶ୍ୱାଳ, ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶ୍ୱାଳ, ସମିତି ସଭ୍ୟାଙ୍କ ପ୍ରତିନିଧି ଦିଲୀପ କୁମାର ରଣସିଂହ, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ କୁମାର ମାଝୀ, ମଣ୍ଡଳ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ରାମଲେଙ୍କା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଯୁବନେତା ଅଞ୍ଜଳ କୁମାର ବିଶ୍ୱାଳ, ପୁରୀ ଜିଲା ଛାତ୍ର ବିଜେଡି ଉପସଭାପତି ଶାନ୍ତନୁ କୁମାର ମାଝୀ, ବଜ୍ରକୋଟ ରାଜସ୍ୱ ନିରୀକ୍ଷକ ଶଶାଙ୍କ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲିଲା ଶିକ୍ଷା ସଚେତନତା ରଥ

ଖୋର୍ଦ୍ଧା, ୧୫।୧୧ (ପ୍ରଭାତ ପାଣିଗ୍ରାହୀ)


ସଚେତନତା ରଥର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ପୌରୋହିତ୍ୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦେବା ନିମନ୍ତେ ଖୋର୍ଦ୍ଧା ବ୍ଲକର ସମସ୍ତ କ୍ଲଷ୍ଟର ବୁଲିବା ପାଇଁ ସ୍ଥିର କରାଯାଇଛି । ଛାତ୍ରୀଛାତ୍ରମାନଙ୍କର ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବାରେ ଏହା ଏକ ଅଭିନବ ପ୍ରୟାସ । ଏତଦ୍‌ବ୍ୟତୀତ ଆନନ୍ଦମୟ ଶିକ୍ଷା ଉପଲବ୍ଧ, ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ, ରେଡ଼ିଓ ପାଠଶାଳା କାର୍ଯ୍ୟକ୍ରମ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ, ପ୍ରତିକାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ, ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ, ବାକ୍‌-ଶ୍ରବଣ ତାଲିମ, ଭୌତିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରମାନଙ୍କୁ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ, ବୌଦ୍ଧିକ ଓ ସହବୌଦ୍ଧିକ ଅଗ୍ରଗତିର ସମୀକ୍ଷା ତଥା କାର୍ଯ୍ୟକ୍ରମର ତଦାରଖ ଓ ପରିଚାଳନା, ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରମାନଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଶିକ୍ଷଣ ମାଧ୍ୟମରେ ମୁଖ୍ୟ ସ୍ରୋତକୁ ଆଣିବାର ବ୍ୟବସ୍ଥା, ପ୍ରଥମରୁ ଅଷ୍ଟମ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ ଓ ପୋଷାକ ବିତରଣ, ପୋଷଣ ଉଦ୍ୟାନ ଅଭିଯାନ କାର୍ଯ୍ୟକ୍ରମ, ବର୍ଣ୍ଣାଳୀ କାର୍ଯ୍ୟକ୍ରମ, ଓଡ଼ିଶା କ୍ୟାରିୟର୍ ପୋର୍ଟାଲ ଗଠନ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ମା' ସହ ଶିଶୁ -ମା' ସହ ଶିକ୍ଷା ନୂତନ ଅଭିନବ ପ୍ରୟାସ ସମ୍ପୃକ୍ତି କାର୍ଯ୍ୟକ୍ରମ , ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରିତ କାର୍ଯ୍ୟକ୍ରମ ଓ ଆକାଂକ୍ଷା କାର୍ଯ୍ୟକ୍ରମ ଇତ୍ୟାଦି ବହୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକୁ

**ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବାର ଏକ ଅଭିନବ ପ୍ରୟାସ**

ଶିକ୍ଷା ପ୍ରଶାସନ ହାତକୁ ନେଇ ଶିକ୍ଷାର ପଥକୁ ଆଲୋକିତ କରିବା ପାଇଁ ପ୍ରୟାସ ଜାରି ରଖିଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱର୍ଣ୍ଣଲତା ସାମନ୍ତରାୟ, ସନ୍ଧ୍ୟାବତୀ ଲେଙ୍କା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ବିକାଶ କୁମାର ମୁଦୁଲି, ରବୀନ୍ଦ୍ର ପ୍ରଧାନ, ଅମୀୟ କୁମାର ପରିଡ଼ା, ରେବତୀ ପଣ୍ଡା, ଧ୍ରୁବଚରଣ ରଣା, ଭାଗ୍ୟଶ୍ରୀ ମହାପାତ୍ର, ଅମୀୟ କୁମାର ଜେନା, ରବି ନାରାୟଣ ପଣ୍ଡା, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ରବି ନାରାୟଣ ସାହୁ, କନିଷ୍ଠ କିରାଣୀ ଅରୁଣ କୁମାର ରାୟ, ପ୍ରଦୀପ୍ତ କୁମାର ସାହୁ, ହୃଦାନନ୍ଦ ସାହୁ, ସୁରଭି ପାଣିଗ୍ରାହୀ, ସୋନାଲି ନାୟକ, ଲୋପାମୁଦ୍ରା ପଣ୍ଡା, ବିଭୂ ପ୍ରସାଦ ପଟ୍ଟନାୟକ, ନୀଳାମ୍ବର ନାୟକ, ପବିତ୍ର କୁମାର ପାଣି, ପବିତ୍ର କୁମାର ଦଳେଇ, ସସ୍ମିତା ବଳିୟାରସିଂହ, ତୃପ୍ତିଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କଳା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼, ୧୫।୧୧ (ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମସ୍ଥିତ ଗୋପବନ୍ଧୁ କ୍ଲବ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ଏବଂ ଗୋପବନ୍ଧୁ କ୍ଲବର ମିଳିତ ଆନୁକୂଲ୍ୟରେ କ୍ଲବର ସଭାପତି ସମ୍ବିତ ଭୂଷଣ ରାଉତରାୟଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୃଥୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ବକ୍ତା, ସାମାଜିକ କର୍ମୀ ବିଜୟ କୁମାର ମହାନ୍ତି, ଖବରଦାତା ନିରଞ୍ଜନ ନାୟକ, ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି, ସମିତିସଭ୍ୟାଙ୍କ ପ୍ରତିନିଧି ଶ୍ରୀଧର ଦତ୍ତ, କ୍ଲବର ଉପଦେଷ୍ଟା ଧନେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କ୍ଲବର ସମ୍ପାଦକ ହର ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାମଞ୍ଚରେ କଳାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୪୧ ଜଣ ପୁରୁଷ ଓ ମହିଳା ବ୍ୟକ୍ତିତ୍ୱଙ୍କୁ ପ୍ରଶଂସାପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶବିତ୍ କୃଷ୍ଣଚନ୍ଦ୍ର ଝପଟ ସିଂହ, ପୂର୍ଣ୍ଣଚନ୍ଦ୍ର ମହାରଣା, ମନୋଜ କୁମାର ସାହୁ, ଭାସ୍କର ସାମାନ୍ତରାୟ, ଆନନ୍ଦ ସେନାପତି ଓ ରୁଦ୍ର ନାରାୟଣ ଭୋଇ ପ୍ରମୁଖ ବହୁ ବରିଷ୍ଠ ନାଗରିକ, ଯୁବକ ମାନେ ଉପସ୍ଥିତ ଥିଲେ

# ଭୁବନେଶ୍ୱର ଏମ୍‌ପିଙ୍କ ଦ୍ୱାରା ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟିତ

ଯାଆଁଳା, ୧୫।୧୧ (ବୁଲା ବାରିକ)

ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯାଆଁଳା ପଞ୍ଚାୟତରେ ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ଗୋଟିଏ ହେଉଛି ଓଗଳପଡା ସରକାରୀ ବିଦ୍ୟାଳୟ ପାଖରେ ନିର୍ମାଣ ହୋଇଥିବା ପାଦଚଲା ସେତୁ ଓ ଅନ୍ୟଟି ହେଉଛି କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ, ମୁଣ୍ଡମୁହାଣ ନିକଟରେ ଯାନବାହାନ ସେତୁ। ମୁଖ୍ୟତଃ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସୁବିଧା ପାଇଁ ନିର୍ମିତ ଏହି ଦୁଇଟି ସେତୁର ଭିତ୍ତିପ୍ରସ୍ତର ସେ ଗତବର୍ଷ ଶିଶୁ ଦିବସରେ ରଖିଥିବା ବେଳେ, ଠିକ ୧ ବର୍ଷ ପରେ ସେ ଏହି ପ୍ରକଳ୍ପ ଦ୍ୱୟର ଶୁଭ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଓଗାଳପଡ଼ା ସରକାରୀ ବିଦ୍ୟାଳୟ ଓ କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ରହି ଅପରାଜିତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହ ଜଟଣୀ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା, ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଦିବ୍ୟାଂଶୁ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯାଆଁଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଭାଜପା ମଣ୍ଡଳ ସଭାପତି ପ୍ରଦୋଷ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଗୁନିଆ ବିଧାୟକଙ୍କ ବିରୋଧରେ ମାମଲା ରୁଜୁ

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ), ୧୫।୧୧

**ପ୍ରାର୍ଥୀପତ୍ର ଦାଖଲ ବେଳେ ଦେଇଥିଲେ ମିଥ୍ୟା ଶପଥପାଠ**

ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ୨୦୦୪ରେ ଖୋର୍ଦ୍ଧା ଏବଂ ୨୦୧୪ରେ ବେଗୁନିଆ ନିର୍ବାଚନ ଲଢ଼ିବା ବେଳେ ଶପଥପାଠରେ ଦର୍ଶାଇଥିବା ସମସ୍ତ ପ୍ରମାଣପତ୍ର ଜାଲିଆତି କରିଥିବା ଅଭିଯୋଗ ଆସିଛି। ଖୋର୍ଦ୍ଧା ଓ୍ୱର୍କସ୍ ଲେନ୍‌ର ଉପେନ୍ଦ୍ର ରାଉତରାୟ ବିଧାୟକଙ୍କ ବିରୋଧରେ ଆଣିଛନ୍ତି ଏଭଳି ଅଭିଯୋଗ। ଏନେଇ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୱାନସିସି ମାମଲା ରୁଜୁ ହୋଇଛି। କେସ୍ ନଂ ୨୧୩/୨୦୨୩ ଦଫା ୨୧୩/୨୦୨୩, ୧୨୫(ଏ), ୩୩ଏ, ୧୭୭, ୪୨୦, ୪୧୯, ୪୬୬, ୪୬୭, ୪୬୮ରେ ମାମଲା ରୁଜୁ ରହିଛି। ଉପେନ୍ଦ୍ରଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟ ଓକିଲ ଜେକେ ପଣ୍ଡା କୋର୍ଟରେ ମକଦ୍ଦମା ପରିଚାଳନା କରୁଛନ୍ତି। ଅଭିଯୋଗକାରୀ ଦର୍ଶାଇଛନ୍ତି ରାଜେନ୍ଦ୍ର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ୨୦୦୪ରେ ସ୍ୱାଧୀନ ଭାବେ ଲଢ଼ି ବିଧାୟକ ରହିଥିବା ବେଳେ ୨୦୧୪ରେ ବିଜେଡିରୁ ଲଢ଼ି ବିଧାୟକ ରହିଥିଲେ। ସେହିପରି ୨୦୧୯ରେ ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ବିଜେଡି ଦଳରୁ ନିର୍ବାଚନ ଲଢ଼ି ଏବେ ବିଧାୟକ ରହିଛନ୍ତି। ବିଧାୟକ ପାଇଁ ସେ ଖୋର୍ଦ୍ଧା ଉପଜିଲାପାଳଙ୍କ ନିକଟରେ ଦାଖଲ କରିଥିବା ଆଫିଡେଭିଟ୍‌ରେ ଶିକ୍ଷାଗତ ଯୋଗ୍ୟତା, ବ୍ୟାଙ୍କ ଋଣ ଏବଂ ତାଙ୍କ ବିରୋଧରେ ରହିଥିବା କେସ୍ ସମ୍ପର୍କରେ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ରହିଛି। ଏ ସମ୍ପର୍କରେ ଅଭିଯୋଗକାରୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଶିକ୍ଷାଗତ ଯୋଗ୍ୟତା ସଂକ୍ରାନ୍ତୀୟ ଅଭିଯୋଗ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚିଠି ନଂ ୮୬୧୯/୧୩.୧୦.୨୦୦୯ର ତଦନ୍ତ ଜାରି ରହିଛି। ଏହି ସମୟରେ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଚିଠି ନଂ.୪୩୧୮/୧୯.୧୦.୨୦୦୯ରେ ରାଜେନ୍ଦ୍ର ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ରାଜେନ୍ଦ୍ର ଉପଜିଲାପାଳଙ୍କ ନିକଟରେ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଦାଖଲ କରିଥିଲେ। ତେବେ ଆରଟିଆଇ ତଥ୍ୟରୁ ମିଳିଥିବା ସୂଚନା ଅନୁସାରେ ତାଙ୍କର ଜନ୍ମତାରିଖ ଓ ନିର୍ବାଚନ ସମୟରେ ଦେଇଥିବା ଜନ୍ମତାରିଖ ମେଳ ଖାଉନଥିବା ଜଣାଯାଇଛି। ସେହିପରି ଦୁଇଟି ନିର୍ବାଚନରେ ସେ ଦୁଇ ପ୍ରକାର ସାର୍ଟିଫିକେଟ ଦାଖଲ କରିଥିବା ଜଣାପଡିଛି। ସ୍କୁଲ ଲିଭିଂ ସାର୍ଟିଫିକେଟ ଏବଂ ବିଦ୍ୟାଳୟ ରେଜିଷ୍ଟାରରେ ତାଲମେଳ ରହୁନଥିବା ଜଣାପଡ଼ିଛି। ୨୦୧୪ରେ ଜୋନାଲ ଅଫିସର ଭୁବନେଶ୍ୱରଙ୍କ ଜନସୂଚନା ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ପ୍ରକାରେ ୧୯୮୩ ବ୍ୟାଚ ମାଟ୍ରିକ ପରୀକ୍ଷାରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ତାଲିକାରେ ରାଜେନ୍ଦ୍ରଙ୍କ ନାଁ ଏବଂ ରୋଲ ନଂ ଦର୍ଶାଯାଇନାହିଁ। ଏଥିସହିତ ସେ ନିର୍ବାଚନ ସମୟରେ ଦାଖଲ କରିଥିବା ବିବରଣୀରେ ପଠାଣୀ ସାମନ୍ତ କଲେଜ, ଖଣ୍ଡପଡାରୁ ୧୯୯୧ରେ ଯୁକ୍ତ ଦୁଇ କଳାରେ ପାସ କରିଥିବା ସାର୍ଟିଫିକେଟ ଦାଖଲ କରିଥିଲେ। ତେବେ ଯୁକ୍ତ ଦୁଇରେ ନାମଲେଖା ସମୟରେ ମାଟ୍ରିକ ମାର୍କସିଟ ଦାଖଲ କରିନଥିବା ଆରଟିଆଇରୁ ଜଣାପଡ଼ିଛି। ବିଭିନ୍ନ କାର୍ଯ୍ୟ ସମୟରେ ସେ ଦୁଇଟି ଭୋଟର ପରିଚୟପତ୍ର ବ୍ୟବହାର କରିଥିବା ଜାଣିବାକୁ ମିଳିଛି। ଆଧାରକାର୍ଡରେ ତାଙ୍କ ଜନ୍ମତାରିଖ ୦୮.୦୭.୧୯୬୮ ରହିଥିବା ବେଳେ ବିଏସଇ ସାର୍ଟିଫିକେଟରେ ଜନ୍ମତାରିଖ ୦୬.୦୭.୧୯୬୮ ରହିଛି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅଭିଯୋଗକାରୀ ଉପେନ୍ଦ୍ର କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଏନେଇ ଆଇନଜୀବୀ ସନ୍ତୋଷ ଅତବୁଦ୍ଧି କହିଛନ୍ତି, ରାଜେନ୍ଦ୍ର ସାଧାରଣ ନିର୍ବାଚନ ସମୟରେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍ୟାନ୍ୟ ଭୁଲ ତଥ୍ୟ ଦେଇଛନ୍ତି। ଦୁଇଟି ଭୋଟର ପରିଚୟପତ୍ର ବ୍ୟବହାର ସହ, ଆଧାରକାର୍ଡ ଏବଂ ସାର୍ଟିଫିକେଟରେ ଜନ୍ମତାରିଖ ମେଳ ଖାଉନଥିବା ବେଳେ ମିଥ୍ୟା ଶପଥପାଠ କରିଛନ୍ତି। ଯେହେତୁ ସେ ବର୍ତ୍ତମାନ ବିଧାୟକ ଅଛନ୍ତି ଏଣୁ ଥାନାରେ ଅଭିଯୋଗ ପରିବର୍ତ୍ତେ ସିଧାସଳଖ ଭାବେ କୋର୍ଟରେ ଅଭିଯୋଗକାରୀଙ୍କ ପକ୍ଷରୁ ୱାନସିସି କରାଯାଇଛି।

# ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଚୟନ

ବୋଲଗଡ଼, ୧୫।୧୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିତୁକୁଳି ସ୍ଥିତ କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ସଂଘର ଦ୍ୱିତୀୟ ସାଧାରଣ ଅଧିବେଶନରେ ସଙ୍ଘର କର୍ମକର୍ତ୍ତା ଚୟନ କରାଯାଇଛି। ଶିକ୍ଷାବିତ କାଳିଚରଣ ଜୟସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଲୋକନାଥ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ସମାଜସେବୀ ରାମଶଙ୍କର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଦାବରୀଶ ମିଶ୍ର, ନାରାୟଣ ବେହେରା, ରାଜକିଶୋର ପାଣିଗ୍ରାହୀ, ସୁମନ୍ତ ଛୋଟରାୟ, ନବକିଶୋର ସାମନ୍ତସିଂହାର ଯୋଗଦେଇଥିଲେ। ମୁଖ୍ୟ ଅତିଥି ମିଶ୍ର ସଭାକୁ ଉଦଘାଟନ କରିବା ପରେ ଆବାହକ ବୈକୁଣ୍ଠ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ପରେ ଉପସ୍ଥିତ ସର୍ବସମ୍ମତିକ୍ରମେ ଏହି ସଂଘର ସଭାପତି ଭାବେ କାଳିଚରଣ ଜୟସିଂହ, ଉପ ସଭାପତି ନାରାୟଣ ବେହେରା, ସାଧାରଣ ସମ୍ପାଦକ ବୈକୁଣ୍ଠ ମହାରଣା, ସହ ସମ୍ପାଦକ ଗଙ୍ଗାଧର ଜେନା ଓ କୋଷାଧ୍ୟକ୍ଷ ଭାବେ ବିଜୟ କୁମାର ମହାପାତ୍ରଙ୍କୁ ଚୟନ କରାଯାଇଥିବା ଜଣାଯାଇଛି। ଶେଷରେ ଗଙ୍ଗାଧର ଜେନା ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ସେଣ୍ଟ ଜାଭିୟର୍ସ ସ୍କୁଲ ଛାତ୍ରୀଛାତ୍ର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସେଣ୍ଟ ଜାଭିୟର୍ସ ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟମାନେ।

କଟକ, ୧୫।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)

କଟକସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ଛାତ୍ରୀଛାତ୍ରମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଙ୍ଗଳବାର ସାକ୍ଷାତ କରି ଶିଶୁ ଦିବସ ପାଳନ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଓ କୋଅର୍ଡିନେଟର ଏବଂ ଛାତ୍ରୀଛାତ୍ର ରାଷ୍ଟ୍ରପତି ନିବାସରେ ଶିଶୁ ଦିବସ ପାଳନ କରିବା ପାଇଁ ବିବେଚିତ ହୋଇଥିଲେ। ବିଦ୍ୟାଳୟର ଆଦ୍ୟାଶା ନାୟକ, ଦିବ୍ୟାଂଶୀ ଦାସ, ଆର୍ଯ୍ୟାସାନ ଶତପଥୀ, ସ୍ୱାଗତ ସ୍ୱାଇଁଙ୍କ ସମେତ ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକ ଏବଂ ଶିକ୍ଷୟିତ୍ରୀ ସୋମା ମହାନ୍ତି ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଶିଶୁ ପାଇଁ ଶୈଶବ କାଳ ସବୁଠୁ ଆନନ୍ଦମୟ ମୁହୂର୍ତ୍ତ। ତାଙ୍କର ପ୍ରକୃତ ଚପଳତା ସେହି ସମୟରେ ଦେଖାଦେଇଥାଏ। ଆଜିର ଶିଶୁମାନେ ସାମାଜିକ, ଘରୋଇ ଓ ପାରିପାର୍ଶ୍ୱିକ ପରିବେଶ ପ୍ରତି ସଚେତନ। ଆମେ ସେମାନଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବା ଉଚିତ ବୋଲି ରାଷ୍ଟ୍ରପତି କହିଥିଲେ।


କଳାପଥର ଧଳାପଥର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

କଳାପଥର, ୧୫।୧୧ (ଗଙ୍ଗାଧର ସାହୁ)

କଳାପଥର ଧଳାପଥର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ଅବସରରେ ଶିଶୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସଭାପତି ଧରଣୀଧର ଜୁଝାରସିଂ ଓ ମୁଖ୍ୟ ଅତିଥି ନୀଳମଣି ମହାପାତ୍ର ଯୋଗଦେଇ ନେହେରୁଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ଛାତ୍ରମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ବଦ୍ରିନାଥ ରାଉତ, ଅବସରପ୍ରାପ୍ତ କିରାଣି ବସନ୍ତ କୁମାର ନାୟକ, ପୂର୍ବତନ ସରପଞ୍ଚ ମିର୍ଜା ସର୍ଦ୍ଦାର ଅଲିବେଗ୍, ଅବସରପ୍ରାପ୍ତ ଶିକ୍ଷକ ଗୋଦାବରୀଶ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଦେବତା, ଅବସରପ୍ରାପ୍ତ ବିଇଓ ବିଷ୍ଣୁଚରଣ ମିଶ୍ର, ନୃତ୍ୟ ଶିକ୍ଷକ ଧ୍ରୁବଚରଣ ମହାପାତ୍ର, ଅବସରପ୍ରାପ୍ତ ସେନା ଅଧିକାରୀ ସୁଦର୍ଶନ ସାହୁ, ଅବସରପ୍ରାପ୍ତ ନାଲ୍‌କୋ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ଯୁବନେତା ନରେଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କୃତି ଛାତ୍ରମାନଙ୍କୁ ଉପହାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ବାଗଦେବୀ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ବାଲିପାଟଣା, ୧୫।୧୧ (ଅଭିମନ୍ୟୁ ନାୟକ)



ବାଲିପାଟଣାସ୍ଥିତ ବାଗଦେବୀ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପ ପରିଦର୍ଶନ ପରେ ମୂଲ୍ୟାୟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ, ବିଦ୍ୟାର୍ଥୀମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନ ପ୍ରତି ଆକର୍ଷିତ ହେବାପାଇଁ ରାଜ୍ୟ ସରକାରଙ୍କ ଏହି ଯୋଜନା ପ୍ରଶଂସନୀୟ। ଏହାର ସଠିକ୍ ରୂପାୟନ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପ୍ରମୁଖ ଭୂମିକା ରହିଛି। ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝା, ଅଧ୍ୟକ୍ଷା ପବିତ୍ରା ଦାସ, ନିର୍ଦ୍ଦେଶକ ଗଙ୍ଗାଧର ଓଝା ନିଜ ମତ ରଖିଥିଲେ। ୩୦ଜଣ କୁନି ବୈଜ୍ଞାନିକ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ଦୁଇଟି ପ୍ରକଳ୍ପ ବିବେଚିତ ହୋଇ ଉଚ୍ଚସ୍ତରକୁ ଯିବାକୁ ସ୍ଥିର ହୋଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ବନଶ୍ରୀ ରାଉତ ଓ ସୁନିତା ସାହୁ ବିଜ୍ଞାନ ମେଳା ପରିଚାଳନା କରିଥିଲେ।

# ନିରାମୟ କେନ୍ଦ୍ରରେ ମିଳୁନି ଡାଇବେଟିସ୍ ଔଷଧ

କଟକ, ୧୫।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**




ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ପ୍ରାୟ ୨ ମାସ ହେବ ଡାଇବେଟିସ୍ ରୋଗୀଙ୍କ ପାଇଁ ଔଷଧ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏସ୍‌ସିବି ମେଡିକାଲ ପରିସରରେ ଦୁଇଟି ନିରାମୟ କେନ୍ଦ୍ର ରହିଛି। ହେଲେ ସେଠାରେ ଡାଇବେଟିସ୍ ଔଷଧ ଉପଲବ୍ଧ ନାହିଁ। ମଙ୍ଗଳବାର ବିଶ୍ୱ ମଧୁମେହ ଦିବସରେ ଏସ୍‌ସିବି ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଲୋକଙ୍କୁ ଠିକ୍ ସମୟରେ ଖାଦ୍ୟ ଏବଂ ଔଷଧ ଖାଇବା ନେଇ ସଚେତନତା ବାର୍ତ୍ତା ଦିଆଯାଇଥିବାବେଳେ ବୁଧବାର ୨୦୦ରୁ ଅଧିକ ରୋଗୀ ଔଷଧ ନ ପାଇ ନିରାମୟ କେନ୍ଦ୍ରରୁ ଫେରିଛନ୍ତି। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଥିବାବେଳେ ନିରାମୟ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନୁଗୋଳ ଅଞ୍ଚଳରୁ ଆସିଥିବା ଜଣେ ବ୍ୟକ୍ତି ପରିଚୟ ଗୋପନ ରଖି କହିଛନ୍ତି, ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲି। ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ପାଇଁ ନିରାମୟ କେନ୍ଦ୍ରକୁ ଯାଇଥିଲି। ହେଲେ ସେଠାରେ ଡାଇବେଟିସ ଔଷଧ ନ ମିଳିବାରୁ ନିରାଶ ହୋଇ ଫେରିବାକୁ ପଡିଛି। ଏ ସମ୍ପର୍କରେ ନିରାମୟ କେନ୍ଦ୍ରର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ କହିଛନ୍ତି, ପ୍ରତିଦିନ ୧୦୦୦ରୁ ଅଧିକ ଔଷଧ ଷ୍ଟକ୍ ରଖାଯାଇଥାଏ। ହେଲେ ବୁଧବାର ଔଷଧ ନ ମିଳିବା ଘଟଣା ବିଷୟରେ ମୁଁ ଜାଣିନାହିଁ। ଗଣମାଧ୍ୟମରୁ ଏହି ଖବର ପାଇଲି। ତୁରନ୍ତ ଏନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଔଷଧ ମଗାଇବୁ। ରୋଗୀ ଯେପରି ଠିକ୍ ଭାବେ ଔଷଧ ପାଇପାରିବେ ସେ ନେଇ ଗୁରୁତ୍ୱ ଦେବୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ଏପରି କୌଣସି ଅଭିଯୋଗ ଆସିନାହିଁ। ନିରାମୟ କେନ୍ଦ୍ରରେ ଔଷଧ ଉପଲବ୍ଧ ନ ଥିଲେ ତୁରନ୍ତ ଆଣିବା ପାଇଁ ବ୍ୟବସ୍ଥା କରିବୁ।

## ସଂକ୍ଷେପରେ

### ଦଣ୍ଡ ପ୍ରଣାମ କରି ସାକ୍ଷୀଗୋପାଳରୁ ଶ୍ରୀକ୍ଷେତ୍ର



**ସାକ୍ଷୀଗୋପାଳ,୧୫।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):** ବାପାଙ୍କ ମାନସିକ ପୂରଣ ହୋଇଥିବାରୁ ଦୀର୍ଘ ୧୭ ବର୍ଷ ପରେ ପୁଅ ଦଣ୍ଡ ପ୍ରଣାମ କରି ଶ୍ରୀକ୍ଷେତ୍ର ଯାତ୍ରା କରିଛନ୍ତି। ବୁଧବାର ସକାଳୁ ସ୍ଥାନୀୟ କାଞ୍ଜିଆ ଗ୍ରାମର ୧୭ ବର୍ଷୀୟ ଯୁବକ ଗୋପିନାଥ ସେନାପତି ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ନିକଟରେ ପରିବାର ସହ ପହଞ୍ଚି ପୂଜାର୍ଚ୍ଚନା କରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ସେ କେବଳ ଠାକୁରଙ୍କ ପ୍ରସାଦ ସେବନ ଏବଂ ମନ୍ଦିରରେ ବିଶ୍ରାମ ଲକ୍ଷ୍ୟ ନେଇ ବାହାରିଥିବା ଗୋପିନାଥ କହିଛନ୍ତି। ପୁତ୍ର ସନ୍ତାନ ଆଶାକରି ଗୋପୀନାଥଙ୍କ ବାପା ସାକ୍ଷୀଗୋପାଳଙ୍କ ନିକଟରେ ମାନସିକ କରିଥିଲେ। ମାନସିକ ପୂରଣ ହେଲେ ପୁଅ ସାକ୍ଷୀଗୋପାଳଙ୍କ ପାଖରୁ ଦଣ୍ଡ ପ୍ରଣାମ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଯିବ ବୋଲି କହିଥିଲେ। ମାନସିକ ପୂରଣ ହେଲା। ସେ ପୁଅର ନାମ ଗୋପିନାଥ ରଖିବା ସହ ସ୍ନେହ ନାମ ଗୋପାଳ ରଖିଥିଲେ। ତେଣୁ ଗୋପାଳ ଏବେ ଦଣ୍ଡ ପ୍ରଣାମ ଯାତ୍ରା କରିଛନ୍ତି।

### ପତିତପାବନ କଳା ପରିଷଦର ବାର୍ଷିକୋତ୍ସବ

**ନିମାପଡ଼ା,୧୫।୧୧(ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ଅଞ୍ଚଳର ସଙ୍ଗୀତ ଶିକ୍ଷାନୁଷ୍ଠାନ ପତିତପାବନ କଳା ପରିଷଦର ବାର୍ଷିକ ଉତ୍ସବ ବୁଧବାର ଦେବୀ ମଣ୍ଡପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅକ୍ଷୟ ସାହୁ ଏବଂ ସମ୍ପାଦିକା ନିର୍ମଳା ଓଝାଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ଶ୍ରୀକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରେ ଅନୁଷ୍ଠାନର କୁନିକୁନି କଳାକାରମାନେ ଚିତ୍ତାକର୍ଷକ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଅସ୍ତରଙ୍ଗ, ୧୫।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ):** ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ପଞ୍ଚାୟତରୁ ଶତାଧିକ ଭିନ୍ନକ୍ଷମ ପୁରୁଷ, ମହିଳା ଓ ଶିଶୁ ଯୋଗଦେଇଥିଲେ। ଦୃଷ୍ଟିବାଧିତ, ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ମାନସିକ ଅନଗ୍ରସର ଭିନ୍ନକ୍ଷମଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ବିନାମୂଲ୍ୟରେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଚିକିତ୍ସା କରାଯାଇଛି। ଯେଉଁମାନେ ଭିନ୍ନକ୍ଷମ ସେମାନେ ଭତ୍ତା ପାଇଁ ଆବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଆରତି ନାୟକ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ବିଡିଓ କର୍ଣ୍ଣଦେବ ସମାଦ୍ଦାର, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ଓଭରବ୍ରିଜ ନିର୍ମାଣ ପାଇଁ ସବୁଜ ସଙ୍କେତ

## ବିଭିନ୍ନ ସ୍ଥାନରେ ଲାଗିଲା ନୋଟିସ

**ସାକ୍ଷୀଗୋପାଳ,୧୫।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**



ସାକ୍ଷୀଗୋପାଳ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସବୁଜ ସଙ୍କେତ ମିଳିବା ପରେ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ସତ୍ୟବାଦୀର ବିଭିନ୍ନ ଜନଗହଳି ସ୍ଥାନରେ ଲୋକଙ୍କ ସୂଚନା ନିମନ୍ତେ ନୋଟିସ ଲଗାଯାଇଛି। ସତ୍ୟବାଦୀ ତହସିଲ ଅଫିସ ପକ୍ଷରୁ ଦୀର୍ଘଦିନ ତଳୁ ମାପଚୁପ ସହିତ ଏକ ନକ୍ସା ପ୍ରସ୍ତୁତ କରାଯାଇ ଉକ୍ତ ବିଭାଗକୁ ପ୍ରଦାନ କରାଯିବା ପରେ ନିର୍ମାଣ କାର୍ଯ୍ୟ ପାଇଁ ସରକାରଙ୍କ ଅନୁମୋଦନ ମିଳିସାରିଛି। ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ (ଜମି ଅଧିଗ୍ରହଣ ବିଭାଗ), ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଆର୍‌ଆଣ୍ଡବି ଡିଭିଜନ୍, ସାକ୍ଷୀଗୋପାଳ-ଅଳଗୁମ୍ ରାସ୍ତାରେ ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ସର୍ଭେ ପାଇଁ ଆନୁମାନିକ ଏସ୍‌ଆଇଏ (ସୋସିଆଲ ଇମ୍ପାକ୍ଟ ଆସେସମେଣ୍ଟ) ଫି' ଜମା କରିବାକୁ ନିର୍ଦ୍ଦେଶ ଦେବା ପରେ କିଛି ମାସ ତଳେ ନିୟୋଜିତ ନୋଡାଲ୍ ଏଜେନ୍ସି ନବକୃଷ୍ଣ ଚୌଧୁରୀଙ୍କୁ ୬,୫୦,୮୧୭ ଟଙ୍କା ପ୍ରଦାନ କରାଯାଇସାରିଛି ବୋଲି ଆର୍‌ଆଣ୍ଡବି ଅଧିକାରୀ ଶଶୀଭୂଷଣ ମହାନ୍ତି କହିଛନ୍ତି। ତଥ୍ୟ ଅନୁଯାୟୀ ଏହି ଓଭରବ୍ରିଜ ନିର୍ମାଣ ଲାଗି ଅଧିଗ୍ରହଣ ହେବାକୁ ଥିବା ଜମି ମଧ୍ୟରୁ ସତ୍ୟବାଦୀ ଓରଫ ପେଣ୍ଠପଡା ଓରଫ ଗୋପାଳପୁର ପାଟଣାର ବେସରକାରୀ ଜମି ୨,୩୧୮୫, ଦେବୋତ୍ତର ୧,୩୦୦୦, ସତ୍ୟବାଦୀ ଜୟପୁରର ୦. ୨୧୭୦ ଏଭଳି ମୋଟ ୩.୮୩୫୫ ଏକର ଜମି ରହିଛି। କ୍ଷତିପୂରଣର ଧାରା ୪ରୁ ୧୦ ଅନୁଯାୟୀ ଜମି ଅଧିଗ୍ରହଣ ସମୟରେ କ୍ଷତିଗ୍ରସ୍ତଙ୍କୁ ଥଇଥାନ ତଥା ପୁନର୍ବାସ ଆଇନ - ୨୦୧୩ ସ୍ୱଚ୍ଛତାକୁ ଅବଲମ୍ବନ କରାଯିବା ପାଇଁ ପତ୍ରରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ପ୍ରାରମ୍ଭିକ ଭାବେ ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୫୪,୪୪,୫୨,୭୫୭,୦୦ କୋଟି ଟଙ୍କା ରହିଛି। ଏଥିରେ ପାର୍ଶ୍ୱକାନ୍ଥ, ପାଖାପାଖି ରାସ୍ତା, ସେବା ରାସ୍ତା, ଟ୍ରାଫିକ୍ ସଙ୍କେତ, ନାଳି, ସ୍ଲାବ୍ କଲଭର୍ଟ, ଗଛ କାଟିବା ଓ ଚାରାରୋପଣ, ଜମି ଅଧିଗ୍ରହଣ ମୂଲ୍ୟ, କ୍ଷତିଗ୍ରସ୍ତଙ୍କୁ ଥଇଥାନ ଓ ସହାୟତା, ବିଦ୍ୟୁତକରଣ ଆଦିର ବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ଏହି ପ୍ରକଳ୍ପଟି ରେଳ ବିଭାଗର କିଛି ଅଂଶଧନ ଓ ରାଜ୍ୟ ସରକାରଙ୍କ ମିଳିତ ଅଂଶଧନରେ କରାଯିବ। ପ୍ରକାଶ ଥାଉ କି ଏହି ରେଳ ଓଭରବ୍ରିଜ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଲକ୍ଷାଧିକ ଜନସାଧାରଣ ଉପକୃତ ହେବେ।



୨୦୦୦ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅନୁଦାନ ଦେବାକୁ ଦାବି କରି ବୁଧବାର ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ପୁରୀ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ଦିଆଯାଉଛି।

# ବଡ଼ଦାଣ୍ଡକୁ ଆମିଷମୁକ୍ତ କରାଯାଉ

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଶ୍ରୀକ୍ଷେତ୍ର ମଠାଧୀଶ ସଂଘର ଦାବିପତ୍ର

**ପୁରୀ,୧୫।୧୧(ଅଜିତ୍ ମହାନ୍ତି)**

ଆମିଷମୁକ୍ତ ବଡ଼ଦାଣ୍ଡ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ବୁଧବାର ଶ୍ରୀକ୍ଷେତ୍ର ମଠାଧୀଶ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଉତ୍ତରପାର୍ଶ୍ୱ ମଠାଧୀଶ ମହନ୍ତ ନାରାୟଣ ରାମାନୁଜ ଦାସ, ମହିପ୍ରକାଶ ମଠ ମଠାଧୀଶ ସ୍ୱାମୀ ଶୁଭାନନ୍ଦ ମହାରାଜ୍, ରାଧାବଲ୍ଲଭ ମଠ ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ, କଟକୀ ମଠ ମଠାଧୀଶ ଡ. ବିଜୟ ରାମାନୁଜ ଦାସ, ସାନଛତା ମଠ ମଠାଧୀଶ ମହନ୍ତ ରାମ ମନୋହର ଦାସ, ନେବଳଦାସ ମଠ ମଠାଧୀଶ ମହନ୍ତ ରାମଚରଣ ଦାସ ଏବଂ ବଡ଼ ଆଖଡ଼ା ମଠର ବସନ୍ତ ପଣ୍ଡା ପ୍ରମୁଖ ମୁଖ୍ୟ ପ୍ରଶାସକଙ୍କୁ ଭେଟି ଆମିଷମୁକ୍ତ ବଡ଼ଦାଣ୍ଡ ଓ ଭକ୍ତଙ୍କ ପାଇଁ ବଡ଼ଦାଣ୍ଡରେ ତୁରନ୍ତ ଶୌଚାଳୟ ଖୋଲିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ଐତିହ୍ୟ କରିଡର ପ୍ରତିଷ୍ଠାକୁ ଦେଶର ବିଭିନ୍ନ ସ୍ଥାନରୁ ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରିବାକୁ ନିବେଦନ କରିଥିଲେ। ଆମିଷମୁକ୍ତ ବଡ଼ଦାଣ୍ଡ ପାଇଁ ଖୁବଶୀଘ୍ର ଅଧିକରୁ ଅଧିକ ଅନୁଷ୍ଠାନ ବଡ଼ଦାଣ୍ଡକୁ ଓହ୍ଲାଇବେ ବୋଲି ଖବର ମିଳିଥିବା ବେଳେ ରାଜ୍ୟ ସରକାର ଏଦିଗରେ ସକାରାତ୍ମକ ପଦକ୍ଷେପ ନେବେ ବୋଲି ଶ୍ରୀକ୍ଷେତ୍ର ମଠାଧୀଶ ସେବା ସଂଘ ଆଶା ରଖିଛି। ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ପାଇଁ ଓଡ଼ିଶା ଯୁବ ଚେତନା ସଙ୍ଗଠନ ପକ୍ଷରୁ ନବୀନ ନିବାସଠାରେ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ କର୍ମକର୍ତ୍ତା ବଦ୍ରି ମିଶ୍ର ସୂଚନା ଦେଇଛନ୍ତି।

# ପ୍ରତ୍ୟେକ ପଞ୍ଚାୟତ ବୁଲିବ ସଚେତନତା ରଥ

## ବିକଶିତ ଭାରତ ସଂକଳ୍ପ ଯାତ୍ରା ପ୍ରସ୍ତୁତି ବୈଠକ

**ପୁରୀ, ୧୫।୧୧( ଅଜିତ୍ ମହାନ୍ତି)**

ପୁରୀ ଜିଲାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଚଳିତ ମାସ ତୃତୀୟ ସପ୍ତାହରେ ଆରମ୍ଭ ହେବାକୁ ଯାଉଛି। ତେଣୁ ବିଭିନ୍ନ ବିଭାଗ ବିଭିନ୍ନ ଫ୍ଲାଗ୍‌ଶିପ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ ଓ ସଚେତନ କରାଇବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଛନ୍ତି। ବୁଧବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏ ସମ୍ପର୍କିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ସଚେତନ କରିବା ଉଦ୍ଦେଶ୍ୟରେ ବୁଧବାରଠାରୁ କେତେକ ଜିଲାରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ସହ ସଚେତନତା ରଥ ପରିକ୍ରମା କରୁଛି। ପୁରୀ ଜିଲାରେ ଏହି ସଂକଳ୍ପ ଯାତ୍ରାକୁ ଯେପରି ସଫଳ ଭାବେ ପରିଚାଳନା କରାଯିବ ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମର ତଦାରଖ ଲାଗି ଜିଲା ପାଇଁ ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେଣୁ ପ୍ରତ୍ୟେକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଜନସଚେତନତା ସୃଷ୍ଟି କରିବ ବୋଲି କହିଥିଲେ। ସଚେତନତା ରଥ ପ୍ରାୟ ୬୦ଦିନ ଧରି ଜିଲାର ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବ ବୋଲି ସେ କହିଥିଲେ। ଅତିଶୀଘ୍ର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ବୈଠକ ଆୟୋଜନ କରାଯାଇ କାର୍ଯ୍ୟକ୍ରମ ଓ ରୁଟ୍ ପ୍ଲାନ ଚୂଡ଼ାନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ମହାନ୍ତି, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପ୍ରକଳ୍ପ ପରିଚାଳକ ତୃପ୍ତିରାଣୀ ବଡ଼ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ବିଭାଗର ଜିଲା ଅଧିକାରୀ ବିଶ୍ୱନାଥ ପଣ୍ଡା ଏବଂ ଅନ୍ୟ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହେଶ୍ୱର ମହାନ୍ତିଙ୍କ ସ୍ମୃତିଚାରଣ

**ପୁରୀ,୧୫।୧୧(ଅଜିତ୍ ମହାନ୍ତି)**

ବିଧାନସଭାର ପୂର୍ବତନ ବାଚସ୍ପତି ତଥା ପୁରୀର ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କ ବିୟୋଗ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରସ୍ତାବ ଆଗତ କରାଯାଇଛି। ବୁଧବାର ପୁରୀ ସରକାରୀ ଓକିଲ ସଂଘ କାର୍ଯ୍ୟାଳୟରେ ସଂଘର ଆଜୀବନ ସଦସ୍ୟ ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଉନ୍ମୋଚନ କରାଯାଇଛି। ପୁରୀ ଜିଲା ଦୌରାଜଜ ଶିତିକଣ୍ଠ ସାମଲ, ସଂଘ ସଭାପତି ରାମଚନ୍ଦ୍ର ଦାଶ ଓ ପବ୍ଲିକ ପ୍ରୋସିକ୍ୟୁଟର ଶିବ ନାୟକ, ସଂଘର ପୂର୍ବତନ ସମ୍ପାଦକ ସାରଦା ସାମଲ, ଅଶୋକ ଦାସ ଓ ସମସ୍ତ ସରକାରୀ ଓକିଲ ଉପସ୍ଥିତ ଥିଲେ। ବରିଷ୍ଠ ସରକାରୀ ଓକିଲ ବିଜୟ ମିଶ୍ର, ନୀଳକଣ୍ଠ ନାୟକ, ରାଜଶେଖର ପାଢ଼ୀ, ପୁଳିନ ବିହାରୀ ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ବିଶ୍ୱନାଥ ଚିନ୍ନରା, କୈଳାସ ପାଣ୍ଡେ ଓ ଭଗବାନ ପଢ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗୋପିନାଥପୁରର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟରେ ପ୍ରତିଷ୍ଠାତା ସମ୍ପାଦକ ଗୁରୁ ଶତ୍ରୁଘ୍ନ ନାୟକଙ୍କ ପରିଚାଳନାରେ ସ୍ମୃତିସଭା ହୋଇଥିଲା। ରାମଚଣ୍ଡୀ ସୋସିଓ ୱେଲ୍‌ଫେୟାର କଲଚରାଲ ଅର୍ଗାନାଇଜେଶନ ପକ୍ଷରୁ ଅମଲା କ୍ଲବ୍‌ରେ ଶୋକସଭା ହୋଇଥିଲା। ଏଥିରେ ପ୍ରସନ୍ନ ମହାନ୍ତି, ସହଦେବ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ଅଞ୍ଜନ ସାମନ୍ତରାୟ, ରବି ଖଟେଇ, ନାରାୟଣ ନାୟକ, ଉପେନ୍ଦ୍ର ମହଲା, ଚିତ୍ତରଞ୍ଜନ ପଣ୍ଡା, ସୁବାସ ପତି, ଭୀମସେନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସମୀର୍ ଶତପଥି ସଭା ପରିଚାଳନା କରିଥିଲେ। ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ସଭାପତି ପୁଷ୍କର ମହାପାତ୍ରଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାସ, ଗୌରହରି ପ୍ରଧାନ, ଆଇନଜୀବୀ ବିଜୟ ମିଶ୍ର, ଶରତ ରଥ, ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଜଗନ୍ନାଥ ଦେଓ, ବିଦ୍ୟୁତଲତା ଆଚାର୍ଯ୍ୟ ଏବଂ ଅଭିମନ୍ୟୁ ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଭାଜପାରେ ମିଶିଲେ ବିଜେଡି କର୍ମୀ



ମିଶ୍ରଣ ପର୍ବରେ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର ଏବଂ ଅନ୍ୟମାନେ।

**ସାକ୍ଷୀଗୋପାଳ, ୧୫ ୧୧(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):** ସତ୍ୟବାଦୀ ବ୍ଲକ୍ ନରେନ୍ଦ୍ରପୁର ପଞ୍ଚାୟତ ବେଣାକେରା ଗ୍ରାମର କାଳୁ ମହାପାତ୍ରଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ ସତ୍ୟବାଦୀର ଭାଜପା ନେତା ଓମ୍ ପ୍ରକାଶ ମିଶ୍ର ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିବା ସହ ଆଗାମୀ ନିର୍ବାଚନରେ ଭାଜପାକୁ ଅଧିକ ଶକ୍ତି ମିଳିବ ବୋଲି କହିଥିଲେ। ଏହି ଅବସରରେ ୩୩ ନମ୍ବର ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଭାଜପା ନେତା ଦୀପକ ଶତପଥୀ, ଶଙ୍କର ପ୍ରଧାନ, ରଞ୍ଜନ ବରାଳ, ଜାନକୀ ବଲ୍ଲଭ ବରାଳ, ଶ୍ରୀଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡିସେମ୍ବର ୩ରୁ ଅଲ୍ ଓଡ଼ିଶା ବାରବାଟୀ କପ କ୍ରିକେଟ୍ ପ୍ରତିଯୋଗିତା

**ନିମାପଡ଼ା,୧୫।୧୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଐତିହାସିକ ବାରବାଟୀ ପଡ଼ିଆଠାରେ ଆସନ୍ତା ଡିସେମ୍ବର ୩ଠାରୁ ଅଲ୍ ଓଡ଼ିଶା ବାରବାଟୀ କପ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ପ୍ରତିଷ୍ଠିତ ୮ଟି ଖ୍ୟାତନାମା ଦଳ ଅଂଶଗ୍ରହଣ କରିବେ। ଏଥିରେ ବିଜେତା ଚାମ୍ପିୟନ ଦଳକୁ ସୋମନାଥ ଏଣ୍ଟରପ୍ରାଇଜସ୍ ପକ୍ଷରୁ ଚାମ୍ପିୟନ ଟ୍ରଫି ଓ ନଗଦ ୫୦ ହଜାର ଟଙ୍କା, ଉପବିଜେତା ରନର୍ସ ଅପ ଦଳକୁ ଫାଉଣ୍ଡେଶନ ପକ୍ଷରୁ ରନର୍ସ ଅପ ଟ୍ରଫି ଓ ନଗଦ ୩୦ ହଜାର ଟଙ୍କା ଓ କୃତୀ ଖେଳାଳିଙ୍କୁ ଓ ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ସିରିଜ୍ ବିବେଚିତ ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ଏନେଇ ଫାଉଣ୍ଡେଶନ ପକ୍ଷରୁ ନିମାପଡ଼ାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର କର୍ମକର୍ତ୍ତା ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ୱେତପଦ୍ମ ରାୟ ମହାପାତ୍ର, ଅୟଶକାନ୍ତ ମିଶ୍ର, ହିମାଂଶୁ ଶେଖର ମହାନ୍ତି, ମାତୃଦା ପ୍ରସାଦ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଏହି ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଓ ଉତ୍ସବ ଡିସେମ୍ବର ୩ରେ ଅନୁଷ୍ଠିତ ହେବା ସହ ଉଦ୍‌ଯାପନୀ ଉତ୍ସବ ଓ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଡିସେମ୍ବର ୧୦ରେ ହେବ ବୋଲି ଆୟୋଜକ କମିଟିର କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର କର୍ମକର୍ତ୍ତାଗଣ।

# କଂସେଇଖାନା ଉପରେ ପୋଲିସ ଚଢ଼ାଉ

**କାକଟପୁର,୧୫।୧୧(ଶୁଭଦର୍ଶନ ମିଶ୍ର):** କାକଟପୁର ବ୍ଲକ ଭଣ୍ଡାଘର ପଞ୍ଚାୟତ ରସୁଲପୁରରେ ବହୁ ବର୍ଷ ଧରି ଜଙ୍ଗଲ ଭିତରେ ଚାଲିଥିବା କଂସେଇଖାନା ଉପରେ କାକଟପୁର ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରିଛି। ଚଢ଼ାଉରେ ପୋଲିସ ଶତାଧିକ ଗାଈ ଏବଂ ବାଛୁରୀଙ୍କୁ ଉଦ୍ଧାର କରିଛି। ହେଲେ ଗୋଚାଲାଣକାରୀମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଖବରପାଇ ଗୋସୁରକ୍ଷା ସେବକମାନେ ସେଠାରେ ପହଞ୍ଚିଥିଲେ। ୧୮ଟି ବାଛୁରୀ ଉଦ୍ଧାର କରାଯାଇ କାକଟପୁର ଥାନା ପରିସରକୁ ଅଣାଯାଇଥିଲା। ଉଦ୍ଧାର ଗାଈ ବାଛୁରୀଙ୍କୁ ଖାଇବାକୁ ଦିଆଯାଇ ୨ଟି ଗାଡ଼ି ସାହାଯ୍ୟରେ କୋଳଥିଆ ଗୋ-ସେବା କେନ୍ଦ୍ର, ଭୁବନେଶ୍ୱରକୁ ପଠାଯାଇଛି। ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ଏଠାରେ ଅଚାନକ ଚଢ଼ାଉ କରିଥିଲେ।

# ୩ କଲେଜରେ ନୂତନ ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ସ୍ଥାପନ



ନିମାପଡ଼ା ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ବିଧାୟକ ସମୀର ରଞ୍ଜନ ଦାଶ ଶିଳାନ୍ୟାସ କରୁଛନ୍ତି।

**ନିମାପଡ଼ା,୧୫।୧୧(ବିଚିତ୍ରାନନ୍ଦ ସାହୁ)/ବଳଙ୍ଗା(କେଦାରେଶ୍ୱର ନନ୍ଦ)**

ନିମାପଡ଼ା ବ୍ଲକ ଅଧୀନ ନିମାପଡ଼ାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖେଲାର-କୁଆଁରପୁରସ୍ଥିତ ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବଳଙ୍ଗା କଲେଜ ସମେତ ୩ଟି କଲେଜରେ ବୁଧବାର ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନିମାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ୭୧ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ନିମାପଡ଼ା ଇନ୍ଦିରା ଗାନ୍ଧୀ ମହିଳା କଲେଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଖେଲାର ବାଣୀଶ୍ରୀ କଲେଜ ପାଇଁ ୬୮ ଲକ୍ଷ ୨୯ ହଜାର ଟଙ୍କା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବଳଙ୍ଗା କଲେଜ ପାଇଁ ୬୯ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ସମାରୋହରେ ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଲ ହେମ୍ବ୍ରମ୍, ସରକାରୀ ଯନ୍ତ୍ରୀ ଶକ୍ତି ବଡ଼ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନ୍‌ଗୋ, ନିମାପଡ଼ା ଇନ୍ଦିରା ଗାନ୍ଧୀ ମହିଳା କଲେଜ ଅଧକ୍ଷା ସୁଷମା ସୁନ୍ଦରୀ ରାୟ, ବାଣୀଶ୍ରୀ କଲେଜ ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ବଳଙ୍ଗା କଲେଜ ଅଧକ୍ଷ ପ୍ରଭାତ ସାହୁ, କଲେଜ ପରିଚାଳନା କମିଟି କର୍ମକର୍ତ୍ତା, ସ୍ଥାନୀୟ ଲୋକପ୍ରତିନିଧି ଯୋଗଦେଇ କଲେଜଗୁଡ଼ିକରେ ନୂତନ ଶ୍ରେଣୀଗୃହ ନିର୍ମାଣ ହେଲେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ, ଶିକ୍ଷାଦାନରେ ଆଉ ସମସ୍ୟା ଉପୁଜିବନି। ଛାତ୍ରୀଛାତ୍ର ଶିକ୍ଷାଦାନ କ୍ଷେତ୍ରରେ ବହୁଳ ଭାବେ ଉପକୃତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରତ୍ୟେକ କଲେଜଠାରେ ଆୟୋଜିତ ସମାରୋହରେ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ପରିଚାଳନା କମିଟି ପକ୍ଷରୁ ବିଧାୟକ ଦାଶଙ୍କୁ ଭବ୍ୟ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୋଟ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ୨ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩ଟି କଲେଜର ନୂତନ ଶ୍ରେଣୀଗୃହ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି।

# ୧୫ ଦଫା ଦାବିରେ ବିକ୍ଷୋଭ, ଶୋଭାଯାତ୍ରା

## ଉଦ୍‌ବୃତ୍ତ ଜଳ ନିଷ୍କାସନ, ମରୁଡ଼ି ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯାଉ

**ପୁରୀ,୧୫।୧୧(ଅଜିତ ମହାନ୍ତି)**

୧୫ଦଫା ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରେଳଷ୍ଟେଶନଠାରୁ ବିଶାଳ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲା। ଜିଲା କମିଟିର ସମ୍ପାଦକ କମ୍ରେଡ ସୁବାସ ବରାଳ, ବଟକୃଷ୍ଣ ସ୍ୱାଇଁ, ଦୀନବନ୍ଧୁ ପରିଡା ଓ ସୁବାସ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଶୋଭାଯାତ୍ରା ପହଞ୍ଚିବା ପରେ ସଭା ହୋଇଥିଲା। ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ରଘୁନାଥ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ସେହିପରି ଚାରିଦଶନ୍ଧି ଧରି ଲାଗିରହିଥିବା ଉଦ୍‌ବୃତ୍ତ ଜଳ ନିଷ୍କାସନ, ମରୁଡ଼ି, ମଦ ଓ ମାଦକ ଦ୍ରବ୍ୟର ବହୁଳ ପ୍ରସାର ଯୋଗୁ ଦେଖାଦେଉଥିବା ବିଭିନ୍ନ ସମସ୍ୟା ନେଇ ଆଲୋକପାତ କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜିଲା କମିଟିର ସମ୍ପାଦକ କମ୍ରେଡ ସୁବାସ ବରାଳଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ୧୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ, ରାଷ୍ଟ୍ରୀୟ ବ୍ୟବସାୟ ବାଣିଜ୍ୟ ପ୍ରଚଳନ, ଏମ୍‌ଏସ୍‌ପିକୁ ଆଇନ ମାନ୍ୟତା ପ୍ରଦାନ, ମଦ ଓ ମାଦକ ଦ୍ରବ୍ୟ ପ୍ରସାର ନିଷିଦ୍ଧ, ବିଦ୍ୟୁତ୍ ବିଲ୍-୨୦୨୨ ପ୍ରତ୍ୟାହାର, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବୃଦ୍ଧି, ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼, ପ୍ରତ୍ୟେକ ବ୍ଲକରେ ୩ଟି ଲେଖାଏ ସରକାରୀ ଉଦ୍ୟୋଗରେ ଶୀତଳଭଣ୍ଡାର ନିର୍ମାଣ, ସମସ୍ତ ସ୍କୁଲରେ ସ୍ଥାୟୀ ଭିତ୍ତିରେ ଶିକ୍ଷକ ନିଯୁକ୍ତି, ଭାଗଚାଷୀଙ୍କୁ ସରକାରୀ ମଣ୍ଡିରେ ଧାନ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ ଆଇନ ପ୍ରଣୟନ, ସାର, ବିହନ, କୀଟନାଶକ ଏବଂ କୃଷି ଉପକରଣ କ୍ଷେତ୍ରରେ ୭୫ ଶତାଂଶ ସବ୍‌ସିଡ୍ ଚାଷୀଙ୍କୁ ଦେବାକୁ ଦାବି କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................

ମିଷ୍ଟି ପରିବାରବର୍ଗ | ଆୟାନ ପରିବାରବର୍ଗ | ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM Duration : 3 Year, Eligibility : +2 Pass (Any Stream) 40% Mark
ANM Duration : 2 Year, Eligibility : +2 Pass (Any Stream)
DMRT DMLT Duration : 2 Year, Eligibility : +2 Science
CBCA Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପିଜା ଖାଇବାକୁ ବିଦେଶ ଯାତ୍ରା



**ଲଣ୍ଡନ:** ଆମେ ସାଧାରଣତଃ ଆମ ପସନ୍ଦର ଖାଦ୍ୟ ଖାଇବାକୁ ବାହାରକୁ ଯାଇଥାଉ କିମ୍ବା କେଉଁଠାରୁ ଅର୍ଡର କରିଥାଉ। ହେଲେ ନିକଟରେ ଜଣେ ଯୁବକ ପିଜା ଖାଇବା ଏବଂ ସ୍ପା କରିବାକୁ ଅନ୍ୟ ଦେଶକୁ ଯାଇଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ବ୍ରିଟେନର ଜଣେ ବାସିନ୍ଦା ସ୍ପା ଏବଂ ପିଜା ଖାଇବାକୁ ଇଟାଲିର ମିଲାନ ପାଇଁ ବିମାନ ଟିକେଟ ବୁକ୍ କରିଥିଲେ। ସେ ସକାଳୁ ମିଲାନରେ ପହଞ୍ଚି ମଜାମସ୍ତି କରି ସନ୍ଧ୍ୟାରେ ପୁଣି ବ୍ରିଟେନ ଫେରଥିଲେ। ଯୁବକ ଜଣଙ୍କ ନିଜେ ସୋସିଆଲ ମିଡିଆରେ ଏ ବିଷୟରେ ଶେୟାର କରିଛନ୍ତି। ସେ ୨୭ ପାଉଣ୍ଡ ଅର୍ଥାତ୍ ୨୭୯୬ରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ବିମାନ ଟିକେଟ ବୁକ୍ କରି ମିଲାନ ସହରରେ ପହଞ୍ଚିଥିଲେ। ସେଠାରେ ସେ ସ୍ପା କରି ଆରାମ କଲେ। ଏହାପରେ ସେ ସେଠାକାର ପ୍ରସିଦ୍ଧ ଇଟାଲିଆନ ଖାଦ୍ୟ ସବୁକୁ ମଧ୍ୟ ଖାଇଥିଲେ। ସେଥିମଧ୍ୟରେ ପିଜା, ଆଇସ୍‌କ୍ରିମ ମଧ୍ୟ ସାମିଲ ଅଛି। ଏହାପରେ ସେ ସନ୍ଧ୍ୟା ବେଳକୁ ପୁଣି ବ୍ରିଟେନ ଫେରି ଆସିଥିଲେ। ତେବେ ତାଙ୍କର ଏହି ପୋଷ୍ଟରେ ଲୋକେ ତାଙ୍କୁ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି।


### ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା

ଭବ୍ୟାଶ୍ରୀ ଜେନା (ମିଷ୍ଟି)
ଗ୍ରାମ- କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମିଷ୍ଟି ଦେଲେ ହସି ମୋତି ପଡ଼େ ଖସି, ଲାଗେ ସେ ସରଗଶଶୀ
ଝିଅ ରୂପେ ଆସି ବୁଣିଦେଲା ଖୁସି, ହସିଲା ସଂସାର ବେଶି।
ଭବ୍ୟାଶ୍ରୀ (ମିଷ୍ଟି)ର ପ୍ରଥମ ଏଥର, ଶୁଭ ଜନ୍ମଦିନ ତା'ର
କାଳିଆ ଠାକୁର କୁସୁମିତ କର, ଚଲାପଥ ଭବ୍ୟାଶ୍ରୀର।
ଶୁଭେଚ୍ଛା ସହ- ପରିବାରବର୍ଗ।
ଧ-୧୭୯୬

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା

ଆୟାନ ପ୍ରଧାନ
ଗ୍ରାମ - ଲୁତୁରପଙ୍କ, ବୀରମହାରାଜପୁର, ଜିଲ୍ଲା- ସୁବର୍ଣ୍ଣପୁର
-:ଶୁଭେଚ୍ଛା ସହ:-
ମାତା- ସସ୍ମିତା ବେହେରା, ପିତା- ସୁଶୀଳ କୁମାର ପ୍ରଧାନ, ରାକ୍ଷୀ, ବନ୍ଧନ, ପିଣ୍ଟୁ, ପପୁ, ପୂଜା, ସୋନାଲି, ଶକ୍ତି, ଅଜା, ଆଈ, ବଡ଼ବାପା, ବଡ଼ମା, ମାମୁ, ମାଈଁ।
ଧ-୧୮୦୦


# ସନ୍ତାନ ପାଇଁ ସୈଫଙ୍କୁ ବିବାହ କରିଛନ୍ତି କରୀନା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରୀନା କପୁର ଏବଂ ଅଭିନେତା ସୈଫ ଅଲି ଖାନ ୨୦୧୨ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହ ପୂର୍ବରୁ ଦୁହେଁ ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ଲିଭ ଇନ୍‌ରେ ରହୁଥିଲେ। ଏଥିରେ ଉଭୟଙ୍କ କୌଣସି ଅସୁବିଧା ନ ଥିଲା। ତଥାପି ଏହାପରେ ଦୁହେଁ କାହିଁକି ବିବାହ କଲେ ସେନେଇ କରୀନା ନିକଟରେ ଏକ ସାକ୍ଷାତ୍କାରରେ କହିଛନ୍ତି। କରୀନା ଏକ ସନ୍ତାନ ଚାହୁଁଥିଲେ, ଯେଉଁଥିପାଇଁ ସୈଫଙ୍କୁ ବିବାହ କରିଥିବା କହିଛନ୍ତି। ସେ କହିଛନ୍ତି, ସୈଫ ଏବଂ ସେ ପ୍ରାୟ ୫ ବର୍ଷ ଲିଭ୍ ଇନ୍ ରିଲେଶନଶିପ୍‌ରେ ଥିଲେ। ପରେ ସେମାନେ ଏକ ସନ୍ତାନ ଚାହୁଁଥିଲେ। ସେଥିପାଇଁ ସେମାନେ ପରବର୍ତ୍ତୀ ପଦକ୍ଷେପ ନେଲେ। ସନ୍ତାନ ପାଇଁ ସେ ବିବାହ କରିଛନ୍ତି, ନଚେତ୍ ଲୋକେ କେବଳ ଏକାଠି ବଞ୍ଚିପାରିବେ ବୋଲି କରୀନା କହିଛନ୍ତି। ତାଙ୍କ ପାଖରେ ଏବେ ସ୍ୱାମୀ, ପିଲା ଅଛନ୍ତି। ସେ ସେମାନଙ୍କ ସହିତ ସମୟ ବିତାଇବାକୁ ଚାହାନ୍ତି। କରୀନା ଅଧିକାଂଶ ପାର୍ଟିରେ ମଧ୍ୟ ଯୋଗ ଦିଅନ୍ତିନି। ପାର୍ଟିରେ ଯୋଗ ଦେବା, ଅଧିକ ବନ୍ଧୁତା କରିବା, ସୋସିଆଲାଇଜ୍ ହେବାକୁ ସେ ପସନ୍ଦ କରନ୍ତିନି ବୋଲି କହିଛନ୍ତି। କରୀନା ୨୦୦୦ ମସିହାରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦର୍ଶକଙ୍କୁ ତାଙ୍କର ଅନେକ ହିଟ୍ ଚଳଚ୍ଚିତ୍ର ଭେଟି ସ୍ୱରୂପ ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଦି ବକିଂଘମ୍ ମର୍ଡର୍ସ'ରେ ଦେଖିବାକୁ ମିଳିଥିଲା।

# ସମାଧାନର ପଥକୁ ସହଜ କରେ ସହନଶୀଳତା



## ଅନ୍ତର୍ଜାତୀୟ ସହନଶୀଳତା ଦିବସ

ସମାଜରେ ସହନଶୀଳତାର ମୂଲ୍ୟ ବିଷୟରେ ସଚେତନତା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଏ। ଏହି ଦିନର ଉଦ୍ଦେଶ୍ୟ ହେଉଛି ଏକ ଅସହିଷ୍ଣୁ ସଂସ୍କୃତିର ନକାରାତ୍ମକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହି ବାର୍ତ୍ତାକୁ ସମ୍ପ୍ରସାରଣ କରିବା।

ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ସମନ୍ୱୟ ସୃଷ୍ଟି ହୁଏ। ଅସହିଷ୍ଣୁତା ପୃଥିବୀ ପାଇଁ ବିପଦ ସୃଷ୍ଟି କରେ। ତେଣୁ ପୃଥିବୀରେ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିବା ଲାଗି ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି। ଅସହିଷ୍ଣୁତାର ବିପଦ ବିଷୟରେ ସଚେତନତା ସୃଷ୍ଟି ଲାଗି ୟୁନେସ୍କୋ ପକ୍ଷରୁ ୧୯୯୫ରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ୟୁନେସ୍କୋ ଅନୁଯାୟୀ, ସହନଶୀଳତା ହେଉଛି ଆମର ବିଶ୍ୱର ବିବିଧ ସଂସ୍କୃତିର ସମୃଦ୍ଧିର ଏକ ରୂପ। ଆମର ଅଭିବ୍ୟକ୍ତିର ସ୍ୱରୂପ ଏବଂ ଆମେ ମାନବ ପରସ୍ପରକୁ ସମ୍ମାନ ଦେବା, ବିବିଧତାକୁ ଗ୍ରହଣ କରିବା ସହ ପ୍ରଶଂସା କରିବା।

ତେବେ ପ୍ରତିବର୍ଷ ଏହି ଦିବସ ଅବସରରେ ସମ୍ମିଳନୀ ଏବଂ ଉତ୍ସବର ଆୟୋଜନ କରାଯାଇଥାଏ। ଶାନ୍ତି, ସହନଶୀଳତା, ମିଥ୍ୟା ଖବର, ଅନ୍‌ଲାଇନ ସୁରକ୍ଷା ଏବଂ ଘୃଣା ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇ ଏହାର ନିରାକରଣ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସହନଶୀଳତାକୁ ଏକ ଉତ୍ତମ ଗୁଣ ଭାବେ ବିବେଚନା କରାଯାଏ। କାରଣ ଏହା ଭଲ ଜିନିଷଗୁଡ଼ିକୁ ଗ୍ରହଣ କରିବା ବିଷୟରେ ଚିନ୍ତା କରେ। ସହନଶୀଳତା ଦ୍ୱାରା ବିବାଦୀୟ ପ୍ରସଙ୍ଗର ସହଜ ସମାଧାନର ପଥ ସୃଷ୍ଟି ହୋଇଥାଏ। ତେଣୁ ଏହି ଦିବସରେ ସଭିଏଁ ସଚେତନ ହେଲେ ମନରୁ ଅସହିଷ୍ଣୁତା ଦୂର ହୋଇ ସହନଶୀଳ ମନୋଭାବର ପରିପ୍ରକାଶ ସହଜ ହୁଏ ବୋଲି ୟୁନେସ୍କୋ ପକ୍ଷରୁ ସୂଚିତ କରାଯାଇଥାଏ।

ଏହିଦିନ ଅସହିଷ୍ଣୁତାକୁ ଦୂର କରିବାରେ ସାହାଯ୍ୟ କରେ ଏବଂ ଲୋକଙ୍କୁ ପରସ୍ପର ପ୍ରତି କିପରି ସହନଶୀଳ ହେବା ସେନେଇ ଶିକ୍ଷା ପ୍ରଦାନ କରେ।


Classified Everyday
0674-2580101, 2549949

REAL ESTATE

SALE

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି । 7978676652.
D-75266

ପିପିଲିରୁ ଜଟଣୀ ରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290.
D-75267

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – 9437205314, 9937513595.
D-75265

House for sale Sector-3, near water tank Plot No.- S3-136+139, Niladrivihar, Chandrasekharpur, Bhubaneswar. Contact- 9437229575.
D- 1788

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.
D-75264

Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି – 9937417899.
D-75256

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/-ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894.
D-75260

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701.
D-75263

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି । 9438315973 / 9938066403.
D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303.
D-1656

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956.
D-1755

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100 ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716.
D-75262

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279.
D-75268

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। 9827119799.
D-1758

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Healthcare

Asribada Panchakarma herbal SPA Kesharimall, Bhubaneswar. Contact: 8926173473.
D-75057

Newly healthcare benefited SPA experience therapist in Bhubaneswar. Contact: 9938843929.
D-75167

Relax, Refresh your body, Mind at Saikrupa Spa with best therapies. 8984068077.
D-1696

AFFIDAVIT

By virtue of an affidavit sworn before Executive Magistrate, Talcher, I, Puspita Sahoo solemnly declared that, my name has changed from Puspita Pandab Sahoo to Puspita Sahoo. Puspita Sahoo and Puspita Pandab Sahoo is same and one person. Heneceforth, I shall be known as Puspita Sahoo, W/o Pandab Sahoo, Vill./ P.O.-Santhapada, P.S.- Talcher, Dist.- Angul for all purposes.
D-75405

I, Priyadarshani Sahu, W/o-Tapas Kumar Sahu, resident of Koelnagar, P.O.- Shaktinagar, P.S.- Jhirpani, Rourkela, Dist. - Sundargarh, Pin- 769014, Odisha declare by affidavit No. 628/2023, dtd 15.11.2023, that now onwards I shall be known as Priyadarshani Nayak for all future purposes.
D-1798

LOST

ମୁଁ ଶ୍ରୀମତୀ ଉପାଡ଼ା ଚିନ୍ନାଆମ୍ମାଲୁ, ସ୍ୱାମୀ- ଉପାଡ଼ା ବିର ସ୍ୱାମୀ, ଗ୍ରାମ- ବିଷମକଟକ, ଥାନା- ବିଷମକଟକ, ଜିଲ୍ଲା- ରାୟଗଡ଼ା, ଫୋନ୍ ନମ୍ବର- ୭୦୦୮୯୬୯୬୬୦, ତାରିଖ- ୧୪।୧୧।୨୩ ଦିନ ସକାଳ ୧୦.୩୦ରୁ ୧୧ଟା ସମୟରେ ବିଷମକଟକ ବାସଭବନରୁ ଷ୍ଟେଟ୍ ବ୍ୟାଙ୍କ ଯିବା ରାସ୍ତାରେ ମୋର ଘର ପଟ୍ଟା ହଜିଗଲା। ମୋର ଘର ପଟ୍ଟାର ପ୍ଲଟ୍ ନମ୍ବର ୧୩୫/୨/୮୪୭, ଖାତା ନମ୍ବର ୬୭/୫୦୦ କେଉଁ ସ୍ଥାନରେ ହଜିଗଲା। ମୁଁ ବହୁତ ଖୋଜାଖୋଜି କଲାପରେ ମଧ୍ୟ ମିଳିଲା ନାହିଁ। ଏନେଇ ବିଷମକଟକ ଥାନାରେ ଏତଲା ଦିଆଯାଇଛି। କେସ୍ ନମ୍ବର ୦୦୮ ତାରିଖ ୧୪।୧୧।୨୦୨୩। ମୁଁ ବ୍ୟାଙ୍କରେ ଲୋନ୍ ପାଇଁ ଚେଷ୍ଟା କରୁଛି। ଯଦି କାହାରିକୁ ଏହି ଘରୋଇ ପଟ୍ଟା ମିଳେ ତା'ହେଲେ ଦୟାକରି ଉକ୍ତ ଠିକଣାରେ ଫେରସ୍ତ କରିବାକୁ ଅନୁରୋଧ। ଧ-୧୮୦୧

By virtue of affidavit sworn before the Notary Public, G.Udayagiri we here by declare that the original ROR of Kishore Chandra Padhi, S/o Aadi Kanda Padhi, Khata No.- 22 and the ROR of Basanta Kumar Dakua, S/o Late Trinath Dakua, Khata No. 174/32 of Chhatijhar Mouza under Tikabali Tahasil has been lost some where and despite our best effort we are unable to trace the original ROR, if anybody will use that ROR that will be infractus.
Sd./- Ajit Kumar Majhi, Rachayita Swain
D-1799

Your classified advertisement published in Dharitri will be listed free in Dharitri online edition: dharitriepaper.in

ମନେ ପଡ଼ନ୍ତି

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ
ଏ ଦିବାକର ରଥ
୨୬୭/୩୩୫୫, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ- ୦୩।୦୬।୧୯୨୬
ତିରୋଧାନ- ୨୧।୧୦।୨୦୦୯
ପୂଜନୀୟ ନନା, ଆଜି ଆପଣଙ୍କର ଚତୁର୍ଦ୍ଦଶତମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ପ୍ରତି ଅତୁଟ ରହିଥାଉ।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୭୯୫

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

See Career Appointment on every Wednesday & Saturday


# ମାଛ ଧରି କୋଟିପତି



**ଇସଲାମାବାଦ:** ପାକିସ୍ତାନର କରାଚି ସହରରେ କିଛି ମତ୍ସ୍ୟଜୀବୀ ଔଷଧୀୟ ଗୁଣଯୁକ୍ତ ମାଛ ନିଲାମ କରି ରାତାରାତି କୋଟିପତି ହୋଇଛନ୍ତି। ଇବ୍ରାହିମ୍ ହୈଦରୀ ଗ୍ରାମନିବାସୀ ହାଜି ବଲୋଚ ଓ ତାଙ୍କ ଦଳ ଆରବ ସାଗରରୁ ଗୋଲ୍ଡେନ୍ ଫିସ୍ ଅର୍ଥାତ ସେଠିକାର ଆଞ୍ଚଳିକ ଭାଷାରେ କୁହାଯାଉଥିବା 'ସୋୱା' ମାଛ ଧରି କୋଟିପତି ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ କରାଚି ବନ୍ଦରରେ କିଛି ମତ୍ସ୍ୟଜୀବୀ ଏହି ମାଛକୁ ୭ କୋଟି ଟଙ୍କାରେ ନିଲାମ କରିଛନ୍ତି। ସୂଚନାଯୋଗ୍ୟ, 'ସୋୱା' ମାଛ ହେଉଛି ଦୁର୍ଲଭ ମାଛ ମଧ୍ୟରୁ ଅନ୍ୟତମ। କାରଣ ଏହି ମାଛ ପେଟରୁ ମିଳୁଥିବା ପଦାର୍ଥକୁ ଜଟିଳ ଉପଚାର କ୍ଷେତ୍ରରେ ପ୍ରୟୋଗ କରାଯାଇଥାଏ। ମାଛରୁ ମିଳୁଥିବା ସୂତା ଭଳି ପଦାର୍ଥକୁ ଶଲ୍ୟ ଚିକିତ୍ସା (ସର୍ଜରୀ) କ୍ଷେତ୍ରରେ ବି ପ୍ରୟୋଗ କରାଯାଇଥାଏ। ମୁଖ୍ୟତଃ ୨୦ରୁ ୪୦ ଗ୍ରାମ ଓଜନ ତଥା ୧.୫ ମିଟର ଲମ୍ବା ବିଶିଷ୍ଟ ଏହି ମାଛର ଚାହିଦା ପୂର୍ବ ଏସୀୟ ଦେଶଗୁଡ଼ିକରେ ଖୁବ୍ ଅଧିକ। ବଲୋଚ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଆମେ ସମୁଦ୍ରରୁ ମାଛ ଧରିବା ସମୟରେ ଏହି ମାଛ ଆମକୁ ମିଳିବା ବାସ୍ତବିକ ଅପ୍ରତ୍ୟାଶିତ। ଏହି ମାଛ ନିଲାମୀରୁ ମିଳିଥିବା ଅର୍ଥକୁ ତାଙ୍କ ଦଳରେ ଥିବା ସଦସ୍ୟଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବେ ବୋଲି ସେ କହିଛନ୍ତି। ତେବେ 'ସୋୱା' ମାଛ ସାଧାରଣତଃ ପ୍ରଜନନ ସମୟରେ ସମୁଦ୍ରକୂଳ ନିକଟକୁ ଆସିଥାନ୍ତି।

# ବାଲେଶ୍ୱରର ଅଜମତ ଜିତିଲେ ୨୫ ଲକ୍ଷ

- କୌନ ବନେଗା କରୋଡ଼୍‌ପତି ଦେଲା ଭିନ୍ନ ପରିଚୟ
- ଅମିତାଭଙ୍କ ୧୩ ପ୍ରଶ୍ନର ଉତ୍ତର ଦେଲେ

ରୂପସା, ୧୫।୧୧ (ବାଞ୍ଛାନିଧି ଦେ)

ସୋନି ଟିଭିରେ ପ୍ରସାରିତ ରିଏଲିଟି ଶୋ କୌନ ବନେଗା କରୋଡ଼୍‌ପତି (କେବିକେ) କାର୍ଯ୍ୟକ୍ରମରେ ଭାଗ ନେଇ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛନ୍ତି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ରାଇସୁଆଁ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାରପୁର ଗ୍ରାମର ସେଖ ଅଜମତ (୩୮)।

ଗତ ସେପ୍ଟେମ୍ବର ମାସ ୨୯ରେ ସେ ଏହି କାର୍ଯ୍ୟକ୍ରମରେ ଭାଗନେଇ ବିଗ୍ ବି ଅମିତାଭ ବଚ୍ଚନଙ୍କ ୧୩ଟି ପ୍ରଶ୍ନର ଠିକ୍ ଉତ୍ତର ଦେବାରେ ସମର୍ଥ ହୋଇଥିଲେ। ନଭେମ୍ବର ୧୩ରେ ଏହା ଟେଲିଭିଜନରେ ପ୍ରସାରିତ ହେବା ପରେ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଅଜମତଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ପରିବାର ଲୋକେ କେକ୍ କାଟି ବେଶ୍ ଖୁସି ମନାଇଛନ୍ତି।

ସେଖ ଅଜମତ ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଦୀର୍ଘ ଦିନରୁ ପ୍ରୟାସ କରି ଆସୁଥିଲେ। ଗତ ସେପ୍ଟେମ୍ବର




କେବିକେ ବିଜେତା ଶେଖ ଅଜମତ।

ମାସରେ ତାଙ୍କ ପାଖକୁ ଚ୍ୟାନେଲ ପକ୍ଷରୁ ଫୋନ ଆସିଥିଲା। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସମ୍ମୁଖରେ ହଟସିଟ୍‌ରେ ବସିବା ପାଇଁ ସୌଭାଗ୍ୟ ଅର୍ଜନ କରିଥିଲେ। ତାଙ୍କର ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦେବା ପାଇଁ ପ୍ରୟାସ କରିଥିଲେ। ଅଜମତ ଜଣେ ଗରିବ ପରିବାରର ହୋଇଥିବାରୁ ଗାଁ ପିଲାମାନଙ୍କୁ ଟ୍ୟୁଶନ କରି ପରିବାର ପ୍ରତିପୋଷଣ କରୁଥିଲେ। ସେଖ ସାର ନାମରେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଟ୍ୟୁଶନ ସମୟ ପରେ ତାଙ୍କର ଗାଁ ଛକରେ ଥିବା ଏକ ଗ୍ରୋସେରି ଦୋକାନରେ ବ୍ୟବସାୟ କରିଥାନ୍ତି। ଅଜମତ ଏହି ପୁରସ୍କାର ଜିତି ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ବାପା, ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି।

# ବ୍ୟସ୍ତ ଅଛନ୍ତି ସୋନମ



ସୋନମ

ସୋନମ କପୁର ଏବେ ନିଜକୁ ଗୋଟିଏ କାମରେ ନିୟୋଜିତ ରଖିଛନ୍ତି। ଅଭିନୟ ବ୍ୟତୀତ ଆଉ ଏକ ବିଷୟର ପ୍ରସାର ପାଇଁ ସେ ମାଇଣ୍ଡ ମେକ୍‌ଅପ୍ କରିଛନ୍ତି। ତାହା କ'ଣ ଜାଣିବେନି ? କଥା କ'ଣ କି ବିବାହ ପରେ ସେ ଏବେ ଫିଟ୍‌ନେସ ଟିପ୍ସ ବାଣ୍ଟୁଛନ୍ତି। ନିକଟରେ ତାଙ୍କର ସାଙ୍ଗମାନଙ୍କୁ ଏକ ଟି' ପାର୍ଟି ପାଇଁ ନିମନ୍ତ୍ରଣ କରିଥିଲେ। ସେଠାରେ ଚା' ପିଆ ତ ହେଲା, ତା'ସହ ନିଜକୁ କିପରି ଫିଟ୍ ରଖିବ ସେ ନେଇ ସୋନମ ଟିପ୍ସ ଦେବାକୁ ଭୁଲି ନ ଥିଲେ। ଏ ନେଇ ସେ କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ଼ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।'

# କେବଳ ଅଭିନୟ

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ତାଙ୍କର 'ଏବେ ନୁହେଁ' ଉତ୍ତରକୁ ନେଇ ବଲିଉଡ୍‌ରେ ଆଲୋଚନା ଜୋର୍ ଧରିଛି। ଏବେ କୁଆଡ଼େ ସେ ଘର ସଂସାର କରିବା ଚକ୍କରରେ ନାହାନ୍ତି। ପୁଣି ଏ ନେଇ ପରିବାରକୁ ମଧ୍ୟ ଜଣାଇ ଦେଇଛନ୍ତି। କାରଣ ବର୍ତ୍ତମାନ ସେ ମ୍ୟାରେଜ ଅପେକ୍ଷା ଆକ୍ଟିଂକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, ''ବର୍ତ୍ତମାନ ମୁଁ ଘର ସଂସାର କରିବା କଥା ଆଦୌ ଚିନ୍ତା କରିନାହିଁ। କାରଣ ଏବେ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଉଛି। ସିନେମାଟିଏ ସାଇନ୍ କରିବା ପୂର୍ବରୁ ଆଦୌ ତରବର ହେଉନାହିଁ। ତାହାର କାହାଣୀ, ସେଥିରେ ମୋତେ ମିଳିଥିବା ଭୂମିକା ବିଷୟରେ ଗଭୀର ଭାବରେ ତର୍ଜମା କରୁଛି। ସବୁଠାରୁ ଖାସ୍ କଥା ହେଲା, ମୋତେ ମିଳୁଥିବା ପ୍ରତିଟି ସିନେମା ବିଷୟରେ ବିଶଦ ଭାବରେ ମୁଁ ପାପା (ଚଙ୍କି ପାଣ୍ଡେ)ଙ୍କ ସହ ଆଲୋଚନା କରିଥାଏ।'' ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର-୨'ରୁ। ଏହା ପରେ ସେ 'ପତି ପତ୍ନୀ ଔର ଓ', 'ଖାଲି ପିଲି', 'ଗେହେରିୟାଁ' ଏବଂ 'ଲାଇଗର' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି।



ଅନନ୍ୟା

## ଛୋଟ ପରଦା

# ସନ୍ଧ୍ୟା ରାଗିଣୀ

ଅନ୍ୟତମ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ଏବେ ପ୍ରସାରିତ ହେଉଛି ଏକ ଭିନ୍ନ ସ୍ୱାଦର ମେଗା ଧାରାବାହିକ 'ସନ୍ଧ୍ୟା ରାଗିଣୀ'। ଗତ ମାସ ୨ରୁ ଏହାର ପ୍ରସାରଣ ଆରମ୍ଭ ହୋଇଛି ଏବଂ ସ୍ୱଳ୍ପ ସମୟ ଭିତରେ ଧାରାବାହିକଟି ଦର୍ଶକଙ୍କ ମନକୁ ଛୁଇଁବାରେ ସକ୍ଷମ ହୋଇଛି। ସମ୍ପୂର୍ଣ୍ଣ ଓଡ଼ିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ଏହାକୁ ନିର୍ମାଣ କରିଛନ୍ତି ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ। ଏହାର କାହାଣୀ ଅନୁସାରେ ଓଡ଼ିଶାର ଏକ ଛୋଟ ଗାଁରେ ରହନ୍ତି ଦୁଇ ଭଉଣୀ ଯଶୋଦା ଓ ଦେବକୀ। ଏକ ଭୁଲ୍ ବୁଝାମଣା ପାଇଁ ଦୁହେଁ ଅଲଗା ହୋଇଯାଇଥିଲେ। ଇତି ମଧ୍ୟରେ ବହୁତ ବର୍ଷ ବିତିଯାଇଛି। ଗୋଟେ ପଟେ ଲଣ୍ଡନରେ ପାଠ ପଢ଼ିଥିବା ଆଧୁନିକ ତଥା ସ୍ୱାଧୀନ ଚିନ୍ତାଧାରା ରଖୁଥିବା ଦେବକୀର ଝିଅ ରାଗିଣୀ। ଆଉ ଅନ୍ୟ ପଟେ ପାରମ୍ପରିକ ଚଳଣି ସହ ଘରର ସମ୍ମାନ ରଖୁଥିବା ଯଶୋଦାର ଝିଅ ସନ୍ଧ୍ୟା ଏବଂ ତା' ସ୍ୱପ୍ନ ଭାରତ ପାଇଁ ହକି ଖେଳିବାକୁ। ଦେବକୀର ମୃତ୍ୟୁ ପରେ ଯଶୋଦା ରାଗିଣୀକୁ ନିଜ ସାଙ୍ଗରେ ଘରକୁ ନେଇଆସିଛି। ଯେଉଁଠି ସିଦ୍ଧାନ୍ତ ଓ ନୈତିକତା ସୀମା ରେଖା ବାହାରେ କିଛି ବି ସମ୍ଭବ ନୁହଁ ସେଠାରେ ଆଧୁନିକ ଚିନ୍ତାଧାରା ରଖୁଥିବା ଝିଅ କ'ଣ ଚୌଧୁରୀ ପରିବାରରେ ନିଜକୁ ଖା । ପ ଖୁ ଆ ଇ ଚଳିପାରିବ ? ଯଶୋଦା ଦୁଇ ଝିଅ ସନ୍ଧ୍ୟା ଓ ରାଗିଣୀଙ୍କ ସ୍ୱପ୍ନ ପୂରା କରିବାକୁ ସେମାନେ କେଉଁ ପରିସ୍ଥିତିର ସାମନା କରୁଛନ୍ତି ତାହା ଏଥିରେ ଦେଖିବାକୁ ମିଳିବ ? ଉକ୍ତ ଧାରାବାହିକର ମୁଖ୍ୟ ଚରିତ୍ରରେ ଅଛନ୍ତି ନିତୁ ମିଶ୍ର, ହିତେଶା, ପ୍ରିୟଙ୍କା, ଦୀପ୍ତିରେଖା, ଜ୍ୟୋତି ଓ କେକେ। 'ଜୀ-ସାର୍ଥକ ଚ୍ୟାନେଲ ସଦା ସର୍ବଦା ଓ ମହିଳାମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହିତ ଓଡ଼ିଆ ଘରର କାହାଣୀକୁ ନେଇ ରାଜ୍ୟର ଦର୍ଶକଙ୍କ ମନୋରଞ୍ଜନ କରିଆସିଛି। ଏଥିପାଇଁ ଆପଣମାନେ ଏହି ଚ୍ୟାନେଲକୁ ସବୁବେଳେ ଏକ ନମ୍ବର ଚ୍ୟାନେଲ କରି ରଖିଛନ୍ତି । ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ନୂଆ ନୂଆ ଅପ୍ରତ୍ୟାଶିତ ମୋଡ଼ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲଲାଗିବା ବୋଲି କହନ୍ତି ଜୀ-ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।



# ଓଡ଼ିଆ ସିନେମାରେ ଆବଶ୍ୟକ ସମନ୍ୱୟ

''ଏବେ ଆମ ସିନେମା ଜଗତରେ ଘଟିଥିବା ଏକ ସଦ୍ୟତମ ଘଟଣା ଚାରିଆଡ଼େ ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇଛି। ଆରୋପ-ପ୍ରତ୍ୟାରୋପ ଭିତରେ ଏହା ଏଭଳି ଜଟିଳ ହୋଇଯାଇଛି ଯେ ତାହାର ଆଶୁ ସମାଧାନର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ଘର କଳି ଆଜି ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲା ପରି ହେଲାଣି। ଯଦି ଏ ନେଇ ଅଯଥା କଥା କହି ଘଟଣାଟିକୁ ଆହୁରି ଜଟିଳ କରିଦିଆଯାଏ, ତେବେ ସିନେମା ଜଗତ ପ୍ରଦୂଷିତ ହେବ ହିଁ ହେବ। ଇଣ୍ଡଷ୍ଟ୍ରିରେ ସମନ୍ୱୟର ଅଭାବ ଦେଖାଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ''

ଓଡ଼ିଆ ସିନେମା ୮୭ ବର୍ଷରେ ପହଞ୍ଚିଲାଣି। ଅଥଚ ବର୍ତ୍ତମାନ ଏହି ଇଣ୍ଡଷ୍ଟ୍ରି ଏକ ଜଟିଳ ସମୟ ଦେଇ ଗତି କରୁଛି। ଏହାର ଅତୀତ ବେଶ୍ ରୁଦ୍ଧିମନ୍ତ। ନିଜ ନିଜ ଭିତରେ ସମନ୍ୱୟ ରଖି ଆଗେଇଲେ ଓଡ଼ିଆ ଫିଲ୍ମର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ। ଏବେ ଆମ ସିନେମା ଜଗତରେ ଘଟିଥିବା ଏକ ସଦ୍ୟତମ ଘଟଣା ଚାରିଆଡ଼େ ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇଛି। ଆରୋପ-ପ୍ରତ୍ୟାରୋପ ଭିତରେ ଏହା ଏଭଳି ଜଟିଳ ହୋଇଯାଇଛି ଯେ ତାହାର ଆଶୁ ସମାଧାନର ଆବଶ୍ୟକତା ଜରୁରୀ ହୋଇପଡିଛି। ଘରକଳି ଆଜି ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲା ପରି ହେଲାଣି। ଯଦି ଏ ନେଇ ଅଯଥା କଥା କହି ଘଟଣାଟିକୁ ଆହୁରି ଜଟିଳ କରିଦିଆଯାଏ, ତେବେ ସିନେମା ଜଗତ ପ୍ରଦୂଷିତ ହେବ ହିଁ ହେବ। ଇଣ୍ଡଷ୍ଟ୍ରିରେ ସମନ୍ୱୟର ଅଭାବ ଦେଖାଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହି ସମୟରେ ଆଞ୍ଚଳିକ କଥାକୁ ଏଥିରେ ଯୋଡ଼ାଯାଇଛି। ଓଡ଼ିଆ ସିନେମା ଦୁନିଆରେ ଏଭଳି କଥା ଆଦୌ ଗ୍ରହଣୀୟ ନୁହେଁ। ଓଡ଼ିଆ ସିନେମାକୁ ଆହୁରି ଆଗକୁ ଆଗେଇ ନେବା ପାଇଁ ଆମ ରାଜ୍ୟ ସରକାର ଏହାକୁ ଶିଳ୍ପର ମାନ୍ୟତା ଦେଇଛନ୍ତି। ଓଡ଼ିଆ ସିନେମା ଜଗତରେ କେବଳ କଳାକାର, ପ୍ରଯୋଜକ ସଂଘ ନୁହେଁ, ଆହୁରି ଅନେକ ସଂଘ ରହିଛି। ସେମାନେ ଓଡ଼ିଆ ସିନେମାରେ ଦେଖାଯାଉଥିବା ଅସୁବିଧା ବିଷୟରେ ଭଲ ଭାବରେ ଅବଗତ ହୋଇ ତାହାର ସମାଧାନ କରିବାକୁ ଚେଷ୍ଟା କରିବା ନିହାତି ଦରକାର। ନିଜ ନିଜ ଭିତରେ ଗୋଡ଼ ଟଣାଟଣି ହେଲେ ଘଟଣାଟିର ସମାଧାନ ହେବ ନାହିଁ ବରଂ ତାହା ଆହୁରି ଜଟିଳ ହୋଇଯିବ।

ବର୍ତ୍ତମାନ ଆମ ରାଜ୍ୟରେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଚାଲିଛି। ଓଡ଼ିଆ ସିନେମାଟିଏ ରିଲିଜ ହେଲେ ତାହାର ଅବସ୍ଥା କ'ଣ ହେଉଛି ତାହା ନ କହିବା ଭଲ। ନିକଟରେ କେତୋଟି ସିନେମା ଭଲ ବିଜନେସ୍ କରିଛି- ଏକଥା ସତ, ହେଲେ ଅନେକ ସିନେମାର ଅବସ୍ଥା କ'ଣ ହୋଇଛି ତାହା ପ୍ରାୟ ସମସ୍ତେ ଜାଣିଛନ୍ତି। ବ୍ଲକ୍ ସ୍ତରରେ ଯଦି ପିପିପି ମୋଡ୍‌ରେ ନୂଆ ପ୍ରେକ୍ଷାଳୟ ଖୋଲାଯାଇପାରନ୍ତା ତେବେ ତାହା ଇଣ୍ଡଷ୍ଟ୍ରି ପାଇଁ ବେଶ୍ ଲାଭପ୍ରଦ ହୁଅନ୍ତା। ସିନେମା ସହ ଜଡ଼ିତ ସମସ୍ତ ସଂଘ ସରକାରଙ୍କ ସହ ଆଲୋଚନା କରି ଏ ଦିଗରେ ଆଗେଇବା ଦରକାର। ସେଥିପାଇଁ ସେମାନଙ୍କ ମଧ୍ୟରେ ଏକତାର ଆବଶ୍ୟକତା ରହିଛି। ଏଭଳି ନିଜ ନିଜ ଭିତରେ କାଦୁଅ ଫୋପଡ଼ା ଫୋପଡି ହେଲେ ତାହା ଆମ ସିନେମା ଜଗତକୁ ତଳକୁ ତଳ ନେଇଯିବ।

ଆଉ ଏକ କଥା ହେଲା ସିନେମା ବିତରଣ ବା ଫିଲ୍ମ ଡିଷ୍ଟ୍ରିବ୍ୟୁଶନ। ଏବେ କେବଳ ପ୍ରେକ୍ଷାଳୟରେ ନୁହେଁ, ଅନଲାଇନ୍‌ରେ ଟିକେଟ ବିକ୍ରି ହେଉଛି। ଟିକେଟ ବିକ୍ରି ହେଲେ ମଧ୍ୟ କେତେଜଣ ପ୍ରଯୋଜକ ବେଳେବେଳେ ଆବଶ୍ୟକ ଟଙ୍କା ଫେରି ପାଉନାହାନ୍ତି। ତେଣୁ ବିତରଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବା ନିହାତି ଦରକାର। ଅନ୍ୟପକ୍ଷରେ କଳାକାରମାନଙ୍କର ପ୍ରସଙ୍ଗ ଅନେକ ରହିଛି। ବୟସ୍କ ଅଭିନେତାଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ସେମାନେ କିପରି ସୁବିଧାରେ ଚିକିତ୍ସିତ ହୋଇପାରିବେ ତାହାର ବ୍ୟବସ୍ଥା କରାଯିବା ଦରକାର। ଏ ନେଇ ସିନେମା ସହ ଜଡିତ ସଂଘମାନେ ଅଣ୍ଟାଭିଡିବା ଦରକାର। ସ୍ୱାଭିମାନରେ ରହି ଅଭିମାନ କଲେ ଆର୍ଥିକ ଦିଗରୁ ଅନଗ୍ରସର କଳାକାରମାନଙ୍କର ଜୀବନ ଦୁର୍ଦ୍ଦିନରେ କଟିବ। କଳାକାରଟିଏ ସାରା ଜୀବନ ଦର୍ଶକମାନଙ୍କ ମନକୁ ପ୍ରଫୁଲ୍ଲିତ ରଖିଥାଏ। ସେମାନେ ବୟସର ଅପରାହ୍ନରେ ପହଞ୍ଚିଲେ ସେମାନଙ୍କର ଅଭାବ ଅସୁବିଧା କିପରି ଦୂର ହେବ ସେ ନେଇ ସଂଘ ଚେଷ୍ଟା କରନ୍ତୁ। କାରଣ ସଂଘ ପକ୍ଷରୁ କଳାକାରଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜରୁରୀ।

ଓଡ଼ିଆ ସିନେମା ସହ ଜଡିତ ଟେକ୍ନିସିଆନମାନେ କିପରି ସରକାରୀ ସୁବିଧା ପାଇବେ ସେ ଦିଗରେ ଟେକ୍ନିସିଆନ ସଂଘ ପଦକ୍ଷେପ ନେବା ଦରକାର। ତେଣୁ ସବୁ ସଂଘ ନିଜର ଆତ୍ମସମୀକ୍ଷା କରିବାର ସମୟ ଏବେ ଆସିଛି। ସେମାନେ ଆତ୍ମ ଅଭିମାନରୁ ଦୂରେଇ ଯାଇ କାର୍ଯ୍ୟ ଦିଗରେ ଅଧିକ ଧ୍ୟାନ ଦିଅନ୍ତୁ। କପି ଧାରାକୁ ବନ୍ଦ କରି ଆମ ଓଡ଼ିଆ ଚାଲିଚଳଣି, ସଂସ୍କୃତି, ଭାଷା ସାହିତ୍ୟ ଏବଂ ସାମାଜିକ ଧାରାକୁ ନେଇ ଭଲ ସିନେମାଟିଏ ନିର୍ମାଣ କରାଯାଇପାରିବ। ତେବେ ଯାଇ ଆମ ଓଡ଼ିଆ ସିନେମାର ସୁବର୍ଣ୍ଣ ସମୟ ପୁଣି ଥରେ ଫେରିଆସିବ- ଏଥିରେ ଦ୍ୱିମତ ହେବାର ନାହିଁ।



-ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

## ରିଲଜ୍ ଅପେକ୍ଷାରେ



ଦୀପା-ମହାପ୍ରସାଦ

# ଆପଣମାନେ ଖୁସି ତ ?

ଏକ ଭିନ୍ନଧରଣର ତଥା ଭରପୂର କମେଡିକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଆପଣମାନେ ଖୁସି ତ ?' ଫିଲ୍ମଟି ଚଳିତ ମାସ ୨୪ରେ ପରଦା ଉପରକୁ ଆସୁଛି। ନନ୍ଦିକି ଗଙ୍ଗାଧର ରେଡ୍ଡି ଏହାର ପ୍ରଯୋଜନା କରିଛନ୍ତି। ଚିତ୍ର ସମ୍ପର୍କରେ ସେ କହନ୍ତି, ''ଦର୍ଶକମାନଙ୍କୁ ସବୁବେଳେ ଭିନ୍ନ ଧରଣର ଏଣ୍ଟରଟେନମେଣ୍ଟ କରିବାକୁ ଚେଷ୍ଟା କରିଥାଏ। ଏହି ଫିଲ୍ମର କାହାଣୀ ଅଲଗା। ଏଥିରେ ଜଣେ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହି ଫିଲ୍ମରେ ଅଭିନୟ କରିଥିବା କଳାକାର ସେମାନଙ୍କର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ଆଶା ରଖିଛି ପରଦା ଉପରକୁ ଆସିବା ପରେ ଆମ ପରିଶ୍ରମର ମୂଲ୍ୟ ଦର୍ଶକ ବୁଝିପାରିବେ।'' ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶକ ରଶେମ ରାଉତ ମଧ୍ୟ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାନ୍ଧିଛନ୍ତି। ମାନସ ମଲ୍ଲିକ କାହାଣୀ ରଚନା କରିଥିବା ବେଳେ ସଂଯୋଜିତ ତଥା ଡ. ନିର୍ମଳ ନାୟକଙ୍କ ଦ୍ୱାରା ରଚିତ ସମସ୍ତ ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପାଢ଼ୀ ଏବଂ ତାରିକ ଅଜିଜ। ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ଧୃତି ସୁନ୍ଦର ପାଢ଼ୀ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଦେବବ୍ରତ ନାଥ। ଚିତ୍ରଟିର ବିଭିନ୍ନ ଭୂମିକାରେ ମହାପ୍ରସାଦ କର, ଚୌଧୁରୀ ବିକାଶ ଦାସ, ଦୀପା ମିଶ୍ର, ସୁନୀଲ, ସ୍ମୃତି (ନଟିଆ), ପ୍ରୀତିରଞ୍ଜନ ଏବଂ ସଣ୍ଟୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଖାସ୍ କଥା ହେଲା ପ୍ରଯୋଜକ ରେଡ୍ଡିଙ୍କୁ ଏଥିରେ ଏକ ସ୍ୱତନ୍ତ୍ର ଭୂମିକାରେ ଦେଖିବାକୁ ମିଳିବ।

# ଦୋଛକିରେ ଶ୍ରୁତି

କଥାରେ ଅଛି-ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା କମଲ ତନୟା ଶ୍ରୁତି ବାଦ୍ ପଡ଼ନ୍ତେ କିପରି ? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ଶ୍ରୁତି ହାସନ୍ କୁଆଡ଼େ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ଯେତେବେଳେ ଏହି କଥା ଶ୍ରୁତିଙ୍କ କାନରେ ପଡ଼ିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମୁନେଶନକୁ ଏପରି ହଠାତ୍ ବଢ଼ାଇ ଦେବି - ଏକଥା କଦାପି ସମ୍ଭବ ନୁହେଁ।



ଶ୍ରୁତି

# ଆଶା କରିଥିଲେ ମୃଣାଳ

ଟିଭି ଇଣ୍ଡଷ୍ଟ୍ରିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ ମୃଣାଳ ଠାକୁର। କିନ୍ତୁ ଅଭିନୟ ଦୁନିଆରେ ପାଦ ଥାପିବା ପୂର୍ବରୁ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ମାସ୍ ମିଡିଆ କମ୍ୟୁନିକେଶନରେ ସେ ଡିଗ୍ରୀ ହାସଲ କରିଛନ୍ତି। ଏହାପରେ ତାଙ୍କର ଏକ ଇଚ୍ଛା ଥିଲା। ଅର୍ଥାତ୍, ଜଣେ ସାମ୍ବାଦିକା ହେବାକୁ ଆଶା ରଖିଥିଲେ ସେ। ହେଲେ ତାହା ପୂରଣ ହୋଇପାରିଲା ନାହିଁ। ଏ ବିଷୟରେ ମୃଣାଳ କହନ୍ତି, 'ଯେତେବେଳେ ମୁଁ ସାମ୍ବାଦିକତାରେ ଡିଗ୍ରୀ ହାସଲ କଲି, ସେତେବେଳେ ଭବିଷ୍ୟତରେ ଜଣେ ସାମ୍ବାଦିକା ହେବାକୁ ମୋ ମନରେ ଆଶା ସୃଷ୍ଟି ହୋଇଥିଲା। ହେଲେ ସବୁ ଆଶା ତ ପୂରଣ ହୁଏନା। ତେଣୁ ମୋର ଏହି ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଥିଲା। ତେବେ ଏ ନେଇ ଟିକେ ହେଲେ ମନଦୁଃଖ କରୁନାହିଁ। କାରଣ ଅଭିନୟରେ ମୁଁ ନିଜ ଦକ୍ଷତା ଦେଖାଇ ସାରିଛି।' ଅବସର ମିଳିଲେ ସେ ଡ୍ୟାନ୍ସ କରିବା, ଭଲ ଭଲ ମୁଭି ଦେଖିବା, ଦର୍ଶନୀୟ ସ୍ଥାନ ବୁଲିବାକୁ ଯିବା ଏପରି କି ଶପିଙ୍ଗ୍ କରିବାକୁ ପସନ୍ଦ କରିଥାଆନ୍ତି। ବଲିଉଡ୍‌ରେ ତାଙ୍କର ଫେଭରାଇଟ୍ ଅଭିନେତା ହେଉଛନ୍ତି ସଲମାନ ଖାନ୍। ତାଙ୍କ ଅଭିନୀତ ପ୍ରତିଟି ଫିଲ୍ମ ସେ ଦେଖିସାରିଛନ୍ତି। ମୃଣାଳ ସବୁବେଳେ ନନଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି।



ମୃଣାଳ

# ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)



ଝାଡଖଣ୍ଡର ଖୁଣ୍ଟିଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବିକଶିତ ଭାରତ ସଂକଳ୍ପ ଯାତ୍ରା' ଏବଂ 'ଦୁର୍ବଳ ଆଦିବାସୀ ଗୋଷ୍ଠୀ ବିକାଶ ମିଶନ'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି, ସେ ଭଗବାନ ବିର୍ସା ମୁଣ୍ଡାଙ୍କ ଏହି ଭୂମିକୁ ଆସିଛନ୍ତି, ଯେଉଁଠାରେ ବଞ୍ଚିତମାନଙ୍କ ଉପରେ ମୋର ଋଣ ପରିଶୋଧ କରିବାକୁ ଅଛି। ଏହି ପରିପ୍ରେକ୍ଷୀରେ ପିଏମ୍- କିଷାନର ୧୫ତମ କିସ୍ତି ମଧ୍ୟ ପ୍ରଦାନ କରାଯାଇଛି। ଏହାସହ ଝାଡ଼ଖଣ୍ଡରେ ରେଳ, ସଡ଼କ, ଶିକ୍ଷା, କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଭଳି ଏକାଧିକ କ୍ଷେତ୍ର ସହିତ ସମ୍ପର୍କିତ ୭,୨୦୦ କୋଟି ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ସେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏକ ଭିଡିଓ ବାର୍ତ୍ତା ପ୍ରସାରିତ ହୋଇଥିଲା। ଝାଡଖଣ୍ଡର ପ୍ରତିଷ୍ଠା ଦିବସ ଅବସରରେ ମୋଦି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହାର ଗଠନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ତଥା ତିଲକା ମାନଝୀ, ସିଦ୍ଧୁ କାହ୍ନୁ, ଚାନ୍ଦ ଭୈରବ, ଫୁଲୋ ଝାନୋ, ନୀଳାମ୍ବର, ପୀତାମ୍ବର, ଯାତ୍ରା ତାନା ଭଗତ ଓ ଆଲବର୍ଟ ଏକ୍କାଙ୍କ ଭଳି ଅନେକ ବୀର ଏହି ଭୂମିକୁ ଗର୍ବିତ କରିଛନ୍ତି ବୋଲି ସେ କହିଥିଲେ। ବିକଶିତ ଭାରତର ୪ଟି 'ଅମୃତ ସ୍ତମ୍ଭ' ଯଥା ନାରୀ ଶକ୍ତି, ଭାରତର ଖାଦ୍ୟ ଉତ୍ପାଦନକାରୀ ଅର୍ଥାତ୍ କୃଷକ, ଦେଶର ଯୁବକ ଏବଂ ଶେଷରେ ଭାରତର ନବ – ମଧ୍ୟବିତ୍ତ ଓ ଗରିବ ଲୋକଙ୍କ ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସୁଦ୍ଧା ୧୩ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବାରେ ସରକାର ସଫଳ ହୋଇଥିବା ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି। ୨୦୨୪ ଜାନୁୟାରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ରେ ସରକାର ଦେଶର ପ୍ରତ୍ୟେକ ଗାଁକୁ ଯିବେ ଏବଂ ପ୍ରତ୍ୟେକ ଗରିବ ଓ ବଞ୍ଚିତ ବ୍ୟକ୍ତିଙ୍କୁ ସରକାରୀ ଯୋଜନାର ହିତାଧିକାରୀ କରିବେ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏକ ବିକଶିତ ଭାରତ ପାଇଁ ସଂକଳ୍ପର ଏକ ପ୍ରମୁଖ ଭିତ୍ତିଭୂମି ହେଉଛି ପିଏମ ଜନମନ ବା ପିଏମ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ। ଅଟଳଜୀଙ୍କ ସରକାର ହିଁ ଆଦିବାସୀ ସମାଜ ପାଇଁ ଏକ ଅଲଗା ମନ୍ତ୍ରଣାଳୟ ଗଠନ କରି ଅଲଗା ବଜେଟ ଆବଣ୍ଟନ କରିଥିଲେ ବୋଲି ସେ ଉଲ୍ଲେଖ କରିଥିଲେ । ଆଦିବାସୀ କଲ୍ୟାଣ ପାଇଁ ବଜେଟ ପୂର୍ବ ତୁଳନାରେ ୬ ଗୁଣା ବୃଦ୍ଧି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଦେଶର ୨୨ ହଜାରରୁ ଅଧିକ ଗ୍ରାମରେ ବସବାସ କରୁଥିବା ଲକ୍ଷାଧିକ ଜନସଂଖ୍ୟା ବିଶିଷ୍ଟ ୭୫ଟି ଆଦିବାସୀ ସମ୍ପ୍ରଦାୟ ଓ ଆଦିମ ଜନଜାତିଙ୍କୁ ସରକାର ଚିହ୍ନଟ କରିଛନ୍ତି । ଏହି ବୃହତ୍ ଅଭିଯାନ ପାଇଁ କେନ୍ଦ୍ର ସରକାର ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯାଉଛନ୍ତି। ପିଏମ ବିଶ୍ୱକର୍ମା ଯୋଜନାରେ ବିଶ୍ୱକର୍ମା ବନ୍ଧୁମାନଙ୍କୁ ଆଧୁନିକ ପ୍ରଶିକ୍ଷଣ ଏବଂ ଉପକରଣ ପ୍ରଦାନ ପାଇଁ ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ପିଏମ କିଷାନ ସମ୍ମାନ ନିଧିର ୧୫ତମ କିସ୍ତି ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା କୃଷକମାନଙ୍କ ଆକାଉଣ୍ଟକୁ ୨,୭୫,୦୦୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି । ଗୋପାଳନକାରୀ ଓ ମତ୍ସ୍ୟଜୀବୀମାନଙ୍କ ପାଇଁ କିଷାନ କ୍ରେଡିଟ କାର୍ଡ, ପଶୁମାନଙ୍କର ମାଗଣା ଟିକାକରଣ ପାଇଁ ୧୫,୦୦୦ କୋଟି ଟଙ୍କାର ସରକାରୀ ଖର୍ଚ୍ଚ, ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଆର୍ଥିକ ସହାୟତା ଏବଂ ଦେଶରେ ୧୦ ହଜାର ନୂତନ କୃଷକ ଉତ୍ପାଦନ ସଂଘ ଗଠନ କରି ବଜାରକୁ ଅଧିକ ସୁଗମ କରି କୃଷକମାନଙ୍କ ପାଇଁ ଖର୍ଚ୍ଚ ହ୍ରାସ କରାଯାଇଛି । ସେହିପରି ୨୦୨୩ ମସିହାକୁ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବରେ ପାଳନ କରିବା ଏବଂ ଶ୍ରୀ ଅନ୍ନକୁ ବିଦେଶୀ ବଜାରକୁ ନେବା ପାଇଁ ପ୍ରୟାସ କରାଯାଉଛି। ଗତ ୯ ବର୍ଷ ମଧ୍ୟରେ ଦେଶରେ ୩୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ ଓ ୫୫୦୦ ନୂଆ କଲେଜ ପ୍ରତିଷ୍ଠା ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଡିଜିଟାଲ ଇଣ୍ଡିଆ ଅଭିଯାନ ଏବଂ ଏକ ଲକ୍ଷରୁ ଅଧିକ ଷ୍ଟାର୍ଟଅପ ସହିତ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟ ଅପ ପାରିବେଶିକ ବ୍ୟବସ୍ଥାରେ ପରିଣତ ହୋଇଛି। ରାଞ୍ଚିର ଆଇଆଇଏମ କ୍ୟାମ୍ପସ ଏବଂ ଧାନବାଦସ୍ଥିତ ଆଇଆଇଟି – ଆଇଏସଏମ୍‌ରେ ନୂତନ ହଷ୍ଟେଲର ଉଦଘାଟନ ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ରାଜ୍ୟପାଳ ସି. ପି. ରାଧାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଡିଆର୍‌ପିଏଲ୍‌ର ନୂତନ ଉତ୍ପାଦ



ଭୁବନେଶ୍ୱର,୧୫।୧୧

ଡାଡି'ସ ରୋଡ ପ୍ରାଇଭେଟ ଲିମିଟେଡ (ଡିଆର୍‌ପିଏଲ୍)ର ନୂତନ ଉତ୍ପାଦ "ଡାଡି'ସ ରୋଡ କ୍ୟୁଆର ଷ୍ଟିକର"କୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ବିଶେଷକରି ଗାଡିଚାଳକ ଓ ଗାଡି ମାଲିକମାନେ ଉକ୍ତ ଷ୍ଟିକରକୁ ଥରେ ମାତ୍ର କ୍ରୟ କଲେ ଆଜୀବନ ମାଗଣା ହେଲପ ଲାଇନ ସେବା ପାଇପାରିବେ ବୋଲି ସଂସ୍ଥା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଉକ୍ତ ଷ୍ଟିକରକୁ ସମସ୍ତ ଯାନ (ଗାଡି)ରେ ବ୍ୟବହାର ପାଇଁ କ୍ରୟ କରିବା ସହିତ ଲଗାଇବା ଏବଂ ବ୍ୟବହାର କରିବା ସହଜ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଡିଆରପିଏଲର ଓଡିଶା ହେଡ ଅଭିଜିତ କୁମାର ମହାନ୍ତି କହିଥିଲେ, ଯେତେବେଳେ ଆପଣ ଆପଣଙ୍କ ଗାଡିକୁ ପାର୍କ କରି କେଉଁଆଡେ ଚାଲିଯାନ୍ତି କିମ୍ବା ଆପଣଙ୍କ ଗାଡି ସମ୍ବନ୍ଧରେ କିଛି ଜାଣିପାରନ୍ତି ନାହିଁ ଯେ କେଉଁ ଗାଡି ଆପଣଙ୍କ ରାସ୍ତା ଅବରୋଧ କରୁଛି କିମ୍ବା ଅସୁବିଧା ସୃଷ୍ଟି କରୁଛି ଓ ଆପଣ ସେ ଗାଡି ମାଲିକଙ୍କ ସହ କିପରି ଯୋଗାଯୋଗ କରିବେ। ଉପରୋକ୍ତ ସମସ୍ତ ଅସୁବିଧାର ସମାଧାନ ଅତି ସହଜରେ ଡାଡି'ସ୍ ରୋଡ କ୍ୟୁଆର ଷ୍ଟିକର ଦ୍ୱାରା ମିଳିବ। ଯାହା ଏକ ନିଆରା ଏବଂ ଅଭିନବ ପ୍ରୟାସ ବୋଲି କୁହାଯାଉଛି, ଯାହାକି ଆପଣଙ୍କ ଗାଡି, ମୋବାଇଲ୍ ନମ୍ବର ଏବଂ ଆଖପାଖର ଲୋକଙ୍କୁ ଅତି ସହଜରେ ଏହା ସଂଯୋଗ କରିବ। ଡାଡି'ସ୍ ରୋଡ କ୍ୟୁଆର ଷ୍ଟିକର ହେଉଛି ଏକ ସ୍ଥାୟୀ ଭିନିଲ୍ ଷ୍ଟିକର୍, ଯେଉଁଥିରେ ଏକ କ୍ୟୁଆର କୋଡ୍ ରହିଛି, ସେଥିରେ ଆପଣଙ୍କ ମୋବାଇଲ ନମ୍ବର ସଂଯୁକ୍ତ କରିପାରିବେ ଓ ଆପଣ ଏହାକୁ ମାଗଣା ଡାଡି'ସ୍ ରୋଡ ଆପ୍‌ରେ ପଞ୍ଜୀକୃତ କରିପାରିବେ।

# ଡ୍ରିମ୍‌ସକୁ ବିଶ୍ୱବିଦ୍ୟାଳୟର ମାନ୍ୟତା




ଭୁବନେଶ୍ୱର,୧୫।୧୧

ଧନେଶ୍ୱର ରଥ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମେଡିକାଲ ସାଇନସେସ୍ (ଡ୍ରିମ୍‌ସ) କଟକକୁ ନିକଟରେ ଓଡ଼ିଶା ସରକାର ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିଛନ୍ତି। ବିଶେଷ କରି ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଡାକ୍ତରୀ, ନର୍ସିଂ ଏବଂ ଅନ୍ୟ ସହାୟକ ପାଠ୍ୟକ୍ରମ ଆଦିରେ ଉଚ୍ଚତର ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ଓ ସୁଯୋଗ ସୃଷ୍ଟି ହେବା ସହିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ପାଠ୍ୟକ୍ରମ ବିଶ୍ୱବିଦ୍ୟାଳୟରେ ପ୍ରଚଳନ ସମ୍ଭବ ହେବ। ସେହିଭଳି ଗ୍ରାମାଞ୍ଚଳ ଭିତ୍ତିଭୂମିରେ ଗଢ଼ିଉଠିଥିବା ଉକ୍ତ ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ଏକ ବଡ଼ ସଫଳତା ହୋଇଥିବାବେଳେ ଶିକ୍ଷାନୁଷ୍ଠାନର ସ୍ୱପ୍ନସାକାର ହୋଇଥିବାରୁ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାପ୍ରେମୀ ଓ କଟକ ଜିଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ମଧ୍ୟ ସ୍ୱାଗତ କରାଯାଇଛି। ଅପରପକ୍ଷରେ ଶିକ୍ଷାନୁଷ୍ଠାନକୁ ଏଭଳି ଏକ ମର୍ଯ୍ୟାଦାଜନକ ସ୍ୱୀକୃତି ମିଳିଥିବାରୁ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ 'ଡ୍ରିମ୍‌ସ'ର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କୃତଜ୍ଞତା ଜଣାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ନଂ. ୮୫୭୩ ତା ୧୫.୧୧.୨୦୨୩ ଅନୁଯାୟୀ ଡ୍ରିମ୍‌ସ ଆଜିଠାରୁ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହୋଇଛି।

# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୧୫।୧୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୭୪୨ (୭୪୨.୦୬) ପଏଣ୍ଟ ବଢି ୬୫,୬୭୬(୬୫,୬୭୫.୯୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୩୨ (୨୩୧.୯୦) ପଏଣ୍ଟ ବୃଦ୍ଧି ଘଟି ୧୯,୬୭୫(୧୯,୬୭୫.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବେଦାନ୍ତ ଆଲୁମିନିୟମର ନୂତନ ମାଇଲଖୁଣ୍ଟ

- ପ୍ରଥମ ନିମ୍ନ କାର୍ବନଯୁକ୍ତ ସବୁଜ ଆଲୁମିନିୟମ ରେଷ୍ଟୋରା ପ୍ରେରଣ
- ୩୦୦ ମେଟ୍ରିକ ଟନ୍ ରେଷ୍ଟୋରା ବିଲେଟ ଯୋଗାଇବ ବେଦାନ୍ତ

ଭୁବନେଶ୍ୱର,୧୫।୧୧ (ଅଭୟ ଦାଶ)




ଭାରତର ବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲିମିଟେଡ ନିକଟରେ ଆଉ ଏକ ସଫଳତା ହାସଲ କରିଛି। ଏପରିକି କମ୍ପାନୀ ଦେଶର ପ୍ରଥମ ନିମ୍ନ କାର୍ବନଯୁକ୍ତ ସବୁଜ ଆଲୁମିନିୟମ ରେଷ୍ଟୋରାକୁ ତେଲଙ୍ଗାନାଠାରେ ଅବସ୍ଥିତ ଏକ ଅଗ୍ରଣୀ ଆଲୁମିନିୟମ ଏକ୍ସଟ୍ରୁଜନ କମ୍ପାନି ଗ୍ଲୋବାଲ ଆଲୁମିନିୟମ ପିଭି ଲିମିଟେଡକୁ ପଠାଇଛି। ବିଶେଷକରି ଅର୍ଡ଼ରର କିଛି ଅଂଶ (ଏକ ଅଂଶ ଭାବେ)କୁ କମ୍ପାନି ଗ୍ଲୋବାଲ ଆଲୁମିନିୟମକୁ ପଠାଇଥିବାବେଳେ ସମ୍ପୃକ୍ତ କମ୍ପାନୀକୁ ବେଦାନ୍ତ ପ୍ରାୟ ୩୦୦ ମେଟ୍ରିକ ଟନ୍ ରେଷ୍ଟୋରା ବିଲେଟ ଯୋଗାଇବ। ସେହିଭଳି ଏହି ଘରୋଇ ଉତ୍ପାଦନ ପାଇଁ ଚୁକ୍ତି ଏକ ନୂତନ ମାଇଲଖୁଣ୍ଟ ହୋଇଥିବାବେଳେ ଏହାର ମୂଲ୍ୟ ଶୃଙ୍ଖଳାକୁ ଡିକାର୍ବନାଇଜେଶନ କରିବା ଦିଗରେ ବେଦାନ୍ତ ଆଲୁମିନିୟମର ଓଡ଼ିଶା (ଝାରସୁଗୁଡ଼ା) ୟୁନିଟ ମେଗା ସ୍ମେଲଟର ପ୍ଲାଣ୍ଟ ପ୍ରମୁଖ ଭୂମିକା ବହନ କରୁଛି। ଏପରିକି କମ୍ପାନୀ ଭାରତରେ ପ୍ରଥମ ଅଟେ, ଯିଏକି ବିଶ୍ୱରେ ଗ୍ରାହକ ଆଧାରିତ କମ କାର୍ବନଯୁକ୍ତ ଆଲୁମିନିୟମ, ବ୍ରାଣ୍ଡେଡ ରେଷ୍ଟୋରା(ଅଲଟ୍ରା ଲୋ କାର୍ବନ ଆଲୁମିନିୟମ) ପ୍ରଦାନ କରିଥାଏ। ବିଶେଷ କରି ଅକ୍ଷୟ ଶକ୍ତି ବ୍ୟବହାର କରି ଏହି ଉତ୍ପାଦ ଏକ ଟନ୍ ଆଲୁମିନିୟମ ପ୍ରତି ୪ଟନ୍ ସିଓ୨ ସମାନତା ମଧ୍ୟରେ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ତୀବ୍ରତା ସହିତ ଉତ୍ପାଦିତ କରିଥାଏ। ଯାହା ଆଲୁମିନିୟମ ପାଇଁ ଏକ କମ୍ କାର୍ବନଯୁକ୍ତ ଉତ୍ପାଦ ରୂପେ ପ୍ରମାଣିତ ହୋଇଥାଏ। ରେଷ୍ଟୋରା ଅଲଟ୍ରା ଉତ୍ପାଦରେ କମ କାର୍ବନ ରହିଛି, ଯାହା ବିଶ୍ୱରେ ସବୁଠାରୁ କମ୍ ବୋଲି କୁହାଯାଉଛି। ସେହିପରି ଯୋଗାଣ ଚୁକ୍ତିରେ ଗ୍ଲୋବାଲ ଆଲୁମିନିୟମ ନିୟୋଜିତ ରେଷ୍ଟୋରା ବିଲେଟ ବେଦାନ୍ତ ଆଲୁମିନିୟମ ଦ୍ୱାରା ବିଭିନ୍ନ ଏକ୍ସଟ୍ରୁଜନ ପ୍ରୋଫାଇଲରେ ଯୋଗାଇ ଦିଆଯିବ।
ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ସ୍ଥାୟୀ ଉତ୍ପାଦ ଉପରେ ପ୍ରତିଯୋଗିତାମୂଳକ ପଦକ୍ଷେପକୁ ନେଇ ବିଶ୍ୱସ୍ତର ତଥା ଭାରତରେ ମଧ୍ୟ ଆମର ଗ୍ରାହକଙ୍କ ଉତ୍ସାହର ପ୍ରତିକ୍ରିୟା ଆମେ ଦେଖିବାକୁ ପାଇଛୁ। ଏପରିକି ଆମର ଏହି ବିଶ୍ୱସ୍ତରୀୟ ରେଷ୍ଟୋରା ପରିସରକୁ ଘରୋଇ ବଜାରରେ ପରିଚିତ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ।

# ଜେଡ୍ ବ୍ଲାକ୍ ଅଗରବତିର ନୂତନ ଅଭିଯାନ

ଭୁବନେଶ୍ୱର,୧୫।୧୧




ଦେଶର ଅଗ୍ରଣୀ ପ୍ରିମିୟମ ଧୂପକାଠି ନିର୍ମାତା ଜେଡ୍ ବ୍ଲାକ୍‌ର ନୂତନ ଅଭିଯାନକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜେଡ୍ ବ୍ଲାକ୍ ଅଗରବତି ଓ ଏମ୍.ଏସ୍.ଧୋନିଙ୍କ ମଧ୍ୟରେ ଏକ ସହଭାଗିତା ହୋଇଥିବାବେଳେ ଚଳିତ ବିଶ୍ୱକପ୍ ( ଆଇସିସି କ୍ରିକେଟ୍ ୱାର୍ଲ୍ଡକପ୍ ୨୦୨୩) ସମୟରେ ସାମୂହିକ ପ୍ରାର୍ଥନାର ଉତ୍ସାହ ଓ ପ୍ରାର୍ଥନାର ଶକ୍ତିକୁ ପାଳନ କରିବା ପାଇଁ ଉଭୟ ଏକାଠି ହୋଇଛନ୍ତି। ଅପରପକ୍ଷରେ ଭାରତର ଚମତ୍କାର ପ୍ରଦର୍ଶନ ସହିତ କ୍ରିକେଟ୍ ବିଶ୍ୱକପ୍ ଆଗକୁ ବଢୁଥିବା ବେଳେ ଜେଡ୍ ବ୍ଲାକ୍ ପକ୍ଷରୁ ଏକ ଆକର୍ଷଣୀୟ ଟିଭିସି କ୍ୟାମ୍ପେନ୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଟିଭିସି ବନ୍ଧୁତ୍ୱ, ଏକତା ଓ ସାମୂହିକ ପ୍ରାର୍ଥନାର ମହତ୍ତ୍ୱକୁ ପରିପ୍ରକାଶ କରିଛି। ଏହି ଟିଭି କମର୍ସିଆଲରେ ଏମ୍‌ଏସ୍ ଧୋନିଙ୍କୁ ବନ୍ଧୁମାନଙ୍କ ସହିତ ଏକ ରୋମାଞ୍ଚକର ମ୍ୟାଚ୍ ଉପଭୋଗ କରୁଥିବାର ଦେଖିବାକୁ ମିଳୁଛି। ଏପରିକି ବନ୍ଧୁମାନେ ଗେମ୍‌ର ଏକ ରୋମାଞ୍ଚକର ମୁହୂର୍ତ୍ତକୁ ଶେୟାର କରୁଥିବା ବେଳେ କ୍ୟାପ୍ଟେନ କୁଲ୍ ଜଟିଳ ସମୟରେ ପ୍ରାର୍ଥନାର ଶକ୍ତି ସମ୍ପର୍କରେ ବିସ୍ତୃତ ଭାବେ ମତବ୍ୟକ୍ତ କରୁଛନ୍ତି।

ଏ ସମ୍ପର୍କରେ ମହୀଶୂର ଦୀପ୍ ପରଫ୍ୟୁମେରି ହାଉସ୍ (ଏମ୍‌ଡିପିଏଚ୍)ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଛନ୍ତି, କ୍ରିକେଟ୍ କିମ୍ବଦନ୍ତୀ ଏମ୍.ଏସ୍. ଧୋନିଙ୍କ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ସହଭାଗିତା ମାଧ୍ୟମରେ ଆମେ ଲୋକମାନଙ୍କୁ ଓ ସମୁଦାୟଗୁଡିକ ଏକାଠି ହେବା, ସ୍ମରଣୀୟ ମୁହୂର୍ତ୍ତଗୁଡିକୁ ପାଳନ କରିବା ଓ ନିଜର ସାମୂହିକ ଆଶୀର୍ବାଦକୁ ବିସ୍ତାର କରିବା ପାଇଁ ଅନୁପ୍ରାଣିତ କରିବାକୁ ଆଶା ରଖିଛୁ। ସେହିପରି ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଂଶୁଲ ଅଗ୍ରୱାଲ କହିଛନ୍ତି, ଆନନ୍ଦ ଓ ଉତ୍ସାହର ଭାବନାକୁ କ୍ୟାପ୍ଚର କରୁଥିବା ଏହି ନୂତନ ଟିଭିସି ନିଶ୍ଚିତ ରୂପେ ଏକ ନୂଆ ଉତ୍ସାହ ଦେଶରେ ସୃଷ୍ଟି କରିବ। ଏପରିକି ଆମର ରଣନୀତି ମଧ୍ୟରେ ଆଞ୍ଚଳିକ ସୁଗନ୍ଧଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବା ଏବଂ ପାର୍ବଣ ଋତୁରେ ଅଭିନବ ସୁଗନ୍ଧ, ଅନୁସନ୍ଧାନ ଓ ବିକାଶ ପଦ୍ଧତିଗୁଡିକୁ ଆବିଷ୍କାର କରିବା ପ୍ରତି ଆମର ପ୍ରତିବଦ୍ଧତା ଆଦି ସାମିଲ ରହିଛି। ଏହି ନୂତନ ଟିଭିସିକୁ ଓବ୍‌ରୟ ଆଇବିସି ପରିକଳ୍ପନା କରିଥିବା ବେଳେ ଏହାକୁ ପାର୍ବଣ ଋତୁ ପାଇଁ ନ୍ୟୁଜ୍ ଓ ଜିଇସି ଚ୍ୟାନେଲ ମାଧ୍ୟମରେ ପ୍ରସାରିତ କରାଯିବ।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

ଭୁବନେଶ୍ୱର,୧୫।୧୧



ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ବହୁ ପ୍ରତୀକ୍ଷିତ ତଥା ସ୍ୱାଧୀନତା ସଂଗ୍ରାମୀ ଏବଂ କିମ୍ବଦନ୍ତୀ ଆଦିବାସୀ ନେତା ଭଗବାନ୍ ବିର୍ସା ମୁଣ୍ଡାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ବୁଧବାର ଯୋଡ଼ା ପୌରପାଳିକାର କଳାପାହାଡ଼ ଛକଠାରେ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଯାଇଛି। ବିଶେଷକରି ଜେଏସପି ଦ୍ୱାରା ସ୍ଥାପିତ ଉକ୍ତ ପ୍ରତିମୂର୍ତ୍ତିର ଉଚ୍ଚତା ୭ ଫୁଟ ହୋଇଥିବାବେଳେ କଳା ଗ୍ରାନାଇଟ୍ ପଥରରେ ଏହା ନିର୍ମିତ ହୋଇଛି। ଏପରିକି ଉକ୍ତ ପ୍ରତିମୂର୍ତ୍ତିକୁ ଜେଏସପିର ଚେୟାରମ୍ୟାନ୍ ନବୀନ ଜିନ୍ଦଲ, ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ ଏବଂ ଜଣାଶୁଣା ସାମାଜିକକର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ପ୍ରମୁଖ ଉନ୍ମୋଚନ କରିଥିଲେ।

ଏହି ପରିପ୍ରେକ୍ଷୀରେ ନବୀନ କହିଥିଲେ, ମହାନ ବିର୍ସାଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସ, ମୁଁ ଆଶା କରୁଛି ଦେଶ ଗଠନ ଏବଂ ଆଦିବାସୀ ସମାଜର ବିକାଶ ନିମନ୍ତେ ଏହି ପ୍ରତିମୂର୍ତ୍ତି ସର୍ବଦା ଯୁବ ସମାଜକୁ ଅନୁପ୍ରାଣିତ କରାଇବ। ସେହିଭଳି ଯୋଡ଼ା ପୌରପାଳିକା କଳାପାହାଡ଼ ଛକର ନାମ ବୀର ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରିବାକୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଆହ୍ୱାନ ଦେଇ କହିଥିଲେ ଆମ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଜେଏସପିର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ଭଗବାନ୍ ବିର୍ସା ମୁଣ୍ଡାଙ୍କ ବୀରତ୍ୱକୁ ସ୍ମରଣ କରି ଶାଲୁ ଦେଶର ଆଦିବାସୀ ପ୍ରମୁଖ ଅଞ୍ଚଳରେ ଉନ୍ନତି ଆଣିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେହିପରି ଜନଜାତୀୟ ଗୌରବ ଦିବସର ଏକ ଅଂଶ ଭାବେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମକୁ ବିଶିଷ୍ଟ ଆଦିବାସୀ ସଂଗଠନ ଆଦିବାସୀ ହୋ ସମାଜ ଆୟୋଜନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଡା ପୌରପାଳିକାର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ଜେଏସପିରେ ସ୍ଲରି ଆଣ୍ଡ କଞ୍ଚାମାଲର ମୁଖ୍ୟ ଆଶିଷ ପାଣ୍ଡେ, ସିଏସ୍‌ଆରର ସଭାପତି ତଥା ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତା, ଜେଏସପି ବଡବିଲର ୟୁନିଟ୍ ହେଡ୍ ପୁରୁଷୋତ୍ତମ ଏମ ଡି, କାସିଆ ମାଇନ୍ସର ୟୁନିଟ୍ ହେଡ୍ ପ୍ରମୋଦ କୁମାର ପାତ୍ର, ଟେନ୍‌ସା ମାଇନ୍ସର ୟୁନିଟ୍ ହେଡ୍ କମଳାକାନ୍ତ ନନ୍ଦ, ଏଚ୍‌ଆର ହେଡ୍ ଆଶିଷ ମହାନ୍ତି, ଆଦିବାସୀ ହୋ ସମାଜର ସଭାପତି ସଞ୍ଜୀବ ମୁଣ୍ଡା, ସାଧାରଣ ସଚିବ ଜେନା ଗାଗରାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


**ODISHA MINING CORPORATION LTD.**
(A Gold Category State PSU)
Registered Office:OMC House,Bhubaneswar-751001,India
Tel:0674-2377400/ 2377401,Fax:0674-2396889,2391629,omcltd.in
CIN:U131000R1956SGC000313

OMC | ODISHA NEW OPPORTUNITIES
Mining Happiness

**ADVERTISEMENT FOR RECRUITMENT OF NON-EXECUTIVES IN OMC LTD.**

**No. 82 /OMC** **Date:15/11/ 2023**

OMC, a Gold category State PSU and being one of the largest State PSUs in Mining Sector in the Country, undertakes exploration, mining and trading of Iron, Chrome, Bauxite & Lime stone ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.The Corporation has registered annual turnover of Rs.14449.57 Crore in FY 2022-23 and is on a high growth trajectory.
The Corporation intends to fillup the Non-Executive posts in regular mode in different disciplines as under:

**VACANCY:-**

The vacancies are against the sanctioned regular posts. However, the candidates shall initially be appointed as Trainees for a period of 1 (one) year from the date of joining the post with consolidated stipend. On successful completion of training period, they shall be kept under probation for a period of one year during which the Trainees shall be allowed the regular pay scale & other allowances.

| Sl. No. | Name of the Post & Grade | Scale of Pay | Total Vacancy | Category of Posts | | | |
|---|---|---|---|---|---|---|---|
| | | | | UR | SEBC | SC | ST |
| 1 | **Jr. Engineer (Mech.)** (Class- III Grade) | Pay Level- 9 Rs.35,400/- to Rs.1,12,400/- | 20 | 11 | 02 | 03 | 04 |
| 2 | **Jr. Engineer (Elect.)** (Class- III Grade) | Pay Level- 9 Rs.35,400/- to Rs.1,12,400/ | 14 | 07 | 01 | 02 | 04 |
| 3 | **Jr. Engineer (Civil)** (Class- III Grade) | Pay Level- 9 Rs.35,400/- to Rs.1,12,400/ | 16 | 05 | 02 | 04 | 05 |
| 4 | **Jr. Nurse** (Class- III Grade) | Pay Level-8 Rs.29,200/- to Rs.92,300/- | 11 | 03 | 02 | 04 | 02 |
| 5 | **Jr. Pharmacist** (Class- III Grade) | Pay Level-8 Rs.29,200/- to Rs.92,300/- | 09 | 01 | 02 | 03 | 03 |
| 6 | **Electrician- III** (Class- III Grade) | Pay Level-5 Rs.21,700/- to Rs.69,100/- | 30 | 15 | 05 | 05 | 05 |
| **TOTAL** | | | **100** | **42** | **14** | **21** | **23** |

➢ The online application portal for online application by the interested eligible candidates shall be made Go-live from 2:00 PM of 17.11.2023 till 11:59 PM of 08.12.2023,which will be available in OMC website (http://omcltd.in).
➢ OMC Management reserves the right to cancel, amend or alter the above advertisement without assigning any reason thereof.
➢ Candidates are requested to visit Corporation website https://omcltd.in>People>Career>Employment Opportunities for details of this Advertisement and also advised to visit the same at regular intervals for any notification, news, updates etc. relating to this recruitment.

| Important Dates | |
|---|---|
| - Starting Date for Online Registration of Application | 17.11.2023 at 2.00 PM |
| - Last Date of Submission of Online Application | 08.12.2023 at 11.59 PM |
| - Last Date of Submission of Online Application Fee (if applicable) through Debit/Credit Card/Net Banking/UPI etc. | 08.12.2023 at 11.59 PM |

OIPR-
**Sd./- GENERAL MANAGER (P&A)**



# ସାରା ଦେଶରେ ଉତ୍ସବର ପରିବେଶ

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ବୁଧବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ୭୦ ରନରେ ହରାଇ ଦେଇଛି ରୋହିତ ଶର୍ମାଙ୍କ ଦଳ। ଭାରତ ୪ର୍ଥ ଥରପାଇଁ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଥିବାରୁ ସାରା ଦେଶରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଦୀପାବଳି ଶେଷ ହୋଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ କ୍ରିକେଟପ୍ରେମୀମାନେ ବାଣ ଫୁଟାଇ ଉତ୍ସବ ମନାଇଛନ୍ତି। ଗୁରୁବାର ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ କୋଲକାତାର ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ହେବ। ଏହାର ବିଜେତାକୁ ଭାରତ ଫାଇନାଲରେ ଭେଟିବ।



### ଶ୍ରେଷ୍ଠ ଭାରତୀୟ ବୋଲିଂ ଫିଗର

ମହମ୍ମଦ ଶାମି-୭/୫୭ ବନାମ ନ୍ୟୁଜିଲାଣ୍ଡ(୨୦୨୩)
ଷ୍ଟୁଆର୍ଟ ବିନି-୪/୬ ବନାମ ବାଂଲାଦେଶ(୨୦୧୪)
ଅନିଲ କୁମ୍ବଲେ-୬/୧୨ ବନାମ ୱେଷ୍ଟଇଣ୍ଡିଜ(୧୯୯୩)
ଯଶପ୍ରୀତ ବୁମ୍ରା-୬/୧୯ ବନାମ ଇଂଲଣ୍ଡ(୨୦୨୨)
ମହମ୍ମଦ ସିରାଜ-୬/୨୧ ବନାମ ଶ୍ରୀଲଙ୍କା(୨୦୨୩)
(ବିଶ୍ୱକପରେ ଶ୍ରେଷ୍ଠ ବୋଲିଂର ରେକର୍ଡ ୬/୨୩ ଆଶିଷ ନେହେରାଙ୍କ ନାମରେ ଥିଲା)।

ମହମ୍ମଦ ଶାମି

## ୱାଙ୍ଖେଡେରେ 'ଶାମି ଶୋ'

ବୁଧବାର ପ୍ରଥମ ସେମି ଫାଇନାଲରେ ଦେଖିବାକୁ ମିଳିଥିଲା ମହମ୍ମଦ ଶାମିଙ୍କ ୱାନ ମ୍ୟାନ୍ ଶୋ। ଭାରତ ୩୯୭ ରନ୍‌ର ବିଶାଳ ସ୍କୋର କରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଲକ୍ଷ୍ୟ ଆଡକୁ ଅନାୟାସରେ ଅଗ୍ରସର ହେଉଥିଲା। ତେବେ ମହମ୍ମଦ ଶାମିଙ୍କ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ବଳରେ କିୱି ଦଳ ଚିତ୍ ପଟାଙ୍ଗ ମାରିଥିଲା। ଭାରତୀୟ କ୍ରିକେଟ ଦଳର ଷ୍ଟ୍ରାଇକ୍ ବୋଲର ମହମ୍ମଦ ଶାମି ବୁଧବାର ୭ ଉଇକେଟ ନେବା ସହିତ ବିଶ୍ୱର ଦ୍ରୁତତମ ବୋଲର ଭାବେ ବିଶ୍ୱକପରେ ସେ ୫୦ ଉଇକେଟ ପୂରଣ କରିଛନ୍ତି। ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ଉଇକେଟ ନେବାର ରେକର୍ଡ ଶାମିଙ୍କ ନାମରେ ରହିଥିବା ବେଳେ ବୁଧବାର ବିଶ୍ୱର ସପ୍ତମ ବୋଲର ଭାବେ ସେ ୫୦ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। ଶାମି ୧୭ ଇନିଂସରେ ୫୪ ଉଇକେଟ ନେଇଥିବା ବେଳେ ମିଚେଲ ଷ୍ଟାର୍କଙ୍କ ରେକର୍ଡ ଭାଙ୍ଗିଛନ୍ତି। ଷ୍ଟାର୍କ ୧୯ ଇନିଂସରେ ୫୦ ଉଇକେଟ ପୂରଣ କରିଥିଲେ। ଶାମି ଆହୁରି ଅନେକ ରେକର୍ଡ ନିଜ ନାମରେ କରିଛନ୍ତି। ପ୍ରଥମ ଭାରତୀୟ ଭାବରେ ଶାମି ବିଶ୍ୱକପରେ ୭ ଉଇକେଟ ହାସଲ କରିଛନ୍ତି। ସେ ଓଭରଅଲ୍ ପଞ୍ଚମ ବୋଲର ଏବଂ ପ୍ରଥମ ବୋଲର ଭାବେ ନକ୍‌ଆଉଟରେ ଏହି ସଫଳତା ହାସଲ କରିଛନ୍ତି। ଚଳିତ ସଂସ୍କରଣରେ ଅଦ୍ୟାବଧି ୨୩ ଉଇକେଟ ନେଇ ସାରିଥିବା ଶାମି ଗୋଟିଏ ସଂସ୍କରଣରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ଯୁଗ୍ମ ତୃତୀୟ ସ୍ଥାନରେ ରହିଛନ୍ତି। ମିଚେଲ୍ ଷ୍ଟାର୍କ ୨୦୧୯ରେ ୨୭ ଉଇକେଟ ନେଇଥିବା ବେଳେ ୨୦୦୭ରେ ଗ୍ଲେନ୍ ମ୍ୟାକଗ୍ରା ୨୬ ଉଇକେଟ ନେଇଥିଲେ।

## ଶୁଭେଚ୍ଛା ଜଣାଇଲେ ମୋଦି

ଦିନିକିଆ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ କ୍ରିକେଟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଭାରତୀୟ ଦଳ ଏକ ଚମତ୍କାର ପ୍ରଦର୍ଶନ ଜରିଆରେ ସମ୍ପୂର୍ଣ୍ଣ ଷ୍ଟାଇଲରେ ଫାଇନାଲରେ ପ୍ରବେଶ କରିଛି। ଉଭୟ ବ୍ୟାଟ ଓ ବଲ୍ ଜରିଆରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଭାରତୀୟ ଦଳକୁ ଫାଇନାଲ ମ୍ୟାଚ୍ ପାଇଁ ଶୁଭେଚ୍ଛା ବୋଲି ଏକ୍ସରେ ଲେଖିଥିଲେ ମୋଦି। ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇବାର ଦୁଇ ମିନିଟ ପରେ ପ୍ରଧାନମନ୍ତ୍ରୀ ଆଉ ଏକ ଟୁଇଟ କରିବା ସହ ପ୍ଲେୟର ଅଫ୍ ଦ ମ୍ୟାଚ ମହମ୍ମଦ ଶାମିଙ୍କୁ ପ୍ରଶଂସା କରିଥିଲେ।

## ଅଧିନାୟକ ପଦ ଛାଡ଼ିଲେ ବାବର

**କରାଚୀ, ୧୫।୧୧(ପିଟି):** ପାକିସ୍ତାନର ବାବର ଆଜମ ବୁଧବାର ଅଧିନାୟକ ପଦ ଛାଡ଼ିଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରୁ ସେ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ସେ ନିଜ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି । ''ଆଜି ମୁଁ ସମସ୍ତ ଫର୍ମାଟରେ ପାକିସ୍ତାନ ଅଧିନାୟକ ପଦ ଛାଡୁଛି। ଏହା କଷ୍ଟସାଧ୍ୟ ନିଷ୍ପତ୍ତି, ମାତ୍ର ପଦ ଛାଡ଼ିବାକୁ ଏହା ଉପଯୁକ୍ତ ସମୟ ବୋଲି ଅନୁଭବ କରୁଛି'' ବୋଲି ବାବର ଲେଖିଛନ୍ତି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନ ଦଳ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହି ଏଲିମିନେଟ୍ ହୋଇଥିଲା। ୯ ମ୍ୟାଚରୁ ଦଳ ୫ଟି ମ୍ୟାଚରେ ପରାଜିତ ହୋଇଥିଲା। ବିଶେଷକରି ଆଫଗାନିସ୍ତାନଠାରୁ ପରାଜୟ ପରେ ବାବରଙ୍କ ନେତୃତ୍ୱ ପ୍ରତି ଅଙ୍ଗୁଳି ଉଠିଥିଲା। ଦଳ ଚୟନକୁ ନେଇ ବାବର ତୀବ୍ର ସମାଲୋଚନାର ଶରବ୍ୟ ହୋଇଥିଲେ। ସେ ତାଙ୍କ ପସନ୍ଦର ଖେଳାଳି ଏବଂ ବନ୍ଧୁଙ୍କୁ ଦଳରେ ନେଇଥିବା ଅଭିଯୋଗ ହୋଇଥିଲା। ଏହା ମଧ୍ୟରେ ଇମାମ ଉଲ୍ ହକ୍, ମହମ୍ମଦ ନୱାଜ ଓ ଶଦାବ ଖାଁ ସାମିଲ।

**ଶୁଭେଚ୍ଛା ଜଣାଇଲେ ସଚିନ**

# କୋହଲି 'ବିରାଟ' ଖେଳାଳି

ମୁମ୍ବାଇ,୧୫।୧୧(ପି.ଟି.)

ଦିନିକିଆ କ୍ରିକେଟରେ ୫୦ତମ ଶତକ ହାସଲ କରିଥିବା ବିରାଟ କୋହଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସଚିନ ତେନ୍ଦୁଲକର। ୱାଙ୍ଖେଡେ ଷ୍ଟାଡିୟମରେ ଖେଳା ଯାଇଥିବା ପ୍ରଥମ ସେମିଫାଇନାଲରେ କୋହଲି ନିଜର ୫୦ତମ ଶତକ ହାସଲ କରିବା ସମୟରେ ଦର୍ଶକ ଷ୍ଟାଣ୍ଡରେ ବସି ସଚିନ ତେନ୍ଦୁଲକର ମ୍ୟାଚର ମଜା ନେଉଥିଲେ। ପ୍ରଥମ ଇନିଂସ ପରେ ଉଭୟ ଖେଳାଳି ପରସ୍ପରକୁ ଭେଟିଥିବା ବେଳେ ସଚିନ ତାଙ୍କୁ ଆଲିଙ୍ଗନ କରିଥିଲେ। ୫୦ତମ ଶତକ ହାସଲ କରିବା ସହିତ କୋହଲି ତେନ୍ଦୁଲକରଙ୍କ ୪୯ ଶତକର ରେକର୍ଡକୁ ଭାଙ୍ଗିଥିଲେ। ଏହାପରେ ଟୁଇଟ୍ କରି ପ୍ରଥମ ଦିନରେ କୋହଲିଙ୍କୁ ଭେଟିବାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ସଚିନ। 'ଭାରତୀୟ ଡ୍ରେସିଂରୁମ୍‌ରେ ତୁମକୁ ପ୍ରଥମ ଥର ଭେଟିଥିଲି। ସାଥୀ ଖେଳାଳିଙ୍କ ଥଟ୍ଟାମଜାର ଶିକାର ହୋଇ କୋହଲି ତାଙ୍କ ପାଦ ଛୁଇଁଥିଲେ। ସେଦିନର ଏହି ଘଟଣା ପରେ ମୁଁ ଖୁବ୍ ହସିଥିଲି। ତେବେ ତୁମ ଦକ୍ଷତା ଓ କ୍ରିକେଟ ପ୍ରତି ଥିବା ଭଲପାଇବା ଦ୍ୱାରା ଖୁବ୍ ଶୀଘ୍ର ତୁମେ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରି ନେଇଥିଲ। ସେଦିନର ସେହି ଯୁବକ ଆଜି 'ବିରାଟ' ଖେଳାଳିରେ ପରିବର୍ତ୍ତନ ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି' ବୋଲି ଟୁଇଟ୍ କରିଥିଲେ ତେନ୍ଦୁଲକର। ଜଣେ ଭାରତୀୟ ଏହି ରେକର୍ଡ ଭାଙ୍ଗିଥିବାରୁ ମୁଁ ଆହୁରି ଅଧିକ ଖୁସି ବୋଲି କହିଥିଲେ ତେନ୍ଦୁଲକର। ବିଶ୍ୱକପ୍‌ର ସେମିଫାଇନାଲ ଓ ମୋର ହୋମ୍ ଗ୍ରାଉଣ୍ଡରେ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ସେ କହିଛନ୍ତି । ଇନିଂସ ବ୍ରେକ୍ ସମୟରେ ତେନ୍ଦୁଲକର ତାଙ୍କୁ ପ୍ରଶଂସା କରିବା ସହିତ ଆଲିଙ୍ଗନ କରିଥିଲେ। ଏହି ଇନିଂସକୁ ନେଇ ମୁଁ ବହୁତ ଖୁସି। ମୋ ହିରୋ ଏବଂ ପତ୍ନୀ ଦର୍ଶକ ଷ୍ଟାଣ୍ଡରେ ବସିଥିବା ବେଳେ ଏହି ମାଇଲଖୁଣ୍ଟ ହାସଲ କରିବା ମୋ ପାଇଁ ସର୍ବଦା ସ୍ୱତନ୍ତ୍ର। ଏହା ସହିତ ୱାଙ୍ଖେଡେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ମଧ୍ୟ କୋହଲି ଧନ୍ୟବାଦ ଜଣାଇଥିଲେ।

କେବଳ ସଚିନ ନୁହନ୍ତି, ବିଶ୍ୱର ଅନେକ କିମ୍ବଦନ୍ତୀ କ୍ରିକେଟର କୋହଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପାକିସ୍ତାନୀ କ୍ରିକେଟର ୱାସିମ ଆକ୍ରମ ଲେଖିଥିଲେ, ଆମେ ବର୍ତ୍ତମାନ କୋହଲିଙ୍କ ଶତାବ୍ଦୀରେ ବଞ୍ଚୁଛେ। ସମ୍ରାଟ କୋହଲିଙ୍କୁ ଶୁଭେଚ୍ଛା। ୫୦ତମ ଶତକ ସହିତ ଇତିହାସ ସୃଷ୍ଟି ପାଇଁ ଏହାଠାରୁ ଭଲ ମୁହୂର୍ତ୍ତ ଆଉ କ'ଣ ହୋଇପାରେ ବୋଲି ଲେଖିଛନ୍ତି ଭିଭିଏସ୍ ଲକ୍ଷ୍ମଣ। ବିଶ୍ୱକପ୍ ସେମିଫାଇନାଲ ସହିତ ତାଙ୍କ ବ୍ୟାଟିଂ ହିରୋ ତେନ୍ଦୁଲକରଙ୍କ ଉପସ୍ଥିତି ଏହାକୁ ଅଧିକ ସ୍ମରଣୀୟ କରିଛି। ସୁରେଶ ରାଇନା ଲେଖିଥିଲେ, ଏହି ମୁହୂର୍ତ୍ତକୁ ସମସ୍ତ କ୍ରିକେଟ ଫ୍ୟାନ୍ ଦୀର୍ଘ ଦିନ ହେବ ଅପେକ୍ଷା କରିଥିଲେ। ଦିନିକିଆ କ୍ରିକେଟରେ ସର୍ବାଧିକ ଶତକର ମାଇଲଷ୍ଟୋନ୍ ପାଇଁ ବିରାଟଙ୍କୁ ଶୁଭେଚ୍ଛା। ଇଆନ୍ ବିଶପ୍ ଲେଖିଥିଲେ, ବିଶ୍ୱକପ୍ ସେମିଫାଇନାଲରେ ୫୦ ତମ ଶତକ ସ୍ୱତନ୍ତ୍ର। ସଚିନ ତେନ୍ଦୁଲକର, ଭିଭିଆନ୍ ରିଚାର୍ଡସ, ସୁନୀଲ ଗାଭାସ୍କର ଓ ଡେଭିଡ୍ ବେକହାମ୍‌ଙ୍କ ପରି କିମ୍ବଦନ୍ତୀଙ୍କ ଉପସ୍ଥିତି ଏହାକୁ ଆହୁରି ପ୍ରସିଦ୍ଧ କରିଛି।

ଏହା ବ୍ୟତୀତ ଟେନିସ୍‌ର ସର୍ବାଧିକ ଗ୍ରାଣ୍ଡସ୍ଲାମ ହାସଲ କରିଥିବା ନୋଭାକ୍ ଜୋକୋଭିଚ୍ ମଧ୍ୟ ବିରାଟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିରାଟଙ୍କୁ କିମ୍ବଦନ୍ତୀ ବୋଲି କହିବା ସହ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ବଧେଇ ଦେଇଛନ୍ତି ଜୋକୋଭିଚ୍। ଅନ୍ୟତମ ଭାରତୀୟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ମଧ୍ୟ କୋହଲିଙ୍କୁ ପ୍ରଶଂସା କରିଛନ୍ତି। କେବଳ କୋହଲି ନୁହନ୍ତି ତାଙ୍କ ପରିବାର ମଧ୍ୟ ସମାନ ପରିମାଣରେ ପ୍ରଶଂସାର ହକଦାର। ଏହି ବିଶ୍ୱକପରେ ସେ ଅନ୍ୟ ଏକ ଗ୍ରହରୁ ଆସିଥିବା ପରି ମନେ ହେଉଛନ୍ତି ବୋଲି କହିଛନ୍ତି ଗାଭାସ୍କର। ସେହିପରି ୨୦୧୧ ବିଶ୍ୱକପର ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଯୁବରାଜ ସିଂ ମଧ୍ୟ କୋହଲିଙ୍କୁ ପ୍ରଶଂସା କରି ତାଙ୍କୁ ଚଳିତ ପିଢିର ଶ୍ରେଷ୍ଠ କ୍ରିକେଟର କହିଛନ୍ତି।



ସଚିନ ତେନ୍ଦୁଲକର ଓ ବିସିସିଆଇ ସମ୍ପାଦକ ଜୟ ଶାହା ମ୍ୟାଚ ଉପଭୋଗ କରୁଛନ୍ତି।




ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲ ଅବସରରେ ପୂର୍ବତନ ଇଂଲଣ୍ଡ ଫୁଟବଲର ଡେଭିଡ ବେକ୍‌ହାମ୍, ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା, ବଲିଉଡ୍ ତାରକା ସିଦ୍ଧାର୍ଥ ମାଲହୋତ୍ରା, କିଆରା ଆଡଭାନୀ, ରଣବୀର କପୁର ଓ ଅନ୍ୟମାନେ।

# ଭୁବନେଶ୍ୱରରେ ଫିଫା-ଏଆଇଏଫ୍‌ଏଫ୍ ଏକାଡେମୀ

ନୂଆଦିଲ୍ଲୀ,୧୫।୧୧(ପି.ଟି.)

ଦେଶର ନୂଆ କ୍ରୀଡା ହବ୍ ପାଲଟିଥିବା ଭୁବନେଶ୍ୱରରେ ଏକ ନୂତନ ଫୁଟ୍‌ବଲ ଏକାଡେମୀ ଉଦ୍‌ଘାଟିତ ହେବାକୁ ଯାଉଛି। ଫିଫା ଓ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍‌ଏଫ୍)ର ମିଳିତ ପ୍ରୟାସରେ ଏହାକୁ ନିର୍ମାଣ କରାଯାଇଥିବା ବେଳେ ଆସନ୍ତା ନଭେମ୍ବର ୨୧ ତାରିଖରେ କିମ୍ବଦନ୍ତୀ ଫୁଟ୍‌ବଲ ପ୍ରଶିକ୍ଷକ ଆର୍ସେନ ୱେଙ୍ଗର ଏହାକୁ ଉଦ୍‌ଘାଟନ କରିବେ। ଏହା ସହିତ ଫିଫା ପକ୍ଷରୁ ଏକ ଦକ୍ଷତା ବିକାଶ ପ୍ରୋଗ୍ରାମ ମଧ୍ୟ ଲଞ୍ଚ କରାଯିବ। ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପମେଣ୍ଟ ପ୍ରୋଗ୍ରାମର ମୁଖ୍ୟ ରହିଥିବା ୱେଙ୍ଗର ଆସନ୍ତା ନଭେମ୍ବର ୧୯-୨୩ ମଧ୍ୟରେ ଭାରତ ଗସ୍ତରେ ରହିବେ। ଏହି ସମୟରେ ସେ ବିଭିନ୍ନ ଆଇଏସ୍‌ଏଲ୍ କ୍ଲବ୍, ଆଇ ଲିଗ୍ କ୍ଲବ୍ ଓ ଫୁଟ୍‌ବଲର ଉନ୍ନତି ସହିତ ସମ୍ପୃକ୍ତ ଅନ୍ୟମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ଏଆଇଏଫ୍‌ଏଫ୍ ପକ୍ଷରୁ ଏକ ପ୍ରେସ ରିଲିଜ୍‌ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ସଭାପତି କଲ୍ୟାଣ ଚୌବେ। ୧୯୯୬ରୁ ୨୦୧୮ ଯାଏ ଫୁଟ୍‌ବଲ କ୍ଲବ ଆର୍ସେନଲର ମ୍ୟାନେଜର ରହିଥିଲେ ୱେଙ୍ଗର। ଏହି ସମୟରେ ଦଳ ୩ ଥର ପ୍ରିମିୟର ଲିଗ୍ ଓ ୭ ଥର ଏଫ୍‌ଏ କପ୍ ଚାମ୍ପିୟନ ହୋଇଥିଲା। ଏହାବ୍ୟତୀତ କ୍ରମାଗତ ୪୯ ମ୍ୟାଚ୍‌ରେ ଦଳ ଅପରାଜେୟ ରହିଥିଲା।

ଏହି ଏକାଡେମୀକୁ ସ୍ୱୟଂସମ୍ପୂର୍ଣ୍ଣ ଭାବରେ ଗଢି ତୋଳିବାକୁ ଆମେ ସମସ୍ତ ପ୍ରୟାସ କରିଛୁ ବୋଲି କହିଛନ୍ତି ଚୌବେ। ୱେଙ୍ଗରଙ୍କ ନିକଟରେ ରହିଥିବା ଅଭିଜ୍ଞତା ଏକାଡେମୀକୁ ଶ୍ରେଷ୍ଠ ଭାବରେ ଗଢି ତୋଳିବା ନେଇ ଆମର ଦୃଢବିଶ୍ୱାସ ରହିଛି ବୋଲି ସେ କହିଛନ୍ତି । ସେହିପରି ଏଆଇଏଫ୍‌ଏଫ୍‌ର କାର୍ଯ୍ୟକାରୀ ମହାସଚିବ ରହିଥିବା ଏମ୍. ସତ୍ୟନାରାୟଣ ଏହାକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। ୧୪ ବର୍ଷରୁ କମ୍ ଯୁବ ଖେଳାଳିଙ୍କ ଉନ୍ନତି ପାଇଁ ଏହା ଏକ ଭଲ ସୁଯୋଗ ବୋଲି ସେ କହିଛନ୍ତି। ଏହି ଏକାଡେମୀ ପାଇଁ ସେର୍ଗି ଆମେଜୁକା ଫଣ୍ଟୋଡୋନାଙ୍କୁ ଫିଫା କୋଚ୍ ନିଯୁକ୍ତ କରିଛି। ପୂର୍ବରୁ ସେ ଚାଇନାରେ ଫୁଟବଲର ବିକାଶ ପାଇଁ କାର୍ଯ୍ୟ କରି ସାରିଛନ୍ତି।




କଲ୍ୟାଣ ଚୌବେଙ୍କ ସହ ଆର୍ସେନ ୱେଙ୍ଗର।

# ବିଜୟ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷଣା

**କଟକ,୧୫।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ୨୩ରୁ ଆରମ୍ଭ ହେବ ଏକ ଦିବସୀୟ ଫର୍ମାଟର କ୍ରିକେଟ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବୁଧବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ନେବେ ବିପ୍ଳବ ସାମନ୍ତରାୟ। ଓଡ଼ିଶା ଦଳ ଲିଗ ପର୍ଯ୍ୟାୟର ସମସ୍ତ ମ୍ୟାଚ ବେଙ୍ଗାଲୁରୁରେ ଖେଳିବ। ପ୍ରଥମ ମ୍ୟାଚରେ ଦଳ ତ୍ରିପୁରାକୁ ଭେଟିବ। ଅଧିନାୟକ ବିପ୍ଳବ ସାମନ୍ତରାୟ, ସନ୍ଦୀପ ପଟ୍ଟନାୟକ, ଅନୁରାଗ ଷଡ଼ଙ୍ଗୀ, ଶୁଭ୍ରାଂଶୁ ସେନାପତି, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ରାଜେଶ ଧୂପର (ଉଇକେଟ କିପର), ପ୍ରବୀଣ ଲୁହା (ଉଇକେଟ କିପର), ପ୍ରୟାସ ସିଂ, ତରଣୀ ସ', ହର୍ଷିତ ରାଥୋଡ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ଅଭିଷେକ ଯାଦବ, ଦେବେନ୍ଦ୍ର କୁଅଁର ଦଳରେ ସ୍ଥାନ ପାଇଛନ୍ତି। ବୁଧବାର ଓସିଏ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ସିନିୟର ପୁରୁଷ ଦଳ ଚୟନ କମିଟି ଅଧ୍ୟକ୍ଷ ଅମୀୟ ରାୟ ଓ କୋଚ୍ ଦିନେଶ ମୋଙ୍ଗିଆ ଉପସ୍ଥିତ ରହି ଦଳ ଘୋଷଣା କରିଥିଲେ। ନବାଗତ ଭାବେ ଦେବେନ୍ଦ୍ର କୁଅଁର ଦଳରେ ସାମିଲ ହୋଇଛନ୍ତି। ଟି୨୦ ଫର୍ମାଟରେ ପୂର୍ବରୁ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଦେବେନ୍ଦ୍ର ଲିଷ୍ଟ-ଏ ଫର୍ମାଟରେ ପଦାର୍ପଣ କରିବେ। ସେହିପରି ଯୁବ ତାରକା ପେସ୍ ବୋଲର ରାଜେଶ ମହାନ୍ତି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।








## ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ସ୍କୋରବୋର୍ଡ

**ଭାରତ ଇନିଂସ**
ରୋହିତ-କ-ୱିଲିୟମସନ-ବୋ-ସୌଦୀ-୪୭
ଗିଲ୍-ନଟ୍‌ଆଉଟ-୮୦
କୋହଲି-କ-କନ୍‌ୱେ-ବୋ-ସୌଦୀ-୧୧୭
ଆୟର-କ-ମିଚେଲ-ବୋ-ବୋଲ୍ଟ-୧୦୫
ରାହୁଲ-ନଟଆଉଟ-୩୯
ସୂର୍ଯ୍ୟକୁମାର-କ-ଫିଲିପ୍ସ-ବୋ-ସୌଦୀ-୧
ଅତିରିକ୍ତ-୮
ମୋଟ (୫୦ ଓଭର, ୪ ଉଇକେଟ) ୩୯୭।
ଉଇକେଟ ପତନ: ୧/୭୧, (ସ୍କୋର ୧୬୪ ଥିବାବେଳେ ଶୁବମନ ଗିଲ୍ ରିଟାୟର୍ଡ ହର୍ଟ), ୨/୩୨୭, ୩/୩୮୧, ୪/୩୮୨।

**ବୋଲିଂ (ନ୍ୟୁଜିଲାଣ୍ଡ)**
ବୋଲ୍ଟ ୧୦-୦-୮୬-୧
ସୌଦୀ ୧୦-୦-୧୦୦-୩
ସାଣ୍ଟନର ୧୦-୧-୫୧-୦
ଫର୍ଗୁସନ ୮-୦-୬୫-୦
ରବୀନ୍ଦ୍ର ୭-୦-୬୦-୦
ଫିଲିପ୍ସ ୫-୦-୩୩-୦

**ନ୍ୟୁଜିଲାଣ୍ଡ ଇନିଂସ**
କନ୍‌ୱେ-କ-ରାହୁଲ-ବୋ-ଶାମି-୧୩
ରବୀନ୍ଦ୍ର-କ-ରାହୁଲ-ବୋ-ଶାମି-୧୩
ୱିଲିୟମସନ-କ-ଯାଦବ-ବୋ-ଶାମି-୬୯
ମିଚେଲ-କ-ଜାଡେଜା-ବୋ-ଶାମି-୧୩୪
ଲଥାମ-ଏଲବିଡବ୍ଲ୍ୟୁ-ଶାମି-୦
ଫିଲିପ୍ସ-କ-ଜାଡେଜା-ବୋ-ବୁମ୍ରା-୪୧
ଚାପମାନ-କ-ଜାଡେଜା-ବୋ-କୁଲଦୀପ-୨
ସାଣ୍ଟନର-କ-ରୋହିତ-ବୋ-ସିରାଜ-୯
ସୌଦି-କ-ରାହୁଲ-ବୋ-ଶାମି-୯
ଫର୍ଗୁସନ୍-କ-ରାହୁଲ-ବୋ-ଶାମି-୬
ବୋଲ୍ଟ-ନଟଆଉଟ-୨
ଅତିରିକ୍ତ-୨୯
ମୋଟ (୪୮.୫ ଓଭର, ୧୦ ଉଇକେଟ) ୩୨୭
ଉଇକେଟ ପତନ: ୧/୩୦, ୨/୩୯, ୩/୨୨୦, ୪/୨୨୦, ୫/୨୯୫, ୬/୨୯୮, ୭/୩୦୬, ୮/୩୧୯, ୯/୩୨୧, ୧୦/୩୨୭।

**ବୋଲିଂ (ଭାରତ)**
ବୁମ୍ରା ୧୦-୧-୬୪-୧
ସିରାଜ ୯-୦-୭୮-୧
ଶାମି ୯.୫-୦-୫୭-୭
ଜାଡେଜା ୧୦-୦-୬୩-୦
କୁଲଦୀପ ୧୦-୦-୫୬-୧

# କୋହଲି, ରୋହିତଙ୍କ ରେକର୍ଡ

**ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଭାରତର ବିରାଟ କୋହଲି ଓ ରୋହିତ ଶର୍ମା ମାଇଲଖୁଣ୍ଟ ସ୍ପର୍ଶ କରି ରେକର୍ଡ କରିଛନ୍ତି। କେତେକ ରେକର୍ଡର ପରିସଂଖ୍ୟାନକୁ ନେଇ ଏହି ରିପୋର୍ଟ..**

➤**୫୦:** ଦିନିକିଆ କ୍ରିକେଟରେ ୫୦ ଶତକ ପୂରଣ କଲେ ବିରାଟ କୋହଲି। ଏହି ଫର୍ମାଟରେ ସର୍ବାଧିକ ଶତକ ହାସଲ କରିବାରେ ସେ ସଚିନ ତେନ୍ଦୁଲକର(୪୯ ଶତକ)ଙ୍କ ରେକର୍ଡ ଭାଙ୍ଗିଲେ।

➤**୭୧୧:** ଚଳିତ ବିଶ୍ୱକପ୍‌ରେ ବିରାଟ କୋହଲି ପ୍ରଥମ ସେମିଫାଇନାଲ ଶେଷ ସୁଦ୍ଧା ୭୧୧ ରନ ସ୍କୋର କରିଛନ୍ତି। ଏଥିସହ ସେ କୌଣସି ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହରେ ରେକର୍ଡ କରିଛନ୍ତି। ପୂର୍ବରୁ ୨୦୦୩ ବିଶ୍ୱକପ୍‌ରେ ୬୭୩ ରନକରି ସଚିନ ତେନ୍ଦୁଲକର ଏହି ରେକର୍ଡର ଅଧିକାରୀ ଥିଲେ।

➤**୮:** ୨୦୨୩ ବିଶ୍ୱକପ୍‌ରେ କୋହଲି ୮ଥରରୁ ଅଧିକ ୫୦+ ସ୍କୋର କରିଛନ୍ତି। କୌଣସି ଗୋଟିଏ ସଂସ୍କରଣରେ ଏହା ସର୍ବାଧିକ। ୨୦୦୩ ବିଶ୍ୱକପ୍‌ରେ ସଚିନ ତେନ୍ଦୁଲକର ଓ ୨୦୧୯ ବିଶ୍ୱକପ୍‌ରେ ଶାକିବ ଅଲ୍ ହାସନ ୭ ଥର ଲେଖାଏ ୫୦ରୁ ଅଧିକ ରନକରି ରେକର୍ଡର ଅଧିକାରୀ ଥିଲେ।

➤**୫୧:** ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରୋହିତ ଶର୍ମାଙ୍କ ଛକା ସଂଖ୍ୟା ୫୧ରେ ପହଞ୍ଚିଛି। ଏ କ୍ଷେତ୍ରରେ ସେ କ୍ରିସ୍ ଗେଲ୍ (୪୯ ଛକା)ଙ୍କ ରେକର୍ଡ ଭାଙ୍ଗିଛନ୍ତି। କେବଳ ୨୦୨୩ ବିଶ୍ୱକପରେ ରୋହିତ ଏପର୍ଯ୍ୟନ୍ତ ୨୮ଟି ଛକା ମାରିଛନ୍ତି। କୌଣସି ଗୋଟିଏ ବିଶ୍ୱକପରେ ଜଣେ ଖେଳାଳି ଏତେ ଛକା ମାରିବା ଏହା ପ୍ରଥମ। ୨୦୧୫ରେ କ୍ରିସ୍ ଗେଲ୍ ୨୬ଟି ଛକା ମାରି ରେକର୍ଡର ଅଧିକାରୀ ଥିଲେ।

➤**୧୪:** ୨୦୨୩ରେ ରୋହିତ ଓ ଶୁବମନ ଗିଲ୍ ୨୧ ଇନିଂସରୁ ୧୪ ଥର ୫୦ରୁ ଊର୍ଦ୍ଧ୍ୱ ରନର ପାର୍ଟନରଶିପ୍ କରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ ଭାଗୀଦାରିରେ ଏହା ଏକ ରେକର୍ଡ। ଚଳିତ ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିବା ସମସ୍ତ ୫ଟି ଯାକ ଦିନିକିଆରେ ଏ ଦୁହେଁ ଓପନିଂ ଯୋଡ଼ିରେ ୫୦ରୁ ଊର୍ଦ୍ଧ୍ୱ ରନର ଭାଗୀଦାରି ଗଢ଼ିଛନ୍ତି।



## ବିରାଟଙ୍କ ୫୦ ଶତକ

ଭାରତୀୟ କ୍ରିକେଟ ସୁପରଷ୍ଟାର ବିରାଟ କୋହଲି ନିଜ କ୍ରିକେଟ କ୍ୟାରିୟରରେ ଆଉ ଏକ ରେକର୍ଡ କରିଛନ୍ତି। ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ ଦିନିକିଆ କ୍ରିକେଟରେ ହାସଲ କରିଛନ୍ତି ୫୦ତମ ଶତକ। ଅନ୍ୟତମ ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ରେକର୍ଡକୁ ଭାଙ୍ଗିବା ସହିତ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ମୁମ୍ବାଇ ୱାଙ୍ଖେଡେ ଷ୍ଟାଡିୟମରେ ୧୧୭ ରନ୍‌ର ଇନିଂସ ଖେଳିବା ସହିତ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ପୂର୍ବରୁ କୋଲକାତାର ଇଡେନ୍ ଗାର୍ଡେନ୍ସରେ ସଚିନଙ୍କ ରେକର୍ଡର ସମକକ୍ଷ ହୋଇଥିଲେ କୋହଲି। ୧୧୩ ବଲ୍ ଖେଳିଥିବା କୋହଲି ୯ ଚୌକା ଓ ୨ ଛକା ସହ ୧୧୭ ରନ୍ ସ୍କୋର କରିଥିଲେ। ୧୨ ବର୍ଷ ତଳେ ଅନ୍ତର୍ଜାତୀୟ କ୍ରିକେଟରେ ନିଜର ପ୍ରଥମ ଶତକ ହାସଲ କରିଥିବା କୋହଲି କ୍ରିକେଟର ଭଗବାନ ଭାବେ ଅନେକଙ୍କ ହୃଦୟରେ ସ୍ଥାନ ନେଇଥିବା ସଚିନ ତେନ୍ଦୁଲକରଙ୍କ ହୋମ୍ ଗ୍ରାଉଣ୍ଡରେ ସ୍ୱୟଂ ସଚିନଙ୍କ ଉପସ୍ଥିତିରେ ତାଙ୍କ ରେକର୍ଡ ଭାଙ୍ଗିଛନ୍ତି।

### ଦିନିକିଆରେ ସର୍ବାଧିକ ଶତକ
୫୦: ବିରାଟ କୋହଲି
୪୯: ସଚିନ ତେନ୍ଦୁଲକର
୩୧: ରୋହିତ ଶର୍ମା
୩୦: ରିକି ପଣ୍ଟିଂ
୨୮: ସନଥ ଜୟସୁରିୟା

## ଏହି ମୁହୂର୍ତ୍ତକୁ ବିଶ୍ୱାସ କରିବା ଅସମ୍ଭବ


ଶତକ ହାସଲ ପରେ ପରସ୍ପରକୁ ଫ୍ଲାଇଂ କିସ୍ ଦେଉଛନ୍ତି ବିରାଟ କୋହଲି ଓ ଅନୁଷ୍କା ଶର୍ମା।

**ମୁମ୍ବାଇ,୧୫।୧୧(ପି.ଟି.)**
ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲରେ ବିରାଟ କୋହଲି ବିଶ୍ୱର ପ୍ରଥମ ଖେଳାଳି ଭାବରେ ୫୦ତମ ଶତକ ପୂରଣ କରିଛନ୍ତି। ବିଶ୍ୱକପ୍‌ର ସେମିଫାଇନାଲ, ଦର୍ଶକ ଷ୍ଟାଣ୍ଡରେ ଗୋଟିଏ ପଟେ କୋହଲିଙ୍କ ହିରୋ ସଚିନ ତେନ୍ଦୁଲକର, ଅନ୍ୟ ପଟେ ପତ୍ନୀ ଅନୁଷ୍କା ଶର୍ମା, ତା ସହିତ ଫୁଟ୍‌ବଲ କିମ୍ବଦନ୍ତୀ ଡେଭିଡ୍ ବେକ୍‌ହାମ ଓ ୱାଙ୍ଖେଡେର ଦର୍ଶକ ଭର୍ତ୍ତି ଷ୍ଟାଡିୟମ। ଏଭଳି ଚାପମୟ ପରିସ୍ଥିତିରେ ବିରାଟ କୋହଲି ପୁନର୍ବାର ରେକର୍ଡ ବୁକ୍‌ରେ ନିଜ ନାମ ଉଲ୍ଲେଖ କରିଛନ୍ତି। ଇନିଂସ ବିରତି ସମୟରେ ଏହି ରେକର୍ଡ କରି କିଭଳି ଅନୁଭବ ହେଉଛି ବୋଲି ପ୍ରଶ୍ନର ଉତ୍ତରରେ କୋହଲି କହିଥିଲେ, ଏହି ମୁହୂର୍ତ୍ତ ତାଙ୍କ ପାଇଁ ବିଶ୍ୱାସ କରିବା ଅସମ୍ଭବ। କିମ୍ବଦନ୍ତୀ ସଚିନ ତେନ୍ଦୁଲକର ମୋତେ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମସ୍ତ ଘଟଣା ବର୍ତ୍ତମାନ ମଧ୍ୟ ଏକ ସ୍ୱପ୍ନ ଭଳି ଲାଗୁଛି। କ୍ୟାରିୟର ଆରମ୍ଭ କରିବା ସମୟରେ ଏତେବାଟ ପହଞ୍ଚିବା ନେଇ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି। ସେମିଫାଇନାଲରେ ଏଭଳି ମୁହୂର୍ତ୍ତ ଆସିବା ମୋ ପାଇଁ ଆହୁରି ସ୍ମରଣୀୟ। ଶତକ ହାସଲ ପରେ କୋହଲି ହେଲ୍‌ମେଟ କାଢି ପଡିଆରେ ବସି ପଡିଥିବା ବେଳେ ସଚିନଙ୍କ ଆଡକୁ ଅନାଇ ଅଭିବାଦନ ଜଣାଇଥିଲେ। ପରେ ପତ୍ନୀ ଅନୁଷ୍କା ଶର୍ମାଙ୍କୁ ଏକ ଫ୍ଲାଇଂ କିସ୍ ମଧ୍ୟ ଦେଇଥିଲେ। ମୋ ହିରୋ ଓ ମୋ ଲାଇଫ୍ ପାର୍ଟନର ଉଭୟ ଦର୍ଶକ ଷ୍ଟାଣ୍ଡରେ ବସିଥିବା ବେଳେ ଏହି ମୁହୂର୍ତ୍ତ ମୋ ପାଇଁ ଏକ ସ୍ୱପ୍ନଠାରୁ କମ୍ ନ ଥିଲା। ଏହି ସମୟରେ ମୁଁ କିଭଳି ଅନୁଭବ କରୁଥିଲି ତାହା ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ ବୋଲି କହିଥିଲେ କୋହଲି।

### ଦିନିକିଆ ବିଶ୍ୱକପ
ICC MEN'S CRICKET WORLD CUP INDIA 2023
**(ଆଜିର ମ୍ୟାଚ)**
**ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ**
**ସ୍ଥାନ: କୋଲକାତା,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଦିନିକିଆ ଶତକ ତାଲିକା

| ଶତକ | ସ୍କୋର | ବିପକ୍ଷ ଦଳ | ଭେନ୍ୟୁ | ତାରିଖ | ଫଳାଫଳ |
|---|---|---|---|---|---|
| ୧ | ୧୦୭ | ଶ୍ରୀଲଙ୍କା | ଇଡେନ୍ ଗାର୍ଡେନ୍ସ, କୋଲକାତା | ୨୪।୧୨।୨୦୦୯ | ବିଜୟୀ |
| ୨ | ୧୦୨* | ବାଂଲାଦେଶ | ଶେର ଏ ବାଂଲା,ଢାକା | ୧୧।୧।୨୦୧୦ | ବିଜୟୀ |
| ୩ | ୧୧୮ | ଅଷ୍ଟ୍ରେଲିଆ | ଏପିସିଏ ଷ୍ଟାଡିୟମ, ବିଶାଖାପଟ୍ଟନମ | ୨୦।୧୦।୨୦୧୦ | ବିଜୟୀ |
| ୪ | ୧୦୫ | ନ୍ୟୁଜିଲାଣ୍ଡ | ନେହେରୁ ଷ୍ଟାଡିୟମ,ଗୁଆହାଟୀ | ୨୮।୧୧।୨୦୧୦ | ବିଜୟୀ |
| ୫ | ୧୦୦* | ବାଂଲାଦେଶ | ଶେର ଏ ବାଂଲା,ଢାକା | ୧୯।୨।୨୦୧୧ | ବିଜୟୀ |
| ୬ | ୧୦୭ | ଇଂଲଣ୍ଡ | ସୋଫିଆ ଗାର୍ଡେନ୍, କାର୍ଡିଫ୍ | ୧୬।୯।୨୦୧୧ | ପରାଜୟ(ଡି/ଏଲ୍) |
| ୭ | ୧୧୨* | ଇଂଲଣ୍ଡ | ଫିରୋଜ ଶାହ କୋଟଲା, ଦିଲ୍ଲୀ | ୧୭।୧୦।୨୦୧୧ | ବିଜୟୀ |
| ୮ | ୧୧୭ | ୱେଷ୍ଟଇଣ୍ଡିଜ୍ | ଏପିସିଏ ଷ୍ଟାଡିୟମ, ବିଶାଖାପଟ୍ଟନମ | ୨।୧୨।୨୦୧୧ | ବିଜୟୀ |
| ୯ | ୧୩୩* | ଶ୍ରୀଲଙ୍କା | ବେଲେରିଭେ ଓଭାଲ, ହୋବାର୍ଟ | ୨୮।୨।୨୦୧୨ | ବିଜୟୀ |
| ୧୦ | ୧୦୮ | ଶ୍ରୀଲଙ୍କା | ଶେର ଏ ବାଂଲା,ଢାକା | ୧୩।୩।୨୦୧୨ | ବିଜୟୀ |
| ୧୧ | ୧୮୩ | ପାକିସ୍ତାନ | ଶେର ଏ ବାଂଲା,ଢାକା | ୧୮।୩।୨୦୧୨ | ବିଜୟୀ |
| ୧୨ | ୧୦୬ | ଶ୍ରୀଲଙ୍କା | ଏମ୍‌ଆର୍‌ଆଇସି, ହାମ୍ବାଣ୍ଟୋଟା | ୨୧।୦୭।୨୦୧୨ | ବିଜୟୀ |
| ୧୩ | ୧୨୮* | ଶ୍ରୀଲଙ୍କା | ଆର. ପ୍ରେମଦାସା, କଲମ୍ବୋ | ୩୧।୦୭।୨୦୧୨ | ବିଜୟୀ |
| ୧୪ | ୧୦୨ | ୱେଷ୍ଟଇଣ୍ଡିଜ୍ | କ୍ୱିନ୍ସ ପାର୍କ ଓଭାଲ, ପୋର୍ଟ ଅଫ୍ ସ୍ପେନ୍ | ୫।୭।୨୦୧୩ | ବିଜୟୀ(ଡି/ଏଲ୍) |
| ୧୫ | ୧୧୫ | ଜିମ୍ବାୱେ | ହରାରେ ସ୍ପୋର୍ଟ୍ସ କ୍ଲବ୍, ହରାରେ | ୨୪।୭।୨୦୧୩ | ବିଜୟୀ |
| ୧୬ | ୧୦୦* | ଅଷ୍ଟ୍ରେଲିଆ | ସୱାଇ ମାନସିଂହ, ଜୟପୁର | ୧୬।୧୦।୨୦୧୩ | ବିଜୟୀ |
| ୧୭ | ୧୦୦* | ଅଷ୍ଟ୍ରେଲିଆ | ଭିସିଏ,ନାଗପୁର | ୩୦।୧୦।୨୦୧୩ | ବିଜୟୀ |
| ୧୮ | ୧୨୩ | ନ୍ୟୁଜିଲାଣ୍ଡ | ମ୍ୟାକଲିନ ପାର୍କ, ନାପିଏର | ୧୯।୦୧।୨୦୧୪ | ପରାଜୟ |
| ୧୯ | ୧୩୬ | ବାଂଲାଦେଶ | ଖାନ୍ ସାହାବ ଓସମାନ, ଫତଉଲ୍ଲା | ୨୬।୨।୨୦୧୪ | ବିଜୟୀ |
| ୨୦ | ୧୨୭ | ୱେଷ୍ଟଇଣ୍ଡିଜ୍ | ଏଚ୍‌ପିସିଏ, ଧର୍ମଶାଳା | ୧୭।୧୦।୨୦୧୪ | ବିଜୟୀ |
| ୨୧ | ୧୩୯* | ଶ୍ରୀଲଙ୍କା | ଜେଏସ୍‌ସିଏ, ରାଞ୍ଚି | ୧୬।୧୧।୨୦୧୪ | ବିଜୟୀ |
| ୨୨ | ୧୦୭ | ପାକିସ୍ତାନ | ଆଡିଲେଡ୍ ଓଭାଲ,ଆଡିଲେଡ୍ | ୧୫।୦୨।୨୦୧୫ | ବିଜୟୀ |
| ୨୩ | ୧୩୮ | ଦକ୍ଷିଣ ଆଫ୍ରିକା | ଏମ୍ ଏ ଚିଦାମ୍ବରମ, ଚେନ୍ନାଇ | ୨୨।୧୦।୨୦୧୫ | ବିଜୟୀ |
| ୨୪ | ୧୧୭ | ଅଷ୍ଟ୍ରେଲିଆ | ମେଲବର୍ନ କ୍ରିକେଟ ଗ୍ରାଉଣ୍ଡ, ମେଲବର୍ନ | ୧୭।୧।୨୦୧୬ | ପରାଜୟ |
| ୨୫ | ୧୦୬ | ଅଷ୍ଟ୍ରେଲିଆ | ମାନୁକା ଓଭାଲ,କାନବେରା | ୨୦।୧।୨୦୧୬ | ପରାଜୟ |
| ୨୬ | ୧୫୪* | ନ୍ୟୁଜିଲାଣ୍ଡ | ଆଇ.ଏସ୍ ବିନ୍ଦ୍ରା, ମୋହାଲି | ୨୩।୧୦।୨୦୧୬ | ବିଜୟୀ |
| ୨୭ | ୧୨୨ | ଇଂଲଣ୍ଡ | ଏମ୍‌ସିଏ ଷ୍ଟାଡିୟମ, ପୁଣେ | ୧୫।୧।୨୦୧୭ | ବିଜୟୀ |
| ୨୮ | ୧୧୧* | ୱେଷ୍ଟଇଣ୍ଡିଜ୍ | ସବିନା ପାର୍କ,କିଙ୍ଗଷ୍ଟନ | ୬।୭।୨୦୧୭ | ବିଜୟୀ |
| ୨୯ | ୧୩୧ | ଶ୍ରୀଲଙ୍କା | ଆର. ପ୍ରେମଦାସା, କଲମ୍ବୋ | ୩୧।୦୮।୨୦୧୭ | ବିଜୟୀ |
| ୩୦ | ୧୧୦* | ଶ୍ରୀଲଙ୍କା | ଆର. ପ୍ରେମଦାସା, କଲମ୍ବୋ | ୩।୦୯।୨୦୧୭ | ବିଜୟୀ |
| ୩୧ | ୧୨୧ | ନ୍ୟୁଜିଲାଣ୍ଡ | ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ | ୨୨।୧୦।୨୦୧୭ | ପରାଜୟ |
| ୩୨ | ୧୧୩ | ନ୍ୟୁଜିଲାଣ୍ଡ | ଗ୍ରୀନ ପାର୍କ, କାନପୁର | ୨୯।୧୦।୨୦୧୭ | ବିଜୟ |
| ୩୩ | ୧୧୨ | ଦକ୍ଷିଣ ଆଫ୍ରିକା | କିଙ୍ଗ୍ସମେଡ୍,ଡର୍ବାନ୍ | ୧।୨।୨୦୧୮ | ବିଜୟୀ |
| ୩୪ | ୧୬୦* | ଦକ୍ଷିଣ ଆଫ୍ରିକା | ନ୍ୟୁଲାଣ୍ଡ୍ସ, କେପ୍‌ଟାଉନ୍ | ୭।୨।୨୦୧୮ | ବିଜୟୀ |
| ୩୫ | ୧୨୯ | ଦକ୍ଷିଣ ଆଫ୍ରିକା | ସୁପରସ୍ପୋର୍ଟ୍ସ ପାର୍କ, ସେଞ୍ଚୁରିଅନ୍ | ୧୬।୨।୨୦୧୮ | ବିଜୟୀ |
| ୩୬ | ୧୪୦ | ୱେଷ୍ଟଇଣ୍ଡିଜ୍ | ଏସିଏ ଷ୍ଟାଡିୟମ, ଗୁଆହାଟୀ | ୨୧।୧୦।୨୦୧୮ | ବିଜୟୀ |
| ୩୭ | ୧୫୭* | ୱେଷ୍ଟଇଣ୍ଡିଜ୍ | ଏପିସିଏ ଷ୍ଟାଡିୟମ, ବିଶାଖାପଟ୍ଟନମ | ୨୪।୧୦।୨୦୧୮ | ଟାଇ |
| ୩୮ | ୧୦୭ | ୱେଷ୍ଟଇଣ୍ଡିଜ୍ | ଏମ୍‌ସିଏ ଷ୍ଟାଡିୟମ, ପୁଣେ | ୨୭।୧୦।୨୦୧୮ | ପରାଜୟ |
| ୩୯ | ୧୦୪ | ଅଷ୍ଟ୍ରେଲିଆ | ଆଡିଲେଡ୍ ଓଭାଲ, ଆଡିଲେଡ୍ | ୧୫।୦୧।୨୦୧୯ | ବିଜୟୀ |
| ୪୦ | ୧୧୬ | ଅଷ୍ଟ୍ରେଲିଆ | ଭିସିଏ,ନାଗପୁର | ୧୫।୦୧।୨୦୧୯ | ବିଜୟୀ |
| ୪୧ | ୧୨୩ | ଅଷ୍ଟ୍ରେଲିଆ | ଜେଏସ୍‌ସିଏ, ରାଞ୍ଚି | ୧୫।୦୧।୨୦୧୯ | ପରାଜୟ |
| ୪୨ | ୧୨୦ | ୱେଷ୍ଟଇଣ୍ଡିଜ୍ | କ୍ୱିନ୍ସ ପାର୍କ ଓଭାଲ, ପୋର୍ଟ ଅଫ୍ ସ୍ପେନ | ୧୧।୦୮।୨୦୧୯ | ବିଜୟୀ |
| ୪୩ | ୧୧୪* | ୱେଷ୍ଟଇଣ୍ଡିଜ୍ | କ୍ୱିନ୍ସ ପାର୍କ ଓଭାଲ, ପୋର୍ଟ ଅଫ୍ ସ୍ପେନ | ୧୪।୦୮।୨୦୧୯ | ବିଜୟୀ |
| ୪୪ | ୧୧୩ | ବାଂଲାଦେଶ | ଜୋହୁର ଅହମଦ୍ ଚୌଧାରୀ, ଚିଟ୍ଟାଗଙ୍ଗ | ୧୦।୧୨।୨୦୨୨ | ବିଜୟୀ |
| ୪୫ | ୧୧୩ | ଶ୍ରୀଲଙ୍କା | ଏସିଏ ଷ୍ଟାଡିୟମ, ଗୁଆହାଟୀ | ୧୦।୧।୨୦୨୩ | ବିଜୟୀ |
| ୪୬ | ୧୬୬* | ଶ୍ରୀଲଙ୍କା | ଗ୍ରୀନଫିଲ୍ଡ ଷ୍ଟାଡିୟମ, ଥିରୁଭାନନ୍ତପୁରମ୍ | ୧୫।୧।୨୦୨୩ | ବିଜୟୀ |
| ୪୭ | ୧୨୨* | ପାକିସ୍ତାନ | ଆର. ପ୍ରେମଦାସା, କଲମ୍ବୋ | ୧୦।୦୯।୨୦୨୩ | ବିଜୟୀ |
| ୪୮ | ୧୦୩* | ବାଂଲାଦେଶ | ଏମ୍‌ସିଏ, ପୁଣେ | ୧୯।୧୦।୨୦୨୩ | ବିଜୟୀ |
| ୪୯ | ୧୦୧* | ଦକ୍ଷିଣ ଆଫ୍ରିକା | ଇଡେନ୍ ଗାର୍ଡେନ୍ସ, କୋଲକାତା | ୫।୧୧।୨୦୨୩ | ବିଜୟୀ |
| ୫୦ | ୧୧୭ | ନ୍ୟୁଜିଲାଣ୍ଡ | ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ | ୧୫।୧୧।୨୦୨୩ | ବିଜୟୀ |

## ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ସ୍କୋର

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଶତକ | ଅର୍ଦ୍ଧଶତକ |
|---|---|---|---|---|---|---|---|
| ବିରାଟ କୋହଲି (୨୦୨୩-୨୪/ ଆୟୋଜକ-ଭାରତ) | ୧୦ | ୧୦ | ୭୦୧ | ୧୦୭* | ୧୧୬.୮୩ | ୩ | ୫ |
| ସଚିନ ତେନ୍ଦୁଲକର (୨୦୦୨-୦୩/ ଆୟୋଜକ-ଦକ୍ଷିଣ ଆଫ୍ରିକା-ଜିମ୍ବାୱେ) | ୧୧ | ୧୧ | ୬୭୩ | ୧୫୨ | ୬୧.୧୮ | ୧ | ୬ |

ବିରାଟ କୋହଲି

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ


DSPL - 373
ODISHA
INDIA'S BEST KEPT SECRET.
ଆମ ଓଡ଼ିଶା ନବୀନ ଓଡ଼ିଶା
ALL INDIA FOOTBALL FEDERATION
AFC
26
FIFA
QUALIFIERS
ଫିଫା ବିଶ୍ୱକପ୍
କ୍ୱାଲିଫାୟର୍ ମ୍ୟାଚ୍
ଭାରତ
ବନାମ୍
କତାର୍
ସନ୍ଧ୍ୟା ୭.୦୦ ଘଟିକା, ୨୧ ନଭେମ୍ବର ୨୦୨୩
କଳିଙ୍ଗ ଷ୍ଟାଡ଼ିୟମ୍, ଭୁବନେଶ୍ୱର
ସିଧା ପ୍ରସାରଣ ଦେଖନ୍ତୁ
sports 18
ଭାରତୀୟ ଦଳକୁ
ଉତ୍ସାହିତ କରନ୍ତୁ
ଟିକେଟ୍ ବୁକ୍ କରନ୍ତୁ
ticketgenie.in
OIPR-29001/13/0087/2324